
ବୋନି ଆଣିବେ
'ୱାଣ୍ଟେଡ୍' ସିକ୍ୱେଲ୍
▶ପୃଷ୍ଠା ୧୮ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-278 ♦BHUBANESWAR ♦THURSDAY ♦4 APRIL 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୭୮ ♦ଭୁବନେଶ୍ୱର ♦ଗୁରୁବାର ♦୪ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


**ତାଇୱାନରେ ବଡ଼ ଭୂକମ୍ପ**

## ୯ ମୃତ, ୯୪୬ ଆହତ

■ **ହୁଆଲିଏନ(ତାଇୱାନ), ୩।୪(ଏଜେନ୍ସି):** ବୁଧବାର ଭାରତୀୟ ସମୟ ସକାଳ ୮ଟାରେ ତାଇୱାନରେ ଉଚ୍ଚ ତୀବ୍ରତାର ଭୂକମ୍ପ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଛି। ଆମେରିକାର ଜିଓଲୋଜିକାଲ ସର୍ଭେ ପ୍ରଦତ୍ତ ସୂଚନା ଅନୁଯାୟୀ ଭୂକମ୍ପର ତୀବ୍ରତା ୭.୪ ଥିଲା। ତାଇୱାନର ସରକାରୀ ଖବର ଅନୁଯାୟୀ, ଭୂକମ୍ପରେ ୯ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୯୪୬ ଜଣ ଆହତ ହୋଇଛନ୍ତି। ୫୦ ଜଣ ଶ୍ରମିକ କର୍ମଚାରୀଙ୍କୁ ନେଇ ଏଠାକାର ତାରାକୋ ଜର୍ଜ ଜାତୀୟ ଉଦ୍ୟାନରେ ଥିବା ହୋଟେଲକୁ ଯାଉଥିବା ମିନିବସ୍ ନିଖୋଜ ହୋଇଯାଇଛି। ବସଯାତ୍ରୀଙ୍କ ଖୋଜ ଖବର ଜଣାପଡ଼ି ନାହିଁ। ତାଇୱାନର ପୂର୍ବ ଉପକୂଳ ନିକଟବର୍ତ୍ତୀ ଅଞ୍ଚଳରେ ଭୂପୃଷ୍ଠର ୧୫.୫ କିଲୋମିଟର (୯.୬ ମାଇଲ) ତଳେ ଭୂକମ୍ପର କେନ୍ଦ୍ର ଥିଲା ଓ ଏହା ତାଇୱାନରେ ଗତ ୨୫ବର୍ଷରେ ସବୁଠାରୁ ବଡ଼ ଭୂକମ୍ପ ବୋଲି କୁହାଯାଉଛି। ସେମିକଣ୍ଡକ୍ଟର ନିର୍ମାଣ ପାଇଁ ବିଶ୍ୱରେ ଜଣାଶୁଣା ତାଇୱାନ କମ୍ପାନୀ ଟିଏସଏମସି ଏହି ଭୂକମ୍ପ ପରେ ତାହାର ପ୍ରଡକ୍ସନ ଲାଇନକୁ ଅନ୍ୟତ୍ର ▶ପୃଷ୍ଠା-୧୧




**୪୦ ଡିଗ୍ରୀ ଉପରେ ୧୦ ସହର**

## ବୌଦ୍ଧରେ ୪୧.୮°

■ **ଭୁବନେଶ୍ୱର, ୩।୪ (ସମିସ):** ରାଜ୍ୟରେ ତାତିର ତାଉ ଜାରି ରହିଛି। ଲଗାତାର ୩ ଦିନ ହେବ ରାଜ୍ୟର ଏକାଧିକ ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବା ସହ ଅନେକ ସହରରେ ତାପମାତ୍ରା ୪୧ ଡିଗ୍ରୀ ଅତିକ୍ରମ କରିଛି। ବୁଧବାର ରାଜ୍ୟର ୧୦ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ୪୧.୮ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି।

ସେହିପରି ମାଲକାନଗିରିରେ ତାପମାତ୍ରା ୪୧.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼ରେ ୪୧.୫ ଡିଗ୍ରୀ, ବଲାଙ୍ଗୀରରେ ୪୧.୫ ଡିଗ୍ରୀ, ଅନୁଗୁଳରେ ୪୧.୩ ଡିଗ୍ରୀ, ଭବାନୀପାଟଣା ୪୧ ଡିଗ୍ରୀ, ଝାରସୁଗୁଡ଼ାରେ ୪୦.୮ ଡିଗ୍ରୀ, ନୟାଗଡ଼ରେ ୪୦.୬ ଡିଗ୍ରୀ, ସମ୍ବଲପୁର ୪୦.୪ଡିଗ୍ରୀ ଓ ତାଳଚେରରେ ତାପମାତ୍ରା ୪୦.୪ ଡିଗ୍ରୀ ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟରେ ଆହୁରି ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହାଦ୍ୱାରା ରାଜ୍ୟରେ ଜାରି ରହିଥିବା ଗ୍ରୀଷ୍ମ ଲହରୀ ପରିସ୍ଥିତି ପୂର୍ବଭଳି ଜାରି


**ଆହୁରି ୩ ଦିନ ଗ୍ରୀଷ୍ମ ପ୍ରବାହ**
**ରାତିରେ ବଢ଼ିବ ତାତି**

ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ବିଶେଷ କରି ଆହୁରି ୩ ଦିନ ପର୍ଯ୍ୟନ୍ତ ତାତି ସାଙ୍ଗକୁ ପ୍ରବଳ ଖରା ହେବା ନେଇ ପାଣିପାଗ କେନ୍ଦ୍ର କହିଛି। ଦିନ ଭଳି ରାତିରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବା ଆଶଙ୍କା କରି ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ଗ୍ରୀଷ୍ମ ▶ପୃଷ୍ଠା-୧୧


**▶▶ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା, ତୃତୀୟ ପର୍ଯ୍ୟାୟ ଲୋକସଭା ପ୍ରାର୍ଥୀ ତାଲିକା ପ୍ରକାଶ କଲା ବିଜେଡି**

# ୨୭ ବିଧାନସଭା, ୫ ଲୋକସଭା ପ୍ରାର୍ଥୀ ଘୋଷଣା

■ **ଭୁବନେଶ୍ୱର, ୩।୪ (ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ଓ ତୃତୀୟ ପର୍ଯ୍ୟାୟ ଲୋକସଭା ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। ବିଧାନସଭା ପାଇଁ ମୁଖ୍ୟମନ୍ତ୍ରୀ ୨୭ ଜଣ ଏବଂ ଲୋକସଭା ପାଇଁ ଆଉ ୫ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଏହି ଘୋଷଣା ସହ ବିଜେଡି ପକ୍ଷରୁ ବିଧାନସଭା ପାଇଁ ମୋଟ ୯୯ ଏବଂ ଲୋକସଭା ପାଇଁ ୨୦ ଆସନରେ ପ୍ରାର୍ଥୀ ଘୋଷଣା ସରିଛି। ତେବେ ବାଲେଶ୍ୱର ସଂସଦୀୟ ଆସନ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇନାହିଁ।

- ▶ ମୋଟ ୯୯ ବିଧାନସଭା ଓ ୨୦ ଲୋକସଭା ଆସନର ଚିତ୍ର ସ୍ପଷ୍ଟ
- ▶ ତାଲିକାରେ ୧୦ ନୂଆ ମୁହଁ, ପ୍ରଥମଥର ବିଧାନସଭା ଲଢ଼ିବେ ୯
- ▶ ବ୍ରହ୍ମପୁରରୁ ଭୃଗୁ, କେନ୍ଦୁଝରରୁ ସିନ୍ଧୁ, ଭଦ୍ରକରୁ ମଞ୍ଜୁ ଲୋକସଭା ପ୍ରାର୍ଥୀ
- ▶ ବରଗଡ଼ରେ ନବାଗତା ପରିଣିତା, ବଲାଙ୍ଗିରରୁ ସୁରେନ୍ଦ୍ର ସିଂହ ଭୋଇ

ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଦଳର ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ୨୭ ଜଣିଆ ବିଧାନସଭା ତାଲିକାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ମୁଖ୍ୟମନ୍ତ୍ରୀ ପୁନର୍ବାର ଟିକଟ ଦେଇଛନ୍ତି। ସେହିପରି ଗତ ସାଧାରଣ ନିର୍ବାଚନରେ ବିଜୟୀ ହୋଇଥିବା ସୁଶାନ୍ତ ରାଉତ, ସୂର୍ଯ୍ୟମଣୀ ବୈଦ୍ୟ, ମଞ୍ଜୁଳା ସ୍ୱାଇଁଙ୍କୁ ମଧ୍ୟ ଦଳ ଟିକଟ ଦେଇଛି। ଉପ ନିର୍ବାଚନରେ ବିଜୟୀ ହୋଇଥିବା ଅଳକା ମହାନ୍ତି, ଦୀପାଳି ଦାସଙ୍କ ଉପରେ ମୁଖ୍ୟମନ୍ତ୍ରୀ ଆସ୍ଥା ସ୍ଥାପନ କରିଛନ୍ତି। ଅନୁରୂପ ଭାବରେ ଖରିଆର ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କୁ ମଧ୍ୟ ଦଳୀୟ ପ୍ରାର୍ଥୀ କରାଯାଇଛି। ଅପରପକ୍ଷେ ୨୦୧୯ରେ ବିଜୟୀ ହୋଇଥିବା ୭ ବିଧାୟକଙ୍କ ଟିକଟ କାଟିଛି ଦଳ। ତିର୍ତ୍ତୋଲରୁ ବିଜୟ ଶଙ୍କର ଦାସ, ଫୁଲବାଣୀରୁ ଅଙ୍ଗଦ କହଁର, ପଟ୍ଟାଙ୍ଗୀ ବିଧାୟକ ପିତମ ପାଢ଼ୀ, ମୋରଡା ବିଧାୟକ ରାଜକିଶୋର ଦାସ, ସୋର ବିଧାୟକ ପର୍ଶୁରାମ ଧଡ଼ା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ ଦଳ ଟିକଟ ଦେଇନାହିଁ। ମାହାଙ୍ଗାରୁ ଦଳ ପ୍ରତାପଙ୍କ ବଦଳରେ ▶ପୃଷ୍ଠା-୧୧



## ୧୧୯ରୁ ୨୫ ମହିଳା ପ୍ରାର୍ଥୀ

■ **ଭୁବନେଶ୍ୱର, ୩।୪ (ସମିସ):** କେବଳ କଥାରେ ନୁହେଁ, ବରଂ କାମରେ ମହିଳା ସଶକ୍ତିକରଣକୁ ସବୁବେଳେ ପ୍ରାଧାନ୍ୟ ଦେଇ ଆସିଛନ୍ତି ମୁଖ୍ୟମନ୍ତ୍ରୀ। ଗତ ଲୋକସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତ ମହିଳାଙ୍କୁ ଟିକଟ ଦେଇ ଉଦାହରଣ ସୃଷ୍ଟି କରିଥିଲେ। ଆସନ୍ତା ବିଧାନସଭା ଏବଂ ଲୋକସଭା ପାଇଁ ଦଳର ପ୍ରାର୍ଥୀ ଘୋଷଣା ଚାଲିଥିବା ବେଳେ ବିଜେଡିରେ ସମାନ ଟ୍ରେଣ୍ଡ ଜାରି ରହିଛି। ଆଜିକୁ ମିଶାଇ ଦଳ ପକ୍ଷରୁ ଏଯାବତ୍ ୯୯ ବିଧାନସଭା ଏବଂ ୨୦ ଲୋକସଭା ପାଇଁ ପ୍ରାର୍ଥୀ ଘୋଷଣା ସରିଛି। ଏଥିରୁ ବିଜେଡି ବିଧାନସଭାରେ ୧୯ ଏବଂ ଲୋକସଭାରେ ୬ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଛି । ବୁଧବାର ପ୍ରକାଶିତ ବିଜେଡି ପ୍ରାର୍ଥୀ ତାଲିକାରେ ମୋଟ ୯ ଜଣ ମହିଳାଙ୍କୁ ସ୍ଥାନ ମିଳିଛି। ବିଧାନସଭା ପାଇଁ ▶ପୃଷ୍ଠା-୧୧

**ବିଧାନସଭା ପାଇଁ ୧୯, ଲୋକସଭା ପାଇଁ ୬ ମହିଳା ପ୍ରାର୍ଥୀ**

## ଚନ୍ଦ୍ରଶେଖର ବିଜେଡି ଇସ୍ତାହାର କମିଟି ଅଧ୍ୟକ୍ଷ

■ **ଭୁବନେଶ୍ୱର, ୩।୪ (ସମିସ):** ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁଙ୍କୁ ନୂଆ ଦାୟିତ୍ୱ ମିଳିଛି। ବିଜେଡି ଉପସଭାପତି ଭାବେ ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ନିଯୁକ୍ତି ଦେଇଛନ୍ତି। ଏହାସହ ବିଜେଡି ଇସ୍ତାହାର କମିଟି ଅଧ୍ୟକ୍ଷ ଭାବେ ମଧ୍ୟ ତାଙ୍କୁ ନିଯୁକ୍ତି ଦିଆଯାଇଛି। ଚନ୍ଦ୍ରଶେଖରଙ୍କ ନିଯୁକ୍ତିକୁ ନେଇ ବିଜେଡି ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ମାନ ରଞ୍ଜନ ମଙ୍ଗରାଜଙ୍କ ଦସ୍ତଖତ ସମ୍ବଳିତ ପ୍ରେସ ବିଜ୍ଞପ୍ତି ଦଳ ପକ୍ଷରୁ ଜାରି କରାଯାଇଛି। ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ସମେତ ରାଜ୍ୟ ରାଜନୀତିରେ ଶ୍ରୀ ସାହୁଙ୍କର ବେଶ୍ ପରିଚିତି ରହିଛି। ତାଙ୍କ ରାଜନୀତିକ ଅଭିଜ୍ଞତା ଏବଂ ସାଂଗଠନିକ ଦକ୍ଷତାକୁ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଉପରୋକ୍ତ ଗୁରୁଦାୟିତ୍ୱ ଦେଇଥିବା କୁହାଯାଉଛି।


**ଦଳର ଉପସଭାପତି ପଦ ମଧ୍ୟ ସମ୍ଭାଳିବେ**

## ଲୋକକଥା



ଟିକଟ କନ୍ଦଳ ଅସନ୍ତୋଷ କାଳ
ନିଆଁରେ ଜଳୁଚି 'ଫୁଲ',
ଆଶାୟୀ ତ ଏବେ ହତାଶ ଘେରରେ
ହଉଚନ୍ତି କଲବଲ !
କର୍ମୀଙ୍କ ଦେଖ ବୋବାଳ,
ପରିସ୍ଥିତି ଯାହା ବିଗିଡ଼ି ଚାଲିଚି
କାଳାନ୍ତେ ସାଜି ଖିଲ !!

**ରାଜ୍ୟ ବିଜେପିକୁ ଶକ୍ତ ଧକ୍କା**

## ଶଙ୍ଖ ଫୁଙ୍କିଲେ ଭୃଗୁ, ପ୍ରକାଶ






■ **ଭୁବନେଶ୍ୱର, ୩।୪ (ସମିସ):** ରାଜ୍ୟ ବିଜେପିକୁ ଲାଗିଛି ଶକ୍ତ ଧକ୍କା। ବୁଧବାର ଦଳର ଉପସଭାପତି ତଥା ଗତ ନିର୍ବାଚନରେ ବ୍ରହ୍ମପୁର ଲୋକସଭା ଆସନରୁ ଦଳର ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ବେହେରା, ବରଗଡ଼ ଜିଲ୍ଲା ବିଜେପି ଉପ ସଭାପତି ସୁଶାନ୍ତ ମିଶ୍ର ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି, ଓଡ଼ିଶାର ବିକାଶ ପାଇଁ ପ୍ରତିବଦ୍ଧତା ଓ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟରେ ରୂପାନ୍ତରଣ ଧାରା ବିରୋଧୀଙ୍କୁ ବିଜେଡି ପ୍ରତି ଆକର୍ଷିତ କରିଛି। ବିଡ଼ମ୍ବନା ହେଉଛି ରାଜ୍ୟରେ ବିଜେପି ଏବେ ପୂର୍ବର ଭାରତୀୟ ଜନତା ଦଳ ହୋଇ ରହିନାହିଁ, ଏହା ବ୍ୟକ୍ତିକୈନ୍ଦ୍ରିକ ଓ ବ୍ୟକ୍ତି ▶ପୃଷ୍ଠା-୧୧

**ଉଭୟଙ୍କ ସହସ୍ରାଧିକ ସମର୍ଥକ ଓ ବିଜେପି କର୍ମୀ ବିଜେଡିରେ ସାମିଲ**
**ସେବର ବିଜେପି ଓ ଏବର ବିଜେପି ମଧ୍ୟରେ ଅନେକ ଫରକ: ଭୃଗୁ**

## ଯୁବକଙ୍କ ଗଳାକାଟି ନଳାରେ ଫିଙ୍ଗିଦେଲେ

■ **ପୁରୀ, ୩।୪ (ସମିସ):** ପୁରୀରେ ଚାଞ୍ଚଲ୍ୟ। ସମୁଦ୍ରକୂଳ ଥାନା ଅନ୍ତର୍ଗତ ଚକ୍ରତୀର୍ଥ ରୋଡ୍ ନାରାୟଣ ପ୍ୟାଲେସ ଗଳିରେ ଜଣେ ଯୁବକଙ୍କ ମୃତଦେହ ମିଳିଛି। ତାଙ୍କ ଗଳାକାଟି ନିର୍ମମ ହତ୍ୟା କରାଯାଇଛି। ମୃତଦେହକୁ ଦୁର୍ବୃତ୍ତ ନଳାରେ ଫିଙ୍ଗି ଦେଇଛନ୍ତି। ଧାରୁଆ ଅସ୍ତ୍ରରେ ଅତି ବୀଭତ୍ସ ଭାବେ ତଣ୍ଟି କଟାଯାଇଛି। ମୃତ ଯୁବକ ହେଲେ, ବାଲିଗୁଆଳିର ବିକ୍ରମ କେଶରୀ ପ୍ରଧାନ (୩୦)। ସେ ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। ତେବେ ତାଙ୍କୁ କିଏ ଏବଂ କାହିଁକି ହତ୍ୟା କରିଛି ସେ ନେଇ କିଛି ସ୍ପଷ୍ଟ ଜଣାପଡ଼ି ନ ଥିବାବେଳେ ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଘଟଣାର ୮ ଘଣ୍ଟା ମଧ୍ୟରେ ପୁଲିସ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଖୁବ୍ ଶୀଘ୍ର କାରଣ ସ୍ପଷ୍ଟ ହେବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କିଛିଦିନ ବ୍ୟବଧାନ ପରେ ପୁରୀରେ ଏଭଳି ଏକ ବୀଭତ୍ସ କାଣ୍ଡ ଘଟିଛି। ସମୁଦ୍ରକୂଳ ଥାନା ଅନ୍ତର୍ଗତ ଚକ୍ରବର୍ତ୍ତୀ ରୋଡ୍ ଲେପ୍ରସି କଲୋନୀ ନିକଟ ଏକ ନଳାରେ ଜଣେ ▶ପୃଷ୍ଠା-୧୧

**କାରଣ ଅସ୍ପଷ୍ଟ; ୨ ଅଟକ**

# ଅସନ୍ତୋଷର ବାରୁଦ ଗଦାରେ ବିଜେପି

**ରାଜ୍ୟ କାର୍ଯ୍ୟାଳୟ ତାଲା ପକାଇ ହଜାର ହଜାର କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ**

■ **ଭୁବନେଶ୍ୱର, ୩।୪ (ସମିସ):** ଜଙ୍ଗଲ ନିଆଁ ଭଳି ବ୍ୟାପୁଛି ବିଜେପିରେ ଟିକଟ ଅସନ୍ତୋଷ। ଏହି ଅସନ୍ତୋଷ ପ୍ରଦର୍ଶନର କେନ୍ଦ୍ରସ୍ଥଳ ପାଲଟିଛି ବିଜେପି ରାଜ୍ୟ କାର୍ଯ୍ୟାଳୟ। ପ୍ରଥମେ ଖୋର୍ଦ୍ଧା ଜିଲ୍ଲାର ଟାଣୁଆ ସଂଗଠନ କାଳୁଚରଣ ଖଣ୍ଡାୟତରାଜ ରାଜ୍ୟ କାର୍ଯ୍ୟାଳୟରେ ଆସି ନାରାବାଜି ଓ ହଙ୍ଗାମା କରିଥିଲେ। ଏହାପରେ ଧର୍ମଶାଳାର ଟିକଟ ଆଶାୟୀ ହିମାଂଶୁ ସାହୁ(ଲିକୁ)ଙ୍କ ସମର୍ଥକମାନେ ମଙ୍ଗଳବାରରୁ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଡ଼େରା ପକାଇଛନ୍ତି । ହିମାଂଶୁଙ୍କୁ ଟିକଟ ନମିଳିଲେ ବିଜେପି ନେତାଙ୍କୁ ଧର୍ମାଶାଳାରେ ପୂରାଇ ଦେବୁ ନାହିଁ ବୋଲି ଚରମବାଣୀ ଶୁଣାଇଛନ୍ତି ହିମାଂଶୁଙ୍କ ସମର୍ଥକ। କେବଳ ଖୋର୍ଦ୍ଧା କିମ୍ବା ଧର୍ମଶାଳା ନୁହେଁ, ଜଟଣୀ, କଟକ-ଚୌଦ୍ୱାର, ବଡ଼ମ୍ବା, ଛତ୍ରପୁର, ମହାକାଳପଡ଼ା, ରାଜନଗରର ବହୁ ବିଜେପି କର୍ମୀ ସେମାନଙ୍କ ନେତାଙ୍କୁ ଟିକଟ ନ ମିଳିବା ପ୍ରତିବାଦରେ



ରାଜ୍ୟ ବିଜେପି ଅଫିସ ଘେରାଉ କରିଛନ୍ତି। ଏପରିକି କେତେକ ବିଜେପି କର୍ମୀ ବୁଧବାର ସନ୍ଧ୍ୟାରେ ବିଜେପି ରାଜ୍ୟ କାର୍ଯ୍ୟାଳୟ ତାଲା ପକାଇ ଦେଇଥିବା ବେଳେ ପ୍ରାର୍ଥୀ ପରିବର୍ତ୍ତନ କରା ନ ଗଲେ ପରିସ୍ଥିତି ଭୟାଭୟ ହେବ ବୋଲି ଚରମବାଣୀ ଶୁଣାଇଛନ୍ତି।

କୃଷ୍ଣଚନ୍ଦ୍ର ନାୟକଙ୍କୁ ଛତ୍ରପୁର ଟିକେଟ ପ୍ରଦାନ ପରେ ଏବେ ଦଳରେ ସୃଷ୍ଟି ହୋଇଛି ବିଦ୍ରୋହ। ଛତ୍ରପୁର ନିର୍ବାଚନ ମଣ୍ଡଳୀର ଟାଣୁଆ ନେତା ▶ପୃଷ୍ଠା-୧୧

- ଫାଟକ ବନ୍ଦ କଲେ ଆଶାୟୀ ସନ୍ତୋଷ ଜେନାଙ୍କ ସମର୍ଥକ
- ଲକ୍ଷ୍ମୀଦତ୍ତ ହତ୍ୟା ଅଭିଯୁକ୍ତକୁ ଛତ୍ରପୁରରେ ଟିକଟକୁ ବିରୋଧ
- ରାଜ୍ୟ କାର୍ଯ୍ୟାଳୟ ଘେରାଉ କଲେ ୩ ହଜାର ଦଳୀୟ କର୍ମୀ
- କାର୍ଯ୍ୟାଳୟ ସମ୍ମୁଖରେ ଆଶାୟୀ ହିମାଂଶୁ ସହଯୋଗୀଙ୍କ ମେଳି
- ନୟନଙ୍କ ବିରୋଧରେ ରାଜ୍ୟ କାର୍ଯ୍ୟାଳୟ ବାହାରେ ବିକ୍ଷୋଭ
- ବିଜେପି ନେତାଙ୍କୁ ଧର୍ମଶାଳାରେ ପୂରାଇ ନ ଦେବାକୁ ଚେତାବନୀ
- ମହାକାଳପଡ଼ା ଟିକଟ ନେଇ ବୈଜୟନ୍ତଙ୍କ ବିରୋଧରେ ଅଭିଯୋଗ
- ବଡ଼ମ୍ବାରେ ସମ୍ବିତଙ୍କ ଟିକଟ ବିରୋଧରେ ସମୂହ ଇସ୍ତଫା ଧମକ
- ଜଙ୍ଗଲ ନିଆଁ ପରି ବ୍ୟାପୁଛି ସାରା ରାଜ୍ୟରେ ବିଜେପି ଅସନ୍ତୋଷ


SIKSHA 'O' ANUSANDHAN
SAAT-2024
Empowering students for a brighter future
VETERINARY & AGRICULTURE UG PROGRAMMES
■ Bachelor of Veterinary Science and Animal Husbandry (B.V.Sc. & A.H.)
■ B.Sc. (H) Agriculture
APPROVAL & RECOGNITIONS
■ Approved by UGC & VCI
■ Re-accredited by NAAC with A++ Grade
■ Accredited by ICAR
■ Ranked in QS World Rankings 2024
NIRF INDIA RANKINGS 2023
■ 15th Best in University Category
■ 16th Best in Medical Category
■ 09th Best in Dental Category
To apply for admission through SAAT, Please visit: www.soa.ac.in

## ଗିରଫଦାରୀ, ନ୍ୟାୟିକ ହେପାଜତକୁ କେଜ୍ରିୱାଲଙ୍କ ଚ୍ୟାଲେଞ୍ଜ

# ଅପରାଧୀଙ୍କୁ ଜେଲ୍‌ରେ ରଖାଯିବା ଉଚିତ୍: ଇଡି

ନୂଆଦିଲ୍ଲୀ,୩।୪(ଏଜେନ୍ସି)

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଫସିଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ନିଜ ଗିରଫଦାରୀ ଓ ନ୍ୟାୟିକ ହେପାଜତକୁ ବିରୋଧ କରି ହାଇକୋର୍ଟରେ କରିଥିବା ଆବେଦନର ଶୁଣାଣି ଶେଷ ହୋଇଛି। ଆମ୍ ଆଦମୀ

### ■ ଶୁଣାଣି ଶେଷ, ରାୟ ସଂରକ୍ଷିତ ରଖିଲେ ହାଇକୋର୍ଟ



ପାର୍ଟିକୁ ଧ୍ୱଂସ କରିଦେବା ସହିତ ୨୦୨୪ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଝଟକା ଦେବା ଲାଗି ବିଜେପି ଜାଣିଶୁଣି ତାଙ୍କୁ ଗିରଫ କରି ଜେଲରେ ପୁରାଇଛି ବୋଲି କେଜ୍ରିୱାଲଙ୍କ ଓକିଲ ହାଇକୋର୍ଟରେ ଯୁକ୍ତି କରିଥିଲେ। କେଜ୍ରିୱାଲଙ୍କ ଚ୍ୟାଲେଞ୍ଜକୁ ନେଇ ହାଇକୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ଜବାବ ତଲବ କରିଥିଲା ବେଳେ ଇଡି ପକ୍ଷରୁ ଉପସ୍ଥିତ ଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ ଭି ରାଜୁ ଏହାର ଦୃଢ ଜବାବ ଦେଇଥିଲେ। ସେ କହିଥିଲେ ଯେ, ଅପରାଧୀମାନେ ଜେଲରେ ରହିବା ଦରକାର। ଅପରାଧରେ ଜଡ଼ିତ ଥିବା କୌଣସି ବ୍ୟକ୍ତି ନିର୍ବାଚନ ପାଇଁ ଜେଲରେ ନ ରହିବା କଥା ଯୁକ୍ତି କରିବା ହାସ୍ୟାସ୍ପଦ। କୌଣସି ଅପରାଧକୁ ନେଇ ବିଚାର ଚାଲିଥିଲା ବେଳେ ବିଚାରାଧିନ ଅଭିଯୁକ୍ତ ନିର୍ବାଚନ ପାଇଁ ଜେଲରୁ ମୁକ୍ତି ଦାବି କରିବାର ଅଧିକାର ନାହିଁ ବୋଲି ରାଜୁ ଯୁକ୍ତି ବାଢିଥିଲେ। ଏଭଳି ପ୍ରସଙ୍ଗକୁ ନେଇ କିଛି ସମୟ ପାଇଁ ଉଭୟ ପକ୍ଷ ମଧ୍ୟରେ ଜୋରଦାର ତର୍କ ଲାଗିଥିଲା। ଉଭୟ ପକ୍ଷର ତର୍କ ଶୁଣିବା ପରେ କୋର୍ଟ ନିଜ ରାୟ ସଂରକ୍ଷିତ ରଖିଛନ୍ତି। କେଜ୍ରିୱାଲଙ୍କ ତରଫରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଙ୍ଘଭି ପକ୍ଷ ରଖିଥିଲେ। ପିଏମ୍‌ଏଲ୍‌ଲ ଧାରା ୫୦ ଅନୁଯାୟୀ କେଜ୍ରିୱାଲଙ୍କ ବିରୋଧରେ କୌଣସି ଠୋସ୍ ପ୍ରମାଣ ମିଳି ନଥିବା ସେ କହିଛନ୍ତି। ଲୋକସଭା ନିର୍ବାଚନରେ କେଜ୍ରିୱାଲଙ୍କୁ ତାଙ୍କ ଦଳର ପ୍ରାର୍ଥୀଙ୍କ ପ୍ରଚାର କରିବାକୁ ରୋକାଯାଉଛି। ବିନା କୌଣସି ପ୍ରମାଣରେ କେଜ୍ରିୱାଲଙ୍କୁ ଗିରଫ କରାଯାଇଛି। କେବଳ ସରକାରୀ ସାକ୍ଷୀଙ୍କ ବୟାନ ଆଧାରରେ ତାଙ୍କୁ ଗିରଫ କରାଯାଇଛି ବୋଲି ସିଙ୍ଘଭି କହିଥିଲେ। ତେବେ ଆସନ୍ତାକାଲି କେଜ୍ରିୱାଲଙ୍କୁ ଗିରଫଦାରୀରୁ ମୁକ୍ତ ମିଳିବ ନା ନାହିଁ ସେ ନେଇ କୋର୍ଟ ନିଷ୍ପତ୍ତି ଶୁଣାଇବେ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମାର୍ଚ୍ଚ ୨୧ରେ ଇଡି କେଜ୍ରିୱାଲଙ୍କୁ ଗିରଫ କରିଥିଲା। ଏହା ପରଦିନ ସ୍ୱତନ୍ତ୍ର କୋର୍ଟ ତାଙ୍କୁ ମାର୍ଚ୍ଚ ୨୮ ପର୍ଯ୍ୟନ୍ତ ଇଡି ହେପାଜତକୁ ପଠାଇଥିଲେ। ଏହା ପରେ ତାଙ୍କର ରିମାଣ୍ଡ ଅବଧି ଶେଷ ହେବା ପରେ କେଜ୍ରିୱାଲଙ୍କୁ ଗତ ୧ ତାରିଖରେ କୋର୍ଟରେ ହାଜର କରାଯାଇଥିଲା। ତେବେ କୋର୍ଟ ତାଙ୍କୁ ୧୫ ଦିନ ପାଇଁ ବିଚାର ବିଭାଗୀୟ ଜେଲକୁ ପଠାଇ ଦେଇଥିଲେ।

### କେଜ୍ରିୱାଲ ଅସୁସ୍ଥ, ୪ ରୁ ୫ କିଲୋ ଓଜନ କମିଲାଣି: ଆତିଶୀ

ତିହାର ଜେଲରେ ବନ୍ଦୀ ଥିବା ଅରବିନ୍ଦ କେଜ୍ରିୱାଲ ଅସୁସ୍ଥ ଥିବା ସହିତ ତାଙ୍କ ଓଜନ ହ୍ରାସ ପାଇଛି ବୋଲି ଆପ୍ ପକ୍ଷରୁ ଅଭିଯୋଗ କରାଯାଇଛି। ଗିରଫ ହେବାର ୧୨ ଦିନ ମଧ୍ୟରେ ତାଙ୍କର ଓଜନ ୪ ରୁ ୫ କିଲୋ କମିଗଲାଣି ବୋଲି ଆପ୍ ମନ୍ତ୍ରୀ ଆତିଶୀ ଦାବି କରିଛନ୍ତି ।ଆତିଶୀ କହିଛନ୍ତି, ଅରବିନ୍ଦ ଜଣେ ମଧୁମେହ ରୋଗୀ । କିନ୍ତୁ ଗିରଫ ହେବା ପରଠାରୁ ୧୨ ଦିନ ଭିତରେ ତାଙ୍କର ଓଜନ ୪ ରୁ ୫ କିଲୋ ହ୍ରାସ ପାଇଛି। ଯାହା ବହୁତ ଚିନ୍ତାର ବିଷୟ। ବିଜେପି ତାଙ୍କୁ ଜେଲରେ ରଖି ତାଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି। ଯଦି କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟକୁ ନେଇ କିଛି ସଙ୍କଟ ସୃଷ୍ଟି ହୁଏ ତେବେ କେବଳ ଦେଶ ନୁହେଁ, ଭଗବାନ ମଧ୍ୟ ସେମାନଙ୍କୁ କ୍ଷମା କରିବେ ନାହିଁ ବୋଲି ଆତିଶୀ କହିଛନ୍ତି।

### ୭ରେ ଆପର ସାମୂହିକ ଉପବାସ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀର ପ୍ରତିବାଦରେ ଆମ୍‌ଆଦମୀ ପାର୍ଟି (ଆପ୍) ଜନ୍ତରମନ୍ତରଠାରେ ଆସନ୍ତା ୭ରେ ସାମୂହିକ ଉପବାସ କରାଯିବ ବୋଲି ମନ୍ତ୍ରୀ ଗୋପାଲ ରାୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କେଜ୍ରିୱାଲ ମାର୍ଚ୍ଚ ୨୧ରେ ଗିରଫ ହେବା ପରେ ୧୧ ଦିନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ହାଜତରେ ରହିଲେ ଓ ପରେ ତାଙ୍କୁ ଆସନ୍ତା ୧୫ ତାରିଖ ଯାଏ ଜେଲ ହାଜତକୁ ପଠାଯାଇଛି। ଯେଉଁମାନେ କେଜ୍ରିୱାଲଙ୍କ ଗିରଫଦାରୀକୁ ବିରୋଧ କରୁଛନ୍ତି ଓ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଲଢ଼ିବାକୁ ପ୍ରସ୍ତୁତ ଅଛନ୍ତି, ସେମାନେ ନିଜ ନିଜ ବ୍ଲକରେ, ଗ୍ରାମରେ ସାମୂହିକ ଉପବାସର ଆୟୋଜନ କରନ୍ତୁ ବୋଲି ସେ କହିଛନ୍ତି।

## ମିଥ୍ୟା ଦୋଷାରୋପ; ଆତିଶୀଙ୍କୁ ବିଜେପିର ନୋଟିସ୍

ନୂଆଦିଲ୍ଲୀ, ୩।୪(ଏଜେନ୍ସି)



ଆମ୍ ଆଦମୀ ପାର୍ଟି(ଆପ୍) ମନ୍ତ୍ରୀ ଆତିଶୀ ବିଜେପି ବିରୋଧରେ ନିରାଧାର, ମିଥ୍ୟା ତଥା କାଳ୍ପନିକ ଅଭିଯୋଗ ଆଣି ଲୋକଚକ୍ଷୁରେ ବିଜେପିକୁ ଅପନିନ୍ଦିତ କରିବାକୁ ଚାହିଁଥିବାରୁ ବିଜେପି ଆଜି ତାଙ୍କୁ ଏକ ଓକିଲ(ଲିଗାଲ) ନୋଟିସ୍ ପଠାଇ ୧୫ ଦିନ ଭିତରେ ନୋଟିସର ଜବାବ ଦେବାକୁ କହିଛି। ଅନ୍ୟଥା ଆତିଶୀଙ୍କ ବିରୋଧରେ ବିଜେପି ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଗତକାଲି ଏକ ସାମ୍ବାଦିକ ସମ୍ମିଳନୀରେ ଆତିଶୀ ବିଜେପି ଉପରେ ଦୋଷାରୋପ କରି କହିଥିଲେ ଯେ ତାଙ୍କର ଭଲ ଜଣାଶୁଣା ଥିବା ଜଣେ ବିଜେପି ବନ୍ଧୁଙ୍କ ଜରିଆରେ ବିଜେପି ତାଙ୍କୁ ଏକ ଅଫର ଦେଇଛି। ଅଫର୍ ଅନୁଯାୟୀ ସେ ବିଜେପିରେ ଯୋଗ ଦେଇ ନିଜ କ୍ୟାରିୟରକୁ ଅଗ୍ରଗାମୀ କରିପାରିବେ। ଅନ୍ୟଥା ମାସକ ଭିତରେ ତାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗିରଫ କରିବ। ଆମ୍ ଆଦମୀ ପାର୍ଟିକୁ ଓ ତାହାର ସମସ୍ତ ନେତାଙ୍କୁ ରାଜନୀତିରୁ ହଟାଇ ଦେବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଜେପି ମନସ୍ଥିର କରିସାରିଛନ୍ତି। ଆପର ଆଗଧାଡ଼ିର ନେତା ସତ୍ୟେନ୍ଦ୍ର ଜୈନ, ମନୀଷ ସିସୋଦିଆ, ସଞ୍ଜୟ ସିଂହଙ୍କୁ ଓ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଜେଲରେ ଭର୍ତ୍ତି କରାଯାଇଛି। ଏବେ ଲୋକସଭା ନିର୍ବାଚନ ପୂର୍ବରୁ ଆଉ ୪ଜଣ ଆପ୍ ନେତାଙ୍କୁ ଗିରଫ କରାଯିବା ବିଜେପି ଚାହୁଁଛି। ଆତିଶୀ, ସୌରଭ ଭରଦ୍ୱାଜ, ଦୁର୍ଗେଶ ପାଠକ ଓ ରାଘବ ଚଢ଼ାଙ୍କୁ ଗିରଫ କରାଯିବ। ତେବେ ଆତିଶୀ ତାଙ୍କୁ ବିଜେପିରେ ଯୋଗ ଦେବାକୁ ଅଫର୍ ଦେଇ ବିଜେପିର ନିଷ୍ପତ୍ତି ଓ ଭବିଷ୍ୟତ ପ୍ଲାନ୍ ସମ୍ପର୍କରେ ବହୁତ କିଛି କହିଥିବା ବିଜେପି ବ୍ୟକ୍ତିଙ୍କ ନାମ ପ୍ରକାଶ କରିନଥିଲେ। ଆତିଶୀ ବିଜେପିକୁ ନିନ୍ଦିତ କରାଇବା ଲକ୍ଷ୍ୟରେ ଗଣମାଧ୍ୟମରେ ଏପରି ଅସତ୍ୟ ବିବୃତି ଦେଇଥିବାରୁ ବିଜେପି ପ୍ରତିକାରାତ୍ମକ ପଦକ୍ଷେପ ସ୍ୱରୂପ ଆତିଶୀଙ୍କୁ ଲିଗାଲ ନୋଟିସ୍ ପଠାଇ ତାଙ୍କଠାରୁ ଜାଣିବାକୁ ଦାବି କରିଛି, ତାଙ୍କର କେଉଁ ବନ୍ଧୁ (ଯାହାଙ୍କର ବିଜେପି ସମ୍ପର୍କ ରହିଛି) ତାଙ୍କୁ ବିଜେପି ତରଫରୁ ଅଫର ସହ ଚେତାବନୀ ଦେଇଥିଲେ, ବିଜେପିରେ ଯୋଗ ଦେବାକୁ ପ୍ରବର୍ତ୍ତାଇଥିଲେ ଓ ଆଗାମୀ ଦିନରେ ଆପର ଆଉ ଚାରିଜଣ ନେତାଙ୍କୁ ଗିରଫ କରାଯିବା ନେଇ ବିଜେପିର ପ୍ଲାନ୍ ସମ୍ପର୍କରେ କହିଥିଲେ ? ତାଙ୍କର ପରିଚୟ ଓ ଠିକଣା କ'ଣ? ସେ ଏହା କହିଥିବାର ପ୍ରମାଣ ଆତିଶୀଙ୍କ ପାଖରେ ଅଛି କି ଓ ସେ ତାହା ଉପସ୍ଥାପନ କରିପାରିବେ କି? ଧାର୍ଯ୍ୟ ସମୟସୀମା ଭିତରେ ନୋଟିସର ସନ୍ତୋଷଜନକ ଉତ୍ତର ନପାଇଲେ ବିଜେପି ପରବର୍ତ୍ତୀ ଆଇନଗତ ପଦକ୍ଷେପ ନେବ ବୋଲି କେନ୍ଦ୍ର ମନ୍ତ୍ରୀ ହରଦୀପ ପୁରି କହିଛନ୍ତି। ଲିଗାଲ ନୋଟିସ୍ ସମ୍ପର୍କରେ ଆତିଶୀଙ୍କ ତରଫରୁ କୌଣସି ପ୍ରତିକ୍ରିୟା ଏଯାଏ ପ୍ରକାଶ ପାଇନାହିଁ।

## ନାମାଙ୍କନପତ୍ର ଦାଖଲ କଲେ ରାହୁଲ



ୱେୟାନାଡ(କେରଳ),୩।୪(ଏଜେନ୍ସି): ରାହୁଲ ଗାନ୍ଧୀ ଆଜି ନିଜ ଲୋକସଭା ନିର୍ବାଚନମଣ୍ଡଳୀ କେରଳର ୱେୟାନାଡରେ ପହଞ୍ଚି କଂଗ୍ରେସ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ ପୂର୍ବରୁ ସେ କଂଗ୍ରେସ ଓ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ୍) ସମର୍ଥକଙ୍କ ସହ ୱେୟାନାଡରେ ବଡ଼ ଧରଣର ରୋଡ୍-ସୋ' କରିଥିଲେ। ରାହୁଲଙ୍କ ସହ ଆଜି ଅନ୍ୟମାନଙ୍କ ମଧ୍ୟରେ ତାଙ୍କ ଭଉଣୀ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ, କଂଗ୍ରେସ ସାଧାରଣ ସମ୍ପାଦକ କେସି ବେନୁଗୋପାଲ, ଦୀପା ଦାସ, ଏଆଇସିସି ଛାତ୍ର ଶାଖା ମୁଖ୍ୟ କହ୍ନେୟା କୁମାର, କେରଳ ବିଧାନସଭାର ବିରୋଧୀ ଦଳ ନେତା ଭିଡି ସାଥୀସାନ, କେରଳ ପିସିସି କାର୍ଯ୍ୟକାରୀ ସଭାପତି ଏମଏମ ହାସନ ପ୍ରମୁଖ ଥିଲେ। ୱେୟାନାଡରେ ରାହୁଲଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ବିଜେପି କେରଳ ରାଜ୍ୟ ଶାଖା ସଭାପତି କେ ସୁରେନ୍ଦ୍ରନ ଓ ସିପିଆଇ ନେତ୍ରୀ ଆନି ରାଜା। ୨୦୧୯ ଲୋକସଭା ନିର୍ବାଚନରେ ରାହୁଲ ଏଠାରେ ମୋଟ ୧୦ଲକ୍ଷ୯୨ହଜାର ୧୯୭ ଭୋଟରୁ ୭ଲକ୍ଷ ୬ହଜାର ୩୬୭ ଭୋଟ ପାଇ ବିପୁଳ ବ୍ୟବଧାନରେ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ହରାଇଥିଲେ। କେରଳରେ ଏପ୍ରିଲ ୨୬ ତାରିଖରେ ଲୋକସଭା ପାଇଁ ମତଦାନ ହେବ।

## ସୁଶୀଲ ମୋଦୀଙ୍କୁ କ୍ୟାନ୍‌ସର୍; ଲଢିବେନି ନିର୍ବାଚନ

ପାଟନା, ୩।୪(ଏଜେନ୍ସି): ବରିଷ୍ଠ ବିଜେପି ନେତା ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦୀ ଆଜି କହିଛନ୍ତି ଯେ ସେ ଗତ ୬ମାସ ଧରି କ୍ୟାନସର ସହ ଲଢୁଥିବାରୁ ଆଗାମୀ ଲୋକସଭା



ନିର୍ବାଚନରେ ପ୍ରାର୍ଥୀ ହେଉନାହାନ୍ତି କି ପ୍ରଚାର କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରୁନାହାନ୍ତି। ସୁଶୀଲ ମୋଦୀ ନିଜ ସାମାଜିକ ମିଡିଆ ପ୍ଲାଟଫର୍ମ ତଥା ଏକ୍ସ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି, ମୋ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସବୁ ଜଣାଇଛି। ମୁଁ ସଦାବେଳେ ଦେଶ ପାଇଁ, ବିହାର ପାଇଁ ଓ ପାର୍ଟି ପାଇଁ ସମର୍ପିତ ରହିବି।

## ମହାରାଷ୍ଟ୍ରରେ କଂଗ୍ରେସକୁ ଲାଗିପାରେ ଝଟକା

# ସଞ୍ଜୟ ନିରୁପମଙ୍କ ଇସ୍ତଫାକୁ ନେଇ ଜୋର୍‌ଦାର୍ ଚର୍ଚ୍ଚା

ମୁମ୍ବାଇ,୩।୪(ଏଜେନ୍ସି)



୨୦୨୪ ଲୋକସଭା ନିର୍ବାଚନକୁ ଆଉ ମାତ୍ର ହାତ ଗଣତି ସମୟ ବାକି ରହିଛି। ଆସନ୍ତା ୧୯ ତାରିଖରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆରମ୍ଭ ହେବାକୁ ଯାଉଥିବା ବେଳେ ସବୁ ରାଜନୈତିକ ଦଳଙ୍କ ପକ୍ଷରୁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କିନ୍ତୁ ଏଭଳି ସ୍ଥଳେ କଂଗ୍ରେସକୁ ବିଭିନ୍ନ ରାଜ୍ୟରେ ଝଟକା ଲାଗିବା ଚାଲିଛି। ଏଭଳି ଏକ ଖବର ବୁଧବାର ମହାରାଷ୍ଟ୍ରରୁ ଆସିଛି। ବରିଷ୍ଠ କଂଗ୍ରେସ ନେତା ସଞ୍ଜୟ ନିରୁପମ ଆସନ୍ତାକାଲି ଦଳ ଛାଡ଼ିପାରନ୍ତି ବୋଲି ଜୋରଦାର ଚର୍ଚ୍ଚା ଚାଲିଛି। ସଞ୍ଜୟ ଇଣ୍ଡିଆ ମେଣ୍ଟ ବିରୋଧରେ ଟିକା ଟିପ୍ପଣୀ ଦେବା ପରେ ରାଜ୍ୟ କଂଗ୍ରେସ ପକ୍ଷରୁ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରିବାକୁ ହାଇକମାଣ୍ଡକୁ ଜଣାଇ ଦିଆଯାଇଥିଲା। ଏପରିକି ରାଜ୍ୟ କଂଗ୍ରେସ ମୁଖ୍ୟ ନାନେ ପାଟୋଲ ତାଙ୍କୁ ଷ୍ଟାର ପ୍ରଚାରକ କମିଟିରୁ ମଧ୍ୟ ବାଦ୍ ଦେଇଥିଲେ। ଏହାକୁ ନେଇ ଆହୁରି କ୍ଷୁବ୍ଧ ହୋଇଥିବା ସଞ୍ଜୟ ଆସନ୍ତାକାଲି ସନ୍ଧ୍ୟା ପର୍ଯ୍ୟନ୍ତ ହାଇକମାଣ୍ଡଙ୍କୁ ସମୟସୀମା ଦେଇଛନ୍ତି। ସଞ୍ଜୟ ନିରୁପମ୍ ଆସନ୍ତାକାଲି ସକାଳ ୧୧:୩୦ ରେ ଏକ ସାମ୍ବାଦିକ ସମ୍ମିଳନୀ କରିବେ। ସାମ୍ବାଦିକ ସମ୍ମିଳନୀରେ ନିରୁପମ ଇସ୍ତଫା ନେଇ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ବାସ୍ତବରେ ସଞ୍ଜୟ ନିରୁପମ ଶିବସେନା (ୟୁବିଟି) ସଭାପତି ଉଦ୍ଧବ ଠାକରେ ଏକପାଖିଆ ପ୍ରାର୍ଥୀ ପ୍ରଦାନ କରିଥିବାରୁ ତାଙ୍କୁ କଡ଼ା ସମାଲୋଚନା କରିଥିଲେ। ସଞ୍ଜୟ ନିରୁପମ୍ ମୁମ୍ବାଇର ଉତ୍ତର-ପଶ୍ଚିମ ଲୋକସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଘୋଷଣା କରିବା ଉପରେ ପ୍ରଶ୍ନ ଉଠାଇଥିଲେ। କିନ୍ତୁ ଶିବସେନା(ୟୁବିଟି) ଏହି ଆସନରୁ ଆମୋଲ କାର୍ତ୍ତିକରଙ୍କୁ ପ୍ରାର୍ଥୀ କରିଛି । ଶିବସେନାର ଏହି ପଦକ୍ଷେପ ଏହାର ସହଯୋଗୀ କଂଗ୍ରେସ ଏବଂ ଏନସିପିକୁ ମଧ୍ୟ ଆଶ୍ଚର୍ଯ୍ୟ କରିଛି। ବାସ୍ତବରେ ସଞ୍ଜୟ ନିରୁପମ୍ ଏହି ଆସନରୁ ନିର୍ବାଚନ ଲଢ଼ିବାକୁ ଚାହୁଁଥିଲେ। ଏହାପୂର୍ବରୁ ସଞ୍ଜୟ ନିରୁପମ୍ ତାଙ୍କ ଦଳକୁ ଚେତାବନୀ ଦେଇ କହିଥିଲେ ଯେ ଯଦି ଏହି ନିଷ୍ପତ୍ତି ପ୍ରତ୍ୟାହାର ନହୁଏ ତେବେ ସମସ୍ତ ବିକଳ୍ପ ତାଙ୍କ ପାଇଁ ଖୋଲା ରହିଛି ।କଂଗ୍ରେସର ସହଯୋଗୀ ଦଳ ତାଙ୍କ ଦଳର ସମର୍ଥନ ବିନା ମହାରାଷ୍ଟ୍ରରେ ଗୋଟିଏ ବି ଆସନ ଜିତିବା ସ୍ଥିତିରେ ନାହିଁ ବୋଲି ସେ କହିଛନ୍ତି।

## ମୋଦୀଙ୍କ ସହ ତୁଳନୀୟ ନୁହଁନ୍ତି ରାହୁଲ: ଅମିତ ଶାହ

ବେଙ୍ଗାଲୁରୁ, ୩।୪(ଏଜେନ୍ସି)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶସେବାରେ ନିଜକୁ ସମ୍ପୂର୍ଣ୍ଣ ବ୍ୟସ୍ତ ରଖି ଗତ ୨୩ ବର୍ଷରେ ଦିନଟିଏ ବି ଛୁଟି ନେଇନାହାନ୍ତି। ରାହୁଲ ଗାନ୍ଧୀ ପ୍ରତିବର୍ଷ ଗ୍ରୀଷ୍ମ ଋତୁ ଆସିବା ମାତ୍ରେ ଛୁଟି କଟାଇବାକୁ ବିଦେଶ ପଳାନ୍ତି ଯେ କଂଗ୍ରେସ ତାଙ୍କୁ ୬ମାସ ଯାଏ ଏଠିସେଠି ଖୋଜୁଥାଏ। ତେଣୁ ଉଭୟଙ୍କ ମଧ୍ୟରେ ତୁଳନା କରାଯିବା ଠିକ୍ ନୁହେଁ। ରାହୁଲ କେବେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ତୁଳନୀୟ ନଥିଲେ, ଏବେ ନାହାନ୍ତି କି ଭବିଷ୍ୟତରେ କେବେ ହୋଇପାରିବେ ନାହିଁ। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଗତକାଲି ଏଠାରେ ବିଜେପି ଶକ୍ତି କେନ୍ଦ୍ର ପ୍ରମୁଖମାନଙ୍କ ସମ୍ମେଳନକୁ ଉଦବୋଧନ ଦେବା ଅବସରରେ ଏହା କହିଛନ୍ତି। ଇଣ୍ଡି ମେଣ୍ଟକୁ ଦୁର୍ନୀତିଖୋର ନେତାଙ୍କ ଗ୍ୟାଙ୍ଗ୍ ଭାବେ ଅମିତ ଶାହ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ଦେଶ ହିତ ପାଇଁ ସମ୍ପୂର୍ଣ୍ଣ ସମର୍ପିତ ହୋଇ ଅବିଶ୍ରାନ୍ତ କାର୍ଯ୍ୟ କରିଚାଲିଥିବା ପ୍ରଧାନମନ୍ତ୍ରୀ ମୋଦୀ ସ୍ୱଚ୍ଛତା ଓ ପାରଦର୍ଶିତା ଉପରେ ବିଶେଷ ଧ୍ୟାନ ଦେଉଥିବାରୁ ବିରୋଧୀମାନେ ତାଙ୍କ ନାମକୁ କୌଣସି ଅନିୟମିତତା, ବେଆଇନ କାର୍ଯ୍ୟ କିମ୍ବା ଦୁର୍ନୀତି ସହ ଯୋଡ଼ିବାକୁ ସର୍ବଦା ଅସମର୍ଥ ହୋଇଛନ୍ତି।

## ମୁଖ୍ୟ ବିଚାରପତିଙ୍କ ସାମ୍ନାରେ ଗଳାକାଟି ଆତ୍ମହତ୍ୟା ଉଦ୍ୟମ

ବେଙ୍ଗାଲୁରୁ,୩।୪(ଏଜେନ୍ସି): କର୍ଣ୍ଣାଟକ ହାଇକୋର୍ଟ ଭିତରେ ବୁଧବାର ଏକ ଅଦ୍ଭୁତ ଘଟଣା ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ସର୍ବସମ୍ମୁଖରେ ନିଜର ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। କୋର୍ଟ ରୁମ୍‌ରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଉପସ୍ଥିତିରେ ଏଭଳି ଘଟଣା ଘଟିଛି ।ପୁଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ମହୀଶୂରର ଶ୍ରୀନିବାସ ହଠାତ୍ ଗୋଟିଏ ଫାଇଲ ଧରି କୋର୍ଟର ହଲ ନମ୍ବର ୧ରେ ପହଞ୍ଚିଥିଲେ। କିନ୍ତୁ ପରେ ପରେ ସେ ଉକ୍ତ ଫାଇଲକୁ ସୁରକ୍ଷାକର୍ମୀଙ୍କୁ ଧରାଇ ଦେଇ ହଠାତ୍ ଏକ ଧାରୁଆ ଅସ୍ତ୍ରରେ ନିଜ ଗଳା କାଟିବାକୁ ଆରମ୍ଭ କରିଥିଲେ। କେହି କିଛି ବୁଝିବା ଆଗରୁ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏନ ଭି ଅଞ୍ଜାରିଆଙ୍କ ସାମ୍ନାରେ ତାଙ୍କ ବେକରୁ ରକ୍ତ ବୋହିବା ଆରମ୍ଭ କରିଥିଲା। ସେଠାରେ ଉପସ୍ଥିତ ସୁରକ୍ଷାକର୍ମୀ ତୁରନ୍ତ ତାଙ୍କୁ ଉଦ୍ଧାର କରି ବୋୱରିଙ୍ଗ ହସ୍ପିଟାଲକୁ ନେଇ ଯାଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ତେବେ କାହିଁକି ଏବଂ କେଉଁ କାରଣରୁ ଶ୍ରୀନିବାସ ଏଭଳି କାଣ୍ଡ ଭିଆଇଲେ ତାହା ସ୍ପଷ୍ଟ ହୋଇ ନାହିଁ। ପୁଲିସ ଘଟଣାର ଯାଞ୍ଚ ଆରମ୍ଭ କରିଛି।


## କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହେଲେ ବିଜେନ୍ଦ୍ର ସିଂ




ନୂଆଦିଲ୍ଲୀ,୩।୪(ଏଜେନ୍ସି): ଲୋକସଭା ନିର୍ବାଚନକୁ ଆଉ ମାତ୍ର ହାତ ଗଣତି ସମୟ ବାକି। ଆସନ୍ତା ୧୯ରୁ ପ୍ରଥମ ପର୍ଯ୍ୟାୟ ମତଦାନ ହେବାକୁ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ପ୍ରାୟ ସବୁ ଦଳରୁ ପ୍ରାର୍ଥୀ ଘୋଷଣା ଶେଷ ହୋଇଛି। କିନ୍ତୁ ଏବେ ସୁଦ୍ଧା ନେତାଙ୍କ ଦଳ ଡିଆଁ ପର୍ବ ସରି ନାହିଁ। କିଏ କଂଗ୍ରେସ ଛାଡି ବିଜେପିରେ ମିଶୁଛି ତ ଆଉ କିଏ ବିଜେପି ଛାଡି କଂଗ୍ରେସ ହାତ ଧରିବାରେ ଲାଗିଛନ୍ତି। ଏହାମଧ୍ୟରେ କଂଗ୍ରେସ ଛାଡି ବିଜେପିରେ ସାମିଲ ହୋଇଛନ୍ତି ବକ୍ସର ବିଜେନ୍ଦ୍ର ସିଂହ। ସେ ବୁଧବାର ବିଧିବଦ୍ଧ ଭାବେ ଦିଲ୍ଲୀ ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ଦଳର ସଦସ୍ୟତା ଗ୍ରହଣ କରିଛନ୍ତି ।ବିଜେନ୍ଦ୍ର ସିଂହ ବିଜେପିରେ ଯୋଗଦେବା ପରେ କଂଗ୍ରେସକୁ ବଡ ଝଟକା ଲାଗିଛି। କଂଗ୍ରେସ ଟିକେଟରେ ଏଥର ବିଜେନ୍ଦ୍ର ସିଂହ ମଥୁରାରୁ ନିର୍ବାଚନ ଲଢ଼ି ପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ୩୮ ବର୍ଷୀୟ ବିଜେନ୍ଦ୍ର ସିଂହ ୨୦୧୯ରେ କଂଗ୍ରେସରେ ଯୋଗ ଦେଇଥିଲେ।

## ଜଷ୍ଟିସ୍ ଅଭିଜିତଙ୍କୁ 'ୱାଇ' ସୁରକ୍ଷା

ନୂଆଦିଲ୍ଲୀ,୩।୪(ଏଜେନ୍ସି)



ନିକଟରେ କୋଲକାତା ହାଇକୋର୍ଟରୁ ବିଚାରପତି ପଦରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଥିବା ଜଷ୍ଟିସ୍ ଅଭିଜିତ୍ ଗଙ୍ଗୋପାଧ୍ୟାୟଙ୍କୁ କେନ୍ଦ୍ର ସରକାର 'ୱାଇ' ଶ୍ରେଣୀ ସୁରକ୍ଷା ପ୍ରଦାନ କରିଛନ୍ତି। ଅଭିଜିତ୍‌ଙ୍କ ବ୍ୟତୀତ ପୂର୍ବତନ ଟିଏମସି ସାଂସଦ ଅର୍ଜୁନ ସିଂ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅଭିଜିତ ବର୍ମନ ଏବଂ କୁଚବିହାର ଜିଲ୍ଲା କାର୍ଯ୍ୟନିର୍ବାହୀ ସଦସ୍ୟ ତାପସ ଦାସଙ୍କୁ ମଧ୍ୟ ଏହି ଶ୍ରେଣୀ ସୁରକ୍ଷା ଯୋଗାଇ ଦେଇଛନ୍ତି। ଲୋକସଭା ନିର୍ବାଚନ ପୂର୍ବରୁ ଏହି ୪ ନେତାଙ୍କ ସୁରକ୍ଷାରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍) ନିୟୋଜିତ ହେବେ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମାସରେ ଜଷ୍ଟିସ୍ ଅଭିଜିତ୍ ଏବଂ ଅର୍ଜୁନ ସିଂ ବିଜେପିରେ ଯୋଗ ଦେଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ, ଗଙ୍ଗୋପାଧ୍ୟାୟଙ୍କୁ 'ୱାଇ' ବର୍ଗରେ ସୁରକ୍ଷା ଦିଆଯାଇଥିବା ବେଳେ ଅର୍ଜୁନ ସିଂଙ୍କୁ 'ଜେଡ଼' ବର୍ଗରେ ସୁରକ୍ଷା ଦିଆଯାଇଛି। ସେହିପରି ବର୍ମନ ଏବଂ ତାପସ ଦାସଙ୍କୁ 'ଏକ୍ସ' ବର୍ଗରେ ସୁରକ୍ଷା ଦିଆଯାଇଛି। ଜଷ୍ଟିସ୍ ଅଭିଜିତ ଏବଂ ଅର୍ଜୁନ ସିଂ ଗତ ମାସରେ ବିଜେପିରେ ଯୋଗ ଦେବା ପରେ ପଶ୍ଚିମବଙ୍ଗର ସାଂପ୍ରତିକ ପରିବର୍ତ୍ତିତ ରାଜନୈତିକ ଦୃଶ୍ୟପଟ୍ଟକୁ ନେଇ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ୬ ମାସ ପରେ ଜେଲ୍‌ରୁ ବାହାରିଲେ ସଞ୍ଜୟ ସିଂ

ନୂଆଦିଲ୍ଲୀ,୩।୪(ଏଜେନ୍ସି): ଆପ୍ ସାଂସଦ ସଞ୍ଜୟ ସିଂଙ୍କୁ ଗତକାଲି ସୁପ୍ରିମକୋର୍ଟରୁ ଜାମିନ ମିଳିବା ପରେ ସେ ବୁଧବାର ଜେଲରୁ ମୁକୁଳିଛନ୍ତି।



୨୦୨୩ ଅକ୍ଟୋବରରେ ଇଡି ଦ୍ୱାରା ଗିରଫ ହୋଇ ସେ ବିଗତ ୬ ମାସ ଧରି ଜେଲରେ ଥିଲେ। ତାଙ୍କ ମୁକ୍ତିକୁ ନେଇ ଆପ୍ କର୍ମୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଥିଲା ବେଳେ ବର୍ତ୍ତମାନ ଖୁସି ମନାଇବା ପରିବର୍ତ୍ତେ ସଂଘର୍ଷ କରିବା ଦରକାର ବୋଲି ସେ ଦଳୀୟ କର୍ମୀମାନଙ୍କୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ମନୀଷ ସିସୋଦିଆଙ୍କ ଭଳି ଅନ୍ୟ ସମସ୍ତ ଦଳୀୟ ନେତା ଦିନେ ନା ଦିନେ ଜେଲରୁ ମୁକୁଳିବେ ବୋଲି ସେ କହିଛନ୍ତି। କିନ୍ତୁ ଦଳୀୟ କର୍ମୀମାନେ ତାଙ୍କୁ ସ୍ୱାଗତ କରିବା ସମୟରେ ସଞ୍ଜୟ ମାପିଚୁପି କଥା କହିଥିବା ଦେଖାଯାଇଛି। କାରଣ ଜାମିନ ପାଇଁ ଅଦାଲତ ଯେଉଁ ସର୍ତ୍ତ ରଖିଛନ୍ତି ତାହା ତାଙ୍କ ପାଇଁ ବାଧକ ସାଜିଥିବା କୁହାଯାଉଛି।

## ସୀମାନ୍ତରେ ଏନ୍‌କାଉଣ୍ଟର

# ମାଓବାଦୀଙ୍କ ମୃତ୍ୟୁସଂଖ୍ୟା ୧୩କୁ ବୃଦ୍ଧି

ମାଲକାନଗିରି/ବିଜାପୁର,୩।୪ (ସମିସ)



ମଙ୍ଗଳବାର ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲା ଗାଙ୍ଗାଲୁର ଥାନା କର୍ଚ୍ଚେରୀ ଓ ଲମ୍ବ୍ରା ଜଙ୍ଗଲରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳିବିନିମୟ ଘଟଣାରେ ୧୦ ମାଓାବାଦୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଯବାନମାନେ ସର୍ଚ୍ଚ ଅପରେସନ କରି ୧୦ ଜଣ ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ। ତେବେ ବୁଧବାର ସକାଳ ସୁଦ୍ଧା ମାଓବାଦୀଙ୍କ ମୃତ୍ୟୁସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ଏହି ୧୩ ଜଣଙ୍କ ମଧ୍ୟରେ ତିନିଜଣ ମହିଳା ମାଓବାଦୀଙ୍କ ମୃତଦେହ ମଧ୍ୟ ଠାବ କରାଯାଇଛି। ଏଥିସହ ବିପୁଳ ପରିମାଣରେ ମାଓସାମଗ୍ରୀ, କପଡ଼ା, ରକେଟ ଲଞ୍ଚର, ଏଲ୍‌ଏନଜି, ଏକେ ୪୭ ଭଳି ବହୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ମାଓବାଦୀମାନେ ଆସନ୍ତା ନିର୍ବାଚନରେ ଅଘଟଣ ଘଟାଇବା ପାଇଁ ଗାଙ୍ଗାଲୁର ଥାନା କର୍ଚ୍ଚେରି ଓ ଲାମ୍ବ୍ରା ଜଙ୍ଗଲରେ ମିଳିତ ବୈଠକ କରୁଥିବା ସୂଚନା ମିଳିଥିଲା। ଏହାପରେ ବିଜାପୁର ସିଆରପିଏଫ କୋବ୍ରା ବାହିନୀ ପକ୍ଷରୁ ମିଳିତ କୁମ୍ବିଂ ଅପରେସନ ଆରମ୍ଭ କରାଯାଇଥିଲା। ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା ବେଳେ ଗତକାଲି ୧୦ ମାଓାବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ସଂପୃକ୍ତ ଅଞ୍ଚଳରେ କୁମ୍ବିଂ ଅପରେସନ ଜାରି ରହିଛି।

## ଶଙ୍ଖ ଭବନରେ ମାରାଥନ ମିଶ୍ରଣ ପର୍ବ

# ସାରା ରାଜ୍ୟରେ ବଢୁଛି ବିଜେଡି ବଳ





**ଭୁବନେଶ୍ୱର,୩।୪(ସମିସ):** ନିର୍ବାଚନୀ ତାତି ଭିତରେ ଦିନକୁ ଦିନ ଶକ୍ତିଶାଳୀ ହେବାରେ ଲାଗିଛି ବିଜେଡ଼ି। ରାଜ୍ୟର ପ୍ରମୁଖ ରାଜନୈତିକ ଦଳ ସହ ବିଭିନ୍ନ ସଂଗଠନର ସମର୍ଥନ ବିଜେଡିର ଶକ୍ତି ବୃଦ୍ଧି କରି ଚାଲିଛି। ଏହି କ୍ରମରେ ବୁଧବାର ଶଙ୍ଖଭବନରେ ଅନୁଷ୍ଠିତ ହୋଇଛି ମାରାଥନ ଯୋଗଦାନ ପର୍ବ। ବିଭିନ୍ନ ଦଳର ବହୁ ଟାଣୁଆ ନେତା, ସମାଜସେବୀ, ବିଭିନ୍ନ

- ବିଜେଡିରେ ଯୋଗ ଦେଲେ ଜର୍ଜ ତିର୍କୀଙ୍କ ପୁଅ ରୋହିତ ଯୋଶେଫ
- ଗଣ୍ଡ ମହାସଭାର ଉପଦେଷ୍ଟା ଭବାନୀ ଶଙ୍କର କାଲୋ ଧରିଲେ ଶଙ୍ଖ
- ସମାଜସେବୀ ପରିଣୀତା ଓ ବରଗଡ଼ ବିଜେପି ଉପସଭାପତି ସୁଶାନ୍ତ ସାମିଲ

ସଙ୍ଗଠନର କର୍ମକର୍ତ୍ତା ବିଜେଡିରେ ସାମିଲ ହୋଇଛନ୍ତି।

ସୁନ୍ଦରଗଡ଼ ଜିଲ୍ଲାର ପୂର୍ବତନ ବିଧାୟକ ତଥା ଗତ ନିର୍ବାଚନରେ କଂଗ୍ରେସର ବିଧାୟକ ପ୍ରାର୍ଥୀ, ଟାଣୁଆ ଆଦିବାସୀ ନେତା ଜର୍ଜ ତିର୍କୀଙ୍କ ପୁଅ ରୋହିତ ଯୋଶେଫ ତିର୍କୀ ଆଜି ବିଜେଡିରେ ସାମିଲ ହୋଇଛନ୍ତି। ମନ୍ତ୍ରୀ ସାରଦା ନାୟକ ଓ ସୁନ୍ଦରଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡ଼ାଇ, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ରୋହିତ ଶଙ୍ଖ ଫୁଙ୍କିଛନ୍ତି। ଯୋଶେଫ ତିର୍କୀଙ୍କ ଯୋଗଦାନ ଫଳରେ ସୁନ୍ଦରଗଡ଼ ଜିଲ୍ଲା ଓ ବିଶେଷକରି ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହୋଇଛି।

ସେହିପରି ବରଗଡ଼ ଜିଲ୍ଲା ବିଜେପି ଉପସଭାପତି ସୁଶାନ୍ତ ମିଶ୍ର ଓ ସମାଜସେବୀ ପରିଣିତା ମିଶ୍ର ଆଜି ଶଙ୍ଖଭବନ ଠାରେ ବିଜେଡିରେ ସାମିଲ ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂ, ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ସୁଶାନ୍ତ ମିଶ୍ର ଓ ପରିଣିତାଙ୍କ ଯୋଗଦାନ ଫଳରେ ବରଗଡ଼ ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଦଳୀୟ ନେତାମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ସୁଶାନ୍ତ ଓ ପରିଣିତା



କହିଛନ୍ତି ଯେ ବରଗଡ଼ ଜିଲ୍ଲାରେ ଯେଉଁ ବିକାଶ କାମ ହୋଇଛି ତାହା ଅବର୍ଣ୍ଣନୀୟ, ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ କରିବା ନେଇ କାମ କରିବୁ। ସେହିପରି ଦଳ ତାଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅନ୍ୟପକ୍ଷରେ ଅଖିଳ ଭାରତୀୟ ଗଣ୍ଡ ମହାସଭାର ଉପଦେଷ୍ଟା ଭବାନୀ ଶଙ୍କର କାଲୋ ବିଜେଡ଼ିରେ ବିଧିବଦ୍ଧ ଭାବରେ ଯୋଗ ଦେଇଛନ୍ତି। ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ସେ ବିଜେଡିରେ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମ ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

● ଜୟପୁର ବିମାନ ବନ୍ଦରରେ ନିର୍ବାଚନ ସ୍ୱତନ୍ତ୍ର ସ୍କ୍ୱାଡ୍‌ର ଚଢ଼ଉ

# ଯାତ୍ରୀଙ୍କଠାରୁ ୯ ଲକ୍ଷ ଟଙ୍କା ଜବତ



**ଜୟପୁର, ୩।୪ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ବିମାନ ବନ୍ଦରଠାରେ ଜଣେ ଯାତ୍ରୀଙ୍କଠାରୁ ୯ ଲକ୍ଷ ଟଙ୍କା ଜବତ କରାଯାଇଛି। ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ଫ୍ଲାଇଙ୍ଗ ସ୍କ୍ୱାଡ୍ ସୂଚନା ପାଇ ଜୟପୁର ବିମାନ ବନ୍ଦର ଉପରେ ଚଢ଼ଉ କରିଥିଲେ। ଭୁବନେଶ୍ୱର ଯିବା ପାଇଁ ଅପେକ୍ଷା କରିଥିବା ଭୁବନେଶ୍ୱର ବାସିନ୍ଦା ଜ୍ୟୋତିଷଚାର୍ଯ୍ୟ ତଥା ଯାତ୍ରୀ ଡ. ମନୋଜ କୁମାର ଲେଙ୍କାଙ୍କ ବ୍ୟାଗ ଯାଞ୍ଚ ବେଳେ ୯ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଥିଲା। ଉକ୍ତ ଟଙ୍କା ମାଲକାନଗିରି ଜିଲ୍ଲା ସଦରମହକୁମା ଜଣେ ଗ୍ୟାସ ଏଜେନ୍ସିର ମାଲିକଙ୍କଠାରୁ ଆଣିଥିବା ନେଇ ସୂଚନା ଦେଇଥିଲେ ସୁଦ୍ଧା କେଉଁ କାରଣରୁ ଆଣିଥିବା ନେଇ କୌଣସି ଉପଯୁକ୍ତ ତଥ୍ୟ ପ୍ରଦାନ କରି ନଥିଲେ। ପ୍ରଶାସନ ପକ୍ଷରୁ ଉକ୍ତ ଟଙ୍କା ଜବତ କରାଯାଇଛି। ଏହାକୁ ସ୍ଥାନୀୟ ସ୍ୱତନ୍ତ୍ର ସରକାରୀ କୋଷାଗାରରେ ଜମା କରାଯାଇଛି। ଯାତ୍ରୀଙ୍କୁ ଛଡ଼ା ଯାଇଥିବା ବେଳେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ନିକଟରେ ଉପସ୍ଥିତ ରହି ଉକ୍ତ ୯ ଲକ୍ଷ ଟଙ୍କାର ଉପଯୁକ୍ତ ବିବରଣୀ ପ୍ରଦାନ କରାଗଲେ ଉକ୍ତ ଟଙ୍କା ଫେରାଇ ଦିଆଯିବ; ଅନ୍ୟଥା ଆଗାମୀ ସାଧାରଣ ନିର୍ବାଚନ ପରେ ଉକ୍ତ ଟଙ୍କାର ସମସ୍ତ ଟିକସ ଆଦାୟ ପରେ ଏହାକୁ ଫେରସ୍ତ କରାଯିବ। ନିର୍ବାଚନ କମିଶନଙ୍କ ଦ୍ୱାରା ଜୟପୁର ନିର୍ବାଚନମଣ୍ଡଳୀ ପାଇଁ ଗଠିତ ଦୁଇଟି ଫ୍ଲାଇଙ୍ଗ ସ୍କ୍ୱାଡ୍‌ର ଅଧିକାରୀ ଜୟପୁର ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ସଦର ଥାନାଧିକାରୀ ଇଶ୍ୱର ତାଣ୍ଡୀଙ୍କ ସମେତ କେନ୍ଦ୍ର ସରକାର ଆୟକର ବିଭାଗର ଅଧିକାରୀ ଜୟନ୍ତ ଶତପଥୀ ଉପସ୍ଥିତ ଥିଲେ। ପ୍ରକାଶ ଯେ ଜୟପୁର ବିମାନ ବନ୍ଦରରୁ ଭୁବନେଶ୍ୱରକୁ ଅପରାହ୍ନ ୪ଟାରେ ଯାତ୍ରା କରିବା ଉଦ୍ଦେଶ୍ୟରେ ଅପେକ୍ଷା କରିଥିବା ଯାତ୍ରୀଙ୍କ ନିକଟରେ ଟଙ୍କା ରହିଥିବା ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଦ୍ୱାରା ଅପରାହ୍ନ ସାଢେ ୩ଟାରେ ଚଢଉ କରାଯାଇଥିଲା।

## ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ବିଜେଡି

# ବିଜେପି ଭାଙ୍ଗୁଛି ନିର୍ବାଚନ ଆଚରଣବିଧି

**ଭୁବନେଶ୍ୱର, ୩।୪(ସମିସ):** ବରଗଡ଼ ଜିଲ୍ଲାରେ ବିଜେପିର ଲୋକସଭା ଏବଂ ବିଧାନସଭା ପାର୍ଥୀ ନିର୍ବାଚନ ଆଚରଣବିଧି ଉଲ୍ଲଙ୍ଘନ କରିଛନ୍ତି। ସେମାନେ ସରକାରୀ ସ୍କୁଲର କାର୍ଯ୍ୟକ୍ରମରେ ଯୋଗଦେଇ ନିର୍ବାଚନ ଆଚରଣବିଧି ଉଲଙ୍ଘନ କରିଥିବା ନେଇ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି।

### ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ଓ ବିଜେପୁର ବିଧାୟକ ପ୍ରାର୍ଥୀ

ଏନେଇ ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଏ ସମ୍ପର୍କରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବିପତ୍ର ପ୍ରଦାନ କରିଛି।

ବିଜେଡିର ଅଭିଯୋଗ ଅନୁଯାୟୀ, ନିର୍ବାଚନ ତାରିଖ ଘୋଷଣା ହେବାଠାରୁ ନିର୍ବାଚନ କମିସନ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ କରିଛନ୍ତି। ହେଲେ ବିଜେପିର ନେତାମାନେ ଏହାକୁ ବହୁଳ ଭାବେ ଉଲଙ୍ଘନ କରୁଥିବା ଘଟଣା ନଜିରକୁ ଆସିଛି। ଏହିକ୍ରମରେ ବରଗଡ଼ ଜିଲ୍ଲା ବିଜେପି ୟୁନିଟ୍ ପକ୍ଷରୁ ୧ ଏପ୍ରିଲରେ ନିର୍ବଚନ ଆଚରଣବିଧିକୁ ଖୋଲାଖୋଲି ଭାବେ ଉଲଙ୍ଘନ କରାଯାଇଛି। ବରଗଡ଼ ଜିଲ୍ଲା ବିଜେପି ଲୋକସଭା ପାର୍ଥୀ ପ୍ରଦୀପ ପୁରୋହିତ ଏବଂ ବିଜେପୁର ନିର୍ବାଚନମଣ୍ଡଳୀର ବିଧାନସଭା ପାର୍ଥୀ ସନତ ଗଡ଼ତିଆ ସୋମବାର ବରଗଡ଼ ଜିଲ୍ଲା ବରପାଲି ବ୍ଲକ ବାଲିଟିକରା ସରକାରୀ ବିଦ୍ୟାଳୟର



ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଅତିଥି ଭାବେ ଯୋଗଦେଇଥିଲେ। ଏଠାରେ ଏକାଠି ହୋଇଥିବା ସାଧାରଣ ଲୋକଙ୍କୁ ସେମାନେ ସମ୍ବୋଧିତ କରିଥିବା ବେଳେ ଏହା ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଏହି ସମୟରେ କିଛି ଫଟୋ ଓ ଭିଡିଓ ବିଜେଡି ପକ୍ଷରୁ ନିର୍ବାଚନ ଅଧିକାରୀଙ୍କୁ ପ୍ରାଦନ କରାଯାଇଥିବା ବେଳେ ତୁରନ୍ତ ଏହି ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବି କରିଛି। ନିୟମ ଅନୁଯାୟୀ କୌଣସି ରାଜନେତା, ବିଶେଷ କରି ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ କୌଣସି ସରକାରୀ ସ୍କୁଲର କାର୍ଯ୍ୟକ୍ରମରେ ଯୋଗ ଦେଇପାରିବେ ନାହିଁ। ହେଲେ ଏହି ଦୁଇ ପ୍ରାର୍ଥୀ ଏହି ନିୟମ ଉଲ୍ଲଙ୍ଘନ କରିଛନ୍ତି। ତେଣୁ ଏହି ଦୁଇ ନେତାଙ୍କ ସମେତ ଯେଉଁସରକାରୀ ଅଧିକାରୀମାନେ ଏଭଳି କାର୍ଯ୍ୟାକୁ ପ୍ରୋତ୍ସାହିତ କରିଛନ୍ତି, ସେମାନଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ବିଜେଡି ପକ୍ଷରୁ ନିର୍ବାଚନ ଅଧିକାରୀଙ୍କୁ ଭେଟିବାକୁ ଯାଇଥିବା ପ୍ରତିନିଧିଙ୍କ ମଧ୍ୟରେ ସାଂସଦ ସୁଲତା ଦେଓ, ସସ୍ମିତପାତ୍ର ଓ ବିଜେଡି ମୁଖପାତ୍ର ଲେନିନ ମହାନ୍ତି, ଅମିତ ମଲ୍ଲିକ, ପ୍ରିୟବ୍ରତ ମାଝୀ, ସଞ୍ଜୟ ବାବୁ, ମହୀର ରାୟ, ଓମ୍‌ପ୍ରକାଶ ସାହୁ, ଇପ୍ସିତା ସାହୁ, ତୁମ୍ବନାଥ ପଣ୍ଡା, ସ୍ୱୟମ୍ ପ୍ରକାଶ ମହାପାତ୍ର, ମଧୁସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପିରେ ଇସ୍ତଫା ଝଡ଼

**ଭୁବନେଶ୍ୱର, ୩।୪(ସମିସ):** ବିଜେପିର ଟିକଟ ବଣ୍ଟନ ପରେ ରାଜ୍ୟବ୍ୟାପୀ ଦେଖାଦେଇଥିବା ଅସନ୍ତୋଷର ନିଆଁ ଥମିବାର ନା ଧରୁନାହିଁ। ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ଘୋଷିତ ପ୍ରାର୍ଥୀଙ୍କ ବିରୋଧରେ ବହୁ ସଂଖ୍ୟାରେ ବିଜେପି କର୍ମୀ ରାଜ ରାସ୍ତାରେ ପ୍ରତିବାଦ କରିଛନ୍ତି। ଦୁଇପାଦ ଆଗକୁ ଯାଇ ଦଳର ବହୁ ଟାଣୁଆ ନେତା ସଂଗଠକ ଦଳ ଛାଡ଼ିଛନ୍ତି। ଏପରିକି ମହିଳାଙ୍କୁ

- ଦଳ ଛାଡ଼ିଲେ ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର
- ଇସ୍ତଫା ଦେଲେ ବରଗଡ଼ ଜିଲ୍ଲା ଉପସଭାପତି ସୁଶାନ୍ତ
- ଢେଙ୍କାନାଳରେ ଇସ୍ତଫା ଦେଲେ ବହୁ ଛାମୁଆ ନେତ୍ରୀ

ଉପେକ୍ଷା ପ୍ରତିବାଦ କରି ବହୁ ମହିଳା ନେତ୍ରୀ ମଧ ଦଳତ୍ୟାଗ କରିଛନ୍ତି। ବିଜେପିରେ ସୃଷ୍ଟି ହୋଇଥିବା ଟିକଟ ଅସନ୍ତୋଷ ଆଗକୁ ଆହୁରି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ରାଜନୈତିକ ମହଲ ଆଶଙ୍କା ପ୍ରକାଶ କରିଛି।

ଦଳ ନେତୃବୃନ୍ଦଙ୍କ ମନମାନି ବିରୋଧରେ ଦଳ ଛାଡ଼ିଛନ୍ତି ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ଟାଣୁଆ ନେତା ଭୃଗୁ ବକ୍ସିପାତ୍ର। ଗତ ଲୋକସଭା ନିର୍ବାଚନରେ ଭୃଗୁ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରୁ ବିଜେପି ଟିକଟରେ ଲଢ଼ି ୩ ଲକ୍ଷ ୪୮ ହଜାରରୁ ଅଧିକ ଭୋଟ ପାଇଥିଲେ। ମାତ୍ର ତାଙ୍କୁ ଟିକଟ ନ ଦେଇ ଦୁର୍ନୀତି ଅଭିଯୋଗରେ ବିଜେଡିରୁ ବିତାଡ଼ିତ ହୋଇଥିବା ପ୍ରଦୀପ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରିବାକୁ ନେଇ ଭୃଗୁ ଏବଂ ତାଙ୍କ ସମର୍ଥକ ଗ୍ରହଣ କରିପାରି ନାହାନ୍ତି। ଏଥିରେ ଅସନ୍ତୋଷ ପ୍ରକାଶ କରି ଭୃଗୁ ବକ୍ସିପାତ୍ର ଓ ତାଙ୍କ ସମର୍ଥକମାନେ ଦଳ ତ୍ୟାଗ କରିଛନ୍ତି। ଅନୁରୂପ ଭାବରେ ବରଗଡ଼ ଜିଲ୍ଲା ଉପସଭାପତି ସୁଶାନ୍ତ ମିଶ୍ର ମଧ ଆଜି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଦଳ ପକ୍ଷରୁ କ୍ରମାଗତ ଭାବେ ଅଣଦେଖା କରାଯାଉଥିବାରୁ ସେ ନିଜ ପଦବୀ ସହ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି।

ଢେଙ୍କାନାଳ ସଦରରେ ବିଜେପି କୃଷ୍ଣ ପାତ୍ରଙ୍କୁ ପ୍ରାର୍ଥୀ କରିବା ପରେ ଏଠାରେ ଏକପ୍ରକାର ବିସ୍ଫୋରକ ପରିସ୍ଥିତି ଦେଖାଦେଇଛି। ଟିକଟ କନ୍ଦଳକୁ ନେଇ ମଙ୍ଗଳବାର ଦଳର ଜିଲ୍ଲା ସଭାପତିଙ୍କୁ ମହିଳା ନେତ୍ରୀମାନେ ଆକ୍ରମଣ କରିବା ପର୍ଯ୍ୟନ୍ତ କଥା ଯାଇଥିଲା। ଆଜି ବିଜେପି ନେତୃତ୍ୱଙ୍କ ମନମାନି ବିରୋଧରେ ଜିଲ୍ଲା ବିଜେପିର ବହୁ ଟାଣୁଆ ନାରୀ ନେତ୍ରୀ ଦଳ ଛାଡ଼ିଛନ୍ତି। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରୋଜ ନଳିନୀ ମହାଲିକ, ବିଜେପି ଜିଲ୍ଲା ସମ୍ପାଦକ ଅନିତା ଦାସ ଓ ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦକ ସସ୍ମିତା ସାମଲ ପ୍ରମୁଖ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଏମାନଙ୍କ ଇସ୍ତଫା ସହ ଦଳ ଜିଲ୍ଲାରେ ସେମାନଙ୍କର ହଜାର ହଜାର ସମର୍ଥକ ହରାଇଲା ବୋଲି ଆଲୋଚନା ହେଉଛି। ଢେଙ୍କାନାଳ ଆସନ ଗୋଟିଏ ପରିବାର ହାତରେ ଦୀର୍ଘ ୩୦ ବର୍ଷ ହେଲା ରହିଛି। ଏଠାରେ ମହିଳାଙ୍କୁ ସମ୍ମାନ ମିଳୁନଥିବା ବେଳେ ପରିବାରବାଦକୁ ଦଳ ଏଠାରେ ପୃଷ୍ଠପୋଷକତା ଦେଉଛି। ଏପରିସ୍ଥଳେ ବିଜେପିରେ କାମ କରିବା ଆଉ ସମ୍ଭବ ନୁହେଁ ବୋଲି କ୍ଷୋଭର ସହ କହିଛନ୍ତି ନିରୋଜ ନଳିନୀ। ଅନୁରୂପ ଭାବରେ ନିମାପଡ଼ାରେ ଦିଲ୍ଲୀପ ନାୟକ ଓ ତାଙ୍କ ସମର୍ଥକମାନେ ମଧ ଦଳ ତ୍ୟାଗ କରିଛନ୍ତି।

ରାଜ୍ୟବ୍ୟାପୀ ଆଜି ବିଜେପିର ବହୁ ତୃଣମୂଳସ୍ତରର ନେତା ଦଳ ଉପରେ ଏବଂ ନେତୃତ୍ୱଙ୍କ ନିଷ୍ପତ୍ତି ଉପରେ କ୍ଷୋଭ ପ୍ରକାଶ କରି ଦଳ ଛାଡ଼ିଛନ୍ତି। ଅନ୍ୟପକ୍ଷରେ ସମସ୍ତ ଯୋଗ୍ୟତା ଥାଇ ଟିକଟ ପାଇନଥିବା ଅନେକ ଟାଣୁଆ ନେତା ମଧ ସ୍ୱାଧୀନ ଭାବେ ଲଢ଼ିବାକୁ ସଜବାଜ ହେଉଥିବା ନେଇ ଜଣାପଡ଼ିଛି। ନୂଆ ପ୍ରାର୍ଥୀଙ୍କୁ ସୁଯୋଗ ନଦେବା, ଦଳ ପାଇଁ ଅନେକ ବର୍ଷ କାମ କରିଥିବା ଏବଂ ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଅଣଦେଖା କରାଯିବାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି କର୍ମୀ ମହଲ। ବିଶେଷକରି ଆମଦାନୀ ଏବଂ ବାରମ୍ବାର ନିର୍ବାଚନ ହାରୁଥିବା ନେତାଙ୍କୁ ଦଳ ପ୍ରାର୍ଥୀ କରିବାକୁ ନେଇ ଦଳରେ ଚାପା ଗୁଞ୍ଜରଣ ପ୍ରକାଶ ପାଉଥିବା ବେଳେ ଏହା ପ୍ରତିପକ୍ଷ ଦଳର ପ୍ରାର୍ଥୀଙ୍କୁ ବେଶ୍ ସୁହାଇବ ବୋଲି ଅନୁମାନ କରୁଛନ୍ତି ରାଜନୀତିକ ସମୀକ୍ଷକ।

# ଭୁଲ୍ ତଥ୍ୟ ପ୍ରଘଟ: ୩ ସୂଚନା ଅଧିକାର କର୍ମୀଙ୍କ ବିରୋଧରେ ମାମଲା

**ଭୁବନେଶ୍ୱର, ୩।୪(ସମିସ):** ଭିଆଇପି ସୁରକ୍ଷାକୁ ନେଇ ଉପୁଜିଥିବା ବିବାଦ ଏବେ ନୂଆମୋଡ ନେଇଛି। ଭିଆଇପି ସୁରକ୍ଷା ସଂକ୍ରାନ୍ତ ଭୁଲ୍ ତଥ୍ୟ ପ୍ରଘଟ ଅଭିଯୋଗରେ ୩ଜଣ ସୂଚନା ଅଧିକାର କର୍ମୀଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ଭିଆଇପି ସୁରକ୍ଷା ସଂକ୍ରାନ୍ତ ଆର୍‌ଟିଆଇ କପି ଜାଲ୍ ବୋଲି ପୁଲିସ କମିସନର ସଞ୍ଜିବ ପଣ୍ଡା ସୂଚନା ଦେଇଛନ୍ତି। ମିଛ କାଗଜପତ୍ର ଦେଖାଇଥିବାରୁ ୩ଜଣଙ୍କ ନାମରେ ରିଜର୍ଭ ଇନ୍ସପେକ୍ଟର ଭଗବାନ ପାଣିଗ୍ରାହୀ ସହିଦନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ୩ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, ପ୍ରକାଶ ଦାସ, ଶ୍ରୀକାନ୍ତ ପାକଲଙ୍କ ନାମରେ ମାମଲା ରୁଜୁ କରିଛି। ସେମାନଙ୍କ ବିରୋଧରେ ଦଫା ୪୧୯/୪୨୦/୪୬୫/୪୬୮/୪୬୯/୪୭୧/୫୦୫(୧)(ଏ)(ବି)/୩୪ ଆଇପିସି ଓ ଆର୍. ଡବ୍ଲ୍ୟୁ ୬୬ଡି ଆଇଟି ଆକ୍ଟରେ ମାମଲା ରୁଜୁ କରାଯାଇଛି। ଯେଉଁ କାଗଜପତ୍ର ଆଧାରରେ ସୂଚନା ଅଧିକାର କର୍ମୀଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା, ଆମ ପକ୍ଷରୁ ସେଭଳି କୌଣସି କାଗଜପତ୍ର କାହାରିକୁ ଦିଆଯାଇନାହିଁ। ଜାଲ କାଗଜପତ୍ର ବା ମିଥ୍ୟା ତଥ୍ୟ ଉପସ୍ଥାପନ କରାଯାଇଥିବାରୁ ଅଭିଯୋଗ ଆଧାରରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ନାମରେ ମାମଲା ରୁଜୁ ହୋଇଥିବା ପୁଲିସ କମିଶନର କହିଛନ୍ତି। ସୂଚନାଯୋଗ୍ୟ ଯେ, ଜଣେ ଭିଆଇପିଙ୍କ ସୁରକ୍ଷାରେ ୭୪ ଜଣ ପୁଲିସ କର୍ମଚାରୀଙ୍କ ସହ ଗୋଟିଏ ଗାଡି ଗୃହ ବିଭାଗ ଯୋଗାଇ ଦେଇଥିବା ଏହି ବ୍ୟକ୍ତିମାନେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ।

- ପ୍ରଶାନ୍ତ ଜଗଦ୍ଦେବଙ୍କୁ ସୁରଙ୍କ ଚେତାବନୀ

# ଇଏ ଚିଲିକା ନୁହେଁ, ଭୁବନେଶ୍ୱର; ସୀମା ଭିତରେ ରୁହ

**ଭୁବନେଶ୍ୱର, ୩।୪(ସମିସ):** ବିଜେପି ନେତା ପ୍ରଶାନ୍ତ ଜଗଦ୍ଦେବଙ୍କୁ ସୀମା ମଧ୍ୟରେ ରହିବାକୁ ଚେତାବନୀ ଦେଇଛନ୍ତି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଚେତାବନୀ। ପ୍ରଶାନ୍ତ ଜଗଦ୍ଦେବ ବାରୁଦ ଗଦା ଉପରେ ଛିଡ଼ା ହୋଇଛନ୍ତି, କେତେବେଳେ ସେ ଧୂଆଁ ହୋଇଯାଇପାରନ୍ତି ବୋଲି ଶ୍ରୀ ରାଉତରାୟ ତାଙ୍କୁ ଚେତାଇ ଦେଇଛନ୍ତି। ସୂଚନା ଥାଉ କି କିଛି ଦିନ ତଳେ ପ୍ରଶାନ୍ତ ଜଗଦ୍ଦେବ ସୁରେଶ ରାଉତରାୟଙ୍କ ବିଷୟରେ ଗଣମାଧ୍ୟମରେ ମନ୍ତବ୍ୟ ଦେବା ବେଳେ ତାଙ୍କ ପ୍ରତି ଅପମାନସୂଚକ କଟୁ ମନ୍ତବ୍ୟ ଦେଇଥିଲେ। ପ୍ରଶାନ୍ତଙ୍କ ଏହି ମନ୍ତବ୍ୟକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସୁରେଶ ରାଉତରାୟ। ଶ୍ରୀ ରାଉତରାୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ସେ ପ୍ରଶାନ୍ତଙ୍କ ଘରେ ଯାଇ ଅଭିନୟ କରୁଥିଲେ କି ବୋଲି ପ୍ରଶ୍ନ କରିଛନ୍ତି। ପ୍ରଶାନ୍ତଙ୍କୁ ସେ ଚେତାଇ ଦେବା ସହ କେତେବେଳେ କିଛି ବି ପରିସ୍ଥିତି ହୋଇପାରେ ବୋଲି କହିଛନ୍ତି। ସେ ଯେଉଁ ବାରୁଦ ଗଦା ଉପରେ ଠିଆ ହୋଇଛନ୍ତି ପାଉଁଶ ହୋଇଯିବେ। ତେଣୁ ସେ ସୀମା ଭିତରେ ରୁହନ୍ତୁ ବୋଲି ସୁର କହିଛନ୍ତି। ଏହା ଚିଲିକା ନୁହେଁ, ଏହା ଭୁବନେଶ୍ୱର। ତେଣୁ ଯେତିକି ତାଙ୍କ ସୀମା ସେଥିରେ ରହିବେ ସୀମା ଅତିକ୍ରମ ନ କରିବାରୁ ସେ ପ୍ରଶାନ୍ତଙ୍କୁ ସତର୍କ କରାଇ ଦେଇଛନ୍ତି।

## ନିଖିଲ ପୱନ କଲ୍ୟାଣ ଯାଜପୁରର ନୂତନ ଜିଲ୍ଲାପାଳ

**ଯାଜପୁର/ଭୁବନେଶ୍ୱର ୩।୪ (ସମିସ):** ଯାଜପୁର ଜିଲ୍ଲାରେ ନୂଆ କରି ଯୋଗ ଦେଇଥିବା ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ଅଚାନକ ବଦଳି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତାଙ୍କ ସ୍ଥାନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଥିବା ନିଖିଲ ପୱନ କଲ୍ୟାଣ ଯୋଗ ଦେଇଛନ୍ତି। ଶୁଭଙ୍କର ମହାପାତ୍ରଙ୍କ ନିଜ ଶାଳକ ଢେଙ୍କାନାଳ ଜିଲ୍ଲା ସଂସଦୀୟ କ୍ଷେତ୍ର ପାଇଁ ବିଜୁ ଜନତା ଦଳର ପ୍ରାର୍ଥୀ ହୋଇଛନ୍ତି। ନିଜ ଶାଳକ ଏକ



ରାଜନୈତିକ ଦଳର ପ୍ରାର୍ଥୀ ହୋଇଥିବାବେଳେ ସେ ଯାଜପୁର ଜିଲ୍ଲାର ନିର୍ବାଚନ ଅଧିକାରୀ ହୋଇଥିବାରୁ ନିଜ ନୈତିକତା ଦୃଷ୍ଟିରୁ ଏହି ଦାୟିତ୍ୱରୁ ମୁକ୍ତି ପାଇଁ ସେ ନିଜେ ନିର୍ବାଚନ କମିଶନରଙ୍କୁ ଚିଠି ଲେଖିଥିଲେ। ନିର୍ବାଚନ କମିଶନର ଜିଲ୍ଲାପାଳଙ୍କ ଆବେଦନକୁ ଗ୍ରହଣ କରି ତାଙ୍କୁ ଜିଲ୍ଲାପାଳ ଦାୟିତ୍ୱରୁ ମୁକ୍ତି ପାଇଁ ଅନୁମତି ଦେବା ପରେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଜିଲ୍ଲାପାଳଙ୍କ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଡାକ୍ତର ଶୁଭଙ୍କର ମହାପାତ୍ରଙ୍କ ଏଭଳି ସ୍ୱଚ୍ଛତା ଓ ସଚ୍ଚୋଟତା ଓ ନୈତିକତା ପାଇଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

# ସଡ଼କ ଦୁର୍ଘଟଣା ନେଲା ୭ ଜୀବନ

## ଟ୍ରକ୍ ଓଲଟି ୩ ମୃତ

**ଟାଙ୍ଗୀ/କାଲୁପଡ଼ାଘାଟ/ବାଲୁଗାଁ, ୩।୪ (ସମିସ):** ବୁଧବାର ଖୋର୍ଦ୍ଧା ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥରେ ଦୁଇଟି ପୃଥକ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଟାଙ୍ଗୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ପଥରବନ୍ଧ ବାଇପାସ୍ ନିକଟରେ ଏକ ଲୁହାଆଙ୍ଗେଲ ବୋଝେଇ ଟ୍ରକ୍ ପଥର ଖଣି ଭିତରକୁ ଓଲଟି ପଡ଼ିବା ଫଳରେ ଘଟଣାସ୍ଥଳରେ ଟ୍ରକ୍ ଚାଳକ ଓ ହେଲପର୍‌ଙ୍କ ମୃତ୍ୟୁ ଘଟିଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ



ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଟ୍ରକ୍‌ଟି କୋଲକାତାରୁ ଟାୱାର ପାଇଁ ଲୁହା ଆଙ୍ଗେଲ ବୋଝେଇ କରି ବିଶାଖାପାଟନମ ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ଦୁଇ ମୃତକଙ୍କ ପରିଚୟ ମିଳିପାରି ନଥିବା ବେଳେ ଟାଙ୍ଗୀ ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

ସେହିପରି ବାଲୁଗାଁ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ-ବାଣପୁର ବାଇପାସ୍ ରାସ୍ତାର ନୂଆଗଡ଼ ଓଭରବ୍ରିଜ ନିକଟରେ ଏକ ଆଇରନ ବୋଝେଇ ଟ୍ରକ୍ ପଛରେ ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଧକ୍କା ହେବା ଫଳରେ ପିକ୍‌ଅପ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ପଶ୍ଚିମବଙ୍ଗ ଅଞ୍ଚଳର ତପନ କୁମାର ପଣ୍ଡା। ବୁଧବାର ସକାଳେ ଭୁବନେଶ୍ୱର ପଟୁ ଏକ ଆଇରନ ବୋଝେଇ ଟ୍ରକ୍ ଗୋପାଳପୁର ଅଭିମୁଖେ ଯାଉଥିଲା। ନୂଆଗଡ଼ ଓଭରବ୍ରିଜ ନିକଟରେ ଛିଡ଼ା ହୋଇଥିବା ଏହି ଟ୍ରକ୍‌କୁ ଏକ ପିକ୍‌ଅପ୍ ଭ୍ୟାନ୍ ଦ୍ରୁତ ଗତିରେ ଆସି ପଛରୁ ଧକ୍କା ଦେଇଥିଲା। ଫଳରେ ପିକ୍‌ଅପ୍ ଭ୍ୟାନ୍ ଚାଳକ ତପନ ଗାଡ଼ି ଭିତରେ ଚାପି ହୋଇ ମୃତ୍ୟୁବରଣ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଗ୍ୟାସ୍ କଟର୍‌ରେ ଗାଡ଼ିର ଆଗକୁ କାଟି ତପନଙ୍କ ମୃତଦେହ ଉଦ୍ଧାର କରିଥିଲେ। ନାଭାଲ ଫାଣ୍ଡି ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛି।

## ନାତିକୁ ଦେଖିବାକୁ ଯିବାବେଳେ ଦୁର୍ଘଟଣା

## ଅଜା-ଆଈଙ୍କ ମୃତ୍ୟୁ

**ଆଠଗଡ଼,୩।୪(ସମିସ):** କଟକ ଜିଲ୍ଲା ଆଠଗଡ଼ ଥାନା ଅନ୍ତର୍ଗତ ପୁରୁଣା କଟକ ସମ୍ବଲପୁର ରାସ୍ତାର ରାଧାପତିପୁର (ଟିରିଗୁଡ଼ିଆ) ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଅସୁସ୍ଥ ନାତିକୁ ଦେଖିବାକୁ ଆସୁଥିବାବେଳେ ଟ୍ରକ୍ ଚଢ଼ିଯିବାରୁ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବୁଧବାର ଭୋର ୫ଟା ସମୟରେ ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଚନ୍ଦ୍ରଶେଖରପ୍ରସାଦ ଗ୍ରାମର ଚଣିଆ ବାରିକ (୪୮) ଏବଂ ତାଙ୍କ ସ୍ତ୍ରୀ ରେବତୀ ବାରିକ (୪୨) ନିଜ ନାତିକୁ ଦେଖିବା ପାଇଁ ମୋଟରସାଇକଲରେ ଆଠଗଡ଼ ଡାକ୍ତରଖାନାକୁ ଆସୁଥିଲେ। ରାଧାପତିପୁର (ଟିରିଗୁଡ଼ିଆ) ନିକଟରେ ଏକ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଆଠଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୋଟରସାଇକଲକୁ ଜବତ କରିଛି। ଏହାସହ ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ଟ୍ରକକୁ ଧରିବା ପାଇଁ ଅନୁସନ୍ଧାନ ଚଳାଇଛି। ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଶଙ୍କରପୁର ଢେଙ୍କାନାଳ ରାସ୍ତାରେ ଯାଇଥିବା ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ ପରେ ଜାଣିଥିଲା। ପରେ ଟ୍ରକଟିକୁ ଢେଙ୍କାନାଳ ଜିଲ୍ଲା ସଦର ଥାନା ବଳଦିଆ ବନ୍ଧ ନିକଟରୁ ଜବତ କରାଯାଇଛି। ଆଠଗଡ଼ ଥାନାରେ ପୁଲିସ ଏକ ମାମଲା ରୁଜୁକରି ଟ୍ରକ୍‌କୁ ଜବତ କରିଥିବା ତଦନ୍ତକାରୀ ଅଧିକାରୀ ସବ୍ ଇନ୍ସପେକ୍ଟର ସସ୍ମୃତି ପଣ୍ଡା ସୂଚନା ଦେଇଛନ୍ତି।

## ବାଇକ୍ ମୁହାଁମୁହିଁ ଧକ୍କା; ୨ ମୃତ

**କାକିରିଗୁମ୍ମା,୩।୪(ସମିସ):** କାକିରିଗୁମ୍ମା ଥାନା ପଞ୍ଚଡ଼ା ନିକଟରେ ଦୁଇଟି ବାଇକ୍କ ମୁହାଁମୁହିଁ ଧକ୍କା ହୋଇଥିବାବେଳେ ଏଥିରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ଜଣେ ମୃତକ ଲକ୍ଷ୍ମୀପୁର ଥାନା ଚମ୍ପି ଗ୍ରାମର କୁମୁଦ ଜାନି (୧୯) ହୋଇଥିବାବେଳେ ଅନ୍ୟ ଜଣଙ୍କ ପରିଚୟ ଜଣାପଡ଼ିନାହିଁ। କୁମୁଦ ଜାନି ମୋଟର ସାଇକଲ ଯୋଗେ ପଡ଼ାଗଡ଼ ଆଡୁ କାକିରିଗୁମ୍ମା ଅଭିମୁଖେ ଆସୁଥିବାବେଳେ ପଞ୍ଚଡ଼ା ନିକଟରେ ସମ୍ମୁଖରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ଧକ୍କା ହୋଇଥିଲା। ମୋଟରସାଇକଲ ନମ୍ବରରୁ ସେମାନେ ରାୟଗଡ଼ା ଜିଲ୍ଲା ବିଷମକଟକ ଅଞ୍ଚଳର ବୋଲି ପୁଲିସ ସନ୍ଦେହ କରୁଛି।

# ୫ ଲୋକସଭା ଓ ୨୭ ବିଧାନସଭା କ୍ଷେତ୍ରରେ ବିଜେଡି ଯୋଦ୍ଧା

## ଲୋକସଭା ପ୍ରାର୍ଥୀ


ବ୍ରହ୍ମପୁର
ଭୃଗୁ ବକ୍ସିପାତ୍ର


ଭଦ୍ରକ
ମଞ୍ଜୁଲତା ମଣ୍ଡଳ


କେନ୍ଦୁଝର
ଧନୁର୍ଜୟ ସିଦ୍ଧୁ


ବରଗଡ଼
ପରିଣୀତା ମିଶ୍ର


ବଲାଙ୍ଗିର
ସୁରେନ୍ଦ୍ର ସିଂ ଭୋଇ

## ବିଧାନସଭା ଆସନ ଓ ପ୍ରାର୍ଥୀଙ୍କ ନାମ


ବ୍ରଜରାଜନଗର
ଅଳକା ମହାନ୍ତି


ଝାରସୁଗୁଡ଼ା
ଦୀପାଳି ଦାସ


ତଳସରା
ବିନୟ ଟପ୍ପୋ


ରାଜଗାଙ୍ଗପୁର
ଅନିଲ ବରୱା


ବଣାଇ
ଭୀମସେନ ଚୌଧୁରୀ


ଯଶୀପୁର
ଚକ୍ରଧର ହେମ୍ବ୍ରମ


ସୁନ୍ଦରଗଡ଼
ଯୋଗେଶ ସିଂହ


ବାରିପଦା
ସାନନ୍ଦ ମାରାଣ୍ଡି


ବଡ଼ସାହି
ଅନସୂୟା ପାତ୍ର


ମୋରଡ଼ା
ପ୍ରୀତିନନ୍ଦା କାନୁନଗୋ


ଉଦଳା
ଶ୍ରୀନାଥ ସୋରେନ


ଆଠମଲ୍ଲିକ
ନଳିନୀକାନ୍ତ ପ୍ରଧାନ


ବୀରମହାରାଜପୁର
ପଦ୍ମନାଭ ବେହେରା


ଖରିଆର
ଅଧିରାଜ ପାଣିଗ୍ରାହୀ


ସୋର
ମାଧବ ଧଡ଼ା


ମାହାଙ୍ଗା
ଅଙ୍କିତ ପ୍ରତାପ ଜେନା


ତିର୍ତ୍ତୋଲ
ରମାକାନ୍ତ ଭୋଇ


ଜଗତସିଂହପୁର
ପ୍ରଶାନ୍ତ ମୁଦୁଲି


ଫୁଲବାଣୀ
ଜୟଶ୍ରୀ କହଁର


ଭୁବନେଶ୍ୱର ଏକାମ୍ର
ଅଶୋକ ପଣ୍ଡା


ଖଲ୍ଲିକୋଟ
ସୂର୍ଯ୍ୟମଣି ବୈଦ୍ୟ


ଆସ୍କା
ମଞ୍ଜୁଳା ସ୍ୱାଇଁ


ଉତ୍ତର ଭୁବନେଶ୍ୱର
ସୁଶାନ୍ତ ରାଉତ


ପାରଳାଖେମୁଣ୍ଡି
ରୂପେଶ ପାଣିଗ୍ରାହୀ


ମୋହନା
ଅନ୍ତର୍ଯ୍ୟାମୀ ଗମାଙ୍ଗ


ପଟ୍ଟାଙ୍ଗୀ
ପ୍ରଫୁଲ୍ଲ ପାଙ୍ଗି


ବ୍ରହ୍ମପୁର
ରମେଶ ଚ୍ୟାଉ ପଟ୍ଟନାୟକ

# ଯାଜପୁର: ୬ ଆସନକୁ ନେଇ ବିଜେପିରେ ତେଜୁଛି କନ୍ଦଳ

**ଯାଜପୁର, ୩।୪(ସମିସ):** ଯାଜପୁର ଜିଲ୍ଲାର ୭ଟି ବିଧାନସଭା ଆସନ ମଧ୍ୟରୁ ୬ଟି ଆସନରେ ବିଜେପି ପ୍ରାର୍ଥୀ ଘୋଷଣା କରିଛି। ଯାଜପୁର, ବିଞ୍ଝାରପୁର, କୋରେଇ, ସୁକିନ୍ଦା, ଧର୍ମଶାଳା ଓ ବଡ଼ଚଣା ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇଥିବାବେଳେ କେବଳ ବରୀ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇନାହିଁ। ତେବେ ୬ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ପରେ ବିଜେପି ଦଳରେ ସୃଷ୍ଟି ହୋଇଛି ତୀବ୍ର ଅସନ୍ତୋଷ।

ଯାଜପୁର ବିଧାନସଭା ଆସନ ପାଇଁ ଦଳ ଗୌତମ ରାୟଙ୍କୁ ଦଳ ଟିକଟ ଦେଇଥିବାବେଳେ ଟିକଟ ଆଶାୟୀ ଯୁବ ନେତା ସଂଗ୍ରାମ ପାତ୍ର ଓ ପୁଲିନ ପ୍ରକାଶ ପୁହାଣଙ୍କ ବିରୋଧରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଗୌତମ ବାରମ୍ବାର ବିଜୁ ଜନତା ଦଳ ନିକଟରୁ ପରାଜୟବରଣ କରିବା ସତ୍ତ୍ୱେ ପୁଣି ତାଙ୍କ ଉପରେ ଦଳ ଆସ୍ଥା ସ୍ଥାପନ କରିବାକୁ ବିଜେପି କର୍ମୀ ସହଜେ ଗ୍ରହଣ କରିପାରୁନାହାନ୍ତି। ବିଜେପି ଯୁବ ମୋର୍ଚ୍ଚାର ସଂଗ୍ରାମ ପାତ୍ର ଓ କଂଗ୍ରେସରୁ ଯାଇ ବିଜେପିରେ ସାମିଲ ହୋଇଥିବା ପୁଲିନ ପ୍ରକାଶ ପୁହାଣ ଆଶାୟୀ ଥିଲେ। କୁହାଯାଉଛି ଦଳ ପକ୍ଷରୁ ଉଭୟଙ୍କୁ ଟିକଟ ଦେବା ପାଇଁ ଆଶ୍ୱାସନା ଦିଆଯାଇଥିଲା। ଶେଷ ମୁହୂର୍ତ୍ତରେ ଦଳ ଗୌତମଙ୍କୁ ଟିକଟ ଦେବାକୁ ନେଇ ବିବାଦ ଦେଖାଦେଇଛି। ତେଣୁ ଉଭୟ ପୁଲିନ ଓ ସଂଗ୍ରାମ ସ୍ୱାଧୀନ ପ୍ରାର୍ଥୀ ଭାବରେ ଅବତୀର୍ଣ୍ଣ ହେବେ ବୋଲି ଚର୍ଚ୍ଚା ହେଉଛି।

କୋରେଇରେ ମଧ୍ୟ ଅନୁରୂପ ସ୍ଥିତି। ବିଜେଡି ତ୍ୟାଗ କରି ବିଜେପିରେ ଯୋଗ ଦେଉଦେଉ ଆକାଶ ଦାସ ନାୟକଙ୍କୁ ଦଳ ପ୍ରାର୍ଥୀ କରିଛି। ପୂର୍ବ ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକ ଓ ଅନ୍ୟତମ ଯୁବ ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟତର କୁହାଯାଉଥିବା ଆଲେକଜାଣ୍ଡାର ଦାସ ଟିକଟରୁ ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇ କୋରେଇ ନିର୍ବାଚନ ମଣ୍ଡଳୀରେ ବିଦ୍ରୋହର ସୂତ୍ରପାତ ହୋଇଛି। ଗତକାଲି ବିଶ୍ୱଜିତ ଓ ତାଙ୍କ ସମର୍ଥକ ଦଳୀୟ କର୍ମକର୍ତ୍ତା ରାଜ୍ୟ ନେତୃବର୍ଗଙ୍କୁ ଭେଟି ଟିକଟ ଦେବା ପାଇଁ ଦାବି କରିଥିଲେ ମଧ୍ୟ ଏହାର କୌଣସି ଫଳ ମିଳି ନ ଥିବା ଜଣାପଡ଼ିଛି। ତେଣୁ ଆକାଶଙ୍କୁ ପାନେ ଦେବା ପାଇଁ ଉଭୟ ଆଲେକଜାଣ୍ଡାର ଓ ବିଶ୍ୱଜିତ୍ ଏକ ହୋଇ କାମ କରିବେ ବୋଲି ସାଧାରଣରେ ଆଲୋଚନା ହେଉଛି। ଦଳ ପକ୍ଷରୁ ଉଭୟଙ୍କୁ ଅଣଦେଖା କରାଯାଇଥିବାରୁ ଉଭୟ ବିଜେଡିରେ ଯୋଗ ଦେବେ କିମ୍ବା ସ୍ୱାଧୀନ ପ୍ରାର୍ଥୀ ହେବେ ତାହାକୁ ନେଇ ବିଚାର ବିମର୍ଷ ଚଳାଇଥିବା ସୂଚନା ମିଳିଛି।

ଧର୍ମଶାଳାରେ ସ୍ମୃତିରେଖା ପହିଙ୍କୁ ପ୍ରାର୍ଥୀ କରି ଅଡୁଆରେ ପଡ଼ିଛି ବିଜେପି। ଏହି ଆସନ ପାଇଁ ହିମାଂଶୁ ସାହୁଙ୍କ ନାଁ ସବୁଠାରୁ ଆଗରେ ଥିଲା। ଏହା ପଛକୁ ସର୍ବେଶ୍ୱର ବେହୁରାଙ୍କ ନାମ ରହିଥିଲା। ଏଠାରେ ସ୍ମୃତିରେଖା ପ୍ରାର୍ଥୀ ହେବା ପରେ ଦଳ ଭିତରେ ବିଦ୍ରୋହର ସ୍ୱର ଶୁଣିବାକୁ ମିଳିଛି। ହିମାଂଶୁ ଜଣେ ଯୁବ ନେତା ହିସାବରେ ଧର୍ମଶାଳାରେ ନିଜର ପରିଚୟ ସୃଷ୍ଟି କରିଥିବାବେଳେ ତାଙ୍କ ପିଠିରେ ଦଳ ଅବିଶ୍ୱାସର ଛୁରୀ ଭୂଷିଛି ବୋଲି ତାଙ୍କ ସମର୍ଥକ ମତ ରଖିଛନ୍ତି। ଅନ୍ୟତମ ଆଶାୟୀ ସର୍ବେଶ୍ୱର କୌଣସି ପରିସ୍ଥିତିରେ ସ୍ମୃତିରେଖାଙ୍କୁ ସମର୍ଥନ ଦେବେ ନାହିଁ ବୋଲି ଘୋଷଣା କରିଛନ୍ତି।

ସେହିପରି ବିଂଝାରପୁର ନିର୍ବାଚନ ମଣ୍ଡଳୀରେ ସାଂସଦ ପ୍ରାର୍ଥୀ ଅମୀୟ ମଲ୍ଲିକ ବିଧାୟକ ଟିକଟ ଲବିରେ ଥିଲେ। ତାଙ୍କୁ ଦଳ ଟିକଟରୁ ବଞ୍ଚିତ କରିଥିବାରୁ ତାଙ୍କ ପଦକ୍ଷେପ କ'ଣ ରହିବ ତାହା ସନ୍ଦେହରେ। ସେ ଦଳ ଛାଡି ଅନ୍ୟ ଦଳକୁ ଯିବେ ନା ସ୍ୱାଧୀନ ପ୍ରାର୍ଥୀ ହେବେ, ତାହା ଆଗାମୀ ଦିନରେ ସମୟ କହିବ। ଅନ୍ୟପକ୍ଷରେ ଏ ପର୍ଯ୍ୟନ୍ତ ବରୀ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନି ଦଳ। ନିକଟରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ବିଜେପିରେ ମିଶିଥିବାବେଳେ ଅନ୍ୟତମ ଆଶାୟୀ ଉମେଶ ଜେନା ମଧ୍ୟ ଟିକଟ ଆଶାରେ ଅଛନ୍ତି। ତେବେ ଉଭୟଙ୍କୁ ଟିକଟ ନ ଦେଇ ଅନ୍ୟ କୌଣସି ଜଣେ ମହିଳା ପ୍ରାର୍ଥୀଙ୍କୁ ଦଳ କୁଆଡେ ଟିକେଟ ଦେବ ବୋଲି ଚର୍ଚ୍ଚା ହେଉଛି। ତେବେ ଏହି ଚର୍ଚ୍ଚା ଯଦି ସତ୍ୟ ହୁଏ, ଉଭୟ ଉମେଶ ଓ ଦେବାଶିଷ ନିଜ ଦଳ ପାଇଁ ଆତ୍ମଘାତୀ ସାଜିବେ ବୋଲି ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି।

### ବଲାଙ୍ଗିରରେ ବଡ଼ ଲଢ଼େଇ

# ମୁହାଁମୁହିଁ ସିଂହ ଶାବକ; ସୁଯୋଗ ଅପେକ୍ଷାରେ ଗୋପାଳଜୀ

**ବଲାଙ୍ଗିର, ୩।୪(ସମିସ):** ବଲାଙ୍ଗିର ଜିଲ୍ଲାର ପାଞ୍ଚଟି ବିଧାନସଭା ନିର୍ବାଚନମଣ୍ଡଳୀରେ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସର ବିଭିନ୍ନ ଆସନରେ ଚିତ୍ର ସ୍ୱଷ୍ଟ ହୋଇସାରିଛି। ବିଶେଷ କରି ଜିଲ୍ଲାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆସନ ବଲାଙ୍ଗିର ସଦର ବିଧାନସଭା ଆସନରେ ବଡ଼ ମୁକାବିଲା ଦେଖିବାକୁ ମିଳିବା ଏକପ୍ରକାର ସ୍ୱଷ୍ଟ ହୋଇଛି। ଏହି ଆସନରେ





ବିଜେଡି, ବିଜେପି ଓ କଂଗ୍ରେସ ନିଜ ଦଳର ପ୍ରାର୍ଥୀ ଘୋଷଣା କରିସାରିଛନ୍ତି।

ଜିଲ୍ଲା ତଥା ରାଜ୍ୟ ରାଜନୀତିରେ ପ୍ରଭାବ ବିସ୍ତାର କରୁଥିବା ନିର୍ବାଚନମଣ୍ଡଳୀ ହେଉଛି ବଲାଙ୍ଗୀର ସଦର ବିଧାନସଭା ନିର୍ବାଚନମଣ୍ଡଳୀ। ଏହି ଆସନରେ ଗତ ଏକ ଦଶନ୍ଧି ଧରି କଂଗ୍ରେସରୁ ନରସିଂହ ମିଶ୍ର ବିଜୟୀ ହୋଇଆସୁଥିବାବେଳେ ସେ ଚଳିତ ନିର୍ବାଚନରେ ଆଉ ପ୍ରାର୍ଥୀ ହୋଇନାହାନ୍ତି। ଏହା ପୂର୍ବରୁ ଅନଙ୍ଗଉଦୟ ସିଂହଦେଓ ଲଗାତାର ଦୁଇ ଦଶନ୍ଧି ଧରି ବିଧାୟକ ଭାବେ ନିର୍ବାଚିତ ହୋଇଆସୁଥିଲେ। ତେବେ ବୟସ ବୃଦ୍ଧି ଯୋଗୁଁ ଉଭୟ ନେତା ଭୋଟ ରାଜନୀତିରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେବାପରେ ଏହି ଆସନରେ ନୂତନ ସମୀକରଣ ସୃଷ୍ଟି ହୋଇଛି। ଶ୍ରୀ ମିଶ୍ର ୨୦୧୪ ନିର୍ବାଚନରେ ଅନଙ୍ଗଉଦୟ ସିଂହଦେଓଙ୍କୁ ହରାଇଥିବାବେଳେ ୨୦୧୯ରେ ତାଙ୍କ ପୁଅ ଅର୍କେଶ ନାରାୟଣ ସିଂହଦେଓଙ୍କୁ ପରାଜିତ କରିଥିଲେ। ଚଳିତ ନିର୍ବାଚନରେ ଏହି ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ନରସିଂହ ମିଶ୍ରଙ୍କ ପୁଅ ସମରେନ୍ଦ୍ର ମିଶ୍ରଙ୍କ ନାମ କଂଗ୍ରେସ ଘୋଷଣା କରିଛି। ସେହିପରି ବିଜେଡିରୁ ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂହଦେଓ ଓ ବିଜେପିରୁ ଗୋପାଳଜୀ ପାଣିଗ୍ରାହୀ ପ୍ରାର୍ଥୀ ହୋଇଛନ୍ତି। ଏହି ତିନି ପ୍ରମୁଖ ଦଳ ନିଜ ପ୍ରାର୍ଥୀ ଚଳିତ ନିର୍ବାଚନରେ ପରିବର୍ତ୍ତନ କରିଥିବା ବେଳେ ଏହି ଆସନରୁ ବିଧାୟକ ଭାବେ ନୂଆ ଚେହେରା ହେବା ଏକ ପ୍ରକାର ନିଶ୍ଚିତ। କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ୨୦୧୯ ନିର୍ବାଚନରେ କଂଗ୍ରେସର ସାଂସଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ। ଏହା ପରେ ତାଙ୍କୁ ଦଳ ସାଙ୍ଗଠନିକ ଦାୟିତ୍ୱ ଦେବା ସହ ମୁଖପାତ୍ର ଭାବେ ମଧ୍ୟ ଦାୟିତ୍ୱ ଦେଇଥିଲା। ସେହପରି ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ ମଧ୍ୟ ଭୋଟ ରାଜନୀତିର ଜଣେ ଆଗୁଆ ଖେଳାଳି। ନିର୍ବାଚନମଣ୍ଡଳୀ ସଂଶୋଧନ ପୂର୍ବରୁ ସେ ସଇଁନ୍ତଳା ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ୨୦୦୯ ଓ ୨୦୧୪ ନିର୍ବାଚନରେ ଲୋକସଭା ନିର୍ବାଚନ ଲଢିଥିଲେ। ସେ ଲଗାତାର ଦୁଇ ଥର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଗୋପାଳଜୀ ପାଣିଗ୍ରାହୀ ପ୍ରଥମଥର ପାଇଁ ନିର୍ବାଚନ ଲଢୁଥିଲେ ମଧ୍ୟ ତୃଣମୂଳସ୍ତରରେ ତାଙ୍କର ଭଲ ସଂଗଠନ ରହିଛି। ଗତ ନିର୍ବାଚନ ପରେ ପୁଣି ବିଜେପି ସହ ରହି ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ବିଧାନସଭା ଆସନରେ ଭୋଟର ଏକ ଭଲ ଲଢ଼େଇ ଦେଖିବାକୁ ସ୍ୱାଭାବିକ ଅପେକ୍ଷା କରିଛନ୍ତି।

# ଦୁଇ ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ପରିବାରରୁ କାହାକୁ ମିଳିଲାନି ଟିକଟ

- ସାମ୍ନାକୁ ଆସି ଅସନ୍ତୋଷ ପ୍ରକାଶ କଲେ ପରିବାର ସଦସ୍ୟ
- ଗୋଟିଏ ପରିବାରରୁ ୪ ଜଣଙ୍କୁ ଟିକଟ ମିଳିବାକୁ ନାପସନ୍ଦ
- ବିଜୟ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦିଆଯାଇଛି: ପିସିସି ସଭାପତି

**ଭୁବନେଶ୍ୱର,୩।୪(ସମିସ):** ରାଜ୍ୟ କଂଗ୍ରେସର ପ୍ରଥମ ପର୍ଯ୍ୟାୟ ଟିକଟ ଘୋଷଣା ହୋଇଛି। ପ୍ରଥମ ପର୍ଯ୍ୟାୟରେ ୮ ଟି ଲୋକସଭା ଓ ୪୭ ଟି ବିଧାନସଭା ଆସନ ପାଇଁ ଦଳ ପ୍ରାର୍ଥୀ ଘୋଷଣା କରିଛି। ଦଳ ପକ୍ଷରୁ ଏହି ପ୍ରାର୍ଥୀ ଘୋଷଣା ହେବା ପରେ ଏହାକୁ ନେଇ ବିବାଦ ଆରମ୍ଭ ହୋଇଯାଇଛି। ଜଣଙ୍କ ପରେ ଜଣେ ନେତା କଂଗ୍ରେସର ଟିକଟ ବଣ୍ଟନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇବା ସହ କଂଗ୍ରେସକୁ ହରାଇବା ପାଇଁ ଏଭିଳି ଟିକଟ ଘୋଷଣା କରାଯାଇଛି ବୋଲି ଦଳର ନେତା କହିଛନ୍ତି। ଗୋଟିଏ ପରିବାରରୁ ଏକାଧିକ ବ୍ୟକ୍ତି ବିଶେଷଙ୍କୁ ଟିକଟ ମିଳିଥିବା ବେଳେ କଂଗ୍ରେସ ଦଳରୁ ଅତୀତରେ ମୁଖ୍ୟମନ୍ତ୍ରୀ ହୋଇଥିବା ଦୁଇ ବରିଷ୍ଠ ନେତା କିମ୍ବା ତାଙ୍କ ପରିବାରରୁ କାହାରିକୁ ଟିକଟ ନ ମିଳିବା ସମସ୍ତଙ୍କୁ ଚକିତ କରିଛି। ଯାହାକୁ ନେଇ ଦୁଇ ମୁଖ୍ୟମନ୍ତ୍ରୀଙ୍କ ପରିବାରରୁ କଂଗ୍ରେସ ଟିକଟ ବଣ୍ଟନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠିଛି।

ଏହି ପ୍ରାର୍ଥୀ ତାଲିକାରୁ ପୁରୁଖା ରାଜନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରୀଧର ଗମାଙ୍ଗଙ୍କ ପରିବାର ସଦସ୍ୟ ସମ୍ପୂର୍ଣ୍ଣ ବାଦ୍ ପଡ଼ିଛନ୍ତି। ପରିବାରର କାହାକୁ ବି ଦଳ ଟିକେଟ ଦେଇ ନ ଥିବାରୁ ଗିରିଧର ଗମାଙ୍ଗଙ୍କ ପୁଅ ତଥା କଂଗ୍ରେସରୁ ଟିକଟ ଆଶାୟୀ ଶିଶିର ଗମାଙ୍ଗ ଏହାକୁ ସହଜରେ ଗ୍ରହଣ କରି ପାରି ନାହାନ୍ତି। ଏପରିକି କଂଗ୍ରେସକୁ ହରାଇବା ନିମନ୍ତେ ଜାଣିଶୁଣି ଭିତିରିଆ ଡିଲ୍ ଚାଲିଥିବା ନେଇ ଶିଶିର ଗଣମାଧ୍ୟମ ଆଗରେ କହିଛନ୍ତି। ଶିଶିର ଗମାଙ୍ଗ କଂଗ୍ରେସର ନବରଙ୍ଗପୁର ଲୋକସଭା ଆସନ ପାଇଁ ଆଶାୟୀ ଥିଲେ। ହେଲେ କଂଗ୍ରେସର ପ୍ରାର୍ଥୀ ତାଲିକାରେ ଏହି ଆସନରୁ ତାଙ୍କୁ ବାଦ୍ ଦିଆଯିବା ପରେ ସେ ଆଶ୍ଚର୍ଯ୍ୟଚକିତ ହୋଇଛନ୍ତି ବୋଲି କହିଛନ୍ତି। ପରିବାରରୁ କାହାକୁ ଟିକେଟ ନ ମିଳିବା ତାଙ୍କୁ ଶକ୍ତ ଆଘାତ ଦେଇଛି ବୋଲି ଶିଶିର କହିଛନ୍ତି। ଏହାସହିତ ଗୋଟିଏ ପରିବାରରୁ ଜଣଙ୍କୁ ଟିକେଟ ମିଳିବ ବୋଲି ପିସିସି ସଭାପତି ଯେଉଁ ମନ୍ତବ୍ୟ ଦେଉଥିଲେ ତାହାର ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଥିବା ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି। ସେ କହିଛନ୍ତି ଆମ ପରିବାରର କାହାକୁ ବି ଟିକେଟ ମିଳିନି। ମାତ୍ର ଭୁଜବଳ ମାଝିଙ୍କ ପରିବାର ୪ ଜଣଙ୍କୁ ଟିକେଟ ମିଳିଛି। ତାଙ୍କୁ ନବରଙ୍ଗପୁର ଲୋକସଭା ଆସନ ଟିକେଟ ଦିଆଯାଇଥିବା ବେଳେ ତାଙ୍କ ଝିଅ, ଶଳା, ପୁତୁରାଙ୍କୁ ମଧ୍ୟ ଦଳ ଟିକଟ ଦେଇଛି। ଏହାଦେଖି ଆମେ ଖୁବ୍ ଗଭୀର ଧକ୍କା ପାଇଛୁ। ଏନେଇ ହାଇକମାଣ୍ଡ ଓ ଦଳର ପୁରୁଖା ନେତାଙ୍କ ସହ ଆଲୋଚନା କରିବୁ ଓ ଏହାପରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ସମାନ ଭାବେ ଶିଶିରଙ୍କ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ଅମିତି ବିଶ୍ୱାଳ ମଧ୍ୟ କଂଗ୍ରେସ ଟିକଟ ବଣ୍ଟନକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଅମିତା କହିଛନ୍ତି, ପ୍ରାର୍ଥୀ ତାଲିକାର ସର୍ଟଲିଷ୍ଟରେ ତାଙ୍କ ନାଁ ରହିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ କାହିଁକି ତାଙ୍କ ନାଁ କାଟିଦିଆଗଲା ତାହା ଜଣାନାହିଁ। ଦଳରେ ମହିଳାଙ୍କୁ ଅଣଦେଖା କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ୫୦ ପ୍ରତିଶତ ମହିଳାଙ୍କୁ ଟିକେଟ ଦିଆଯିବ ବୋଲି କୁହାଯାଇଯାଇଥିଲା, ତାହାବି ଦଳ ପାଳନ କଲାନି ବୋଲି ସେ କହିଛନ୍ତି। ଅନ୍ୟପଟେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଯେ ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ତ ଆସନ ପାଇଁ ଟିକଟ ଘୋଷଣା ହୋଇ ନାହିଁ। ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ହିଁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। କାହିରି ସୁପାରିସ କାମ କରିବ ନାହିଁ। ମିଥ୍ୟା ଅପପ୍ରଚାର ନ କରିବାକୁ ପିସିସି ସଭାପତି କହିଛନ୍ତି। ଓଡ଼ିଶା କଂଗ୍ରେସ ଦଳରେ ବର୍ତ୍ତମାନ ପର୍ଯ୍ୟନ୍ତ କେହି ମଧ୍ୟ ଟିକଟ ପାଇଁ କେହି ସୁପାରିସ୍ କରିନାହାନ୍ତି ବୋଲି ସେ କହିଛନ୍ତି। ୩ ଟି ପର୍ଯ୍ୟାୟରେ ଯାଞ୍ଚ କରାଯାଇ ଟିକଟ ଚୟନ ହେଉଛି ବୋଲି ସେ କହିଛନ୍ତି।






## ମହାକାଳପଡ଼ା ନିର୍ବାଚନମଣ୍ଡଳୀ

# ଅତନୁଙ୍କ ଗୋଟି ଚାଳନାରେ ପ୍ରଭାବଶାଳୀ ନିଷ୍ପ୍ରଭ!

**ମହାକାଳପଡ଼ା,୩।୪(ସମିସ):** ମହାକାଳପଡ଼ା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ନିଜର ପ୍ରଚାର ଆରମ୍ଭ କରିଦେଇଛନ୍ତି। ରବିବାର କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ବଳଦେବଜୀଉଙ୍କ ଦର୍ଶନ କରିବା ପରେ ସୋମବାର ମହାକାଳପଡ଼ାରେ ଉତ୍କଳ ଦିବସ ପାଳନ କରି ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ପ୍ରଚାରର ପ୍ରଥମ ସଫଳତା ଭାବେ ଦୁମୁକା ପଞ୍ଚାୟତର ବିଜେପି ସମର୍ଥିତ ସରପଞ୍ଚ ସାରଦା ପ୍ରସନ୍ନ ବେଉରା ବିଜେପି ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ରାଜନୈତିକ ଗୋଟିଚାଳନାରେ ମାହିର ବୋଲି ପୁଣି ଅତନୁ ନିଜକୁ ପ୍ରମାଣିତ କରିଛନ୍ତି। ୨୦୦୪ରେ ପାଟକୁରାରେ ପ୍ରଭାବଶାଳୀ ନେତା ବିଜୟ ମହାପାତ୍ରଙ୍କୁ ହରାଇ ନିଜର ଜୟଯାତ୍ରା ଆରମ୍ଭ କରିଥିଲେ। ୨୦୦୯ ନିର୍ବାଚନରେ ନିର୍ବାଚନମଣ୍ଡଳୀ ସଂଶୋଧନ ହେବାରୁ ପାଟକୁରା ଛାଡ଼ି ମହାକାଳପଡ଼ାରେ



ପ୍ରାର୍ଥୀ ହୋଇ କଂଗ୍ରେସ ପ୍ରାର୍ଥୀ ବଳରାମ ପରିଡ଼ାଙ୍କୁ ହରାଇ ବିଜୟ ହାସଲ କରିଥିଲେ। ଅତନୁ ୭୦, ୪୩୩ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ବଳରାମ ପରିଡ଼ା ୫୦, ୮୩୮ ଖଣ୍ଡ ଭୋଟ ପାଇଥିଲେ। ୨୦୧୪ରେ ପାଟକୁରା ଛାଡ଼ି ମହାକାଳପଡ଼ାରେ ଅତନୁଙ୍କୁ ହରାଇବା ସହଜ ଆଶା ରଖି ବିଜୟ ମହାପାତ୍ର ବିଜେପିରୁ ପ୍ରାର୍ଥୀ ହୋଇଥିଲେ। ସେହି ନିର୍ବାଚନରେ ଅତନୁ ୨୩ହାଜରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟ ମହାପାତ୍ରଙ୍କୁ ହରାଇଥିଲେ। ଅତନୁ ୮୦, ୦୫୦ ଭୋଟ ପାଇଥିବା ବେଳେ ବିଜୟଙ୍କୁ ୫୭,୮୦୪ ଖଣ୍ଡ ଭୋଟ ମିଳିଥିଲା।

୨୦୧୯ ମସିହାରେ ବିଜେପି ପ୍ରାର୍ଥୀ ବିଜୟ ପ୍ରଧାନଙ୍କୁ ହରାଇଥିଲେ। ସେହି ନିର୍ବାଚନରେ ଅତନୁ ୯୩ ହଜାର ୧୯୭ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ବିଜୟ ପ୍ରଧାନ ୭୭ହଜାର ୫୩୪ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସ ପ୍ରାର୍ଥୀ ବିଭ୍ରାଂଶୁ ଶେଖର ଲେଙ୍କା ୮ ହଜାର ୩୧୮ ଖଣ୍ଡ ଭୋଟ ପାଇଥିଲେ। ଚଳିତ ନିର୍ବାଚନରେ ବିଜେଡି ଓ ବିଜେପି ପ୍ରାର୍ଥୀ ଘୋଷଣା କରିଥିଲେ ମଧ୍ୟ ଏବେ ସୁଦ୍ଧା କଂଗ୍ରେସ ପ୍ରାର୍ଥୀ ଘୋଷଣା କରିନାହିଁ। ବିଜେପି ପକ୍ଷରୁ ଦୁର୍ଗାପ୍ରସନ୍ନ ନାୟକଙ୍କ ନାମ ଘୋଷଣା ହୋଇଛି। ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଲୋକନାଥ ମହାରଥୀ, ରାଜକିଶୋର ପ୍ରଧାନଙ୍କ ନାମ ଚର୍ଚ୍ଚାରେ ରହିଛି। ମହାକାଳପଡ଼ାର ବିଗତ ୩ଟି ନିର୍ବାଚନରେ ଅତନୁଙ୍କ ଭୋଟ ୧୦ ହଜାରରୁ ଅଧିକ ଲେଖାଏଁ ବୃଦ୍ଧି ପାଇ ଚାଲିଥିବା ବେଳେ ଚଳିତ ନିର୍ବାଚନରେ ବିଜେଡିର ଭୋଟ ଆହୁରି କୋଡ଼ିଏ ହଜାର ବୃଦ୍ଧି ପାଇବ ବୋଲି ଅତନୁଙ୍କ ସମର୍ଥକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଗୁଣୁପୁର ବିଧାନସଭା ନିର୍ବାଚନମଣ୍ଡଳୀ

# ବିଜେଡି-କଂଗ୍ରେସ ଲଢ଼େଇ, ବିଜେପି ଭାଡ଼ି ଖାଲି

**ଗୁଣୁପୁର,୩।୪(ସମିସ):** ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ଦଳର ଟିକେଟ୍ ବଣ୍ଟନ ହୋଇସାରିଛି। ଫଳରେ ବିଭିନ୍ନ ରାଜନୈତିକ ଦଳ ଖସଡ଼ା ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ପୂର୍ବରୁ ହୋଇଥିବା ନିର୍ବାଚନ ଅପେକ୍ଷା ଚଳିତବର୍ଷ ନିର୍ବାଚନ ସବୁଠୁ ରୋଚକପୂର୍ଣ୍ଣ ହେବ ବୋଲି ରାଜନୈତିକ ଚର୍ଚ୍ଚା ଚାଲିଛି।

ଗୁଣୁପୁର ନିର୍ବାଚନ ମଣ୍ଡଳୀରେ ବିଜେଡିକୁ ବାଦ୍ ଦେଲେ ସବୁଦଳ ନିର୍ବାଚନ ପାଇଁ ଏକପ୍ରକାର ଅପ୍ରସ୍ତୁତ ଥିବା ଜଣାପଡୁଛି। ବିଜେଡି ବିଧାୟକ ରଘୁନାଥ ଗମାଙ୍ଗଙ୍କ ପୂର୍ବ ପ୍ରସ୍ତୁତି ବେଶ ଭଲ ରହିଛି। ଅପରପକ୍ଷେ, ଗୁଣୁପୁର ପୌର ପରିଷଦ ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼ ବିଜେଡିରୁ ଦୂରେଇବା ପରେ ୨୦୧୯ ପରଠାରୁ ଚାରିବର୍ଷ ଧରି ଅନ୍ୟ କୌଣସି ଦଳକୁ ନଯାଇ ଏକ ସ୍ୱାଧୀନ ଗୋଷ୍ଠୀ ଗଠନ କରି ଗୋଟିଏ ପରେ ଗୋଟିଏ ନିର୍ବାଚନ ଲଢ଼ି ଜିତିବାରେ ସଫଳ ହୋଇପାରିଛନ୍ତି। ଏବେ ସବୁ ଦଳର ନଜର ତାଙ୍କ ଗତିବିଧି ଉପରେ ରହିଛି। ଏହି ଗୋଷ୍ଠୀ ବିଜେଡି ନେତା ଭାସ୍କର ରାଓ ଗୋଷ୍ଠୀ ସହ ଭଲ ସମ୍ପର୍କରେ ରହିଥିଲେ ମଧ୍ୟ ସୁଧୀର ଦାସ ଗୋଷ୍ଠୀ କଡ଼ାକଡ଼ି ଭାବେ ଗୌଡ଼ ଗୋଷ୍ଠୀକୁ ବିରୋଧ କରୁଛନ୍ତି। ରାଜ୍ୟ ବିଜେଡି ଭାସ୍କରଙ୍କୁ ଅଣଦେଖା କରିବା ପରେ ଗୌଡ଼ ଗୋଷ୍ଠୀ କିଛି ମାତ୍ରାରେ ନିରାଶ ହୋଇଛି। କଂଗ୍ରେସ ଟିକେଟ ଯୁବନେତା ସତ୍ୟଜିତ ଗମାଙ୍ଗ ପାଇବା ପରେ ଗୌଡ଼ଙ୍କ ସମର୍ଥକମାନେ ଉତ୍ସାହିତ ହୋଇଥିବା ଦେଖିବାକୁ ମିଳୁଛି। ସ୍ୱାଧୀନ ଗୋଷ୍ଠୀ ଯେଉଁ ଆଡ଼କୁ ଢଳିବେ, ସେହି ପ୍ରାର୍ଥୀଙ୍କ ଏହି ନିର୍ବାଚନ ମଣ୍ଡଳୀରେ ପଲା ଭାରି ରହିବ ବୋଲି କୁହାଯାଉଛି। ତେଣୁ ବିଜେଡି ଓ କଂଗ୍ରେସ ମଧ୍ୟରେ ଟକ୍କର





ହେବା ସମ୍ଭାବନା ରହିଛି। ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ପକେଟ୍ ଭୋଟ ରହିଆସିଛି। ଗତ ତିନି ଦଶନ୍ଧି ଧରି କଂଗ୍ରେସ ଏହି ନିର୍ବାଚନ ମଣ୍ଡଳୀରେ ୪୦ ପ୍ରତିଶତ ଭୋଟକୁ ନିଜ କବଜାରେ ରଖିଆସିଛି। ୨୦୦୦ରେ ମୋଟ ପୋଲିଂ ୮୪,୩୫୪ରୁ ବିଜେଡି-ବିଜେପି ମେଣ୍ଟ ପ୍ରାର୍ଥୀ ରାମମୂର୍ତ୍ତି ଗମାଙ୍ଗ ୫୧,୧୩୨ ଭୋଟ ପାଇ ବିଜୟୀ ହୋଇଥିବା ବେଳେ କଂଗ୍ରେସର ଭାଗୀରଥି ଗମାଙ୍ଗ ୨୧,୩୪୧ ଭୋଟ ପାଇଥିଲେ। ୨୦୦୪ରେ କଂଗ୍ରେସର ହେମାବତୀ ଗମାଙ୍ଗ ୪୧,୧୧ ଖଣ୍ଡ ଭୋଟପାଇ ବିଜୟୀ ହୋଇଥିବା ବେଳେ ମେଣ୍ଟପ୍ରାର୍ଥୀ ରାମମୂର୍ତ୍ତି ଗମାଙ୍ଗ ୨୧,୨୦୩ ଓ ବିଦ୍ରୋହୀ ପ୍ରାର୍ଥୀ ଭାବେ ଅଶ୍ୱିନୀ ଗମାଙ୍ଗ ୧୬,୭୪୮ ଖଣ୍ଡ ଭୋଟ ପାଇଥିଲେ। ୨୦୦୯ରେ ବିଜେଡିର ରାମମୂର୍ତ୍ତି ମୁତ୍ତିକା ୪୧,୬୮୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ କଂଗ୍ରେସର ଶିଶିର ଗମାଙ୍ଗଙ୍କ ସପକ୍ଷରେ ୨୨,୯୩୮ ଖଣ୍ଡ ଭୋଟ ପଡ଼ିଥିଲା। ୨୦୧୪ରେ ବିଜେଡିର ତ୍ରିନାଥ ଗମାଙ୍ଗ ୫୯,୫୨୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ ୫୨,୧୪୧ ଖଣ୍ଡ ଭୋଟ ପାଇଥିଲେ। ୨୦୧୯ରେ ମୋଟ ୧୪୩୮୨୮ ମତଦାନରୁ ବିଜେଡିର ରଘୁନାଥ ଗମାଙ୍ଗ ୪୮୮୩୯ ଖଣ୍ଡ ଭୋଟପାଇ ବିଜୟୀ ହୋଇଥିବା ବେଳେ କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ ୪୨୫୬୯ ଖଣ୍ଡ ଭୋଟ ପାଇଥିଲେ। ବିଦ୍ରୋହୀ ବିଜେଡି ଗୋଷ୍ଠୀର ତ୍ରିନାଥ ଗମାଙ୍ଗ ସ୍ୱାଧୀନ ପ୍ରାର୍ଥୀ ହୋଇ ୨୬୩୨୧ ଖଣ୍ଡ ଭୋଟ ପାଇଥିଲେ। ତେଣୁ କଂଗ୍ରେସ ସବୁବେଳେ ଏଠି ଭଲ ସ୍ଥିତିରେ ଥିଲେ ମଧ୍ୟ ଅଳ୍ପ ବ୍ୟବଧାନରେ ହାରଜିତ୍ ଲାଗି ରହିଥାଏ। ୨୦୧୯ରେ ସ୍ୱାଧୀନ ଭାବେ ତ୍ରିନାଥ ଗମାଙ୍ଗ ପାଇଥିବା ଭୋଟରୁ ସିଂହଭାଗ ଶିବ ଗୌଡ଼ଙ୍କର ବୋଲି କୁହାଯାଉଛି। ତେବେ ତ୍ରିନାଥ ଗମାଙ୍ଗ ଏବେ ବିଜେପିର ବିଧାୟକ ଟିକେଟ ପାଇ ଭିନ୍ନ ପରିସ୍ଥିତିର ସାମ୍ନା କରୁଛନ୍ତି। ବିଜେଡି ବିଧାୟକ ରଘୁନାଥ ଗମାଙ୍ଗ ଗତ ପାଞ୍ଚ ବର୍ଷରେ ଲୋକପ୍ରିୟତା ଓ ଜନସମ୍ପର୍କ ବଢ଼ାଇବା ସହ

### ଶିବ ଗୌଡ଼ଙ୍କ ଉପରେ ସମସ୍ତଙ୍କ ନଜର

ଦୁର୍ନୀତିର ଛିଟା ତାଙ୍କ ଦେହରେ ଲାଗିନାହିଁ। ଏହି ନିର୍ବାଚନ ମଣ୍ଡଳୀରେ ବିଜେପି ଅବସ୍ଥା କିନ୍ତୁ ଶୋଚନୀୟ ହୋଇପଡ଼ିଛି। ଗୁଣୁପୁରରେ ଖାଲି ଗୋଟିଏ ସାଇନ୍ ବୋର୍ଡ ପାର୍ଟି ଭଳି ରହିଛି। ୨୦୦୦ ମସିହାଠାରୁ କ୍ରମାଗତ ଭାବେ ଦଳର ଭୋଟ ଖସିଆସିଛି। ୨୦୦୦ରେ ମେଣ୍ଟ ପ୍ରାର୍ଥୀ ଭାବେ ବିଜେପି ପ୍ରାର୍ଥୀ ଏଠାରେ ୫୧,୧୩୨ ପାଇଥିବା ବେଳେ ୨୦୦୪ରେ ୨୧୨୦୩, ୨୦୦୯ରେ ୧୨୪୪୧, ୨୦୧୪ରେ ୧୫୫୯୬, ୨୦୧୯ରେ ୧୬୪୯୧ ଖଣ୍ଡ ଭୋଟ ପାଇ ତଳମୁହାଁ ହୋଇ ପଡିଛି। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ ଅନେକ ସ୍ଥାନରେ ପ୍ରାର୍ଥୀ ଦେଇପାରି ନଥିବା ବେଳେ ଫଳାଫଳ ମଧ୍ୟ ଶୂନ ହୋଇଥିଲା। କେଉଁଠି ବି ଖାତା ଖୋଲିପାରି ନଥିଲା। ତେଣୁ ବିଜେପିର ଏଠି ଏକପ୍ରକାର ଭାଡ଼ି ଖାଲି ହୋଇଯାଇଛି।

# ନିର୍ବାଚନ ପୂର୍ବରୁ ସମୀକରଣ ବିଗାଡ଼ନ୍ତି ସ୍ୱାଧୀନ ପ୍ରାର୍ଥୀ

**ବୌଦ୍ଧ/ଶଗଡ଼ା,୩।୪(ସମିସ):** ମାତ୍ର ଦୁଇଟି ବିଧାନସଭା କ୍ଷେତ୍ରକୁ ନେଇ ଗଠିତ ବୌଦ୍ଧ ଜିଲ୍ଲାର କଣ୍ଟାମାଳ ବିଧାନସଭା କ୍ଷେତ୍ର ୨୦୦୯ରେ ଗଠିତ ହୋଇଥିଲା। ରାଜନୈତିକ ଦୃଷ୍ଟିକୋଣରୁ ଏହି ଆସନଟି ବେଶ୍ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ। ପ୍ରତିଥର ଏଠାରେ ଘମାଘୋଟ ଲଢ଼େଇ ଦେଖିବାକୁ ମିଳିଥାଏ। କିନ୍ତୁ ଏହା ସତ୍ତ୍ୱେ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ୩ଟି ନିର୍ବାଚନରେ ଏଠାରେ ବିଜେଡି ବାଜିମାତ୍ କରିଆସିଛି।



୨୦୨୪ ଚିଠା ଭୋଟର୍ ତାଲିକା ଅନୁଯାୟୀ, ୩୬ ପଞ୍ଚାୟତର ପ୍ରାୟ ୧ଲକ୍ଷ ୬୬ ହଜାର ଭୋଟର୍‌ଙ୍କୁ ନେଇ ଗଠିତ ଏହି ବିଧାନସଭା ଆସନରେ ମତଦାନର ଅବ୍ୟବାହିତ ପୂର୍ବରୁ ଏକ ରୋଚକ ସ୍ଥିତି ଦେଖିବାକୁ ମିଳିଥାଏ। କିଛି ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନର ପୂର୍ବ-ମାହୋଲକୁ ହଠାତ୍ ବିଗାଡ଼ି ଦେଇଥା'ନ୍ତି। ଫଳରେ ବିଜୟ-ପରାଜୟର କାରଣ ସ୍ୱାଧୀନ ପ୍ରାର୍ଥୀଙ୍କ ଯୋଗୁଁ ଏପଟସେପଟ ହେଲା ବୋଲି ଫଳ ବାହାରିବା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଚର୍ଚ୍ଚାରେ ରହିଥାଏ। ୨୦୦୯ ମସିହାରେ ଏଠାରୁ ବିଜେଡି ପକ୍ଷରୁ ଭଗବାନ କଅଁର ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସ ଏଠାରେ କହ୍ନେଇ ଚରଣ ଡାଙ୍ଗଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲା। କିନ୍ତୁ ସେ ସମୟର ଟାଣୁଆ କଂଗ୍ରେସ ନେତା ହରିନାରାୟଣ ପ୍ରଧାନଙ୍କୁ ଦଳ ଟିକଟ ନ ଦେବାରୁ ସେ ସ୍ୱାଧୀନ ପ୍ରାର୍ଥୀ ହେବା ପାଇଁ ଅଣ୍ଟା ଭିଡ଼ିଥିଲେ। ସୌଭାଗ୍ୟକୁ ଉକ୍ତ ବର୍ଷ ରାଜ୍ୟରେ ବିଜେପି ମେଣ୍ଟରୁ ଓହରି ଦୁର୍ବଳ ଅବସ୍ଥାରେ ଥିବାରୁ ପ୍ରାର୍ଥୀ ଖୋଜିଖୋଜି ଶେଷରେ ହରିନାରାୟଣଙ୍କୁ ହିଁ ପ୍ରାର୍ଥୀ କରିଥିଲା। ଉକ୍ତ ନିର୍ବାଚନରେ ବିଜେଡିର ଭଗବାନ କଅଁର ବିଜୟୀ ହୋଇଥିଲେ। ଭଗବାନ ମୋଟ ୪୫,୯୭୯ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ୩୧, ୫୨୬ ଏବଂ ବିଜେପି ପ୍ରାର୍ଥୀ ୨୦, ୪୪୮ ଭୋଟ ପାଇଥିଲେ। ଭଗବାନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗଙ୍କଠାରୁ ୧୪, ୪୫୩ ଭୋଟ ବ୍ୟବଧାନରେ ବିଜୟ ହାସଲ କରିଥିଲେ।

ସେହିଭଳି ୨୦୧୪ରେ ବିଜେଡି ପ୍ରାର୍ଥୀ ଭାବେ ମହୀଧର ରଣା

### କଣ୍ଟାମାଳ ବିଧାନସଭା କ୍ଷେତ୍ର

ନିର୍ବାଚନ ଲଢ଼ି ୪୯,୨୦୨ ଭୋଟ ପାଇ ବିଜୟୀ ହୋଇଥିଲେ। ୨୦୦୯ରେ ବିଜେପିରୁ ଲଢ଼ିଥିବା ହରିନାରାୟଣ ପ୍ରଧାନ କଂଗ୍ରେସ ପ୍ରାର୍ଥୀ ହୋଇ ୨୩, ୮୩୬ ଭୋଟ ଏବଂ ବିଜେପି ପ୍ରାର୍ଥୀ ସୁଧାଂଶୁ ଡାଙ୍ଗ ମାତ୍ର ୯୩୩୬ ଭୋଟ୍ ପାଇଥିଲେ। ସେତେବେଳର କଂଗ୍ରେସ ଜିଲ୍ଲା ସଭାପତି ତଥା ୨୦୦୯ରେ କଂଗ୍ରେସ ଟିକଟରୁ ଲଢ଼ିଥିବା କହ୍ନେଇ ଚରଣ ଡାଙ୍ଗ କଂଗ୍ରେସ ଟିକଟରୁ ବାଦ୍ ପଡ଼ିଥିବାରୁ ସ୍ୱାଧୀନରେ ଲଢ଼ି ୨୩, ୬୮୮ ଭୋଟ ହାତେଇଥିଲେ। କହ୍ନେଇ ୩ ନମ୍ବର ସ୍ଥାନରେ ରହିଥିଲେ।

୨୦୦୯ ଓ ୨୦୧୪ ନିର୍ବାଚନ ପରି ୨୦୧୯ ନିର୍ବାଚନ ମଧ୍ୟ ବହୁ ରୋଚକ ହୋଇଥିଲା। ୨୦୧୪ର ସ୍ୱାଧୀନ ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗ ସେତେବେଳକୁ ବିଜେପିରେ ମିଶି ସାରିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ହରିନାରାୟଣ ପ୍ରଧାନ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ ସଙ୍ଗଠନରୁ ଏକ ପ୍ରକାର ଦୂରେଇ ଯାଇଥିଲେ। ୨୦୧୯ରେ ବିଜେଡି ପକ୍ଷରୁ ମହୀଧର ରଣା ପୁନର୍ବାର ପ୍ରାର୍ଥୀ ହୋଇଥିଲେ। ବିଜେପି କହ୍ନେଇ ଚରଣ ଡାଙ୍ଗଙ୍କୁ ପ୍ରାର୍ଥୀ କରିଥିବା ବେଳେ ୨୦୧୪ରେ ବିଜେପି ଟିକଟରୁ ଲଢ଼ିଥିବା ବୌଦ୍ଧ ଅଞ୍ଚଳର ନେତା ସୁଧାଂଶୁ ଡାଙ୍ଗ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। କିନ୍ତୁ ବିଜେଡି ପ୍ରାର୍ଥୀ ମହୀଧର ଦଳର ତୃଣମୂଳସ୍ତରର କର୍ମୀଙ୍କୁ ସାଥୀରେ ନେଇ ନିର୍ବାଚନ ବୈତରଣୀ ପାର୍ ହୋଇଥିଲେ। ମହୀଧର ମୋଟ ୪୩, ୦୯୯ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ବିଜେପି ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗ ୩୯, ୪୪୯ ଭୋଟ୍ ଏବଂ ସ୍ୱାଧୀନ ପ୍ରାର୍ଥୀ ଶେଷ କୁମାର ମେହେର ୨୮, ୩୭୦ ଭୋଟ ହାତେଇଥିଲେ। ବିଜେପିର ଅସନ୍ତୁଷ୍ଟ ତଥା ସ୍ୱାଧୀନ ପ୍ରାର୍ଥୀ ସୁଧାଂଶୁ ଡାଙ୍ଗ ୩୦୩୫ ଭୋଟ ଓ କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ସାହୁ ୧୩, ୧୬୬ ଭୋଟ୍ ପାଇଥିଲେ। ସମସ୍ତ ଜଟିଳତା ସତ୍ତ୍ୱେ ବିଜେଡି ପ୍ରାର୍ଥୀ ମହୀଧର ରଣା ୩୬୫୦ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ୨୦୨୪ ନିର୍ବାଚନକୁ ଆଉ ପ୍ରାୟ ଦେଢ଼ ମାସ ବାକି ଥିବା ବେଳେ ବିଜେଡି ପକ୍ଷରୁ ପୁଣି ମହୀଧରଙ୍କୁ ଟିକଟ ମିଳି ସାରିଛି। ବିଜେପି ଓ ବିଜେଡି ମଧ୍ୟରେ ଏଥରକ ଜୋରଦାର ଲଢ଼େଇ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ତେଣୁ ବିଜେପି କାହାକୁ ପ୍ରାର୍ଥୀ କରୁଛି, ତାକୁ ନେଇ ଅଞ୍ଚଳର କର୍ମୀ, ନେତା ତଥା ଜନସାଧାରଣଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି।

# ଫୋକସ୍‌ରେ କନ୍ଧମାଳ ଲୋକସଭା ଆସନ

**ଫୁଲବାଣୀ, ୩।୪(ସମିସ):** ୨୦୦୯ ସାଧାରଣ ନିର୍ବାଚନରେ ସୀମା ନିର୍ଦ୍ଧାରଣ ହେବା ପୂର୍ବରୁ କନ୍ଧମାଳ ଲୋକସଭା ନିର୍ବାଚନ ମଣ୍ଡଳୀ କନ୍ଧମାଳ ଜିଲ୍ଲାର ଫୁଲବାଣୀ, ଜି.ଉଦୟଗିରି, ବାଲିଗୁଡ଼ା, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ବୌଦ୍ଧ ଜିଲ୍ଲାର ବୌଦ୍ଧ ନିର୍ବାଚନମଣ୍ଡଳୀ, ସୋନପୁର ଜିଲ୍ଲାର ସୋନପୁର ଏବଂ ବିନକାକୁ ନେଇ ଗଠିତ ହୋଇଥଲା। ସୀମା ନିର୍ଦ୍ଧାରଣ ପରେ କନ୍ଧମାଳର ଫୁଲବାଣୀ, ଜି.ଉଦୟଗିରି, ବାଲିଗୁଡ଼ା, ନୟାଗଡ଼ର ଦଶପଲା, ବୌଦ୍ଧ ଜିଲ୍ଲାର ବୌଦ୍ଧ ଓ କଣ୍ଟାମାଳ,

### ୨୦୦୪ରୁ ବିଜେଡି ହାତରେ ଲୋକସଭା ଆସନ

ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ନିର୍ବାଚନମଣ୍ଡଳୀ ମିଶି କନ୍ଧମାଳ ଲୋକସଭା ନିର୍ବାଚନ ମଣ୍ଡଳୀ ପୁନଃଗଠିତ ହୋଇଥିଲା। ୨୦୦୯ ପୂର୍ବରୁ ଏହି ଲୋକସଭା ଆସନ ଅନୁସୂଚୀତ ଜାତିଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ୨୦୦୯ ପରଠାରୁ ଏହା ଅଣସଂରକ୍ଷିତ ରହିଛି। ୨୦୦୪ ସାଧାରଣ ନିର୍ବାଚନ ପରଠାରୁ ବିଜେଡି ଏହି ଆସନକୁ ନିଜ ଅକ୍ତିଆରରେ ରଖିଛି। ୨୦୦୪ରେ ବିଜେଡି ପ୍ରାର୍ଥୀ ସୁଗ୍ରୀବ ସିଂ, ୨୦୦୯ରେ ବିଜେଡିର ରୁଦ୍ରମାଧବ ରାୟ, ୨୦୧୪ରେ ବିଜେଡିର ହେମେନ୍ଦ୍ର ସିଂ ଏବଂ ତାଙ୍କ ଅକାଳ ମୃତ୍ୟୁ ପରେ ତାଙ୍କ ଧର୍ମପତ୍ନୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଉପନିର୍ବାଚନରେ ବହୁ ଭୋଟ ବ୍ୟବଧାନରେ ଜିତିଥିଲେ। ୨୦୦୯ ଫଳାଫଳ ଦେଖିଲେ, ବିଜେଡିରୁ ରୁଦ୍ରମାଧବ ରାୟ ୩ ଲକ୍ଷ ୧୫ହଜାର ୩୧୪ ଭୋଟ ହାତେଇଥିବା ବେଳେ କଂଗ୍ରେସରୁ ସୁଜିତ ପାଢ଼ି ୧ ଲକ୍ଷ ୬୪ ହଜାର ୩୦୭ଭୋଟ ପାଇଥିଲେ। ସେହିପରି ବିଜେପି ପ୍ରାର୍ଥୀ ଅଶୋକ କୁମାର ସାହୁ ପାଇଥିଲେ ୧, ୪୦, ୭୨୦ ଭୋଟ। ୨୦୧୪ରେ ବିଜେଡି ହେମେନ୍ଦ୍ର ସିଂ ୪ ଲକ୍ଷ ୨୧ ହଜାର ୪୫୮, କଂଗ୍ରେସରୁ ହରିହର କରଣ ୨ ଲକ୍ଷ ୪୦ ହଜାର ୪୪୧ ଓ ବିଜେପିର ସୁକାନ୍ତ ପାଣିଗ୍ରାହୀ ୧ ଲକ୍ଷ ୮ ହଜାର ୭୪୪ ଭୋଟ ପାଇଥିଲେ। ୨୦୧୪ ଉପନିର୍ବାଚନ ଫଳାଫଳ ଦେଖିଲେ ବିଜେଡିର ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ୪ ଲକ୍ଷ ୭୭ ହଜାର ୫୨୯, ବିଜେପିର ରୁଦ୍ରମାଧବ ରାୟ ୧ ଲକ୍ଷ ୭୮ହଜାର ୬୬୧ ଓ କଂଗ୍ରେସର ଅଭିମନ୍ୟୁ ବେହେରା ୯୦ ହଜାର ୫୩୬ ପାଇଥିଲେ। ୨୦୧୯ ନିର୍ବାଚନ ନଜର ପକାଇଲେ ଜଣାଯାଏ ଯେ, ବିଜେପି ପ୍ରାର୍ଥୀ ଐର ଖାରବେଳ ସ୍ୱାଇଁ ସମୁଦାୟ ୩ ଲକ୍ଷ ୧୨ ହଜାର ୪୬୩ ଭୋଟ ପାଇବାରେ ସକ୍ଷମ ହୋଇଥିଲେ। ବିଜେଡି ପ୍ରାର୍ଥୀ ଅଚ୍ୟୁତ ସାମନ୍ତ ପାଇଥିଲେ ୪ ଲକ୍ଷ ୬୧ ହଜାର ୬୭୮ ଓ କଂଗ୍ରେସ ପ୍ରାର୍ଥୀ ମନୋଜ ଆଚାର୍ଯ୍ୟ ପାଇଥିଲେ ୧, ୩୮, ୯୯୩ ଭୋଟ। ୨୦୦୪ ଠାରୁ ବର୍ତ୍ତମାନ ମଧ୍ୟରେ ୪ଟି ସାଧାରଣ ନିର୍ବାଚନରେ ବିଜେଡି ଏହି ଆସନକୁ ଅକ୍ତିଆର କରିବାରେ ସଫଳ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ସୁଶାସନ ହିଁ ଲୋକଙ୍କୁ ଆକୃଷ୍ଟ କରିପାରିଛି।

## ଗଞ୍ଜାମରେ ଖାଲିହେଉଛି ପଦ୍ମ ପୋଖରୀ

# ଜନବିରୋଧୀ ନେତାଙ୍କୁ ଆପଣାଇ ସଂକଟରେ ବିଜେପି

**ବ୍ରହ୍ମପୁର, ୩।୪(ସମିସ):** ଗଞ୍ଜାମ ଜିଲ୍ଲାରେ ପଦ୍ମ ପୋଖରୀ ଖାଲି ହେବାରେ ଲାଗିଛି। କାରଣ ଏଠାକାର ନେତାମାନେ ଏବେ ଦଳ ପରିତ୍ୟାଗ କରୁଛନ୍ତି। ଆଉ କିଛି ଅସନ୍ତୁଷ୍ଟ ଉଚିତ ସମୟରେ ଜବାବ ଦେବେ ବୋଲି ଅପେକ୍ଷାରେ ରହିଛନ୍ତି। ଏଭଳି ସ୍ଥିତିରେ ବିଜେପି ଶିବିର ସ୍ତବ୍ଧ ହୋଇଯାଇଛି। ଏହି ଧାରା ଜାରି ରହିଲେ, ପଦ୍ମ ପୋଖରୀ ଆସ୍ତେ ଆସ୍ତେ ଖାଲି ହୋଇଯିବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ବିଜେପି ରାଜ୍ୟ ଉପ-ସଭାପତି ଥିବା ତଥା ଗତ ନିର୍ବାଚନରେ ବ୍ରହ୍ମପୁର ଲୋକସଭାରେ ବିଜେପିର ପ୍ରାର୍ଥୀ ହୋଇଥିବା ଭୃଗୁ ବକ୍ସିପାତ୍ର ଏବେ ବିଜେପି ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଫଳରେ ବିଜେପି ଏକ ଦୃଢ଼ ସଂଗଠକଙ୍କୁ ହରାଇଛି। ଗତ ସାଧାରଣ ନିର୍ବାଚନରେ ଭୃଗୁ ବହ୍ମପୁର ଲୋକସଭାରେ ପ୍ରାର୍ଥୀ ହୋଇଥିଲେ। ଦଳର ସଂଗଠନ ବୃଦ୍ଧି କରିବାରେ ବିଶେଷ ଭୂମିକା ନିର୍ବାହ କରିଥିଲେ। ଏପରିକି ପାରଳାଖେମୁଣ୍ଡି, ଚିକିଟି, ଛତ୍ରପୁର, ଦିଗପହଣ୍ଡି, ବ୍ରହ୍ମପୁର ଆଦି ସ୍ଥାନରେ ସତ୍ତା ନଥିବା ବିଜେପିକୁ ଉଜ୍ଜୀବିତ କରିବା ପରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ। ଏପରିକି ପୌର ଓ ପଞ୍ଚାୟତ ନିର୍ବାଚନରେ ଦଳୀୟ କର୍ମୀଙ୍କ ଲାଗି ଭୋଟ ଭିକ୍ଷା କରିବା ସହ କିଛି ସ୍ଥାନରେ ବିଜେପି ପଦ୍ମ ଫୁଟାଇବାରେ ସକ୍ଷମ ହୋଇଥିଲା। ହେଲେ ଏଭଳି ଜଣେ ଦକ୍ଷ ସଂଗଠକଙ୍କ ପ୍ରତି ବିଜେପି ଅନ୍ୟାୟ କରିଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଚାକିରି ନାଁରେ ଲୋକଙ୍କୁ ଠକିଥିବା ପ୍ରଦୀପ ପାଣିଗ୍ରାହୀଙ୍କୁ ଲୋକସଭା ପ୍ରାର୍ଥୀ କରି ଗଞ୍ଜାମ ବିଜେପି ବେଶ ସଂକଟ ଦେଇ ଗତି କରୁଛି। ପ୍ରଦୀପ ପାଣିଗ୍ରାହୀ ବିଜେପିରେ ସାମିଲ ହେବା ପରଠାରୁ ଏହି ଦଳରେ ଗୋଷ୍ଠୀକନ୍ଦଳ ତୀବ୍ର ହେବାରେ ଲାଗିଛି। ଗୋଟିଏ ପଟେ ବିଜେପି ବିଭିନ୍ନ ବିଧାନସଭାରେ ଘୋଷଣା କରିଥିବା ପ୍ରାର୍ଥୀଙ୍କୁ ଲୋକେ ଗ୍ରହଣ କରିପାରୁ ନଥିବା ସ୍ଥଳେ ପୁରୁଖା ବିଜେପି ନେତାମାନେ ଦଳ ଛାଡ଼ିବା ଲାଗି ସଜବାଜ ହେଉଛନ୍ତି। ବକ୍ସିପାତ୍ରଙ୍କ ପରିବାର ପ୍ରତି ଦକ୍ଷିଣ ଓଡ଼ିଶାବାସୀଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଥିବା କୁହାଯାଉଛି। ସେ ଯାହା ହେଉ ନା କାହିଁକି, ଭୃଗୁଙ୍କ ଦଳ ପରିତ୍ୟାଗ ବିଜେପି ପାଇଁ କାଳ ହେବ ନିଶ୍ଚିତ। ଏପଟେ ଦକ୍ଷିଣ ଓଡ଼ିଶାରେ ବିଜେଡି ଆହୁରି ଶକ୍ତିଶାଳୀ ହେବ। ପ୍ରକାଶଯୋଗ୍ୟ ଯେ, ଗତକାଲି ଆସିକାର ପୂର୍ବତନ ବିଧାୟକ ତଥା ବିଜେପି ନେତା ଦେବରାଜ ମହାନ୍ତି ମଧ୍ୟ ଦଳ ପରିତ୍ୟାଗ କରିଥିଲେ। ତାଙ୍କ ଦ୍ୱାରା ଆସିକାରେ ବିଜେପି ନିଜର ସ୍ଥିତି ଜାହିର କରିପାରୁଥିଲା। ବର୍ତ୍ତମାନ ଏଠାରେ ମଧ୍ୟ ଦଳ ଲାଗି ଅଡୁଆ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ସେପଟେ ଟିକଟ ପାଇ ନଥିବା ଅନେକ ବିଜେପି ନେତା ବିଦ୍ରୋହୀ ହେବା ଲାଗି ପାଗ ଭିଡୁଥିବା ଚର୍ଚ୍ଚା ହେଉଛି।

# ପୁରୁଣାଙ୍କୁ ପୁଣିଥରେ ଭରସା କଲା ବିଜେପି

## ଝୁଲି ରହିଲା ବାଲିକୁଦା-ଏରସମା ଓ ଜଗତସିଂହପୁର ଆସନ

**ଜଗତସିଂହପୁର,୩।୪(ସମିସ):** ଜିଲ୍ଲାର ୪ଟି ବିଧାନସଭା ଆସନ ମଧ୍ୟରୁ ବିଜେପି କେବଳ ଦୁଇଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଘୋଷଣା କରିଥିବା ଦୁଇଟି ଆସନରେ ପୁଣିଥରେ ପୁରୁଣା ପ୍ରାର୍ଥୀଙ୍କ ଉପରେ ଦଳ ଭରସା କରିଛି। ତିର୍ତ୍ତୋଲ ବିଧାନସଭା ଆସନରେ ତିନିଥର ନିର୍ବାଚନ ଲଢିଥିବା ରାଜକିଶୋର ବେହେରାଙ୍କ ଉପରେ ଦଳ ପୁଣିଥରେ ଭରସା କରିଛି। ସେହିପରି ଗତ ୨୦୧୯ରେ ପାରାଦୀପ ବିଧାନସଭା ଆସନରେ ବିଜେପିରୁ ନିର୍ବାଚନ ଲଢିଥିବା ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ମଧ୍ୟ ବିଜେପି ପକ୍ଷରୁ ଚଳିତ ନିର୍ବାଚନରେ ପ୍ରାର୍ଥୀ କରାଯାଇଛି। ତେବେ ବାଲିକୁଦା-ଏରସମା ଆସନ ପାଇଁ ବିଜେପିର ବହୁ ଆଶାୟୀ ରହିଥିବାରୁ ସେଠାରେ ଦଳର ଅଙ୍କ ଛିଡୁ ନ ଥିବାରୁ ଏହାକୁ କିଛି ଦିନ ପାଇଁ ଝୁଲାଇ ରଖାଯାଇଛି। ଅନ୍ୟପକ୍ଷରେ ଜଗତସିଂହପୁର ଆସନ ପାଇଁ ଦଳର ଦକ୍ଷ ପ୍ରାର୍ଥୀ ନ ଥିବାରୁ ଦଳଡିଆଁଙ୍କ ଉପରେ ଶେଷ ମୁହୂର୍ତ୍ତରେ ଭରସା କରାଯାଇପାରେ ବୋଲି ଆଲୋଚନା ହେଉଛି।

ତିର୍ତ୍ତୋଲ ସଂରକ୍ଷିତ ବିଧାନସଭା ଆସନ ଗତ ୧୫ ବର୍ଷ ହେବ ବିଜେଡିର ଗଡ଼ ହୋଇ ରହିଛି। ତେବେ ଚଳିତ ନିର୍ବାଚନ ପାଇଁ ବିଜେପି ଦଳୀୟ ପ୍ରାର୍ଥୀ ରାଜକିଶୋର ବେହେରାଙ୍କୁ ପୁଣିଥରେ ଏଠାରୁ ଭରସା କରିଛି। ରାଜ କିଶୋର ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ କଂଗ୍ରେସରୁ ନିର୍ବାଚନ ଲଢିଥିବା ସମୟରେ ୨୦୨୦ ଉପନିର୍ବାଚନରେ କଂଗ୍ରେସ ଛାଡ଼ି ବିଜେପିରୁ ପ୍ରାର୍ଥୀ ହୋଇଥିଲେ। ୨୦୦୯ରେ ବିଜେଡି ପ୍ରାର୍ଥୀ ରବୀନ୍ଦ୍ର ଭୋଇ, ୨୦୧୪ରେ ବିଜେଡିର ଡଃ ରାଜଶ୍ରୀ ମଲ୍ଲିକ ଓ ୨୦୨୦ରେ ବିଜେଡିର ବିଜୟଶଙ୍କର ଦାସଙ୍କ ସହିତ ନିର୍ବାଚନ ଲଢ଼ି ରାଜକିଶୋର ଏଠାରୁ ପରାସ୍ତ ହୋଇଥିଲେ। ୨୦୦୯ରେ



ରାଜକିଶୋରଙ୍କୁ ୩୪ ପ୍ରତିଶତ, ୨୦୧୪ରେ ୩୩ ପ୍ରତିଶତ ଓ ୨୦୨୦ରେ ୨୭ ପ୍ରତିଶତ ଭୋଟ ମିଳିଥିଲା। ୨୦୨୦ ଉପନିର୍ବାଚନରେ ବିଜେଡିର ବିଜୟୀ ପ୍ରାର୍ଥୀ ବିଜୟଶଙ୍କରଙ୍କୁ ୮୮, ୩୧୦ ଖଣ୍ଡ ଭୋଟ ମିଳିଥିବା ସମୟରେ ବିଜେପି ପ୍ରାର୍ଥୀ ରାଜକିଶୋରଙ୍କୁ ୪୬, ୬୦୭ ଖଣ୍ଡ ଭୋଟ ମିଳିଥିଲା। ଏଠାରୁ ବିଜେପିର ଡ. ପ୍ରକାଶ ଦଲାଇ ଓ ସ୍ମିତା ପ୍ରଧାନ ଟିକଟ ଆଶାୟୀ ଥିବାବେଳେ ଦଳ ରାଜକିଶୋରଙ୍କୁ ପୁଣିଥରେ ସୁଯୋଗ ଦେଇଛି।

ସେହିପରି ବିଜେଡିର ଅନ୍ୟତମ ଗଡ଼ଥିବା ପାରାଦୀପ ବିଧାନସଭା ଆସନରୁ ବିଜେପି ପୁଣିଥରେ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ନାମ ଦଳୀୟ ପ୍ରାର୍ଥୀ ତାଲିକାରେ ସାମିଲ କରିଛି। ସମ୍ପଦ ୨୦୧୯ ସାଧାରଣ ନିର୍ବାଚନରେ ଏଠାରୁ ବିଜେପିର ପ୍ରାର୍ଥୀ



ଭାବେ ନିର୍ବାଚନ ଲଢ଼ି ତିନି ନମ୍ବର ସ୍ଥାନରେ ରହିଥିଲେ। ୨୦୧୯ ନିର୍ବାଚନରେ ବିଜେଡିର ବିଜୟୀ ପ୍ରାର୍ଥୀ ସମ୍ବିତ ରାଉତରାୟଙ୍କୁ ୬୯, ୮୭୧ ଖଣ୍ଡ ଭୋଟ ମିଳିଥିବା ସମୟରେ ସମ୍ପଦଙ୍କୁ ୩୫, ୦୩୭ ଖଣ୍ଡ ଭୋଟ ମିଳିଥିଲା। ଏହି ଆସନରୁ ବିଜେଡିକୁ ୪୪ ପ୍ରତିଶତ ଭୋଟ ମିଳିଥିବା ସମୟରେ ବିଜେପି ପ୍ରାର୍ଥୀ ସମ୍ପଦଙ୍କୁ ୨୨ ପ୍ରତିଶତ ଭୋଟ ମିଳିଥିଲା। ୨୦୧୯ରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଥିଲା।

ଅନ୍ୟପକ୍ଷରେ ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀରେ ବିଜେପି ଦଳର ଏକାଧିକ ଦାବିଦାର ରହିଛନ୍ତି। ଏଠାରୁ ସତ୍ୟ ସାରଥୀ ମହାନ୍ତି ଓ ସଞ୍ଜୟ ମହାନ୍ତି ବିଜେପିରୁ ବର୍ତ୍ତମାନ ଦଳୀୟ ଟିକେଟ ପାଇଁ ବଡ଼ ଦାବିଦାର ରହିଥିବା ସମୟରେ ଶିବବ୍ରତ ଦାସ ଓ ଶଶାଙ୍କଶେଖର ମଧ୍ୟ ଦଳୀୟ ଟିକେଟ ପାଇଁ ଲବିରେ ରହିଛନ୍ତି। ତେବେ ରାଜନୈତିକ ସମୀକରଣ ବଦଳୁଥିବାରୁ କିଛି ପ୍ରାର୍ଥୀ ଏଠାରୁ ଦଳବଦଳ କରିବାର ସମ୍ଭାବନା ରହିଛି। ବିଜେପି ପକ୍ଷରୁ ଏହି ସୁଯୋଗକୁ ଅପେକ୍ଷା କରାଯାଇଛି। ସେହିପରି ଜଗତସିଂହପୁର ବିଧାନସଭା ଆସନରେ ବିଜେପିର ସ୍ଥିତି ଓ ସଂଗଠନ ଦୁର୍ବଳ ରହିଛି। ୨୦୦୯ରେ ବିଜେପିକୁ ଏଠାରୁ ମାତ୍ର ୪, ୮୬୪ ଖଣ୍ଡ ଭୋଟ ମିଳିଥିଲା। ୨୦୧୪ରେ ବିଜେପିକୁ ୭, ୦୫୫ ଖଣ୍ଡ ଭୋଟ ମଳିଥିଲା। ତେବେ ୨୦୧୪ରେ ସ୍ୱାଧୀନ ପ୍ରାର୍ଥୀ ଥିବା ସତ୍ୟବ୍ରତ ମହାପାତ୍ରଙ୍କୁ ୮, ୮୪୪ ଖଣ୍ଡ ଭୋଟ ମିଳିଥିବା ସମୟରେ ୨୦୧୯ରେ ସେ ବିଜେପି ଟିକଟରେ ନିର୍ବାଚନ ଲଢି ତୃତୀୟ ସ୍ଥାନରେ ରହିଥିଲେ। ବିଜେଡିର ପ୍ରାଶନ୍ତ କୁମାର ମୁଦୁଲି ୭୦, ୧୧୬ ଖଣ୍ଡ ଭୋଟ ପାଇଥିବା ସମୟରେ ବିଜେପି ପ୍ରାର୍ଥୀ ସତ୍ୟବ୍ରତ ମହାପାତ୍ର ୨୮, ୬୩୯ ଖଣ୍ଡ ଭୋଟ ମିଳିଥିଲା। ଜଗତସିଂହପୁର ବିଧାନସଭା ଆସନ ପାଇଁ ରାଜନୈତିକ ସମୀକରଣ ବଦଳିବାର ସମ୍ଭାବନା ରହିଥିବାରୁ ବିଜେପି ଦଳ ପୁରୁଣା ବଦଳରେ ନୂଆ ପ୍ରାର୍ଥୀଙ୍କ ସନ୍ଧାନରେ ରହିଥିବା ଚର୍ଚ୍ଚା ହେଉଛି।

## ସରକାରୀ ନିୟମ ମାନୁନାହାନ୍ତି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା

# ଆଦାୟ କରୁଛନ୍ତି ଆବେଦନ ଫି’

**ଭୁବନେଶ୍ୱର, ୩।୪(ସମିସ):** ସରକାରୀ ଚାକିରି ଆବେଦନକାରୀଙ୍କ ପାଇଁ ଆବେଦନ ଫି’ ଛାଡ଼ କରିଛନ୍ତି ରାଜ୍ୟ ସରକାର। ନିଯୁକ୍ତି ପରୀକ୍ଷା ପାଇଁ କୌଣସି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା କୌଣସି ଆବେଦନ ଫି’ ନେବେନାହିଁ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ୨୦୨୨ ସମିହା ଏପ୍ରିଲ ୩ ତାରିଖରେ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ହେଲେ ସରକାରୀ ନିୟମକୁ ମାନୁନାହାନ୍ତି କିଛି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା। ଆବେଦନକାରୀଙ୍କ ନିକଟରୁ ପରୀକ୍ଷା ପାଇଁ ଆବେଦନ ଫି’ ନେଉଛନ୍ତି। ୨ଶହରୁ ଆରମ୍ଭ କରି ୨ହଜାର ପର୍ଯ୍ୟନ୍ତ ଆବେଦନ ଫି’ ନେଉଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି।

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ(ଓଏସ୍‌ଏସ୍‌ସି), ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍‌ଏସ୍‌ଏସ୍‌ସି) ପରି ରାଜ୍ୟର ଅନ୍ୟ ସମସ୍ତ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଆବେଦନ ଫି ନେବେନାହିଁ। ଓପିଏସ୍‌ସି, ଓଏସ୍‌ଏସ୍‌ସି, ଓଏସ୍‌ଏସ୍‌ଏସ୍‌ସି ସମେତ ନିକଟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା କରିଥିବା ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା), ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ ପରି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଏହାକୁ ପାଳନ ମଧ୍ୟ କରୁଛନ୍ତି। ହେଲେ ଏହି ନିର୍ଦ୍ଦେଶକୁ ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ପାଳନ କରୁନାହିଁ। ନିକଟରେ ପ୍ରକାଶ ପାଇଥିବା ଅଣଶିକ୍ଷକ ପଦରେ ଆବେଦନ ପାଇଁ ହଜାରେ ଟଙ୍କା ଆବେଦନ ଫି ରଖାଯାଇଥିଲା। ଆଶାୟୀମାନେ ଫି’ କୁ ନେଇ ଆପତ୍ତି ଉଠାଇବା ସହ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ଦାବି କରିବା ପରେ ୫ଶହ ଟଙ୍କାକୁ ହ୍ରାସ କରାଯାଇଛି। ସେହିପରି ଏସ୍‌ଏସ୍‌ବି ଅଧ୍ୟାପକ ପାଇଁ ଆବେଦନ ଫି’ ୨ଶହରୁ ୫ଶହ ଟଙ୍କା, ୪୮୮ ବର୍ଗ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପିଜିଟି ଶିକ୍ଷକ ନିଯୁକ୍ତି ପାଇଁ ସର୍ବାଧିକ ୫ଶହ ଟଙ୍କା ଆବେଦନ ଫି’ ନିଆଯାଉଛି। ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଜୁନିଅର ଆସିଷ୍ଟାଣ୍ଟ ପଦରେ ନିଯୁକ୍ତି ପାଇଁ ଏସ୍‌ଏସ୍‌ବି ପକ୍ଷରୁ ସର୍ବାଧିକ ହଜାରେ ଟଙ୍କା ନିଆଯାଉଛି। ଅନୁରୂପ ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ(ଓଏଭିଏସ୍) ପକ୍ଷରୁ ଅଧ୍ୟକ୍ଷ ଓ ଶିକ୍ଷକ ନିଯୁକ୍ତି ପାଇଁ ମଧ୍ୟ ଆବେଦନ ଫି ନିଆଯାଉଛି। ଅଧ୍ୟକ୍ଷ ପଦ ପାଇଁ ସର୍ବାଧିକ ୨ହଜାର ଟଙ୍କା ଆବେଦନ ଫି ଥିବାବେଳେ ଶିକ୍ଷକ ପଦ ପାଇଁ ସର୍ବାଧିକ ୧୨୫୦ ଟଙ୍କା ଆବେଦନ ଫି’ ରହିଛି।

- ୨ଶହରୁ ୨ହଜାର ଯାଏଁ ଆବେଦନ ଫି’
- ଓଏଭି, ଏସ୍‌ଏସ୍‌ବିରେ ସର୍ବାଧିକ
- ସମ୍ପୂର୍ଣ୍ଣ ଛାଡ଼ କରିବାକୁ ଆଶାୟୀଙ୍କ ଦାବି

କିଛି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଆବେଦନ ଫି’ ନେଉ ନ ଥିବାବେଳେ ଏସ୍‌ଏସ୍‌ବି, ଓଏଭିଏସ୍ ପରି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଆବେଦନ ଫି’ ଆଦାୟ କରୁଛନ୍ତି। ୨ଶହରୁ ଆରମ୍ଭ କରି ୨ ହଜାର ପର୍ଯ୍ୟନ୍ତ ଆବେଦନ ଫି’ ରହୁଥିବାରୁ ବହୁ ଆଶାୟୀ ପ୍ରାର୍ଥୀ ଆବେଦନ କରିପାରୁ ନାହାନ୍ତି। ରାଜ୍ୟର ଅନେକ ଗରିବ ମେଧାବୀ ଆଶାୟୀମାନେ ବହୁ କଷ୍ଟରେ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି। ଆର୍ଥିକ ଭାବେ ସ୍ୱବଲମ୍ବୀ ହୋଇନଥିବାରୁ ପରିବାର ଉପରେ ନିର୍ଭର କରୁଛନ୍ତି। ଏପରି ସ୍ଥିତିରେ ଅତ୍ୟଧିକ ଆବେଦନ ଫି’ ତାଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟୁଛି। ଏଣୁ ସରକାରଙ୍କ ନିୟମକୁ ସମସ୍ତ ପାଳନ କରି ନିଯୁକ୍ତି ପାଇଁ ଆବେଦନ ଫି’ ଛାଡ଼ କରିବାକୁ ବହୁ ଚାକିରି ଆଶାୟୀ ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଦାବି କରିଛନ୍ତି।

## ଭାରତ ଛାଡ଼ିଲେ ରାଜୀବ ଗାନ୍ଧୀ ହତ୍ୟାକାଣ୍ଡରେ ଦୋଷୀ ସାବ୍ୟସ୍ତ ୩ ଅଭିଯୁକ୍ତ

**ନୂଆଦିଲ୍ଲୀ,୩।୪(ଏଜେନ୍ସି):** ରାଜୀବ ଗାନ୍ଧୀ ହତ୍ୟାକାଣ୍ଡରେ ଦୋଷୀ ସାବ୍ୟସ୍ତ ହୋଇଥିବା ୩ ପୂର୍ବ ଅଭିଯୁକ୍ତଙ୍କୁ ଭାରତ ସରକାରଙ୍କ ଅନୁମତିକ୍ରମେ ବୁଧବାର ଶ୍ରୀଲଙ୍କା ପଠାଇ ଦିଆଯାଇଛି। ଜୟ କୁମାର,



ରବର୍ଟ ଏବଂ ମୁରୁଗାନଙ୍କୁ ଭାରତ ସରକାରଙ୍କ ପକ୍ଷରୁ ପାସପୋର୍ଟ ଦିଆଯିବା ପରେ ସେମାନଙ୍କ ଗସ୍ତକୁ ନେଇ ଶ୍ରୀଲଙ୍କା ସରକାରଙ୍କ ଅନୁମତି ଲୋଡାଯାଇଥିଲା। ତେବେ ସେଠାକାର ସରକାରଙ୍କ ପକ୍ଷରୁ ସବୁଜ ସଙ୍କେତ ମିଳିବା ପରେ ଏହି ତିନି ବ୍ୟକ୍ତି ବୁଧବାର ଚେନ୍ନାଇ ବିମାନ ବନ୍ଦରରୁ ଶ୍ରୀଲଙ୍କା ଯାଇଛନ୍ତି। ଏହି ସମସ୍ତ ଅଭିଯୁକ୍ତ ତିରୁଚିସ୍ଥିତ ତାମିଲ ଶରଣାର୍ଥୀ ଶିବିରରେ ରହୁଥିଲେ। ଉଲ୍ଲେଖଯୋଗ୍ୟ ଯେ, ମୁରୁଗାନ ଏବଂ ତାଙ୍କ ପତ୍ନୀ ନଳିନୀ ଏହି ହତ୍ୟାକାଣ୍ଡରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଯାଇଥିଲେ। କିନ୍ତୁ ୨୦୨୨ ନଭେମ୍ବରରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଉଭୟଙ୍କୁ ଜେଲରୁ ମୁକ୍ତି ମିଳିଥିଲା।

## ହାତୀର ଗଳିତ ଶବ ଉଦ୍ଧାର

**ଅନୁଗୋଳ, ୩।୪(ସମିସ):** ଅନୁଗୋଳ ବନାଞ୍ଚଳ ଅନ୍ତର୍ଗତ ପୁରୁଣାଗଡ଼ ସେକ୍ସନରେ ଏକ ମାଈହାତୀର ଗଳିତ ଶବ ଠାବ କରାଯାଇଛି। ଖବର ପାଇ ବନ ବିଭାଗର ଅଧିକାରୀଙ୍କ ସମେତ ଜେଟିଏଫ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଅନୁଗୋଳ ବନାଞ୍ଚଳ ଅନ୍ତର୍ଗତ ପୁରୁଣାଗଡ଼ ସେକ୍ସନ ପୁରୁଣାଗଡ଼ ଉତ୍ତର ବିଟ୍ ନିକଟ କଳାପାଟ ଠାକୁରାଣୀଙ୍କ ପୀଠ ନିକଟରୁ ଏହି ହାତୀର ଗଳିତ ଶବ ଉଦ୍ଧାର ହୋଇଛି। ହାତୀଟି ପ୍ରାୟ ୨ ମାସରୁ ଅଧିକ ସମୟ ଧରିମରିପଡ଼ିଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ହାତୀର କଙ୍କାଳ ସହ ଚମଡ଼ା ପଡିଛି। ଘଟଣାସ୍ଥଳରେ ଅନୁଗୋଳ ବନାଞ୍ଚଳ ଅଧିକାରୀ ହରମୋହନ ନାୟକ, ବନଖଣ୍ଡ ଅଧିକାରୀ ନୀତିଶ କୁମାରଙ୍କ ସମେତ ଅଧିକ ତଦନ୍ତ ପାଇଁ ରାଜ୍ୟସ୍ତରୀୟ ଜେଟିଏଫ୍ ଦଳ ପହଞ୍ଚିଛନ୍ତି। ସାତକୋଶିଆ ପ୍ରାଣୀ ଡାକ୍ତରଙ୍କ ସମେତ ଅନୁଗୋଳ ଓ ବନ୍ତଲା ପ୍ରାଣୀ ଡାକ୍ତର ପହଞ୍ଚି ଶବ ବ୍ୟବଚ୍ଛେଦ କରିବା ପରେ କଙ୍କାଳକୁ ଉକ୍ତ ସ୍ଥାନରେ ପୋତିଦେଇଛନ୍ତି। ପ୍ରାଥମିକ ତଦନ୍ତରୁ ମାଈ ହାତୀଟିର ବୟସ ୨୨ ବର୍ଷ ହେବ ବୋଲି ଜଣାପଡ଼ିଥିବା ବେଳେ ରୋଗରେ ପଡ଼ି ମରିଥିବା ବନ ବିଭାଗ ସନ୍ଦେହ କହିଛି।

● ଓରେରା ବିପକ୍ଷ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଖାରଜ

## ଆବେଦନକାରୀଙ୍କୁ ୨ହଜାର ଟଙ୍କା ଜୋରିମାନା

**କଟକ,୩।୪(ସମିସ):** ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓରେରା) ବିପକ୍ଷରେ ରୁଜୁ ହୋଇଥିବା ଏକ ଜନସ୍ୱାର୍ଥ ମାମଲାକୁ ଖାରଜ କରିଦେବା ସହ ଓଡ଼ିଶା ହାଇକୋର୍ଟ ଆବେଦନକାରୀଙ୍କୁ ୨ ହଜାର ଟଙ୍କା ଜୋରିମାନା କରିଛନ୍ତି। ବିମଳେନ୍ଦୁ ପ୍ରଧାନଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହା ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ନୁହେଁ; ବରଂ ବ୍ୟକ୍ତିଗତ ସ୍ୱାର୍ଥ ମାମଲା ବୋଲି କହି ଆସନ୍ତା ଏକ ମାସ ମଧ୍ୟରେ ହାଇକୋର୍ଟ ଲିଗାଲ୍ ସର୍ଭିସ କମିଟିରେ ଜୋରିମାନା ଅର୍ଥ ରାଶି ଜମା କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରେ ଆଦେବଦକାରୀ ଦର୍ଶାଇଥିଲେ ଯେ ଓରେରା ନିଜ ନିର୍ଦ୍ଦେଶକୁ ନିଜେ କାର୍ଯ୍ୟକାରୀ କରିପାରୁ ନ ଥିବା ବେଳେ ଏହି ସମସ୍ତ ମାମଲାରେ ଆବେଦନକାରୀଙ୍କୁ ପୁଣି ସିଭିଲ କୋର୍ଟକୁ ଯିବାକୁ ପଡୁଛି। ନିଜ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ଓରେରା ଆଇନର ରୁଲ୍ ୨୬ ଅନୁସାରେ କ୍ଷମତା ରହିଥିଲେ ମଧ୍ୟ ମାମଲାକୁ ସିଭିଲ କୋର୍ଟକୁ ପଠାଇ ଦିଆଯାଉଛି। ଫଳରେ ଗୃହ କ୍ରେତା ପକ୍ଷ କ୍ଷତିପୂରଣ ଓ ଦଖଲ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆବେଦନକାରୀଙ୍କ ନିଜ ମାମଲାରେ ଓରେରା ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିଲା। ଅନ୍ୟପଟରେ ୨୦୧୭ରୁ ଗଠନ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିଜର ଗୋଟିଏ ମଧ୍ୟ ନିର୍ଦ୍ଦେଶ କାର୍ଯ୍ୟକାରୀ କରିପାରିନାହିଁ ବୋଲି ଆବେଦନକାରୀ ସୂଚନା ଅଧିକାର ଆଇନ ବଳରେ ପାଇଥିବା ତଥ୍ୟକୁ ଆଧାର କରି ଉକ୍ତ ମାମଲା ରୁଜୁ କରିଥିଲେ। ମୋଟ ୧୨୮ଟି ମାମଲାକୁ ଓରେରା ପକ୍ଷରୁ ଓପିଡିଆର କର୍ତ୍ତୃପକ୍ଷ ତଥା ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କୁ ପଠାଯାଇଛି। ମୋଟ ୧୫୩ଟି ରିକଭରି ଅଫ ମନି ମାମଲାରେ ୧୯ କୋଟି୮ ୭ଲକ୍ଷ୬ହଜାର୫୦୦ଟଙ୍କା ଜରିମାନା ଧାର୍ଯ୍ୟ ହୋଇଥିଲେ ମଧ୍ୟ ମାତ୍ର ୪୦ଲକ୍ଷ ୪ହଜାର ଟଙ୍କା ଅର୍ଥ ରିକଭରି ହୋଇପାରିଥିବା ନେଇ ଓରେରା ପକ୍ଷରୁ ମଧ୍ୟ ପୂର୍ବରୁ ସତ୍ୟପାଠ ଦିଆଯାଇଥିଲା।

● ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ବୟାନରେ ଦୁଷ୍କର୍ମ ପୀଡ଼ିତାଙ୍କ ପରିଚୟ ଗୋପନ ରଖିବା ବାଧ୍ୟତାମୂଳକ

**କଟକ, ୩।୪(ସମିସ):** ଯେ କୌଣସି ଯୌନ ଉତ୍ପୀଡ଼ନ ପୀଡ଼ିତାଙ୍କ ନାମ ବା ପରିଚୟକୁ ତାଙ୍କର ବୟାନ ରେକର୍ଡରେ ନିମ୍ନ ଅଦାଲତ ଉଲ୍ଲେଖ କରିବା ଉଚିତ ନୁହେଁ। ଏହା ନିମ୍ନ ଅଦାଲତ ପାଇଁ ବାଧ୍ୟତାମୂଳକ। ଆଇପିସିର ଧାରା ୨୨୮ଏ ଓ ପୋକ୍ସୋ ଆଇନର ଧାରା ୩୩(୭) ଅନୁସାରେ ଏହି ପ୍ରତିବନ୍ଧକ ରହିଛି ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏପରିକି ପୀଡିତାଙ୍କ ଦସ୍ତଖତକୁ ବୟାନ ରେକର୍ଡପତ୍ରରେ ଉଲ୍ଲେଖ ନକରି ଏହାକୁ ସ୍ୱତନ୍ତ୍ର ତଥା ପୃଥକପତ୍ରରେ ମୁଦା ଲଫାଫାରେ ରଖାଯିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି। ଏହିସବୁ ଆଇନଗତ ପ୍ରତିବନ୍ଧକ ସତ୍ତ୍ୱେ ନିମ୍ନ ଅଦାଲତଙ୍କ ଦ୍ୱାରା ବୟାନ ରେକର୍ଡରେ ଜଣେ ଦୁଷ୍କର୍ମ ପୀଡିତାଙ୍କ ନାମକୁ ଉଲ୍ଲେଖ କରିବା ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସନ୍ତୋଷ କୁମାର ମୁଣ୍ଡା ଓ ଧନୁରାମ କେରେଇଙ୍କ ପକ୍ଷରୁ ଦାୟର ଏକ ଜେଲ୍ କ୍ରିମିନାଲ ଅପିଲର ଶୁଣାଣି କରି ବିଚାରପତି ଜଷ୍ଟିସ ସଂଗମ କୁମାର ସାହୁ ଏପରି ରାୟ ପ୍ରକାଶ କରିବା ସହ ଆବେଦନକୁ ଖାରଜ କରିଛନ୍ତି। ପୂର୍ବରୁ ବହୁବାର ଏଭଳି ମାମଲାରେ ରହିଥିବା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାରୁ ପ୍ରକାଶ ଯେ କେନ୍ଦୁଝର ସଦର ଥାନାଞ୍ଚଳର ଜଣେ ୧୬ ବର୍ଷିଆ ନାବାଳିକାକୁ ଉଭୟ ଆବେଦନକାରୀ ଗଣଦୁଷ୍କର୍ମ କରିଥିବା ନେଇ ପୀଡିତାଙ୍କ ମା’ ଥାନାରେ ଗତ ୨୦୧୭ ମାର୍ଚ୍ଚ୨୦ରେ ଏକ ଏତଲା ଦେଇଥିଲେ। ଏହି ମାମଲାରେ ଉଭୟ ଅଭିଯୁକ୍ତ ଗିରଫ ହୋଇଥିଲେ। କେନ୍ଦୁଝର ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଉଭୟ ଅଭିଯୁକ୍ତଙ୍କୁ ୨୦୨୧ ଜାନୁଆରୀ୧୩ରେ ୨୦ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ। ଏହା ବିରୋଧରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ନିମ୍ନ ଅଦାଲତଙ୍କ ବୟାନ ରେକର୍ଡ ଦସ୍ତାବିଜରେ ପୀଡିତାଙ୍କ ନାମ ଉଲ୍ଲେଖ ଥିବାରୁ ହାଇକୋର୍ଟ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

## ନିର୍ବାଚନ ପୂର୍ବରୁ ମାଓ ଗତିବିଧି ଉପରେ ଲାଗିଲା ଲଗାମ୍

# ମାଓଗଡ଼ରୁ ବିପୁଳ ବିସ୍ଫୋରକ ଜବତ

**ମାଲକାନଗିରି,୩।୪(ସମିସ):** ମାଓ ଦମନ କ୍ଷେତ୍ରରେ ପୁଲିସ ପକ୍ଷରୁ କଡା ପଦକ୍ଷେପ ନିଆଯାଉଥିବା ବେଳେ ମାଲକାନଗିରି ଜିଲ୍ଲା ପୁଲିସକୁ ମିଳିଛି ଏକ ବଡ ସଫଳତା। ନିର୍ବାଚନ ପୂର୍ବରୁ ମାଓବାଦୀମାନେ ଲୁଚାଇ ରଖିଥିବା ବିପୁଳ ବିସ୍ଫୋରକ ସାମଗ୍ରୀ ଓ ଗୋଳା ବାରୁଦକୁ ଠାବ କରି ମାଓଗଡ଼କୁ ଶକ୍ତ ଝଟକା ଦେଇଛି ପୁଲିସ ବାହିନୀ । ଏନେଇ ମାଲକାନଗିରି ଏସପି ନିତେଶ ୱାଧୱାନି ବୁଧବାର ଏକ ପ୍ରେସ ବିବୃତ୍ତି ଜାରି କରିଛନ୍ତି।



ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲାର କାଲିମେଲା ଥାନା ଅନ୍ତର୍ଗତ ଆନ୍ଧ୍ର-ଓଡିଶା ସୀମାନ୍ତ ଦୟାଲତୁଙ୍ଗ ଗାଁ ନିକଟ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ସହ ବିସ୍ଫୋରକ ସାମଗ୍ରୀ ଲୁଚାଇ ରଖାଯାଇଥିବା ନେଇ ଗୁଇନ୍ଦା ସୂତ୍ରରୁ ପୁଲିସ ଖବର ପାଇଥିଲା। ଏହାପରେ ଏସପି ଶ୍ରୀ ୱାଧୱାନିଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ଡିଭିଏଫ ବାହିନୀ, ପୁଲିସ ଓ ଗୁଇନ୍ଦା ପୁଲିସ ବିଭାଗର କର୍ମଚାରୀମାନେ ମିଳିତ ରୂପେ ସମ୍ପୃକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ଦୟାଲତୁଙ୍ଗ ଗ୍ରାମ ନିକଟ ଜଙ୍ଗଲ ମଧ୍ୟରେ ଖୋଜାଖୋଜି କରୁଥିବା ସମୟରେ ମାଓବାଦୀଙ୍କ ଦ୍ୱାରା ମାଟି ତଳେ ଲୁଚାଇ ରଖାଯାଇଥିବା ଏକ ଡମ୍ପକୁ ଠାବ କରିଥିଲେ। ସେଥିରୁ ବିପୁଳ ପରିମାଣର ଆଇଡି, ବିସ୍ଫୋରକ ସାମଗ୍ରୀକୁ ଯବାନମାନେ ଜବତ କରିଥିଲେ। ଜବତ ସାମଗ୍ରୀ ମଧ୍ୟରୁ ୧୯୦ଟି ଇଲକ୍ଟ୍ରିକ ଜିଲେଟିନ ଷ୍ଟିକ, ୨୦କେଜି ଓଜନର ଗୋଟିଏ ଆଇଡି ବୋମା, ୭କେଜି ଓଜନର ୫ଟି ଆଇଡି ବୋମା, ୫, ୪ ଓ ୨କେଜି ଓଜନର ଗୋଟିଏ ଲେଖାଏଁ ଆଇଡି ବୋମା, ୩କେଜି ଓଜନର ୩ଟି ଆଇଡି ବୋମା ସହ କିଛି ମାଓ ସାମଗ୍ରୀ ଜବତ ହୋଇଥିଲା। ସେହି ଜଙ୍ଗଲରେ ବର୍ତ୍ତମାନ ମଧ୍ୟ ପୁଲିସ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି। ଚଳିତ ନିର୍ବାଚନ ସମୟରେ ମାଓବାଦୀମାନେ କୌଣସି ଏକ ବଡ଼ଧରଣର ହିଂସାକାଣ୍ଡ ଓ ବିସ୍ଫୋରଣ ଘଟଣା ଘଟାଇବା ପାଇଁ ଏହି ବିସ୍ଫୋରକଗୁଡିକ ଲୁଚାଇ ରଖିଥିବା ଅନୁମାନ କରାଯାଉଛି। ଏବେ ବି ବିଭିନ୍ନ ମାଓ ଉପଦ୍ରବ ଅଞ୍ଚଳରେ ତଲାସୀ ଅଭିଯାନକୁ ଆହୁରି ଜୋରଦାର କରାଯାଇଥିବା ଜଣାପଡିଛି।

## ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ ଜେଲ୍

**ସମ୍ବଲପୁର, ୩।୪(ସମିସ):** ସମ୍ବଲପୁର ଜିଲ୍ଲା କତରବଗା ଥାନା ଅଞ୍ଚଳର ବହୁଚର୍ଚ୍ଚିତ ନାବାଳିକା ଦୁଷ୍କର୍ମ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ସମ୍ବଲପୁର ସ୍ୱତନ୍ତ୍ର ପକ୍ସୋ କୋର୍ଟରେ ଶୁଣାଣି ହୋଇଥିଲା। ବିଚାରପତି ରୋହିତଲାଲ ପଣ୍ଡା ଏହି ଘଟଣାରେ ୧୨ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ନିତ୍ୟାନନ୍ଦ ମହାନନ୍ଦକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୧ବର୍ଷ କାରାଦଣ୍ଡ ପାଇଁ ରାୟରେ ଉଲ୍ଲେଖ ରହିଛି। ପ୍ରକାଶଥାଉକି ୨୦୨୦ ମସିହା ଏପ୍ରିଲ ୨୬ ତାରିଖରେ କତରବଗା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ବାପା-ମାଆ କାମ କରିବାକୁ ନିକଟସ୍ଥ ଏକ କମ୍ପାନୀକୁ ଯାଇଥିବା ବେଳେ ତାଙ୍କ ଭାଇ ଓ ଅଜା ମଧ୍ୟ ଏକ ସାପ୍ତାହିକ ବଜାରକୁ ଯାଇଥିଲେ। ନାବାଳିକା ଦିବ୍ୟାଙ୍ଗ ହୋଇଥିବାରୁ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ସେହି ଅଞ୍ଚଳର ନିତ୍ୟାନନ୍ଦ ଘରକୁ ଯାଇ ନାବାଳିକାକୁ ଦୁଷ୍କର୍ମ କରିଥିଲା। ପୀଡ଼ିତାଙ୍କ ପରିବାର ଘରକୁ ଫେରିବା ପରେ ସେ ଘଟଣା ସମ୍ପର୍କରେ କହିଥିଲେ। ନାବାଳିକଙ୍କ ବାପା ଏ ନେଇ କତରବଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କତରବଗା ଆଇଆଇସି ଘଟଣା ଅନୁଧ୍ୟାନ କରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲୋ। ସରକାରୀ ଓକିଲ ବସନ୍ତ କୁମାର ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ।

### ହାଇସ୍କୁଲ ଛାତ୍ରୀ ମୃତ୍ୟୁ ମାମଲାର ଚୂଡ଼ାନ୍ତ ରାୟ

## ପ୍ରଧାନଶିକ୍ଷକଙ୍କୁ ୧୦ ବର୍ଷ ଜେଲ୍

**ସୁନ୍ଦରଗଡ଼, ୩।୪(ସମିସ):** ଲେଫ୍ରିପଡ଼ା ବ୍ଲକ ପଟୁଆଡିହି ପଞ୍ଚାୟତ ହାଇସ୍କୁଲରର ଦଶମ ଶ୍ରେଣୀ ଛାତ୍ରୀ ଅପର୍ଣ୍ଣା ପାଣ୍ଡେ (୧୫) ମୃତ୍ୟୁ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲା ଜଜ ତଥା ପୋକ୍ସୋ ଆଇନ ଅଦାଲତର ସ୍ୱତନ୍ତ୍ର ବିଚାରପତି ମହେନ୍ଦ୍ର ସୂତ୍ରଧର ମାମଲାର ବିଚାର କରି ଅଭିଯୁକ୍ତ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ପଟେଲଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ଓ ୭୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୭ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କ ପରିବାରକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ୧୦ ଲକ୍ଷ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**୭୦ ହଜାର ଟଙ୍କା ଜରିମାନା**
**ପୀଡ଼ିତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ**

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୨ ଏପ୍ରିଲ ୧ ତାରିଖ ଅପରାହ୍ନ ପ୍ରାୟ ୧ଟାରେ ମେଧାବୀ ଛାତ୍ରୀ ଅପର୍ଣ୍ଣାଙ୍କୁ ହଷ୍ଟେଲ ଛାତ ତଳେ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନା ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ମୃତ ଛାତ୍ରୀଙ୍କ ବାପା ପ୍ରଦୀପ ପାଣ୍ଡେ ପ୍ରଧାନଶିକ୍ଷକ ପଟେଲଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣି ଲେଫ୍ରିପଡ଼ା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ପୁଲିସ ପ୍ରଧାନଶିକ୍ଷକଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କୋର୍ଟ ଏହି ମାମଲାର ବିଚାର କରି ପୀଡ଼ିତା ଛାତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ପ୍ରଧାନଶିକ୍ଷକ ପଟେଲଙ୍କୁ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

# ଆଇଆଇଟିରେ ସଫଳତା ପାଇଥିବା ପ୍ରକାଶଙ୍କ ପାଠପଢ଼ା ପାଇଁ ମିଳିଲା ସରକାରୀ ସହାୟତା

**ମାଥିଲି,୩।୪(ସମିସ):** ନିଜର ଇଚ୍ଛା ଶକ୍ତି ଥିଲେ ସଫଳତାର ଶୀର୍ଷରେ ପହଞ୍ଚି ପାରିବ। ଏହାର ଉଦାହରଣ ହେଉଛନ୍ତି ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଦଳପତିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଦୁରାଗୁଡ଼ା ଗ୍ରାମର ପ୍ରକାଶ କୁମାର ବିଶୋଇ। ପ୍ରକାଶ ତାଙ୍କ ଜୀବନରେ ବହୁ ସଂଘର୍ଷ ପରେ ଅର୍ଥ ଅଭାବ ଯୋଗୁଁ ୟୁଟ୍ୟୁବରୁ ଶିକ୍ଷା ଗ୍ରହଣ କରି ଆଇଆଇଟି ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୩ ହଜାର ରାଙ୍କ ରଖି ସଫଳତା ପାଇଥିବାବେଳେ ତାଙ୍କୁ ଆଗକୁ ପଢ଼ିବା ପାଇଁ ସରକାରୀ ସହାୟତାର ଆବଶ୍ୟକ ଥିଲା। ଏହି ଖବର ‘ସକାଳ’ ଦୈନିକ ଖବରକାଗଜରେ ଗତ ମାର୍ଚ୍ଚ ୩୦ ତାରିଖରେ ପ୍ରକାଶ ପାଇବା ପରେ ବୁଧବାର ମାଥିଲି ବିଡିଓ ଡ. ହିମାଞ୍ଚଳ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ମାଥିଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣାଙ୍କୁ ପଠାଇ ପ୍ରକାଶ କୁମାର ବିଶୋଇଙ୍କୁ ମାଥିଲି ବ୍ଲକ୍ କାର୍ଯ୍ୟାଳୟକୁ ନିମନ୍ତ୍ରଣ କରାଇ ବିଡିଓ ଶ୍ରୀ ମାଝୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହାପରେ ମାଲକାନଗିରି ଜିଲ୍ଲାପାଳ ସଚିନ ପାୱାର ମଧ୍ୟ ପ୍ରକାଶଙ୍କୁ କାର୍ଯ୍ୟାଳୟକୁ ନିମନ୍ତ୍ରଣ କରାଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ଆଇଆଇଟି ନାମଲେଖା ସମୟରେ ଜିଲ୍ଲାପାଳଙ୍କ ପକ୍ଷରୁ ୩୦ ହଜାର ଆର୍ଥିକ ସହାୟତା ଯୋଗାଇ ଦିଆଯିବା ସହ ଆଗକୁ ପାଠ ପଢ଼ିବା ପାଇଁ ସରକାରଙ୍କ ନିୟମ ଅନୁଯାୟୀ, ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ ପାୱାର ପ୍ରକାଶଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ପ୍ରକାଶ ସୂଚନା ଦେଇଛନ୍ତି। ଏହି ସଫଳତା ପାଇବା ପରେ ପ୍ରକାଶଙ୍କୁ ନିଜର ଶିକ୍ଷକଶିକ୍ଷୟିତ୍ରୀ, ସାଙ୍ଗସାଥି ଓ ଗ୍ରାମବାସୀ ଶୁଭେଚ୍ଛା ଜଣାଇଛନ୍ତି।




‘ସକାଳ’ ପ୍ରଭାବ

### ସହରରେ ଚାଲିଛି ସୁଇମିଂପୁଲ୍ ନିର୍ମାଣ କାମ

# ସନ୍ତରଣ ଅଭ୍ୟାସ ସହ ମିଳିବ କୋଚିଂ ସୁବିଧା

**ବାଲେଶ୍ୱର, ୩।୪ (ସମିସ):** ସହରସ୍ଥିତ ଆଇଟିଆଇ ଛକ ନିକଟ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର୍ ଷ୍ଟାଡ଼ିୟମ ନିକଟରେ ‘ସେମି ଓଲମ୍ପିକ୍ ଲେବଲ୍ ସୁଇମିଂ ପୁଲ୍’ ନିର୍ମାଣ କାର୍ଯ୍ୟ ଚାଲିଛି। ଗତ ୪/୫ ମାସ ହେବ ଏହି ସୁଇମିଂ ପୁଲ୍ କାମ ଆରମ୍ଭ ହୋଇଛି। ୪୫ ଡେସିମିଲ ଜାଗାରେ ନିର୍ମାଣ ହେଉଥିବା ଏହି କାମକୁ ଓବିସିସି କରୁଛି। ଆଗାମୀ ୪/୫ ମାସ ଭିତରେ ଏହାର ନିର୍ମାଣ କାମ ଶେଷ ହୋଇ ଜିଲ୍ଲା କ୍ରୀଡା ବିଭାଗକୁ ହସ୍ତାନ୍ତର ହେବ ବୋଲି ସୂଚନା ମିଳିଛି।



ସନ୍ତରଣ(ସୁଇମିଂ)ରେ ବି ବାଲେଶ୍ୱରରେ ଅନେକ ଯୁବଗୋଷ୍ଠୀ କ୍ୟାରିୟର କରିବାକୁ ଚାହାନ୍ତି। ଦିନକୁ ଦିନ ସନ୍ତରଣ ପ୍ରତି ଯୁବଗୋଷ୍ଠୀଙ୍କ ଆଗ୍ରହ ବଢୁଥିଲେ ବି ସରକାରୀ ସ୍ତରରେ ବାଲେଶ୍ୱରରେ ଗୋଟିଏ ବି ସୁଇମିଂ ପୁଲ୍ ହୋଇପାରିନଥିଲା। ଫଳରେ କ୍ରୀଡାବିତ ମାନେ ଅଭ୍ୟାସ ପାଇଁ ଘରୋଇ ବ୍ୟବସ୍ଥା ଉପରେ ନିର୍ଭର କରୁଥିଲେ ନ ହେଲେ ପୋଖରୀକୁ ଭରସା କରୁଥିଲେ। ବାଲେଶ୍ୱର ଜିଲ୍ଲାରେ ଅନେକ ସୁଇମିଂ କ୍ରୀଡାବିତ ଅଛନ୍ତି। ହେଲେ ପହଁରା ସୁବିଧା ନ ଥିବାରୁ ସେମାନଙ୍କ ଉତ୍ସାହରେ ଭଟ୍ଟା ପଡୁଥିଲା। କାରଣ ବାଲେଶ୍ୱରରେ ନା ସୁଇମିଂ ପୁଲ୍ ଅଛି ନା କୋଚ୍ ଅଛନ୍ତି। ଏଭଳି ପରିସ୍ଥିତିରେ ଯେଉଁମାନେ ସନ୍ତରଣ ପାଇଁ ଆଗ୍ରହ ପ୍ରକାଶ କରନ୍ତି ସେମାନଙ୍କ ପ୍ରଶିକ୍ଷଣ ପାଇଁ ଅନ୍ୟ ଜିଲ୍ଲାକୁ ପଠାଇ ଦିଆଯାଏ। ଏମିତିକି ଯେଉଁମାନେ ସନ୍ତରଣରେ କ୍ୟାରିୟର କରିବାକୁ ଚାହାନ୍ତି ସେମାନଙ୍କୁ କ୍ରୀଡା ବିଭାଗ ଚୟନ କରି ସିଧାସଳଖ ରାଜ୍ୟସ୍ତରକୁ ପଠାଇ ଦିଅନ୍ତି। ଜିଲ୍ଲା କି ବ୍ଲକ ସ୍ତରରେ କିଛି ବି ପ୍ରତିଯୋଗିତା ହୁଏନାହିଁ। ଆବଶ୍ୟକ ପଡ଼ିଲେ ମଡର୍ଣ୍ଣ ପବ୍ଲିକ ସ୍କୁଲ ନହେଲେ ବାଲେଶ୍ୱର କ୍ଲବରେ ଥିବା ସୁଇମିଂପୁଲ୍‌ରେ ପିଲାମାନେ ଅଭ୍ୟାସ କରନ୍ତି। ତେବେ ସରକାରଙ୍କ ତରଫରୁ ବହୁ ବର୍ଷ ପୂର୍ବରୁ ବାଲେଶ୍ୱରରେ ସୁଇମିଂପୁଲ୍ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା। ହେଲେ ଜାଗା ଚିହ୍ନଟ ହୋଇପାରୁନଥିଲା। ତେବେ ଦୀର୍ଘ ବର୍ଷ ପରେ ବାଲେଶ୍ୱରରେ ସୁଇମିଂ ପୁଲ୍ ନିର୍ମାଣ ପାଇଁ ଜାଗା ଚିହ୍ନଟ ହେବା ସହ କାମ ଆରମ୍ଭ ହୋଇଯାଇଛି। ଫଳରେ ଆଉ ବାଲେଶ୍ୱରର ଯୁବଗୋଷ୍ଠୀଙ୍କୁ ନିରାଶ ହେବାକୁ ପଡ଼ିବ ନାହିଁ। ଏହି ସୁଇମିଂ ପୁଲ୍ କ୍ରୀଡାବିତ ସହ ଅନ୍ୟ ସାଧାରଣ ଲୋକ ମଧ୍ୟ ବ୍ୟବହାର କରିପାରିବେ। ଏଥିପାଇଁ ଅନଲାଇନ୍ ମାଧ୍ୟମରେ ଆବେଦନ କରି ସ୍ଲଟ ବୁକ୍ କରିପାରିବେ। ବାଲେଶ୍ୱର ଏକ ନଦୀ ତଥା ବନ୍ୟା ଅଞ୍ଚଳ ହୋଇଥିବାରୁ ସମସ୍ତେ ପହଁରା ଶିଖିବା ଦରକାର। ଆଗାମୀ ଦିନରେ ଏଠାରେ କୋଚିଂ ଦିଆଯିବ।

### ଛାତ୍ରଙ୍କ କୃତିତ୍ୱ



ମୟୂରଭଞ୍ଜ ଜିଲ୍ଲା, ବଡ଼ସାହି ବ୍ଲକ ପ୍ରତାପପୁର ସାନନୂଆଗାଁ ଗ୍ରାମର ସୁମିତ କୁମାର ବେହେରାଙ୍କ ପୁଅ ସଚିନ, ନବୋଦୟ ସ୍କୁଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୃତିତ୍ୱ ହାସଲ କରିଛନ୍ତି । ସେ ବୀରେଶ୍ୱରପୁର ପଞ୍ଚାୟତର ଶିରିଡିସାଇ ଇଂରାଜୀ ମାଧ୍ୟମ ସ୍କୁଲରୁ ୫ମଶ୍ରେଣୀ ପାସ କରିଛନ୍ତି । ନବୋଦୟ ସ୍କୁଲର ଷଷ୍ଠ ଶ୍ରେଣୀରେ ଅଧ୍ୟୟନ ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବାରୁ ପିତା-ମାତା ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।


### ଅଳମତି ବିସ୍ତରେଣ
(ପଠନ ପାଠନ ମୁହୂର୍ତ୍ତରୁ ଦୃଷ୍ଟି ଡୋଳି ଦେଖ ନିଜ ହାତେ ନିଜ ଭାଗ୍ୟ ଡୋରୀ)


୧- ମାତୃପିତୃ ଋଣ ଅପରିଶୋଧେନ ପାପମା, ମୁଖାଗ୍ନି ବଞ୍ଚିତଂ ପରିଣାମୋତି।
୨- ଅଭକ୍ଷ ଗ୍ରହଣ ଦୋଷ ଦହ୍ୟତେ ଦେହମ୍, ରୋଗ ଭୋଗ୍ୟମ୍ କୁମ୍ଭୀପାକ ନର୍କଂ।
୩- ଧର୍ମ ଧାସେ ଗ୍ଲାନି ଧର୍ମ ସୌଦାଗରଃ, ଶଠ୍ୟତେ ଅନ୍ୟମ୍ କାଳସୂତ୍ର ଦଣ୍ଡମ୍।
୪- ସତ୍‌ପଥିଙ୍କ କଣ୍ଟକ ଯଃ ବିସ୍ଫୁଟଃ, ଆତତାୟୀ ସମା ଶୂକରମୁଖଂ ଜନ୍ମନି।
୫- ଶତଂ ସମାହାର କୃପଣ କ୍ଷମତାନ୍ଧଃ, ପରଜନ୍ମନି ବିଷଧର ଜୀବନଂ।
୬- ମହତ ଜନସ୍ୟ ଛିଦ୍ରାନୁଷ୍ୱେଣ ଷଡଯନ୍ତ୍ରଃ ଶୃଳଃ, ଆତ୍ମଙ୍କ କ୍ଷତିକାରକଃ।
୭- ପରଧନ ଲୋଭାତ୍ ଚୌର୍ଯ୍ୟ କଳିକଲ୍କଷେତି, କାରବାସ ଜନ୍ତୁନାଂ ଜନ୍ମନି।
୮- ଈର୍ଷା ଅସୂୟା କର୍କଟ ଗୁଣା ଏବ, ଅକର୍ମାଜସ୍ୟଃ ରୌରବ ଦଣ୍ଡ ପ୍ରାପ୍ୟମ୍।
୯- ଦୁର୍ନୀତି ଭ୍ରଷ୍ଟାଚାରୀ ଧନେ ଧନିକଃ, ଅସ୍ଥିପତ୍ର ଯକ୍ଷେବ ଯଥା ପରଜନ୍ମମ୍।
୧୦- ପରନିନ୍ଦା ପରଚର୍ଚ୍ଚା ଅନ୍ତର୍ମଳ ମନାଃ, ଆତ୍ମହତ୍ୟା ଦୋଷେ ଅବଯାନମ୍।
୧୧- ଭୋଗ ବିଭୋର ଅର୍ଥାର୍ଥୀ ଅସଦା ଚରିତେ, ଅନ୍ଧକୂପେ ବନ୍ଦୀ କୁକର୍ମ ରତେ।
୧୨- ଅବଦାନ ଶୂନ୍ୟ ସଂଗଚ୍ଛଧ୍ୱଂ ଅହଂକାରଃ, ଅରଣ୍ୟ ରୋଦନ ଛାଗଳ ଜନ୍ମନି।
୧୩- ଆତ୍ମଦ୍ରୋହୀ ଧର୍ମସ୍ୟ ଅର୍ଥଂ ନ ଜାନାତି ଓଧ, ନ ଚ ବୁଦ୍ଧ ନିର୍ବାଣ ନିମିତ୍ତଂ।
୧୪- ସଦାତ୍ମା ସ୍ୱଧୟା କଷ୍ଟବାସୋ ଜୀବନଂ ହି, କଲ୍ୟାଣକୃତ କଶ୍ଚିତ୍ ନ ଦୁର୍ଗତିଂ।
୧୫- ନାମଧେୟ କର୍ମଂ, ପଙ୍କଜପି ପ୍ରତିଷ୍ଠାପ୍ୟ, ବିଧି ଯସ୍ୟ ବଶ ଦଣ୍ଡ ନାସ୍ତି।

| THE BED SEED OF LIFE | THE GOOD SHRINE OF LIFE |
| --- | --- |
| 1- Disobedience to parents. | 1- Life for love, stop hatred. |
| 2- Lie and libility. | 2- Wise ruler sans power. |
| 3- Avoiding right excepting wrong | 3- A teacher of truth. |

- ଶମିତ୍ୟୋମ୍ -
ସନ୍ତୁମୂର୍ତ୍ତି-ଚଳଭାଷ-୯୪୩୯୪୮୦୦୦୦







# ଏରାଗୋଲା ଗ୍ୟାଙ୍ଗ୍‌ର ୧୧ ଗିରଫ

ଭୁବନେଶ୍ୱର, ୩।୪(ସମିସ):

ବାଟୁଳିମାରି କାର୍ କାଚ ଭାଙ୍ଗୁଥିଲେ; ଗାଡ଼ି ଡିକିକୁ ଟଙ୍କା ଲୁଟି ନେଉଥିଲେ। ବାଇକରେ ଆସି ସୁନାଚେନ୍ ଝାମ୍ପି ନେଉଥିଲେ। ଦିନ ଦି' ପ୍ରହରେ ଲୁଟପାଟ କରି ରାଜଧାନୀବାସୀଙ୍କ ନିଦ ହଜାଇ ଦେଇଥିବା ଏରାଗୋଲା ଗ୍ୟାଙ୍ଗ୍‌ର ଖେଳ ଖତମ୍ କରିଛି କମିସନରେଟ୍ ପୁଲିସ। ବୁଧବାର ଗ୍ୟାଙ୍ଗ୍‌ରେ ସମ୍ପୃକ୍ତି ରହିଥିବା ୧୧ଜଣ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମର ବିନୋଦ ଦାସ(୨୨), ଅନୀଲ ଦାସ (୧୯), ଏମ୍ ରାଜା (୩୫), ଶିବ ଦାସ (୨୩), ଏ.ପ୍ରସାଦ (୨୨), ପି.ଅଜୟ (୨୦), ପି ଅଶୋକ (୨୦), ପି.ସୁବାସ(୨୫), ଡି.ଶ୍ରୀନିବାସ(୨୨), ଏନ୍.ରାଜଶେଖର ଆଚାରୀ(୩୭) ଓ ଯାଜପୁରର ସମୀର ପ୍ରଧାନ (୧୯)। ସେମାନଙ୍କ ଠାରୁ ନଗଦ ଅଢ଼େଇ ଲକ୍ଷ ଟଙ୍କା, ୨୫ ଗ୍ରାମ୍ ସୁନା ଅଳଙ୍କାର, ୧୭ଟି ସୁନାଚେନ୍, ୫୦ଟି ମୋବାଇଲ ଫୋନ୍, ୬ଟି ବାଇକ୍, ଡିକି ଭାଙ୍ଗିବା ମେସିନ୍ ଏବଂ ବାଟୁଳି ଜବତ କରାଯାଇଛି। ଏହି ଗ୍ୟାଙ୍ଗର ଆହୁରି ୫ରୁ ୬ ସଦସ୍ୟ ଏବେ ବି ବାହାରେ ରହିଛନ୍ତି। ସେମାନଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖିଥିବା ପୁଲିସ କମିସନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ଗ୍ୟାଙ୍ଗ୍ ନାମରେ ୨୭ଟି ମାମଲା ରହିଛି। ଭୁବନେଶ୍ୱର ସହରାଞ୍ଚଳରେ ୨୩ଟି, ସାଲେପୁର, ରାଜନଗର, ଗୋଳନ୍ଥରା ଏବଂ ଆନ୍ଧ୍ରପ୍ରଦେଶର ଟୁନି ଟାଉନ୍ ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଛି। ଖାରବେଳ ନଗର, ଏୟାରଫିଲ୍ଡ, ନୂଆପଲ୍ଲୀ, ଜଟଣୀ, ସହିଦ ନଗର, ବାଲିଅନ୍ତା, ଧଉଳି, ଖଣ୍ଡଗିରି, ଭରତପୁର ଓ ବଡ଼ଗଡ଼ ଥାନାରେ ମାମଲା ରହିଛି। ସେଭଳି ଆନ୍ଧ୍ରପ୍ରଦେଶର ଗ୍ୟାଙ୍ଗ୍ ନାମରେ ସଙ୍ଗିନ ମାମଲା ରହିଥିବା ସ୍ଥାନୀୟ ପୁଲିସ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇ ଜେରା କରିବ। ଏପରିକି ଗ୍ୟାଙ୍ଗ୍‌ରେ ଥିବା ରାଜଶେଖରକୁ ପୂର୍ବରୁ ମହାରାଷ୍ଟ୍ର ନାଗପୁର ପୁଲିସ ଏବଂ ଶିବାକୁ ଝାଡ଼ଖଣ୍ଡ ପୁଲିସ ଗିରଫ କରିଥିଲା।

**୨୫ ଗ୍ରାମ୍‌ର ଅଳଙ୍କାର ସମେତ ୧୭ ସୁନାଚେନ୍ ଜବତ**

**ଅଢ଼େଇ ଲକ୍ଷ ଟଙ୍କା, ବାଇକ୍, ବାଟୁଳି ଓ ୫୦ ମୋବାଇଲ୍ ଠାବ**

**୨୭ ମାମଲାରେ ଗ୍ୟାଙ୍ଗ୍ ସମ୍ପୃକ୍ତି, ରିମାଣ୍ଡରେ ନେବ ଆନ୍ଧ୍ର ପୁଲିସ**

### ■ ଚୋରି ସାମଗ୍ରୀ ବିକୁଥିଲେ ମହିଳା

ଅପରାଧ ଘଟୁଥିବା ପଏଣ୍ଟକୁ ୬ଜଣ ଯାଉଥିଲେ। ଗୋଟିଏ ଗାଡ଼ିରେ ୨ଜଣ ଲେଖାଏଁ ରହୁଥିଲେ। ଲୁଟିବା ଲାଗି ଯାଉଥିବା ସ୍ଥାନରୁ ମୋବାଇଲ ଫୋନ୍ ବ୍ୟବହାର କରୁ ନ ଥିଲେ। କେବଳ ଭଏସ୍ ମେସେଜ୍, ହ୍ୱାଟ୍ସଆପ୍ କଲ୍‌ରେ ସମନ୍ୱୟ ରକ୍ଷା କରି ଯୋଗାଯୋଗ ରହୁଥିଲା। ଚୋରି କିମ୍ବା ଲୁଟ୍ ଅପରେସନ୍ ସଫଳ ହେବା ପରେ ତୁରନ୍ତ ପରିବାର ସଦସ୍ୟଙ୍କୁ ଯୋଗାଯୋଗ କରୁଥିଲେ। ପରେ ମୋବାଇଲ ଫୋନ୍ ସେଟ୍ ବଦଳାଉଥିଲେ। ଗ୍ୟାଙ୍ଗ୍‌ରେ ସମ୍ପୃକ୍ତି ଯୁବକମାନେ ଏହି ଲୁଟ୍‌ପାଟ୍ କରୁଥିଲେ। ନିଜ ଗାଁକୁ ଚୋରି ସାମଗ୍ରୀ ନେଇ ଯାଉଥିଲେ। ଗ୍ୟାଙ୍ଗ୍‌ରେ କିଛି ମହିଳାଙ୍କୁ ବି ନିୟୋଜିତ କରିଥିଲେ। ସେମାନେ ଚୋରି ସାମଗ୍ରୀ ବିକ୍ରିକରିବା ଦାୟିତ୍ୱ ନେଇଥିଲେ। ଏଥିସହ ଗାଁ ମୁଖିଆଙ୍କୁ ନିଜ ହାତରେ ରଖିଥିଲେ। ପୁଲିସ ଗାଁରେ ପଶିବା ମାତ୍ରେ ମୁଖିଆଙ୍କ ଠାରୁ ଖବରପାଇ ଜାଗା ଛାଡ଼ି ପଳାଉଥିଲେ। ଏମିତିକି ପୁଲିସ ନାମ ନେଇ ସ୍ଥାନୀୟ ଲୋକଙ୍କ ଠାରୁ ବଟି ଆଦାୟ କରୁଥିଲେ। ଲୁଟ୍ ଟଙ୍କାରେ କୁକୁଡ଼ା ଲଢ଼େଇ, ଜୁଆ ଖେଳିବା, ମଦ ବେପାର, ବିଦେଶରେ ବୁଲିବା ଏବଂ ଯୁବତୀଙ୍କ ପଛରେ ଉଡ଼ାଉଥିଲେ।

### ନେଇଥିଲେ ୩.୬୦ ଲକ୍ଷ; ମିଳିଲା ଲକ୍ଷେ

ଜାଗମରା ନୂଆ ରୋଡରେ ଥିବା ଏକ ବ୍ୟାଙ୍କ୍ ସାମ୍ନାରୁ ଭୀମଟାଙ୍ଗିର ମନୋଜ ଲେଙ୍କାଙ୍କ ଠାରୁ ୩ଲକ୍ଷ ୬୦ହଜାର ଟଙ୍କା ଲୁଟି ନେଇଥିଲେ ଏହି ଗ୍ୟାଙ୍ଗ୍‌ର ସଦସ୍ୟ। ଗ୍ୟାଙ୍ଗ୍‌ର ଦୁଇଜଣ ବାଇକରେ ଆସି ମନୋଜଙ୍କ ହାତରେ ଥିବା ବ୍ୟାଗ୍‌କୁ ଝାମ୍ପି ନେଇଥିଲେ। ବୁଧବାର ଏରାଗୋଲା ଗ୍ୟାଙ୍ଗ୍ ଧରାପଡ଼ିବା ପରେ ସେମାନଙ୍କ ଠାରୁ ଲକ୍ଷେ ଟଙ୍କା ଜବତ କରାଯାଇଛି। ଜବତ ହୋଇଥିବା ଟଙ୍କାକୁ ମନୋଜଙ୍କୁ ଫେରସ୍ତ କରିଛି କମିସନରେଟ୍ ପୁଲିସ। ମନୋଜ ପୁଲିସକୁ ଧନ୍ୟବାଦ ଦେବା ସହ ସତର୍କ ରହିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

### ■ ଆମ୍ବୁଲାନ୍ସରେ ବୁଲୁଥିଲେ କର୍ଣ୍ଣାଟକ ପୁଲିସ

ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ କର୍ଣ୍ଣାଟକରୁ ଏକ ବଡ଼ଧରଣ ଲୁଟ୍ କରିଥିଲେ। ଏକ ସୁନା ଦୋକାନରୁ କିଲୋ କିଲୋ ସୁନା ଲୁଟି ଆଣିଥିଲେ। ତେଣୁ ସେଠାକାର ପୁଲିସ ଗ୍ୟାଙ୍ଗ୍‌ର ସଦସ୍ୟଙ୍କୁ ଧରିବା ଲାଗି ନୂଆ ପନ୍ଥା ଆପଣାଇଛି। ପୁଲିସ ଗାଡ଼ିରେ ଆସିଲେ ଖସି ପଳାଇବା ଭୟରେ ପୁଲିସ କର୍ମଚାରୀମାନେ ଆମ୍ବୁଲାନ୍ସରେ ଆସିଥିଲେ। ଅଭିଯୁକ୍ତଙ୍କ ଧରିବାକୁ ନିଜ ଅଞ୍ଚଳରେ ସପ୍ତାହେ ଧରି ଡେରା ପକାଇଛି। କିନ୍ତୁ ତା' ପୂର୍ବରୁ ଖେଳ ଓଲଟପାଲଟ କରି ଗ୍ୟାଙ୍ଗ୍‌ର ୧୧ଜଣ ସଦସ୍ୟଙ୍କୁ କାବୁ କରିନେଇଥିଲା କମିସନରେଟ ପୁଲିସ। ସେହିପରି ଆନ୍ଧ୍ରପ୍ରଦେଶ ଓ ଗଞ୍ଜାମର ଏକ ସମ୍ପ୍ରଦାୟର ବ୍ୟକ୍ତି ରାଜଧାନୀରେ ଲୁଟ୍‌ପାଟ୍ କରୁଛନ୍ତି। ସେମାନେ ଏରାଗୋଲା ଗ୍ୟାଙ୍ଗ୍ ନାମରେ ବେଶ୍ ପରିଚିତ। ଲୁଟ୍ କରିବା ଲାଗି ଆସିବା ପୂର୍ବରୁ ନିଜ ସମ୍ପ୍ରଦାୟିକ ମା'ଙ୍କ ପୂଜା କରିବା ସହ ହାତ ଓ ବେକରେ କଳାଫିତା ବାନ୍ଧୁଥିଲେ। ଗୁରୁବାର ଲୁଟ୍ କଲେ ମା'ଙ୍କ କୋପ ପଡ଼ିବ ବିଶ୍ୱାସ ରଖି ସେଇ ଦିନଟିକୁ ବିଶ୍ରାମ ନେଉଥିଲେ। ନିଜର ସମ୍ପ୍ରଦାୟ ଓ ପଡ଼ୋଶୀଙ୍କୁ ଗ୍ୟାଙ୍ଗ୍‌ରେ ମିଶାଉଥିଲେ। ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଝାଡଖଣ୍ଡ ସମେତ ଓଡ଼ିଶାର ସମସ୍ତ ଜିଲ୍ଲାରେ ଏହି ଗ୍ୟାଙ୍ଗ୍ ବେଶ୍ ସକ୍ରିୟ ଥିଲା।

### ସିସିଟିଭିରେ ଫସିଲେ; ୪ଜିଲ୍ଲାରୁ ଧରାପଡ଼ିଲେ

ଗତ ଡିସେମ୍ବର ମାସରୁ ଭୁବନେଶ୍ୱରରେ ଆତଙ୍କ ଖେଳାଉଥିଲା ଏହି ଗ୍ୟାଙ୍ଗ୍। ଆନ୍ଧ୍ରପ୍ରଦେଶରୁ ବାଇକ ଚୋରି କରି ରାଜଧାନୀରେ ଡେରା ପକାଇଥିଲେ। ଗତ ୫ମାସ ହେବ ଭୁବନେଶ୍ୱରରେ ଘଟୁଥିବା ସମସ୍ତ ଛିନ୍‌ତାଇ, ବ୍ୟାଙ୍କରୁ ଟଙ୍କା ଉଠାଇ ସମୟରେ ଲୁଟ୍, କାର୍ କାଚ ଭାଙ୍ଗି ଲୁଟ୍ ମାମଲା ଜଡ଼ିତ ରହିଥିଲେ ଏହି ଗ୍ୟାଙ୍ଗ୍‌ର ସଦସ୍ୟ। ଘର ଭଡ଼ା ନ ନେଇ ବସ୍ତି ଓ ସହର ଠାରୁ ଦୂରରେ ଥିବା ଜନବସତି ଅଞ୍ଚଳରେ ରହୁଥିଲେ। ଏମିତିକି ଭଡ଼ା ନେଇ ରହୁଥିବା ଘରଗୁଡ଼ିକର ମାଲିକଙ୍କୁ ନକଲି ପରିଚୟପତ୍ର ଦେଉଥିଲେ। ରାତିରେ ଘରେ ନ ରହି ଅସ୍ଥାୟୀ ଭାବେ ଆଶ୍ରୟସ୍ଥଳୀରେ ରହୁଥିଲେ। ଟିଭି, ଖବରକାଗଜ, ସୋସିଆଲ୍ ମିଡିଆରେ ଦେଖାଯାଉଥିବା ସେମାନଙ୍କ ସିସିଟିଭି ଫୁଟେଜ, ପୁଲିସର କାର୍ଯ୍ୟାନୁଷ୍ଠାନ ବିଷୟରେ ନଜର ରଖିଥିଲେ। ଏହି ଗ୍ୟାଙ୍ଗ୍ ବେଶ୍ ସତର୍କତା ଅବଲମ୍ବନ କରୁଥିବାରୁ ସେମାନଙ୍କୁ ଧରିବା ପୁଲିସ ପାଇଁ କାଠିକର ପାଠ ହୋଇଯାଇଥିଲା। ଏହି ଗ୍ୟାଙ୍ଗ୍ ନାମରେ ବିଭିନ୍ନ ଥାନାରେ ମାମଲା ରୁଜୁ ହେବା ପରେ ମାମଲାଗୁଡ଼ିକର ତଦନ୍ତ ଦାୟିତ୍ୱ ସ୍ପେଶାଲ ସ୍କ୍ୱାଡ୍‌କୁ ଦିଆଯାଇଥିଲା। ସହରରେ ଲାଗିଥିବା ସିସିଟିଭିଗୁଡିକରେ ଯାଞ୍ଚକରି ଲୁଟେରାଙ୍କ ଗତିବିଧି ନଜର ରଖାଯାଇଥିଲା। ସେମାନଙ୍କ ପୁରୁଣା ଅପରାଧ ଅନୁଯାୟୀ ଚିହ୍ନଟ କରାଯାଇଥିଲା। ପରେ ଜଟଣୀ, ଇନ୍‌ଫୋସିଟି, ବାଲେଶ୍ୱର, କେନ୍ଦୁଝର ଏବଂ ଯାଜପୁରରୁ ୨ଜଣ ଲେଖାଏଁ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା।

### ଅପରେଟିଂ 'ମୋଡ୍'

ନିଛାଟିଆ ରାସ୍ତା ହେଉ ଅବା ଜନଗହଳିପୂର୍ଣ୍ଣ ମାର୍କେଟ, ସବୁଠି ଲୁଟ୍‌ପାଟ କରୁଥିଲେ। ଏମାନେ ପାର୍କିଂ ହୋଇଥିବା ବିଭିନ୍ନ କାର୍ ଓ ଗାଡ଼ିର ଡିକିରେ ଟଙ୍କା ରଖୁଥିବା ଲୋକ ଏବଂ ବ୍ୟାଙ୍କରୁ ବାହାରୁଥିବା ଲୋକଙ୍କୁ ମୁଖ୍ୟତଃ ଟାର୍ଗେଟ କରୁଥିଲେ। ଖାଲି ସେତିକି ନୁହେଁ, ଏମାନେ ରାସ୍ତାରେ ଯାଉଥିବା ଲୋକଙ୍କ ସୁନାଚେନ୍ ମଧ୍ୟ ଝାମ୍ପି ନେଉଥିଲେ। ଏମାନଙ୍କର ଲୁଟ୍ ତରିକା ମଧ୍ୟ ଭିନ୍ନ ଥିଲା। ପାର୍କିଂ ହୋଇଥିବା କାର୍‌ର କାଚକୁ ଲୁଟେରାମାନେ ବାଟୁଳି ମାରି ଭାଙ୍ଗୁଥିଲେ। ସେଥିରେ ଥିବା ଟଙ୍କା ଓ ଦାମୀ ଜିନିଷ ଲୁଟି ବାଇକ୍ ଯୋଗେ ଚମ୍ପଟ ମାରୁଥିଲେ। ଏପରିକି ଲୁହାକଣ୍ଟା ସାହାଯ୍ୟରେ ବାଇକ ଡିକି ଭାଙ୍ଗି ସର୍ବସ୍ୱ ନେଇ ଯାଉଥିଲେ। ବ୍ୟାଙ୍କ୍ ଓ ଏଟିଏମ୍ ନିକଟବର୍ତ୍ତୀ ଅଞ୍ଚଳରେ ଘୂରି ବୁଲିବା ସହ ଅପରେଟ୍ କରୁଥିଲେ। ମାତ୍ର ଦୁଇରୁ ୩ ମିନିଟ୍ ମଧ୍ୟରେ ଲୁଟ୍‌ପାଟ୍ କରୁଥିଲେ। ଏହି ବଡ଼ଧରଣ ଲୁଟ୍‌ରେ ଆନ୍ଧ୍ରପ୍ରଦେଶରୁ ଚୋରି କରି ଆଣିଥିବା ବାଇକଗୁଡ଼ିକୁ ବ୍ୟବହାର କରୁଥିଲେ। ଧରାପଡ଼ିଯିବା ଭୟରେ ଗାଡ଼ିରେ ବ୍ୟବହୃତ ଚେଚିସ୍ ଓ ଇଞ୍ଜିନ ନମ୍ବରକୁ ସେମାନେ ଟ୍ୟାମ୍ପର କରି ନିୟମିତ ବଦଳାଉଥିଲେ।



---

### ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ଓ ଖଟି

## ଦୁଇମାସରେ ୬ ହଜାର ଅମାନିଆ ଗଣିଛନ୍ତି ୨୯ ଲକ୍ଷ ଦଣ୍ଡ

ଭୁବନେଶ୍ୱର, ୩।୪ (ସମିସ): ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ଓ ଖଟି ବିରୋଧରେ କଠୋର ହୋଇଛି କମିସନରେଟ୍ ପୁଲିସ। ଏହାଦ୍ୱାରା ବିଭିନ୍ନ ବିଶୃଙ୍ଖଳା ସୃଷ୍ଟି ହେଉଥିବା ବେଳେ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଉଥିବାରୁ ଶୂନ୍ୟ ସହନଶୀଳତା ନୀତି ଆପଣାଇଛି ପୁଲିସ। ଭୁବନେଶ୍ୱର ଡିସିପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଥାନା ପକ୍ଷରୁ 'ସେଫ୍ ସିଟି ଡ୍ରାଇଭ୍' ଅଭିଯାନ ମାଧ୍ୟମରେ ନିୟମିତ ଭାବେ ଧରପଗଡ଼ ଜାରିରହିଛି। ସର୍ବସାଧାରଣରେ ମଦ୍ୟପାନ ଓ ଖଟି କରୁଥିବା ବ୍ୟକ୍ତିମାନଙ୍କୁ କାବୁ କରାଯାଇ ସେମାନଙ୍କ ନିକଟରୁ ଓଡ଼ିଶା ସହରାଞ୍ଚଳ ପୁଲିସ ଆଇନ ଅନୁଯାୟୀ ଜରିମାନା ଆଦାୟ କରାଯାଉଛି। ଗତ ଫେବୃୟାରୀ ୧ ତାରିଖ ଠାରୁ ମାର୍ଚ୍ଚ ୩୧ ମଧ୍ୟରେ ଭୁବନେଶ୍ୱର ସହରାଞ୍ଚଳ ପୁଲିସର ବିଭିନ୍ନ ଥାନା ପକ୍ଷରୁ ସର୍ବସାଧାରଣରେ ମଦ୍ୟପାନ କରୁଥିବା ମୋଟ ୫୮୨୧ ଜଣ ବ୍ୟକ୍ତିଙ୍କ ନିକଟରୁ ସମୁଦାୟ ୨୯ ଲକ୍ଷ ୦୬ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଖାରବେଳ ନଗର ଥାନା ପୁଲିସ ସର୍ବାଧିକ ୯୦୩ ଜଣ ଆଇନ ଉଲ୍ଲଙ୍ଘନକାରୀଙ୍କ ଠାରୁ ମୋଟ୍ ୪ ଲକ୍ଷ ୫୧ ହଜାର ୫୦୦ ଟଙ୍କା ଦଣ୍ଡ ଆଦାୟ କରିଥିବା ବେଳେ ସହିଦନଗର ଥାନା ୪୩୮ ଜଣଙ୍କ ଠାରୁ ୨ ଲକ୍ଷ ୧୭ ହଜାର ଟଙ୍କା ଓ ଲକ୍ଷ୍ମୀସାଗର ଥାନା ୩୯୪ ଜଣଙ୍କ ନିକଟରୁ ୧ ଲକ୍ଷ ୯୭ ହଜାର ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ଚନ୍ଦ୍ରଶେଖରପୁର ଥାନା ୩୮୬ ଜଣଙ୍କ ନିକଟରୁ ୧ ଲକ୍ଷ ୯୩ ହଜାର ଟଙ୍କା, ଖଣ୍ଡଗିରି ଥାନା ୩୫୯ ଜଣଙ୍କ ନିକଟରୁ ୧ ଲକ୍ଷ ୭୯ ହଜାର ଟଙ୍କା ଓ ଇନ୍‌ଫୋସିଟି ଥାନା ୩୪୮ ଜଣଙ୍କ ନିକଟରୁ ୧ ଲକ୍ଷ ୭୧ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରିଛି।

## ରାଜରାସ୍ତାରେ ପୁଣି ସକ୍ରିୟ ବନ୍‌ଜାରା



**ଶିଥିଳ ପଡ଼ିଲା ଭିକାରିମୁକ୍ତ ଅଭିଯାନ**

**ଖରା ଯୋଗୁଁ ବାହାରୁନାହାନ୍ତି ଉଦ୍ଧାରକାରୀ ଟିମ୍**

**ଉଦ୍ଧାର ଜୋର୍‌ଦାର କରିବାକୁ ବିଏମ୍‌ସିର ନିର୍ଦ୍ଦେଶ**

ଭୁବନେଶ୍ୱର, ୩।୪ (ସମିସ):

ରାଜରାସ୍ତା ଉପରେ ଏବେ ପୁଣି ଭିକାରି ମାଳମାଳ। ରାଜ୍ୟ ବାହାର ବନ୍‌ଜାରା, କିନ୍ନରମାନେ କିଛି ଦିନ ହେବ ଟ୍ରାଫିକ୍ ପୋଷ୍ଟଗୁଡ଼ିକରେ ପୁଣି ହରକତ ଆରମ୍ଭ କଲେଣି। ଭିକାରିମୁକ୍ତ ଅଭିଯାନ ଶିଥିଳ ପଡ଼ିବାର ମାତ୍ର କିଛିଦିନ ମଧ୍ୟରେ ଏମାନେ ବିଭିନ୍ନ ଛକରେ ସକ୍ରିୟ ହୋଇଗଲେଣି। ରାସ୍ତାକଡ଼ରେ ଛିଡ଼ା ହେଉଛନ୍ତି। ଟ୍ରାଫିକ୍ ସିଗ୍‌ନାଲ ନାଲି ହେବା ମାତ୍ରେ ରାସ୍ତାମଝି ରାସ୍ତାକୁ ଚାଲି ଆସୁଛନ୍ତି। କେତେବେଳେ ଛୁଆ କାଖେଇ ଲୋକଙ୍କ ପାଖକୁ ଯାଉଛନ୍ତି, ଆଉ କେତେବେଳେ ନିଜକୁ ଭିକାରି ପରିଚୟ ଦେଇ ଭିକ୍ଷା ମାଗୁଛନ୍ତି। ପୁଣି କେତେବେଳେ ପିଲାମାନଙ୍କୁ ମଧ୍ୟ ଭିକମାଗିବାକୁ ଛାଡ଼ି ଦେଉଛନ୍ତି। ବାଇକ୍, କାର୍ ହେଉ କିମ୍ବା ସାଇକଲ୍ ଚାଳକ ଯାହାକୁ ଦେଖୁଛନ୍ତି ଟଙ୍କା ମାଗୁଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ଏମାନେ ନିଜେ ଭିକ୍ଷାବୃତ୍ତି କରିବା ସହ ଅନ୍ୟକୁ ବିପଦ ଭିତରକୁ ଠେଲି ଦେଉଛନ୍ତି। ଯାହକୁ ନେଇ ଅନେକ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।



ପୂର୍ବରୁ ରାଜଧାନୀରେ ଭିକାରିମୁକ୍ତ ଅଭିଯାନକୁ ଜୋର୍‌ଦାର କରାଯାଇଥିଲା। ବିଏମ୍‌ସି ଅଞ୍ଚଳରେ ୫ଟି ସୁଧାର ଗୃହ ନିର୍ମାଣ କରାଯାଇଥିଲା। ଭିକାରିମାନଙ୍କୁ ବିଭିନ୍ନ ଛକରୁ ଉଦ୍ଧାର କରିବା ପରେ ସେମାନଙ୍କୁ ସୁଧାର ଗୃହରେ ଥଇଥାନ କରାଯାଉଥିଲା। ଭିକାରିମାନଙ୍କୁ ଉଦ୍ଧାର କରିବାକୁ ବିଏମ୍‌ସି ପତିତ ଉଦ୍ଧାର ସମିତି, ବିକାଶ, ବିଶ୍ୱଜୀବନ ସେବା ସଂଘ ଏବଂ ସଂସ୍କାର ନାମକ ୪ଏଜେନ୍ସିକୁ ଦାୟିତ୍ୱ ଦେଇଥିଲା। ଗୋଟିଏ ସଂସ୍ଥା ୨ଟି ସୁଧାର ଗୃହ ଚଳାଉଥିଲା ବେଳେ ଅନ୍ୟମାନେ ଗୋଟିଏ ଲେଖାଏଁ ସୁଧାର ଗୃହ ଚଳାଉଛନ୍ତି। ହେଲେ ଏକମାସ ହେବ ଭିକାରି ଉଦ୍ଧାର ଅଭିଯାନ ଏକପ୍ରକାର ଶିଥିଳ ହୋଇଯାଇଛି। ତେବେ ଖରା ଯୋଗୁଁ ଏଜେନ୍ସିଗୁଡ଼ିକର ଉଦ୍ଧାରକାରୀ ଟିମ୍ ବାହାରକୁ ବାହାରୁନାହାନ୍ତି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଅଧିକ ଚାପ ପଡ଼ିଲେ, ସନ୍ଧ୍ୟା ସମୟରେ ମନ୍ଦିର ଆଗରୁ ଜଣେ ଦୁଇଜଣଙ୍କୁ ଉଦ୍ଧାର କରି ଚାଲିଯାଉଛନ୍ତି। ବିଭିନ୍ନ ଟ୍ରାଫିକ ପୋଷ୍ଟରେ ଉଦ୍ଧାରକାରୀ ଟିମ୍‌ର ଅନୁପସ୍ଥିତି ବନ୍‌ଜାରାମାନଙ୍କୁ ଖୁବ୍ ସୁଆଉଛି। ଫଳରେ ଅଧିକାଂଶ ଛକରେ ବନ୍‌ଜାରାଙ୍କୁ ଭିକ୍ଷାବୃତ୍ତି କରୁଥିବା ଦେଖିବାକୁ ମିଳୁଛି। ଏଜେନ୍ସିର ଉଦ୍ଧାର କାର୍ଯ୍ୟରେ ଶିଥିଳତାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ବିରକ୍ତି ପ୍ରକାଶ କରାଯାଇଛି। ଉଦ୍ଧାରକାର୍ଯ୍ୟରେ ଶିଥିଳତା ଯୋଗୁଁ ରାଜଧାନୀରେ ବନ୍‌ଜାରାଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ନେଇ ବିଏମ୍‌ସିର ଜଣେ ଅଧିକାରୀ ସ୍ୱୀକାର କରିଛନ୍ତି। ଆଗକୁ ଭିକାରି ଉଦ୍ଧାର କାର୍ଯ୍ୟକୁ ପୂର୍ବଭଳି ତ୍ୱରାନ୍ୱିତ କରିବାକୁ ବିଏମ୍‌ସି ବୁଧବାର ସମସ୍ତ ଏଜେନ୍ସିକୁ ଚିଠି ଲେଖିଥିବା ବିଭାଗୀୟ ଅଧିକାରୀ କହିଛନ୍ତି। ଏହାକୁ ତତ୍‌କ୍ଷଣାତ ଲାଗୁ କରିବାକୁ ସମସ୍ତ ଏଜେନ୍ସିକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ରାଜଧାନୀକୁ ଭିକାରିମୁକ୍ତ କରିବାକୁ ବିଏମ୍‌ସି ଏକ ସ୍ୱତନ୍ତ୍ର ଏସ୍‌ଓପି ଜାରି କରିଥିଲା। ୧୨ ଫେବୃଆରୀ ସୁଦ୍ଧା ବିଭିନ୍ନ ଆଶ୍ରୟସ୍ଥଳରେ ମୋଟ ୩୩୨ଜଣ ଭିକାରି ରହିଥିବା ନେଇ ଗଣାଯାଇଥିଲା। ଏହାପର ଠାରୁ କୌଣସି ତଥ୍ୟ ସାମ୍ନାକୁ ଆସିନାହିଁ। ଅନ୍ୟପକ୍ଷରେ ୫ ଥଇଥାନ କେନ୍ଦ୍ରରେ ୧୦୦ ଲେଖାଏଁ ଅନ୍ତେବାସୀ ରହିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

### ଆପାର୍ଟମେଣ୍ଟରୁ ଚୋରି ରୋକିବାକୁ ନକ୍ସା

## ସାଦା ପୋଷାକରେ ଜଗିଛି ପୁଲିସ

ଭୁବନେଶ୍ୱର, ୩।୪ (ସମିସ): ଭୁବନେଶ୍ୱରେ ଆପାର୍ଟମେଣ୍ଟରୁ ଲୁଟ୍ ଘଟଣା କ୍ରମଶଃ ହ୍ରାସ ହୋଇଛି। ଏହାକୁ ଆହୁରି ସୁନିଶ୍ଚିତ କରିବା ସହ ଲୁଟ୍ କମାଇବା ଲାଗି ଏକ ଖସଡ଼ା ପ୍ରସ୍ତୁତ କରାଯାଇଛି। ସୁରକ୍ଷା ସମ୍ପର୍କିତ ତ୍ରୁଟିକୁ ଆହୁରି ବ୍ୟବସ୍ଥିତ କରିବା ଲାଗି ସାଦା ପୋଷାକଧାରୀ ପୁଲିସ କର୍ମଚାରୀଙ୍କୁ ଆପାର୍ଟମେଣ୍ଟ ନିକଟରେ ମୁତୟନ କରାଯାଇଛି। ରାଜଧାନୀରେ ଥିବା ୪୭୫ଟି ଆପାର୍ଟମେଣ୍ଟର ସୁରକ୍ଷା ଯାଞ୍ଚ କରାଯାଇଥିଲା। ସେଥିରୁ ସୁରକ୍ଷା ଦୁର୍ବଳ ରହିଥିବା କିଛି ଆପାର୍ଟମେଣ୍ଟଗୁଡ଼ିକର ତାଲିକା ପ୍ରସ୍ତୁତ କରାଯାଇଛି। ସେଇ ଆପାର୍ଟମେଣ୍ଟଗୁଡ଼ିକରେ ସୁରକ୍ଷା ଯୋଗାଇବା ଲାଗି ସ୍ଥାନୀୟ ଥାନା ପୁଲିସକୁ କୁହାଯାଇଥିଲା। ଥାନା ପକ୍ଷରୁ ସେଠାରେ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ସାଦା ପୋଷାକରେ ପୁଲିସ କର୍ମଚାରୀମାନେ ଆପାର୍ଟମେଣ୍ଟ ନିକଟରେ ଲୁଚି ରହୁଛନ୍ତି। କୌଣସି ବ୍ୟକ୍ତି ଉପରେ ସନ୍ଦେହ ହେଲେ, ତାକୁ ଉଠାଇ ନେଇ ପଚରାଉଚରା କରୁଛନ୍ତି। ସମ୍ପୃକ୍ତ ବ୍ୟକ୍ତି କଥାବର୍ତ୍ତାରେ ସନ୍ଦେହ ହେଲେ ଥାନାକୁ ନେଇ ଅଧିକ ତଦନ୍ତ ଲାଗି କୁହାଯାଇଛି।

ସେହିପରି ସୁରକ୍ଷା ତ୍ରୁଟି ରହିଥିବା ଆପାର୍ଟମେଣ୍ଟ ଅଞ୍ଚଳରେ ସ୍ଥାନୀୟ ଥାନା ପିସିଆର୍ ରାତିରେ ବୁଲିବ। ତେଣୁ ପିସିଆର୍‌ଗୁଡ଼ିକରେ ଜିପିଏସ୍ ଲଗାଇଯାଇଛି। ସେଇ ଆଧାରରେ ପିସିଆର୍ ଗଲା କି ନାହିଁ, ଠିକ୍ ସେ ପାଟ୍ରୋଲିଂ କରୁଛି କି ନାହିଁ, ମନିଟରିଂ କରିବା ଲାଗି ଏସିପି ପାହ୍ୟାର ଜଣେ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ପିସିଆର୍‌ଗୁଡ଼ିକ ପ୍ରତିଦିନ ବରିଷ୍ଠ ଅଧିକାରୀଙ୍କୁ ରିପୋର୍ଟ ଦେଉଛନ୍ତି। ବିଶେଷକରି ଉପକଣ୍ଠ ଅଞ୍ଚଳରେ ଥିବା ଆପାର୍ଟମେଣ୍ଟଗୁଡ଼ିକରୁ ଅଧିକ ମାତ୍ରାରେ ଚୋରି ହେଉଥିବା



ରିପୋର୍ଟରେ ଦର୍ଶାଯାଇଛି। ମଞ୍ଚେଶ୍ୱର, ଇନ୍‌ଫୋସିଟି, ପାହାଳ, ଚନ୍ଦକା, ଏୟାରଫିଲ୍ଡ, ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଆପାର୍ଟମେଣ୍ଟଗୁଡ଼ିକରୁ ଅଧିକ ଚୋରି ହେଉଥିଲା। ପ୍ରାୟ ୩୦ ଆପାର୍ଟମେଣ୍ଟରୁ ୨୦କୋଟିରୁ ଅଧିକ ଟଙ୍କାର ଲୁଟ୍‌ପାଟ୍ ହୋଇଥିବା ଜଣାପଡ଼ିଥିଲା। ଅନ୍ୟପକ୍ଷରେ ପେରିମିଟର ସିକ୍ୟୁରିଟି ସିଷ୍ଟମ ଅର୍ଥାତ୍ ଆପାର୍ଟମେଣ୍ଟର ଚାରି ପାଖକୁ ସୁରକ୍ଷା କଡ଼ାକଡ଼ି ରହିବ। ଆପାର୍ଟମେଣ୍ଟରେ ବାଡ଼ର ଉଚ୍ଚତା ବୃଦ୍ଧି, କାନ୍ଥରେ କାଚ ଖଞ୍ଜିବା, କଣ୍ଟାତାର, ଲୁହାର ବାର୍ ଲଗାଇବା, ଉଚ୍ଚକ୍ଷମତା ସମ୍ପନ୍ନ ସିସିଟିଭି ଲଗାଇବାକୁ କୁହାଯାଇଛି।



ସ୍କୁଲ ପଢ଼ିବା ସମୟରେ ସେ ଥିଲେ ଜଣେ ଦକ୍ଷ କ୍ରୀଡ଼ାବିତ୍ । ହେଲେ କଲେଜ ପଢ଼ା ପରେ ସେ ଧାରାବାହିକର ଅଭିନେତ୍ରୀ ହେବାକୁ ମନ ବଳାଇଥିଲେ । ଏଥିପାଇଁ ଅଡିସନ୍ ଦେଲେ । ଯୋଗ୍ୟ ବିବେଚିତ ହୋଇ 'କୁଆଁରୀ ବୋହୂ'ରେ କାମ କରିବାକୁ ସୁଯୋଗ ପାଇଲେ । ଏହା ପରେ ସେ 'କିଏ ପର କିଏ ଆପଣାର' ଧାରାବାହିକରେ ଚମତ୍କାର ଅଭିନୟ କରି ସେ ଦର୍ଶକଙ୍କ ହୃଦୟରେ ବାନ୍ଧି ହୋଇ ରହିଥିଲେ । ହାଇଦ୍ରାବାଦରେ ପାଠ ପଢ଼ି ଓଡ଼ିଶା ମାଟିରେ ପରିଚୟ ଗଢ଼ିଥିବା ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ଗଞ୍ଜାମ, ଗୋପାଳପୁରର ପ୍ରିୟଙ୍କା ରଥ । ତାଙ୍କ କ୍ୟାରିୟର ପାଇଁ 'କୁଆଁରୀ ବୋହୂ' ର ସନ୍ଧ୍ୟା ଚରିତ୍ର ଏକ ମାଇଲ ଖୁଣ୍ଟ ଥିଲା । 'ସନ୍ଧ୍ୟା ରାଗିଣୀ' ଧାରାବାହିକରେ ରାଗିଣୀ ଚରିତ୍ର ପାଇଁ ସେ ଘରେ ଘରେ ପରିଚିତ । ରାଗିଣୀ ଚରିତ୍ରରେ ସେ ଓଡ଼ିଆ ଘରର ପାରମ୍ପରିକ ଚଳଣି ଓ ଜଣେ ମହିଳା ଯେକୌଣସି ପରିସ୍ଥିତିରେ ନିଜକୁ କିପରି ଖାପଖୁଆଇ ଚଳିବା ସହ ସ୍ୱାଧୀନ ଭାବେ ବଞ୍ଚିବାକୁ ସଂଘର୍ଷ କରନ୍ତି, ତାହାକୁ ସେ ପ୍ରତିଫଳନ କରୁଛନ୍ତି । 'ତୋ ଛାତିରେ ମୁଁ', 'ମନ ହୋଇଗଲା ଲକ୍‌ଡାଉନ' ମ୍ୟୁଜିକ୍ ଭିଡିଓରେ ମଧ୍ୟ ସେ କାମ କରିଛନ୍ତି । ବହୁମୁଖୀ ପ୍ରତିଭାର ଅଧିକାରୀ ପ୍ରିୟଙ୍କାଙ୍କ କ୍ୟାରିଅର୍‌କୁ ନେଇ ଅଳ୍ପ ଆଳାପ ।

# "ରାଗିଣୀ ଚରିତ୍ରଟି ମୋ ପାଇଁ ବହୁତ ଚ୍ୟାଲେଞ୍ଜିଂ ଥିଲା"

**ପ୍ରିୟଙ୍କା ରଥ, ଅଭିନେତ୍ରୀ**

**ହାଇଦ୍ରାବାଦ୍‌ରେ ରହି ପାଠ ପଢୁଥିଲେ । କ୍ରୀଡ଼ା କ୍ଷେତ୍ରରେ ବେଶ୍ ପାରଙ୍ଗମ ଥିଲେ, ହଠାତ୍ କାହିଁକି ଅଭିନୟଆଡ଼କୁ ମନ ବଳାଇଲେ?**

● ପିଲାବେଳୁ ଅଭିନୟ ପ୍ରତି ଇଚ୍ଛା ନଥିଲା । ହାଇଦ୍ରାବାଦ୍‌ରୁ ସ୍ନାତକ ପଢ଼ା ସାରି ମୁଁ ମୋ ଜନ୍ମ ମାଟିକୁ ଫେରିଥିଲି । ପରିବାର ଲୋକଙ୍କ ଇଚ୍ଛାରେ ଅଡିସନ୍ ଦେଇଥିଲି । ଅଡିସନ୍‌ରେ ଚୟନ ହୋଇ ମୁଁ ପ୍ରଥମ ପ୍ରୋଜେକ୍ଟ 'କୁଆଁରୀ ବୋହୂ'ରେ କାମ କରିଥିଲି । ଏହି ଧାରାବାହିକ ବହୁତ ଦିନ ଧରି ଚାଲିଥିଲା । ଏଥିରେ 'ଶ୍ରଦ୍ଧା' ଚରିତ୍ର ହିଁ ମୋତେ ନୂଆ ପରିଚୟ ଦେଇଥିଲା ।

**ସୁଟିଂ ସେଟ୍‌ର ପ୍ରଥମ ଦିନର ଅନୁଭୂତି?**

● ବାହାରେ ପାଠ ପଢ଼ିବା ଯୋଗୁଁ ପ୍ରଥମେ ପ୍ରଥମେ ମୋତେ ଓଡ଼ିଆ କହିବାରେ ସାମାନ୍ୟ ସମସ୍ୟା ହେଉଥିଲା । ଓଡ଼ିଆରେ ଡାଇଲଗ୍ କହିପାରୁନଥିଲି । ଅଡିସନ୍ ଦେଇଥିଲି ସତ, ହେଲେ ସିଲେକ୍ଟ ହେବି ବୋଲି କେବେ ମୁଁ ଭାବିନଥିଲି । ଯେତେବେଳେ ମୁଁ କ୍ୟାମେରାକୁ ସାମ୍ନା କରିଥିଲି ପ୍ରଥମେ ପ୍ରଥମେ ଭୟ ଲାଗିଥିଲା । ଓଡ଼ିଆ କହିବାରେ ସମସ୍ୟା ହେଉଥିବାରୁ ନିର୍ମାତାଙ୍କ ଠାରୁ ଗାଳି ଖାଉଥିଲି । ଏହା ପରେ ମୁଁ ମୋ ଦୁର୍ବଳତାକୁ ଅସ୍ତ୍ର କରି ଭଲ ଅଭିନୟ କରିବାକୁ ଚେଷ୍ଟା କରିଥିଲି ।

**ଅଭିନେତ୍ରୀ ହୋଇନଥିଲେ, କ'ଣ ହୋଇଥାନ୍ତେ?**

● ଡାକ୍ତର ହୋଇଥାନ୍ତି ।

**'ସନ୍ଧ୍ୟା ରାଗିଣୀ' ଧାରାବାହିକରେ କେମିତି ସୁଯୋଗ ପାଇଲେ? ରାଗିଣୀ ସମ୍ପର୍କରେ କ'ଣ କହିବେ?**

● ମୋର ପୂର୍ବ ଦୁଇଟି ଧାରାବାହିକ ଦେଖି ହୁଏତ ନିର୍ମାତା ରାଗିଣୀ ଚରିତ୍ର ପାଇଁ ମୋତେ ଫିଟ୍ ଭାବିଥିଲେ । ଏଥିରେ ମୋର ଯେଉଁ ଚରିତ୍ର ରହିଛି; ତାହା ମୋ ପାଇଁ ପୂରା ଚ୍ୟାଲେଞ୍ଜ ଥିଲା । ପୂର୍ବରୁ ମୁଁ ଜଣେ ଶାନ୍ତ ସରଳ ଝିଅ ଭାବେ ଅଭିନୟ କରୁଥିଲି । ଏଥିରେ ମୋର ଚରିତ୍ର ବହୁତ ଭିନ୍ନ । ମୁଁ ବିଦେଶରେ ରହି ପାଠ ପଢ଼ି ଭିଟାମାଟିକୁ ଫେରୁଛି । ଏଠାକାର ପରମ୍ପରା ସଂସ୍କୃତି, ଚାଲିଚଳନ ସହିତ ଖାପଖୁଆଇ ଚଳିବାକୁ ପଡୁଛି । ରାଗିଣୀ ବହୁତ ସ୍ୱାଭିମାନୀ । କେବେ ବି ମିଛ କୁହେନି । ଏଭଳି ଚରିତ୍ର ଯଦିଓ ପୂର୍ବରୁ କରିନଥିଲି ତେଣୁ ନିଜକୁ ପ୍ରସ୍ତୁତ କରିବାକୁ ସମୟ ଲାଗିଥିଲ । ଆଉ ଏହି ଚରିତ୍ରରେ ଭଲ ଅଭିନୟ କରିବାକୁ ମୁଁ ଶତପ୍ରତିଶତ ପ୍ରୟାସ ଜାରି ରଖିଛି ।

**ରିଲ୍‌ରେ ପ୍ରିୟଙ୍କା ଖୁବ୍ ଶାନ୍ତ, ହେଲେ ରିଅଲ୍‌ରେ କେମିତି?**

● ରିଲ୍‌ରେ ମୋତେ ଯେଉଁ ଚରିତ୍ର ମିଳେ, ସେହି ଚରିତ୍ରରେ ମୁଁ ହଜିଯାଏ । ହେଲେ ରିଅଲ୍‌ରେ ମୁଁ ବହୁତ ଚୁପ୍‌ଚାପ୍, କାହା କାମରେ ମୁଣ୍ଡ ପୂରାଏନି । ଜୀବନକୁ ଭରପୂର ଉପଭୋଗ କରିବାକୁ ମୁଁ ସବୁବେଳେ ମଜାମସ୍ତି କରୁଥାଏ ।

**ସାମାଜିକ ଗଣମାଧ୍ୟମକୁ କିପରି ଉପଯୋଗ କରିବା ଉଚିତ?**

● ସାମାଜିକ ଗଣମାଧ୍ୟମ ଏମିତି ଏକ ପ୍ଲାଟଫର୍ମ, ଯେଉଁଠି ଆମେ ଯାହା ଦେଖନ୍ତି, ସବୁବେଳେ ରିଅଲ୍ ନଥାଏ କି ସବୁବେଳେ ଫେକ୍ ବି ନଥାଏ । ତେଣୁ ସାମାଜିକ ଗଣମାଧ୍ୟମକୁ ସଦୁପଯୋଗ କରିବା ଦରକାର । ଏହି ପ୍ଲାଟଫର୍ମରୁ ବିଜ୍ଞାପନ ପାଇଁ କୋଲାବରସନ୍ କରି ଅନେକ ରୋଜଗାର କରିପାରୁଛନ୍ତି । ମୁଁ ମଧ୍ୟ କିଛି କୋଲାବରସନ୍ କରିଛି । ତେଣୁ ସର୍ବଦା ସାମାଜିକ ଗଣମାଧ୍ୟମକୁ ସକାରାତ୍ମକ ଭାବେ ବ୍ୟବହାର କରିବା ଉଚିତ ।

**ୱେଷ୍ଟର୍ଣ୍ଣ ପୋଷାକ ନା ଶାଢ଼ି, କେଉଁଟି ଫିଟ୍ ଲାଗେ?**

● ସବୁଥିରେ ମୁଁ ନିଜକୁ ସହଜ ମନେ କରେ ।

**ସୁଟିଂ ନ ଥିଲେ କ'ଣ କରନ୍ତି?**

ମୁଁ ମୋର ପରିବାର ଲୋକଙ୍କୁ ସମୟ ଦିଏ । ସେମାନଙ୍କ ସହ ବୁଲାବୁଲି କରିବାକୁ ଭଲଲାଗେ ।

**ଧାରାବାହିକ ପ୍ରତି ଦର୍ଶକଙ୍କ ଅଧିକ ଆଦର ରହିଛି, ଏହାର କାରଣ କ'ଣ?**

ପ୍ରତିଟି ଧାରାବାହିକ ସମାଜକୁ କିଛି ଶିକ୍ଷଣୀୟ କଥା ଦେଖାଏ । ଏଥିରେ ଅଧିକ ସକାରାତ୍ମକ ବାର୍ତ୍ତା ଥାଏ । ଅଶ୍ଳୀଳତା ତ ଆଦୌ ନଥାଏ । ବାପା-ମା', ଭାଇ-ଭଉଣୀ ଓ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମଧୁର ସମ୍ପର୍କକୁ ଏହା ବଖାଣେ । ସେଥିପାଇଁ ସନ୍ଧ୍ୟା ହେଲେ ଓଡ଼ିଆ ଘରେ ଧାରାବାହିକ ଦେଖିବାକୁ ଗୁରୁତ୍ୱ ଦେଉଛନ୍ତି ।

**ପ୍ରିୟଙ୍କାଙ୍କ ସୌନ୍ଦର୍ଯ୍ୟର ରାଜ୍?**

ଧାରାବାହିକ ସୁଟିଂ ପାଇଁ ବ୍ୟସ୍ତ ରହୁଛି । ତାହାରି ଭିତରୁ ସମୟ କାଢ଼ି ନିୟମିତ ବ୍ୟାୟାମ କରେ । ଖାଦ୍ୟରେ କେବେ ବି ରୁଚି ଅରୁଚି ଦେଖେନି । ବିନ୍ଦାସ ଓ ମସ୍ତ ରୁହେ ।

**ଡ୍ରିମ୍ ରୋଲ୍ କ'ଣ?**

ସବୁ ଚରିତ୍ର କରିବାକୁ ମୋର ଇଚ୍ଛା । ମୁଁ ଚାହୁଁଛି ଆଗକୁ ମୋତେ ଯେତେ ଚ୍ୟାଲେଞ୍ଜି ଚରିତ୍ର ମିଳିବ, ମୁଁ ତାହାକୁ ନିଖୁଣ ଭାବେ ଫୁଟାଇବି ।

**ଜଣେ କଳାକାର ପାଖେ କେଉଁ ଗୁଣ ରହିବା ଜରୁରି?**

ଚାଲିଚଳନ, କହିବା ଶୈଳୀ, ଅଭିନୟ କରିବାର କୌଶଳ ତଥା ନୃତ୍ୟ ଆଦିରେ ଭରପୂର ଜ୍ଞାନ ରହିବା ଜରୁରି । ■

# ଚିନ୍ତାରେ ମଧୁ

ଜି-ସାର୍ଥକର ଲୋକପ୍ରିୟ ଧାରାବାହିକ 'ମଧୁର ସଂସାର'କୁ ଦର୍ଶକେ ବେଶ୍ ପସନ୍ଦ କରୁଛନ୍ତି । ତେବେ ଏବେ ଏହି ଧାରାବାହିକ କାହାଣୀରେ ନୂଆ ଟ୍ୱିଷ୍ଟ ଆସିଛି । ଅବଶ୍ୟ ଏହା ମଧୁକୁ ନେଇ ଆରମ୍ଭ ହୋଇଛି । ମଙ୍ଗଳା ସ୍ୱାମୀର ଚିକିତ୍ସା ପାଇଁ ମଧୁ ତା' ସୁନା ମୁଦିକୁ ତା'କୁ ଦେଇଛି । ଯାହାକୁ ମଧୁ ଶାଶୂ ଦେଖିଛି । ମଧୁର ମୁଦି ଦେବା କିନ୍ତୁ ତା' ଶାଶୂକୁ ଭଲ ଲାଗିନି । ଫଳରେ ସେ ସମସ୍ତ ଘର ଲୋକଙ୍କ ସାମ୍ନାରେ ମଧୁ ଉପରେ ବିରକ୍ତି ହୋଇଛି । ତେବେ ମଧୁ ମଙ୍ଗଳାକୁ ମୁଦି ଦେଇ କୌଣସି ଭୁଲ୍ କରି ନ ଥିବା ସଫେଇ ଦେଇଛି । ମଧୁ କହିଛି, ବଡ଼ବାବାଙ୍କ ଟଙ୍କାରେ ମଙ୍ଗଳା ଦିଦିଙ୍କ ସ୍ୱାମୀଙ୍କ ଚିକିତ୍ସା ସମ୍ଭବ ହୋଇପାରି ନ ଥିବା ଜାଣିବା ପରେ ସେ ଏନେଇ ମାନସକୁ ମଧ ଟଙ୍କା ମାଗିଥିଲା । କିନ୍ତୁ ମାନସ ଟଙ୍କା ଦେବାକୁ ମନା କରିବା ପରେ ମଧୁ ବାଧ ହୋଇ ସୁନା ମୁଦି ମଙ୍ଗଳାକୁ ଦେଇ ଦେଇଥିବା କହିଛି । ସେପେଟ ଏନେଇ ସ୍ମୃତି ନିଜ ଭାଉଜ ମଧୁକୁ ସମର୍ଥନ କରିଥିବା ବେଳେ ମଧୁର ସମର୍ଥନରେ ଜେଜେମା ମଧ ଅଛନ୍ତି । ଅନ୍ୟପଟେ ମାନସ କିନ୍ତୁ ମଧୁକୁ ନିଜେ ରୋଜଗାର କରିଥିଲେ ବୁଝିପାରିଥାନ୍ତେ କହି ତାଚ୍ଛଲ୍ୟ କରିବାରୁ ମଧୁ ଚାକିରି କରିବ ବୋଲି କହିଛି । ଏଣୁ ଏବେ ମଧୁ ତା' ଚାକିରି ପାଇଁ ଏକପ୍ରକାର ଚିନ୍ତାରେ ଥିବା ବେଳେ ଆଗକୁ ମଧୁ ଚାକିରି କରୁଛି କି ନାହିଁ, ସେକଥା ଜଣାପଡ଼ିବ । ■




# ସୁମନ-ଜୟଜିତ୍‌ଙ୍କ ଯୋଡ଼ି

ଜି-ସାର୍ଥକରେ ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ମେଗାଧାରାବାହିକ 'ଭାଗ୍ୟରେଖା' । ଏଥିରେ ମୁଖ୍ୟ ଚରିତ୍ରରେ ନଜର ଆସିବେ ଅଭିନେତ୍ରୀ ସୁମନ ପଟ୍ଟନାୟକ ଏବଂ ଜୟଜିତ୍ ଦାସ । ଏଥିରେ ସୁମନଙ୍କୁ 'ରେଖା' ଏବଂ ଜୟଜିତ୍‌ଙ୍କୁ 'ଭାଗ୍ୟ' ଭୂମିକାରେ ଦେଖିବାକୁ ମିଳିବ । ଜୟଜିତ୍ ଓ ସୁମନଙ୍କ ଯୋଡ଼ିକୁ ଦେଖିବା ପାଇଁ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି । ଏହି ସିରିଏଲ୍‌ର ପ୍ରମୋ ରିଲିଜ୍ ହୋଇଥିବା ବେଳେ ଏହାକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି । ସେହିପରି ସୁମନ ଏବଂ ଜୟଜିତ୍‌ଙ୍କ ବ୍ୟତୀତ ଏଥିରେ ରତନ ମେହେର, ଡାନି, ଶ୍ରାବଣୀ ପ୍ରମୁଖ କଳାକାର ନଜର ଆସିବେ । ■



## ପ୍ରେକ୍ଷାଳୟ ପ୍ରିମିୟର୍ ୫ ଏପ୍ରିଲ୍

**ହିନ୍ଦୀ**




### ଦ ଲଷ୍ଟ ଗାର୍ଲ

**ନିର୍ଦ୍ଦେଶକ ଓ ପ୍ରଯୋଜକ** : ଆଦିତ୍ୟ ରାନୋଲିଆ
**କଳାକାର**: ପ୍ରାଚୀ ବଂଶଲ, ଭୂପେଶ ସିଂହ




### ଦ ଡିଫେକ୍ଟିଭ୍ ଡିଟେକ୍ଟିଭ୍ସ

**ନିର୍ଦ୍ଦେଶକ**: ପରିତୋଷ ପେଣ୍ଟର
**ପ୍ରଯୋଜକ**: ରାଜୀବ କୁମାର ଶାହ
**କଳାକାର**: ଶ୍ୱେତା ଗୁଲାଟି, ସିଦ୍ଧାର୍ଥ ଯାଦବ

### ଜେଏନ୍‌ୟୁ: ଜାହାଙ୍ଗୀର ନ୍ୟାସନାଲ୍ ୟୁନିଭର୍ସିଟି

**ନିର୍ଦ୍ଦେଶକ**: ବିନୟ ଶର୍ମା
**ପ୍ରଯୋଜକ**: ପ୍ରତିମା ଦତ୍ତା
**କଳାକାର**: ରବି କିଷନ, ଉର୍ବଶୀ ରୌତେଲା




## ଓଡ଼ିଆ ସିନେମା

# ସିନ୍ଦୂରା

ଏପ୍ରିଲ୍ ୫ ତାରିଖରେ ପ୍ରେକ୍ଷାଳୟକୁ ଆସିବ ଦିଲୀପ ଦାସଙ୍କ ନିବେଦିତ ନୂଆ ଓଡ଼ିଆ ସିନେମା 'ସିନ୍ଦୂରା ।' ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ସୁପ୍ରିୟା ଓ ଅଭିଷେକ । ରାସେଶ୍ୱରୀ ଏଣ୍ଟରଟେନ୍‌ମେଣ୍ଟ ଦ୍ୱାରା ପ୍ରଯୋଜିତ ଏହି ସିନେମାର କାହାଣୀ ଓ ନିର୍ଦ୍ଦେଶନାରେ ଅଛନ୍ତି ବିରଞ୍ଚି ନାରାୟଣ ପଣ୍ଡା । ବିରଞ୍ଚି ମନୋରଞ୍ଜନ ସହିତ ଶିକ୍ଷଣୀୟ କଥାବସ୍ତୁ ଉପରେ ଫିଲ୍ମ ନିର୍ମାଣ କରିବାକୁ ସର୍ବଦା ପ୍ରୟାସ କରିଛନ୍ତି । ଯାହାର ଝଲକ୍ 'ସିନ୍ଦୂରା'ରେ ମଧ୍ୟ ଦେଖିବା ଆଶା କରାଯାଉଛି । ମୌଳିକ କାହାଣୀ ଉପରେ ଆଧାରିତ ଏହି ସିନେମାରେ ଚାଷରେ ବ୍ୟବହାର କରାଯାଉଥିବା କୀଟନାଶକ କିଭଳି ଭାବେ ଶରୀରକୁ କ୍ଷତି ପହଞ୍ଚାଉଛି, ତାହା ଦେଖିବାକୁ ମିଳିବ । ତା'ସହ ପଲ୍ଲୀ ଜୀବନର ଚିତ୍ର ମଧ୍ୟ ଏଥିରେ ଦର୍ଶକେ ଦେଖିବାକୁ ପାଇବେ । ଏହାର ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରେମ ଆନନ୍ଦ ଥିବା ବେଳେ ଏଥିରେ କଣ୍ଠଦାନ କରିଛନ୍ତି ଆଗଧାଡ଼ିର କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା, ଶଶାଙ୍କ ଶେଖର, କୁଳଦୀପ ପଟ୍ଟନାୟକ, ଅନନ୍ୟା ଶ୍ରୀତମ ନନ୍ଦ, ସବିଶେଷ । ତେବେ ସିନେମାଟିକୁ ଦର୍ଶକେ ପସନ୍ଦ କରିବେ ବୋଲି ଏହାର ପୂରା ଟିମ୍ ଆଶାବାଦୀ ଅଛି । ■




## ଟେଲିଭିଜନ ପ୍ରିମିୟର୍

# ଆସିକ୍ ସରେଣ୍ଡର ହେଲା

ଚଳିତ ଏପ୍ରିଲ୍ ୭ ତାରିଖ ସନ୍ଧ୍ୟା ୬ଟା ୩୦ରେ ତରଙ୍ଗ ଚ୍ୟାନେଲରେ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଆସିକ୍ ସରେଣ୍ଡର ହେଲା'ର ଟେଲିଭିଜନ୍ ପ୍ରିମିୟର୍ ହେବ । ପ୍ରେମ ଦିବସ ଅବସରରେ ଏହି ସିନେମାଟି ମୁକ୍ତିଲାଭ କରିଥିଲା । ତେବେ ପ୍ରେକ୍ଷାଳୟରୁ ବଞ୍ଚିତ ଥିବା ଲୋକେ ଏବେ ଏହାକୁ ଘରେ ବସି ଟିଭିରେ ଦେଖିପାରିବେ । ଏହା ବିଶ୍ୱାସ ପ୍ରଡକ୍ସନ ବ୍ୟାନର୍‌ରେ ନିର୍ମାଣ ହୋଇଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ରାଜା ଡି । ଏହାର ସମସ୍ତ ଗୀତକୁ ସଙ୍ଗୀତରେ ସଜାଇଛନ୍ତି ପ୍ରେମ ଆନନ୍ଦ । ସିନେମାର ମୁଖ୍ୟ ଭୂମିକାରେ ଅଛନ୍ତି ଅଭିନେତ୍ରୀ ଜୟା ବିଶ୍ୱାସ ଏବଂ ସମ୍ଭବ ମାନସିଂହ । ପ୍ରେମ ସହ ପାରିବାରିକ କାହାଣୀ ଉପରେ ଆଧାରିତ ଏହି ସିନେମାଟିକୁ ଦର୍ଶକେ ପସନ୍ଦ କରିଛନ୍ତି । ଜୟା ଓ ସମ୍ଭବଙ୍କ ବ୍ୟତୀତ ଏଥିରେ ସ୍ୱର୍ଗତ ବର୍ଷିୟାନ୍ ଅଭିନେତା ମିହିର ଦାସ, ମନୋଜ ମିଶ୍ର, ପିଆଲି ମଧ୍ୟ ନଜର ଆସିଛନ୍ତି । ■



ଯେଉଁ ମହିଳାମାନେ ଘର ଚଳାଇବାରେ ଥିବା ସମସ୍ୟା ବୁଝିପାରୁଛନ୍ତି ସେମାନେ ଦେଶ ଚଳାଇବାରେ ସମ୍ମୁଖୀନ ହେବାକୁ ଥିବା ସମସ୍ୟା ମଧ୍ୟ ନିଶ୍ଚୟ ବୁଝିପାରିବେ।
-ମାର୍ଗାରେଟ୍ ଥାଚର



ସକାଳ
THE SAKALA

# ଭାରତର ନିର୍ବାଚନ ଓ ମହିଳା ପ୍ରତିନିଧିତ୍ୱ

ଯେକୌଣସି ଗଣତାନ୍ତ୍ରିକ ବ୍ୟବସ୍ଥାରେ ପୁରୁଷଙ୍କ ଭଳି ମହିଳା ଭୋଟରଙ୍କର ସମାନ ଦାୟିତ୍ୱ ଏବଂ କର୍ତ୍ତବ୍ୟ ରହିଛି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତରେ ମହିଳା ଭୋଟରଙ୍କ ସଂଖ୍ୟା ପ୍ରାୟ ଅଧା ହେବା ସତ୍ତ୍ୱେ ଭୋଟ୍ ଦାନ ଏବଂ ରାଜନୈତିକ ପ୍ରକ୍ରିୟାରେ ଅଂଶଗ୍ରହଣରେ ତାହାର ଆନୁପାତିକ ପ୍ରତିଫଳନ ବିଭିନ୍ନ କାରଣରୁ ହୋଇ ନ ଥାଏ। ପଞ୍ଚାୟତ ଓ ଜିଲ୍ଲା ପରିଷଦ ସ୍ତରରେ ମହିଳାଙ୍କ ପାଇଁ ୩୩ ଶତାଂଶ ଆସନ ସଂରକ୍ଷିତ କରାଯିବା ପରେ ସେମାନଙ୍କ ପ୍ରତିନିଧିତ୍ୱ ବଢ଼ିଛି ଓ ଏହାଦ୍ୱାରା ସେମାନେ ରାଜନୈତିକ ଦୃଷ୍ଟିରୁ ସଶକ୍ତ ହୋଇଛନ୍ତି, ଏଥିରେ ସନ୍ଦେହ ନାହିଁ। ଆନନ୍ଦର କଥା ଆମ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ତଥା ସ୍ୱାୟତ୍ତ ଶାସନ ଅନୁଷ୍ଠାନଗୁଡ଼ିକରେ ମହିଳାମାନଙ୍କ ପାଇଁ ୫୦% ସଂରକ୍ଷଣ ବ୍ୟବସ୍ଥା ହୋଇଛି। ବହୁବିଳମ୍ବରେ ହେଲେ ମଧ୍ୟ ସଂସଦରେ ନିକଟରେ ମହିଳା ସଂରକ୍ଷଣ ବିଲ୍ ସର୍ବସମ୍ମତିକ୍ରମେ ଗୃହୀତ ହୋଇ ଆଇନରେ ପରିଣତ ହୋଇଛି। ଏହାଫଳରେ ଲୋକସଭା ଓ ସବୁ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ଶତାଂଶ ଆସନ ପ୍ରଥମେ ୧୦ ବର୍ଷ ପାଇଁ ସଂରକ୍ଷିତ ରହିବ। ଏହି ବ୍ୟବସ୍ଥା ପରବର୍ତ୍ତୀ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପରେ ୨୦୨୯ ରୁ କାର୍ଯ୍ୟକାରୀ ହେବ। ତେବେ ଅନେକ ସମୀକ୍ଷକ ପ୍ରଶ୍ନ କରନ୍ତି ଯେ ଯେଉଁ ସର୍ବବୃହତ ଗଣତନ୍ତ୍ରରେ ମହିଳା ଭୋଟରଙ୍କ ସଂଖ୍ୟା ପ୍ରାୟ ଅଧା, ସେମାନଙ୍କୁ ମାତ୍ର ୩୩ ଶତାଂଶ ଆସନ ସଂରକ୍ଷଣର ସୁବିଧା ମାତ୍ର ୧୦ ବର୍ଷ ପାଇଁ ଦେବାର ଅର୍ଥ କ'ଣ? ଆମର ମନେ ହୁଏ ମହିଳା ଲବିଙ୍କ ଚାପରୁ ରକ୍ଷା ପାଇବା ପାଇଁ ସରକାରଙ୍କର ଏହା ଏକ ମର୍ଯ୍ୟାଦା ରକ୍ଷାମୂଳକ ପଦକ୍ଷେପ ବୋଲି କେତେକ କହନ୍ତି।

ତେବେ ସେ ଯା'ହେଉ ଏଥରର ସାଧାରଣ ନିର୍ବାଚନ ଓ ଅନ୍ୟ କେତେକ ବିଧାନସଭା ନିର୍ବାଚନରେ ସବୁଦଳ ଅତିକମ୍‌ରେ ୩୩ ଶତାଂଶ ଆସନରେ ନିଜର ମୋଟ୍ ପ୍ରାର୍ଥୀଙ୍କ ମଧ୍ୟରୁ ମହିଳାଙ୍କୁ ସୁଯୋଗ ଦେବାକୁ ବିଭିନ୍ନ ମହଲରୁ ପ୍ରସ୍ତାବ ଦିଆଯାଇଥିଲା। ନାରୀନେତ୍ରୀ ଓ ବାମାବାଦୀ ନେତା ତଥା ସଂଗଠନମାନେ ଏଥିପାଇଁ ଚାପ ପକାଉଥିଲେ। ଏଥରକ ଦୀର୍ଘ ସାତ ପର୍ଯ୍ୟାୟ ବିଶିଷ୍ଟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀ ମନୋନୟନ ପ୍ରକ୍ରିୟା ଚାଲିଛି। ସେହିଭଳି ଓଡ଼ିଶା ଓ ଆନ୍ଧ୍ର ଭଳି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ପ୍ରମୁଖ ଦଳମାନେ ନିଜ ନିଜର ପ୍ରାର୍ଥୀଙ୍କ ନାମ ପର୍ଯ୍ୟାୟକ୍ରମେ ଘୋଷଣା କରୁଛନ୍ତି। ଆମେ କିନ୍ତୁ ଯେଉଁ ତାଲିକା ଦେଖୁଛୁ, ତାହା ଏ ପର୍ଯ୍ୟନ୍ତ ଆଶାନୁରୂପ ହୋଇପାରିନାହିଁ। ଏଥିରେ ୩୩ ଶତାଂଶ ମହିଳାଙ୍କୁ ସବୁ ପ୍ରମୁଖ ଦଳ ଯେ ଟିକେଟ୍ ଦେବେ ସେ ସମ୍ଭାବନା ଦିଶୁ ନାହିଁ। ଆମର ପ୍ରମୁଖ ଦଳର ତୁଙ୍ଗ ନେତାମାନେ ସେମାନଙ୍କ ବଚନ ରକ୍ଷା କରି ଅଧିକରୁ ଅଧିକ ମହିଳା ପ୍ରାର୍ଥୀ ଦେବେ ବୋଲି ଆଶା।

ଏବେ ଦିଲ୍ଲୀର ଏକ ପବ୍ଲିକ୍ ପଲିସି ରିସର୍ଚ୍ଚ କନ୍‌ସଲଟାଣ୍ଟ ସଂସ୍ଥା ଦେଶର ମହିଳା ଭୋଟରଙ୍କ ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶ କରିଛି। ସେହି ତଥ୍ୟ ଅନୁସାରେ ଏଥର ନିର୍ବାଚନରେ ଦେଶର ମହିଳା ଭୋଟରଙ୍କ ସଂଖ୍ୟା ମୋଟ ମତଦାତାଙ୍କ ମଧ୍ୟରେ ବିଗତ ୨୦ ବର୍ଷ ମଧ୍ୟରେ ବଢ଼ି ସର୍ବାଧିକ ୪୮.୬ ଶତାଂଶରେ ପହଞ୍ଚିଛି। ତା'ଛଡ଼ା ୧୧ଟି ରାଜ୍ୟରେ ମହିଳା ଭୋଟରଙ୍କ ସଂଖ୍ୟା ପୁରୁଷ ଭୋଟରଙ୍କ ତୁଳନାରେ ଅଧିକ। ସେସବୁ ରାଜ୍ୟ ମଧ୍ୟରୁ କେରଳ, ଗୋଆ, ମିଜୋରାମ, ମଣିପୁର ଓ ତାମିଲନାଡୁ ଅନ୍ୟତମ। ତେବେ ମହିଳା ଭୋଟର ସଂଖ୍ୟା ଓ ବିଧାନସଭାଗଗୁଡ଼ିକରେ ସେମାନଙ୍କ ଆସନ ସଂଖ୍ୟା ଦେଖିଲେ ଏହା ବିଶେଷ ଉତ୍ସାହଜନକ ନୁହେଁ। କେରଳରେ ୨୦ଟି ଲୋକସଭା ଆସନ ଥିବା ବେଳେ ତାମିଲନାଡୁରେ ଏହା ୩୯। ଆହୁରି ମଧ୍ୟ ଏହି ତଥ୍ୟ ଅନୁସାରେ ରାଜନୀତି ଦୃଷ୍ଟିରୁ ଦେଶର ପ୍ରଭାବଶାଳୀ ରାଜ୍ୟ (ଆସନ ଦୃଷ୍ଟିରୁ) ଉତ୍ତରପ୍ରଦେଶ ଓ ବିହାର ସମେତ ହରିୟାଣା, ପଞ୍ଜାବ ଓ ଉତ୍ତରାଖଣ୍ଡ ଆଦି ରାଜ୍ୟରେ ପୁରୁଷ ଭୋଟରଙ୍କ ତୁଳନାରେ ମହିଳାଙ୍କ ଅନୁପାତ ବହୁତ୍ କମ୍। ତେଣୁ ଏହି ରାଜ୍ୟମାନଙ୍କରେ ମହିଳାଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ ଆଶା କରିବା ମୁସ୍କିଲ। ତେବେ ସେ ଯା'ହେଉ ସର୍ଭେର ବଡ଼ ଉପଲବ୍ଧି ହେଲା ଏଥର ଦେଶର ଗୁରୁତ୍ୱପୂର୍ଣ୍ଣ ଏବଂ ରାଜନୈତିକ ଦୃଷ୍ଟିରୁ ପ୍ରଭାବଶାଳୀ ରାଜ୍ୟ ଯଥା ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଭଳି ରାଜ୍ୟରେ ମହିଳା ଭୋଟରଙ୍କ ସଂଖ୍ୟା ୨୦୧୯ ତୁଳନାରେ ଉଲ୍ଲେଖନୀୟ ଭାବେ ବଢ଼ିଛି। ଅଧିକରୁ ଅଧିକ ସଂଖ୍ୟକ ନୂଆ ମହିଳା ଭୋଟର ତାଲିକାଭୁକ୍ତ ହେବା ନିଶ୍ଚିତ ଏକ ଉତ୍ସାହଜନକ ଖବର। ତେବେ ସେସବୁ ରାଜ୍ୟରେ ଏଥର ଲୋକସଭା ନିର୍ବାଚନରେ ୩୩ ଶତାଂଶ ମହିଳାଙ୍କୁ ସବୁ ରାଜନୈତିକ ଦଳ ପ୍ରାର୍ଥୀ କରିବେ ତ? ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଲୋକସଭା ନିର୍ବାଚନ ବେଳେ ଓଡ଼ିଶାର ଶାସକ ଦଳ ବିଜେଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଲୋକସଭା ପାଇଁ ଦଳୀୟ ପ୍ରାର୍ଥୀ ମନୋନୟନରେ ଏକ-ତୃତୀୟାଂଶ ମହିଳାଙ୍କୁ ଟିକେଟ ଦେଇ ଏକ ରେକର୍ଡ ସୃଷ୍ଟି କରିଥିଲେ।

ଅଧିକ ମହିଳା ଭୋଟର ହିସାବରେ ତାଲିକାଭୁକ୍ତ ହେବା ନିଶ୍ଚିତ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ତେବେ ନିର୍ବାଚନ ପୂର୍ବରୁ ଜାତୀୟ ଓ ଆଞ୍ଚଳିକ ଦଳମାନେ ଅଧିକରୁ ଅଧିକ ମହିଳାଙ୍କୁ ପ୍ରାର୍ଥୀ କରିବାକୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଏବେ ତାହାକୁ ପାଳନ କରିବାର ସମୟ। କେବଳ ରାଜନୀତି କାହିଁକି ପ୍ରତିରକ୍ଷା ବାହିନୀଠାରୁ ଆରମ୍ଭ କରି ଅର୍ଦ୍ଧ ସାମରିକ ବଳରେ ଭାରତରେ ମହିଳା ପ୍ରତିନିଧିତ୍ୱ ମାତ୍ର ୩.୫ ଶତାଂଶ। ସେହିପରି ଅନ୍ୟାନ୍ୟ ବୃତ୍ତି ଓ ପେସାରେ ଏହି ହାର ମାତ୍ର ୧୧ ଶତାଂଶ। ଯେତେବେଳେ ନିଯୁକ୍ତି ଓ ପେଟପାଟଣା କ୍ଷେତ୍ରରେ ମହିଳାମାନେ ଉପଯୁକ୍ତ ପ୍ରତିନିଧିତ୍ୱ ପାଉ ନାହାନ୍ତି, ସେତେବେଳେ ରାଜନୀତିକୁ ଆସି ସଫଳ ହେବା ନିଶ୍ଚୟ ଏକ ମସ୍ତବଡ଼ ଆହ୍ୱାନ। ତେବେ ଏ କ୍ଷେତ୍ରରେ ନୈରାଶ୍ୟବାଦୀ ହେବା ଅନୁଚିତ। ମହିଳାଙ୍କ ବିକାଶ ପ୍ରକ୍ରିୟାରେ ସେମାନଙ୍କୁ ରାଜନୀତିରେ ଭାଗ ନେବାକୁ ସୁଯୋଗ ଦେବା ଓ ନିର୍ବାଚିତ କରିବାର ବ୍ୟବସ୍ଥା କରିବା ବିଶେଷ ମହତ୍ତ୍ୱ ରଖେ। ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାମାନଙ୍କର ଆନୁପାତିକ ପ୍ରତିନିଧିତ୍ୱ ନ ରହିଲେ ମହିଳା ସଶକ୍ତୀକରଣ ପ୍ରୟାସ ସଫଳ ହେବ ନାହିଁ। ତେଣୁ କେବଳ ମହିଳା ନୁହନ୍ତି, ପୁରୁଷମାନେ ମଧ୍ୟ ଏହି ପ୍ରସଙ୍ଗରେ ନାରୀମାନଙ୍କୁ ଅଧିକ ପ୍ରତିନିଧିତ୍ୱ ସୁଯୋଗ ଦେବାକୁ ଉଦ୍ୟମ କରିବା ଉଚିତ। ଆମ ନେତାମାନେ ସେମାନଙ୍କ ପ୍ରତିଶ୍ରୁତି ରକ୍ଷା କରନ୍ତୁ।

# ଭୂତାଣୁ ସଂକ୍ରମଣରୁ କର୍କଟ ରୋଗ ସମ୍ଭାବନା



ଡ. ସଂଘମିତ୍ରା ପତି
ଭୁବନେଶ୍ୱର, ମୋ: ୯୪୩୭୦୯୩୩୦୬

କର୍କଟ ଏକ ବହୁ ପରିଚିତ ତଥା ଅସୀମ ଭୟ ସୃଷ୍ଟିକାରୀ ଶବ୍ଦ। ଏହା ଏକ ବହୁବିନାଶକାରୀ ରୋଗ, ଯାହା ସାଧାରଣତଃ ମଣିଷ ଶରୀରର ଜୀବକୋଷରେ ବିଭିନ୍ନ ଜଟିଳ ପ୍ରକ୍ରିୟା ମାଧ୍ୟମରେ ଅନିୟନ୍ତ୍ରିତ ପରିବର୍ତ୍ତନ ଘଟିବା କାରଣରୁ ହୋଇଥାଏ। ଏହା ଶରୀରର ଯେ କୌଣସି ଅଙ୍ଗକୁ ପ୍ରଭାବିତ କରିପାରେ। କର୍କଟ ରୋଗକୁ ଭେଷଜ ବିଜ୍ଞାନରେ ନିଓପ୍ଲାଜମ୍ ଏବଂ ମାଲିଗ୍‌ନାଣ୍ଟ ଟ୍ୟୁମର ବୋଲି ମଧ୍ୟ କୁହାଯାଏ। ବିଶ୍ୱରେ ଯେତେ ସଂଖ୍ୟକ ରୋଗଜନିତ ମୃତ୍ୟୁ ଘଟଣା ଘଟୁଛି ସେଥିମଧ୍ୟରେ କର୍କଟଜନିତ ରୋଗର ବୃହତ୍ ସଂପୃକ୍ତି ରହିଛି। ବିଶ୍ୱସ୍ତରରେ ୨୦୨୦ରେ ୧ କୋଟି ଲୋକ କର୍କଟରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ଏହି ରୋଗ ସାଧାରଣତଃ ବହୁଳ ଭାବରେ ସ୍ତନ କର୍କଟ, ଫୁସଫୁସ କର୍କଟ, କୋଲନ୍ କର୍କଟ ଓ ମଳଦ୍ୱାର କର୍କଟ ରୂପେ ଶରୀରକୁ ଆକ୍ରାନ୍ତ କରେ। ମଣିଷ ଶରୀରରେ କେତେକ ନିର୍ଦ୍ଦିଷ୍ଟ ଭୂତାଣୁ ଦ୍ୱାରା ବାରମ୍ବାର କିମ୍ବା ଦୀର୍ଘକାଳ ଧରି ସଂକ୍ରମଣ ରହିଲେ ତାହା କର୍କଟ ରୋଗର ରୂପ ନେବାର ଆଶଙ୍କା ରହେ। କର୍କଟ ରୋଗ ସୃଷ୍ଟି କରୁଥିବା ଭୂତାଣୁକୁ ଅଙ୍କୋଭାଇରସ୍ କୁହାଯାଏ ଏବଂ ସାଧାରଣ ଅଙ୍କୋଭାଇରସ୍‌ଗୁଡ଼ିକ ହେଉଛି ହ୍ୟୁମାନ୍ ପାପିଲୋମା ଭାଇରସ୍(ଏଚ୍‌ପିଭି), ହେପାଟାଇଟିସ୍ ବି ଭୂତାଣୁ(ଏଚ୍‌ବିଭି), ହେପାଟାଇଟିସ୍ ସି ଭୂତାଣୁ(ଏଚ୍‌ସିଭି), ଏପଷ୍ଟାଇନ୍ - ବାର୍ ଭୂତାଣୁ(ଇବିଭି), କାପୋସିଙ୍କ ସାର୍କୋମା, ହର୍ପିସଭାଇରସ୍(କେଏସ୍‌ଏଚ୍‌ଭି) (ହ୍ୟୁମାନ୍ ହର୍ପିସଭାଇରସ୍ ୮ ମଧ୍ୟ କୁହାଯାଏ), ହ୍ୟୁମାନ୍ ଟି-ସେଲ୍ ଲିମ୍ଫୋଟ୍ରୋପିକ୍ ଭୂତାଣୁ(ଏଚ୍‌ଟିଏଲ୍‌ଭି-୧), ମର୍କେଲ ସେଲ୍ ପଲିଓମାଭାଇରସ୍(ଏମ୍‌ସିପିୱାଇଭି)। ଏହାଛଡ଼ା ଏଣ୍ଡୋମେଟ୍ରିଆଲ୍ କର୍କଟ ଓ ହ୍ୟୁମାନ୍ ପାପିଲୋମା ଭୂତାଣୁ ଗର୍ଭାଶୟ, ଏଣ୍ଡୋମେଟ୍ରିଆଲ୍, ପୁରୁଷ ଓ ମହିଳା ଯୌନାଙ୍ଗ, ମୁଖ ଗହ୍ୱର ଓ ଘଣ୍ଟିକା ଏବଂ ଲାରିଞ୍ଜାଲ୍ କର୍କଟ ସୃଷ୍ଟି କରେ। ହେପାଟାଇଟିସ୍ ବି ଭୂତାଣୁ ଏବଂ ହେପାଟାଇଟିସ୍ ସି ଭୂତାଣୁ ଯକୃତରେ କର୍କଟ ସୃଷ୍ଟି କରନ୍ତି। ଏପଷ୍ଟାଇନ୍-ବାର୍ ଭୂତାଣୁ ହଜକିନ୍ସ ଲିମ୍ଫୋମା, ବୁର୍କିଟ୍ସ ଲିମ୍ଫୋମା ଏବଂ ନାସୋଫାରିଞ୍ଜାଲ୍ କାରସିନୋମା ସୃଷ୍ଟି କରନ୍ତି। କାପୋସି ସାର୍କୋମା ହର୍ପସ୍ ଭୂତାଣୁ ଦ୍ୱାରା ହୋଇଥାଏ ଏବଂ ଟି ସେଲ୍ ଲ୍ୟୁକେମିଆ (ରକ୍ତ କର୍କଟ) ଏବଂ ଲିମ୍ଫୋମା ଏଚ୍‌ଆଇଭି-୧ ଦ୍ୱାରା ହୋଇଥାଏ।

ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଦ୍ୱାରା ନିକଟରେ ଏହା ଆକଳନ କରାଯାଇଛି ଯେ ବିଭିନ୍ନ ଭୂତାଣୁ ସଂକ୍ରମଣ ପ୍ରାୟ ୧୪୦୦୦୦ ପ୍ରକାର କର୍କଟ ରୋଗର କାରଣ ହୋଇଥାଏ, ଯାହା ବିଶ୍ୱବ୍ୟାପୀ ପ୍ରାୟ ୧୦% କର୍କଟ ରୋଗୀଙ୍କ ଦେହରେ ଦେଖା ଯାଇଥାଏ।

ହ୍ୟୁମାନ୍ ପାପିଲୋମା ଭୂତାଣୁ ଏବଂ ହେପାଟାଇଟିସ୍ ଭୂତାଣୁର ବାରମ୍ବାର ସଂକ୍ରମଣ ଦ୍ୱାରା ସୃଷ୍ଟି ହେଉଥିବା କର୍କଟ, ବିକାଶଶୀଳ ଦେଶମାନଙ୍କରେ ପ୍ରାୟ ୩୦% କର୍କଟ ସୃଷ୍ଟି କରିଥାଏ। କର୍କଟ ରୋଗ ବିଷୟରେ ସଚେତନତାର ଅଭାବ, ପରିବର୍ତ୍ତନଶୀଳ ଭୂତାଣୁ ସଂକ୍ରମଣ ପ୍ରକ୍ରିୟା ଏବଂ ଭାରତ ସମେତ ଅଧିକାଂଶ ବିକାଶଶୀଳ ଦେଶରେ ସଠିକ୍ ପ୍ରାକ୍-କର୍କଟ ଯାଞ୍ଚ ସୁବିଧା ଅଭାବ ହେତୁ ଅଧିକାଂଶ କର୍କଟ ରୋଗ



ଚିହ୍ନଟ ହେବା ବେଳକୁ ଡେରି ହୋଇ ଏହା ଅଧିକ ଜଟିଳ ଆକାର ହୋଇସାରିଥାଏ। ତେଣୁ ସେଭଳି ଘଟଣାରେ ଆରୋଗ୍ୟର ସମ୍ଭାବନା ପୂର୍ବାନୁମାନ କରିବା ପ୍ରାୟତଃ ଅତି କଷ୍ଟକର ଏବଂ ଚିକିତ୍ସା ବିଶେଷ ଫଳପ୍ରଦ ହୋଇ ନଥାଏ। ଯଦିଓ ଗର୍ଭାଶୟ କର୍କଟ ସଂଖ୍ୟା ଏବେ ହ୍ରାସ ପାଉଛି, ତଥାପି ଏହା ମହିଳାମାନଙ୍କ ପାଇଁ ଏକ ପ୍ରାଣଘାତୀ ରୋଗ ରୂପେ ବର୍ତ୍ତମାନ ମଧ୍ୟ ରହିଛି। ଏଥିରେ ବାର୍ଷିକ ଆନୁମାନିକ ୬୬୦୦୦୦ ନୂତନ ରୋଗୀ ଚିହ୍ନଟ ହେଉଥିବା ବେଳେ ୨୦୨୨ ରେ ଏହି ରୋଗରେ ୩୫୦୦୦୦ ମହିଳାଙ୍କ ମୃତ୍ୟୁ ଘଟିଛି। ଗୋଟିଏ ଦୁର୍ଭାଗ୍ୟଜନକ ତଥ୍ୟ ହେଲା ଯେ ୯୪% କର୍କଟଜନିତ ମୃତ୍ୟୁ କେବଳ ଅନୁନ୍ନତ ଓ ବିକାଶଶୀଳ ଦେଶମାନଙ୍କରେ ଘଟୁଛି।

ଗର୍ଭାଶୟ କର୍କଟ ରୋଗ ଏବଂ ତଦ୍‌ଜନିତ ମୃତ୍ୟୁହାର, ସର୍ବାଧିକ ସାହାରା-ଆଫ୍ରିକା, ମଧ୍ୟ ଆମେରିକା ଏବଂ ଦକ୍ଷିଣ-ପୂର୍ବ ଏସିଆରେ ଦେଖାଯାଉଛି। ଗର୍ଭାଶୟ କର୍କଟରେ ମୃତ୍ୟୁହାର ବଢ଼ିବା ପଛରେ ରହିଛି ଆଞ୍ଚଳିକ ବୈଷମ୍ୟ, ଟିକାକରଣରେ ଅସମାନତା, ନିଦାନ ଓ ଚିକିତ୍ସା ସେବାର ଅଭାବ, ଏଚ୍.ଆଇ.ଭି ପ୍ରାଦୁର୍ଭାବ, ଲିଙ୍ଗଗତ ଭେଦଭାବ ଏବଂ ଦାରିଦ୍ର୍ୟ ଭଳି ସାମାଜିକ- ଅର୍ଥନୈତିକ କାରଣମାନ। ଦୀର୍ଘକାଳୀନ ଏଚ୍‌ପିଭି ସଂକ୍ରମଣ ଯୋଗୁଁ କର୍କଟ ଆକ୍ରାନ୍ତ ହୋଇଥିବା ୯୬% ରୋଗୀଙ୍କ କ୍ଷେତ୍ରରେ ଏହା ପ୍ରମାଣିତ ହୋଇଛି। ଇଣ୍ଡିଆନ୍ ନ୍ୟାସନାଲ କ୍ୟାନସର ରେଜିଷ୍ଟ୍ରି ପ୍ରୋଗ୍ରାମ(ଏନ୍‌ଆରସିପି)ର ତଥ୍ୟ ଅନୁଯାୟୀ ସମସ୍ତ କର୍କଟ ମଧ୍ୟରୁ ୭.୫% ହ୍ୟୁମାନ୍ ପାପିଲୋମା ଭୂତାଣୁ ଦ୍ୱାରା ସୃଷ୍ଟି ହୁଏ, ଯାହା ୮୭.୬% ଗର୍ଭାଶୟ କର୍କଟ ଏବଂ ୬୩.୨% ଓରୋଫାରାଇନଜାଲ୍ କର୍କଟ ସୃଷ୍ଟି କରେ। ସେହିଭଳି, ଭାରତରେ ହେପାଟାଇଟିସ୍-ବି ସଂକ୍ରମିତ ରୋଗୀଙ୍କ ସଂଖ୍ୟା ୩୪-୪୦ ନିୟୁତ, ଯାହା ବିଶ୍ୱର ମୋଟ ହେପାଟାଇଟିସ୍-ବି ସଂକ୍ରମିତଙ୍କ ତୁଳନାରେ ୧୦-୧୫%। ହେପାଟାଇଟିସ୍-ବି ଏବଂ ସି ର ସଂକ୍ରମିତମାନଙ୍କର ହେପାଟୋସେଲୁଲାର୍ କରସିନୋମା (ଯକୃତ କର୍କଟ)ରେ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ଥାଏ। କେବଳ ସେତିକି ନୁହେଁ, ଯେଉଁ ଦେଶରେ ଏହି ରୋଗୀଙ୍କ ସଂଖ୍ୟା ଅଧିକ ସେଠାରେ ବଂଶଗତ କାରଣରୁ ଭବିଷ୍ୟ ପିଢ଼ି ମଧ୍ୟ ଏଥିରେ ଆକ୍ରାନ୍ତ ହେବାର ଓ ଦେଶର ସ୍ୱାସ୍ଥ୍ୟଗତ ଜଟିଳ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ମଧ୍ୟ ଅଧିକ ଥାଏ।

ଆଉ ଗୋଟିଏ ଉଦ୍‌ବେଗଜନକ ବିଷୟ ହେଉଛି ପ୍ରାଥମିକ ସ୍ତରରେ ଯକୃତ-କର୍କଟ ଶୀଘ୍ର ଚିହ୍ନଟ କରିବା କଷ୍ଟକର ଏବଂ ଏହାର ଉପଯୁକ୍ତ ସମୟରେ ଚିହ୍ନଟ ଓ ଚିକିତ୍ସା ନହେଲେ ଏହା ଗୁରୁତର ରୂପ ନେଇଥାଏ।

ଭାରତରେ ଭୂତାଣୁ ସଂକ୍ରମଣଜନିତ କର୍କଟ ପୀଡ଼ିତଙ୍କ ସଂଖ୍ୟା ହ୍ୟୁମାନ୍ ପାପିଲୋମା ସଂକ୍ରମଣ ଜନିତ କର୍କଟ ରୋଗୀଙ୍କ ତୁଳନାରେ ବହୁତ୍ କମ୍। ଏ ପର୍ଯ୍ୟନ୍ତ କରାଯାଇଥିବା ଗବେଷଣା ତଥ୍ୟ ଅନୁଯାୟୀ ସମଗ୍ର ଭାରତରେ ଭୂତାଣୁ ସଂକ୍ରମଣ ଜନିତ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ନିର୍ଦ୍ଦିଷ୍ଟ ଭାବେ ଜଣାପଡ଼ିନାହିଁ। ଅବଶ୍ୟ ଆସାମ, ନାଗାଲାଣ୍ଡ ଏବଂ ମିଜୋରାମ ପରି ଉତ୍ତର-ପୂର୍ବ ରାଜ୍ୟରେ ଏପଷ୍ଟେଇନ ବାର୍ ଭୂତାଣୁ ସହ ଜଡ଼ିତ ନାସୋଫାର୍ରାଇଞ୍ଜାଲ୍ କର୍କଟ ରୋଗୀ ସଂଖ୍ୟା ଅଧିକ ଦେଖାଯାଏ। ତଥାପି, ଏପଷ୍ଟାଇନ୍-ବାର୍ ଭୂତାଣୁ କାରଣରୁ କର୍କଟର ପ୍ରକୃତ ପ୍ରାଦୁର୍ଭାବ ପୁଙ୍ଖାନୁପୁଙ୍ଖ ଆକଳନ କରିବାକୁ ପଡ଼ିବ। ଅନ୍ୟ ପକ୍ଷରେ ପାଶ୍ଚାତ୍ୟ ଦେଶମାନଙ୍କରେ କାପୋସି ସାର୍କୋମା ଅଧିକ ଦେଖାଯାଏ, କିନ୍ତୁ ଭାରତରେ ଏହାର ମାତ୍ରା କମ୍।

କର୍କଟ ଓ ଭୂତାଣୁ ସଂକ୍ରମଣ ମଧ୍ୟରେ କି ପ୍ରକାର ସମ୍ପର୍କ ରହିଛି, ତାହା ଜାଣିବା ଜରୁରୀ। କାରଣ କେତେକ କର୍କଟ ରୋଗ ପ୍ରତିଷେଧକ ଟିକା ଦ୍ୱାରା ଆରୋଗ୍ୟ ହୋଇପାରିବ ଏବଂ ଆଉ କେତେକ କର୍କଟକୁ ଭୂତାଣୁ ସଂକ୍ରମଣର ପ୍ରାଥମିକ ପର୍ଯ୍ୟାୟରେ ଚିକିତ୍ସା ଦ୍ୱାରା ନିୟନ୍ତ୍ରଣ କରାଯାଇପାରିବ। ଅନେକ ଅଧ୍ୟୟନରେ ଏହା ଦେଖାଯାଇଛି ଯେ ଯଦି ୧୫-୨୦ ବର୍ଷ ବୟସ ବର୍ଗରେ କନ୍ୟାମାନଙ୍କୁ ହ୍ୟୁମାନ୍ ପାପିଲୋମା ଭୂତାଣୁ ପ୍ରତିରୋଧ ପାଇଁ ଦୁଇଟି ପର୍ଯ୍ୟାୟର ପ୍ରତିଷେଧକ ଟିକା ଦିଆଯାଏ ତେବେ ସେମାନଙ୍କର ସର୍ଭାଇକାଲ କର୍କଟରୁ ସୁରକ୍ଷା ପାଇବାର ସମ୍ଭାବନା ୯୭.୫% ରହିଛି। ବିଶେଷକରି ହେପଲିସାଭ-ବି ଟିକା ହେପାଟୋସେଲୁଲାର କର୍କଟ ରୋଗର ମଧ୍ୟ ପ୍ରତିରୋଧ କରିଥାଏ। କେତେକ ଗବେଷଣାରେ ଏହା ମଧ୍ୟ ଦେଖାଯାଇଛି ଯେ ଦୀର୍ଘକାଳୀନ ହେପାଟାଇଟିସ୍ ବି ଏବଂ ହେପାଟାଇଟିସ୍ ସି ଭୂତାଣୁ ସଂକ୍ରମିତଙ୍କ ହେପାଟୋସେଲୁଲାର୍ କର୍କଟ ରୋଗ ଉପଶମରେ ଆଣ୍ଟିଭାଇରାଲ୍ କେମୋଥେରାପି ସଫଳ ଚିକିତ୍ସା ପଦ୍ଧତି ଭାବେ ସାବ୍ୟସ୍ତ ହୋଇଛି। ଅବଶ୍ୟ, ଆଣ୍ଟିଭାଇରାଲ୍ ଟିକାଗୁଡ଼ିକ ଇବିଭି, ଏଚ୍‌ଟିଏଲ୍‌ଭି-୧ ସହିତ ଜଡ଼ିତ କର୍କଟ ଏବଂ ହର୍ପିସ ଜୀବାଣୁ ସହିତ ଜଡ଼ିତ କାପୋସି ସାର୍କୋମା ରୋକିବାରେ କମ୍ ପ୍ରଭାବଶାଳୀ ବୋଲି ଜଣାପଡ଼ିଛି।

ଭୂତାଣୁ ସଂକ୍ରମଣ ଏବଂ ତଦ୍‌ଜନିତ କର୍କଟ ରୋଗର ସୃଷ୍ଟି ସହିତ ସମ୍ଭାବ୍ୟ ବିପଦକୁ ଯଥାସମ୍ଭବ ମୁକାବିଲା କରିବାରେ ଆଗୁଆ ପ୍ରତିଷେଧକ ବ୍ୟବସ୍ଥା ବହୁ ଗୁରୁତ୍ୱପୂର୍ଣ୍ଣ। ଅନେକ ଭୂତାଣୁ ସଂକ୍ରମଣକୁ ରୋକିବାରେ ଟିକାକରଣ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହାଛଡ଼ା ଜୀବନଶୈଳୀରେ ପରିବର୍ତ୍ତନ ଯେପରିକି ତମାଖୁ ଏବଂ ମଦ୍ୟପାନ ଭଳି କର୍କଟ ସୃଷ୍ଟିକାରୀ ଦ୍ରବ୍ୟମାନଙ୍କୁ ବର୍ଜନ କରିବା, ସୁଷମ ଖାଦ୍ୟ ଗ୍ରହଣ କରିବା ଓ ବିଭିନ୍ନ ବିଶୃଙ୍ଖଳିତ ଜୀବନଚର୍ଯ୍ୟାରୁ ଦୂରେଇ ରହିବା ଦ୍ୱାରା କର୍କଟ ରୋଗର ଆଶଙ୍କାକୁ ମଧ୍ୟ ହ୍ରାସ କରାଯାଇ ପାରିବ। ଏଥିସହିତ ଭୂତାଣୁ ଜନିତ ରୋଗର ଶୀଘ୍ର ଚିହ୍ନଟ ଏବଂ ତୁରନ୍ତ ଚିକିତ୍ସା ଆରମ୍ଭ ଦ୍ୱାରା କର୍କଟକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ରୋକିବା ସହଜ ହେବ। କାରଣ ଏହା ପରବର୍ତ୍ତୀ ପର୍ଯ୍ୟାୟରେ କର୍କଟର ମାରାତ୍ମକ ପରିଣାମ ଓ ଜଟିଳତାକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଟିକାକରଣ, ଜୀବନଶୈଳୀରେ ପରିବର୍ତ୍ତନ ଏବଂ ତୁରନ୍ତ ଆଣ୍ଟିଭାଇରାଲ୍ ଚିକିତ୍ସା ବିଷୟରେ ଏକ ବିସ୍ତୃତ ଉପାୟ ଅବଲମ୍ବନ କରି ଆମେ ଭୂତାଣୁ ସଂକ୍ରମଣର ଆଶଙ୍କା ଏବଂ ତତ୍‌ସହିତ କର୍କଟ ରୋଗର ପରିଣାମକୁ ଯଥାସମ୍ଭବ ହ୍ରାସ ନିଶ୍ଚୟ କରିପାରିବା।

ତେଣୁ କର୍କଟ ଚିକିତ୍ସା ସେବା ରଣନୀତିରେ କର୍କଟ ରୋଗ ସଂକ୍ରମଣ ଜନିତ କାରଣ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏକ ବହୁତ ବଡ଼ ପ୍ରତିରୋଧକ ଭାବେ କାମ କରିବ। ଏହାଛଡ଼ା ପ୍ରାଥମିକ ସ୍ତରରେ ରୋଗ ଚିହ୍ନଟ, ଆବଶ୍ୟକ ସ୍ଥଳେ ପ୍ରତିଷେଧକ ଟିକା ବ୍ୟବସ୍ଥା ଏବଂ ଜୀବନଶୈଳୀର ପରିବର୍ତ୍ତନକୁ ଅଗ୍ରାଧିକାର ଦେବା ନିହାତି ଜରୁରୀ ହୋଇପଡିଛି। ନହେଲେ ଭାରତ ଭଳି ବିକାଶଶୀଳ ଦେଶରେ ଭୂତାଣୁ ଜନିତ କର୍କଟ ରୋଗର ନିୟନ୍ତ୍ରଣ ଓ ନିରାକରଣ ଆଗକୁ ଅଣାୟତ୍ତ ହୋଇପଡ଼ିବ।


ସହିଦ ରଘୁ-ଦିବାକରଙ୍କ ସ୍ମୃତି ଦିବସ

# ବିପ୍ଳବର ନିଆଁ ଜଳିଲା ସେଦିନ...



ସତ୍ୟବାଦୀ ବଳିଆରସିଂହ
ଖୋର୍ଦ୍ଧା, ମୋ: ୯୨୩୭୦୮ ୯୫୦୯

୧୯୩୯ ଜାନୁଆରୀ ୫ ତାରିଖ ପୂର୍ବାଞ୍ଚଳ ରାଜ୍ୟ ସମୂହର ପଲିଟିକାଲ ଏଜେଣ୍ଟ ମେଜର ଆର.ଏଲ. ବେଜେଲଗେଟ୍ ରଣପୁର ଆସି ଉତକ୍ଷିପ୍ତ ପ୍ରଜାଙ୍କ ଠେଙ୍ଗା ମାଡ଼ରେ ନିହତ ହୋଇଥିଲେ। ବେଜେଲଗେଟ୍ ହତ୍ୟାକାଣ୍ଡ ଘଟଣା ସାରା ଦେଶରେ ଚହଳ ପଡ଼ିଗଲା। ଇଂଲଣ୍ଡ ପାର୍ଲାମେଣ୍ଟରେ ମଧ୍ୟ ଆଲୋଚନା ହେଲା। କିଭଳି ହତ୍ୟା କରାଗଲା ଜାଣିବା ପାଇଁ ରଣପୁର ଜଙ୍ଗଲରୁ ପାଞ୍ଚଶହ ବାଉଁଶ ମୂଳୀ ଇଂଲଣ୍ଡ ଯାଇଥିଲା। ଏହାପୂର୍ବରୁ ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏତେ ବଡ଼ ବ୍ରିଟିଶ ସେନାଧକ୍ଷ ନିହତ ହୋଇ ନ ଥିଲେ। ଏହି ହତ୍ୟାକାଣ୍ଡକୁ ଇଂରେଜ ଲୋକେ 'ନୃଶଂସ ହତ୍ୟା' ନାମରେ ଅଭିହିତ କଲେ। ଏହି ହତ୍ୟାକାଣ୍ଡ ପରେ ସମଗ୍ର ରାଜ୍ୟର ପ୍ରଜାଗଣ ନିଜ ନିଜର ଘରଦ୍ୱାର ଓ ସମ୍ପତ୍ତିର ମାୟାମୋହ ପରିତ୍ୟାଗ କରି ଅନ୍ୟ ରାଜ୍ୟ ଓ ଖୋର୍ଦ୍ଧା ଖାସମାହାଲରେ ଆଶ୍ରୟ ନେଇଥିଲେ। ଏହାର ପ୍ରତିଶୋଧ ନେବାକୁ ଇଂରେଜ ଫଉଜ ଆସି ପ୍ରଜାଙ୍କୁ ଖୋଜି ନପାଇ ଫେରିଯିବା ଥିଲା ଏକ ଅଦ୍ୱିତୀୟ ଘଟଣା। ପୁନଶ୍ଚ ଦୁଇଜଣ ବିପ୍ଳବୀ ରଘୁ ଓ ଦିବାକର ଏକ ସମୟରେ ଫାଶୀବରଣ କରିବା ମଧ୍ୟ ଥିଲା ଅନ୍ୟ ଏକ ଅସାଧାରଣ ଘଟଣା। ଗଡ଼ଜାତ ପ୍ରଜା ଆନ୍ଦୋଳନରେ ଫାଶୀବରଣ କରିବାରେ ରଘୁ-ଦିବାକର ପ୍ରଥମ ଓଡ଼ିଆ।





ବେଜେଲଗେଟ୍ ହତ୍ୟାକାଣ୍ଡ ପରେ ରଣପୁରରେ ଚାଲିଲା ବ୍ୟାପକ ଗିରଫଦାରୀ ଓ ଅମାନୁଷିକ ତାଣ୍ଡବଲୀଳା। ପ୍ରଜାମଣ୍ଡଳର ନେତାମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଅଭିଯୁକ୍ତ କରିବା ପାଇଁ ଷଡ଼ଯନ୍ତ୍ର ଚାଲିଲା। ଫଳରେ ସିପାହୀ ହମିଦ୍ ଖାଁ ବେଜେଲଗେଟ୍ ହତ୍ୟାର ଏକମାସ ୪ଦିନ ବା ୩୪ଦିନ ପରେ ଥାନାରେ ଏତଲା ଦେଇଥିଲେ। ଏହି ହତ୍ୟାକାଣ୍ଡର ତଦନ୍ତ କରିବା ପାଇଁ ଓଡ଼ିଶାର ଖ୍ୟାତନାମା ସିଆଇଡି ଇନସ୍ପେକ୍ଟର ବାବୁ ମନବୋଧ ପଣ୍ଡା ଓ ସବ୍‌ଇନସ୍ପେକ୍ଟର ଗଙ୍ଗାଧର ଦ୍ୱିବେଦୀ ନିଯୁକ୍ତ ହେଲେ। ରଣପୁରର ବିଭିନ୍ନ ଅଞ୍ଚଳରୁ ୧୦୪ ଜଣ ପ୍ରଜାମଣ୍ଡଳର ସଂଗଠକ ଓ ସମର୍ଥକ ଏକ ସଭା କରି ରାଜ ଦରବାରୀଙ୍କୁ ଭୟ ପ୍ରଦର୍ଶନ ପୂର୍ବକ ରାଜବାଟୀ ସାମନାରେ ସମବେତ ହୋଇ ବନ୍ଦୀମାନଙ୍କୁ ମୁକ୍ତ କରି ଦେଲେ ବୋଲି ରାଜଦ୍ରୋହ ଅପରାଧରେ ଭାରତୀୟ ପିଙ୍ଗଳ କୋଡ୍‌ର ୧୨୪ ଓ ୧୨୪(କ) ଦଫାରେ ଏତଲା ହେଲା। ଏହାବ୍ୟତୀତ ସେମାନଙ୍କ ଉପରେ ହତ୍ୟା ମୋକଦ୍ଦମା ଓ ନାନା ପ୍ରକାର ମିଥ୍ୟା ଆଳରେ ମୋକଦ୍ଦମା ଦାୟର ହେଲା। ପୁଲିସ ପକ୍ଷରୁ ଘଟଣାର ୩୪ଦିନ ପରେ ଏତଲା ଦିଆଯାଇଥିଲା। ଯେଉଁମାନେ ରାଜା ଓ ରାଜ କର୍ମଚାରୀମାନଙ୍କୁ ବିରୋଧ କରୁଥିଲେ ସେମାନଙ୍କ ବିରୋଧରେ ମିଥ୍ୟା ସାକ୍ଷୀ ସଂଗ୍ରହ କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯାଉଥିଲା। ସେଥିପାଇଁ ଏତେବଡ଼ ଘଟଣା ଘଟିଥିଲେ ମଧ୍ୟ ଏତଲା ଦେବା ପାଇଁ ୩୪ଦିନ ସମୟ ଲାଗିଥିଲା। ଏତଲାରେ ନାଁ ଥିବା ୧୦୪ଜଣଙ୍କ ବିଚାର ପାଇଁ ନ୍ୟାୟାଧୀଶ ଭାବେ ଗୟା ଜିଲ୍ଲା, ବିହାରର ଗୋରା ଦୌରା ଜଜ୍ ଜେ.ଜି. ସିଅରର, ଦୌରା ଜଜ୍ ଏସ୍.କେ.ଦାସଗୁପ୍ତା, ଶିବ ରମଣ (ଆଇସିଏସ୍) ଓ ବି.ସି.ପଟ୍ଟନାୟକ ଥିଲେ।

ବିଚାର ଶେଷରେ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ଫାଶୀ, ଆଠ ଜଣଙ୍କୁ ଆଜୀବନ କାରାଦଣ୍ଡ ଓ ଅନ୍ୟ ଦଶ ଜଣଙ୍କୁ ଜେଲ ଦଣ୍ଡାଦେଶ ହୋଇଥିଲା। ଏମାନଙ୍କ ମଧ୍ୟରୁ ଅଧିକାଂଶ ନିର୍ଦ୍ଦୋଷ ଥିଲେ। ବେଜେଲଗେଟ୍‌ଙ୍କୁ ଯେଉଁ ସ୍ଥାନରେ ହତ୍ୟା କରାଗଲା ସେ ସ୍ଥାନକୁ ଏହି ଦୋଷୀମାନଙ୍କ ଭିତରୁ ଅନେକ ଯାଇ ନ ଥିଲେ। ବେଜେଲଗେଟ୍‌ଙ୍କ ଗୁଳିରେ ମୟୁରଝାଲିଆ ଗ୍ରାମର ଅର୍ଜୁନ ରାଉତ ନିହତ ହୋଇଥିବା ବେଳେ କାଞ୍ଚନପୁରର ନାଥ ଭୋଳଙ୍କ କାନମୁଣ୍ଡାରେ ଗୁଳି ବାଜିଥିଲା। ରଘୁ-ଦିବାକର ମଧ୍ୟ ସେ ସ୍ଥାନକୁ ଯାଇ ନଥିଲେ, ଅଥଚ ଫାଶୀ ଦଣ୍ଡାଦେଶ ପାଇଲେ। ମିଥ୍ୟା ସାକ୍ଷୀର ବୟାନରେ ସତ ମିଛ ହୁଏ ଏବଂ ମିଛ ସତ ହୁଏ।

ମଦନ ମୋହନ ଦାଶ, ଚକ୍ରଧର ପରିଡ଼ା, କୃଷ୍ଣଚନ୍ଦ୍ର ବାହିନୀପତି ଓ ଅଗାଧ ବରାଡ଼ଙ୍କଠାରୁ ପ୍ରାପ୍ତ ତଥ୍ୟ ଅନୁସାରେ କୁଳାସରର ନାରାୟଣ ଦାଶ, ପାମ୍ପଡ଼ାର ଭୀମ ବାଉରୀ, ସାମୁକା ସାହିର ବାବାଜୀ ଦାଶଙ୍କ ପ୍ରଥମ ଲାଠି ମାଡ଼ରେ ବେଜେଲଗେଟ୍‌ଙ୍କ ମୃତ୍ୟୁ ହୋଇଥିଲା। ପରେ ଅନ୍ୟମାନେ ନିର୍ଘାତ ଭାବେ ପିଟି ପିଟି ହତ୍ୟା କରିଥିଲେ। କିନ୍ତୁ ପୁଲିସ ଏତାଲାର କ୍ରମ ୪୪ରେ ନାରାୟଣ ଦାଶ ଏବଂ କ୍ରମ ୧୦୪ରେ ଭୀମା ବାଉରୀଙ୍କର ନାମ ଥିଲା, କିନ୍ତୁ ବାବାଜୀ ଦାଶଙ୍କ ନାମ ଆଦୌ ନଥିଲା। ଏହି ଘଟଣା ନେଇ ଓଉତ୍ତମ ଚରଣ ପ୍ରଧାନ, ଯେ କି ଜଣେ ଅବସରପ୍ରାପ୍ତ ଓଏଏସ୍ ଅଫିସର ତଥା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ 'କଳାହାଣ୍ଡିର ଲୋକକଥା' ପୁସ୍ତକର ଉପକ୍ରମଣିକାରେ ଏହି ଘଟଣା ଯେଭଳି ଉପସ୍ଥାପନ କରିଛନ୍ତି, ତାହା ସତ୍ୟ ଉଦ୍‌ଘାଟନ କରେ -

ବେଜେଲଗେଟ୍‌କୁ ଠେଙ୍ଗାରେ ପ୍ରଥମେ ପିଟି ଆଘାତ ଦେଇଥିବା କୁଳାସର ଗ୍ରାମର ନାରାୟଣ ଦାଶ ବେଜେଲଗେଟ୍ ହତ୍ୟା ପରେ ପ୍ରାଣ ଭୟରେ କଳାହାଣ୍ଡିର କେଶିଙ୍ଗା ଥାନା ଅନ୍ତର୍ଗତ କିଂକିଆ ପଞ୍ଚାୟତର କଣ୍ଟାମାଳ ଗ୍ରାମକୁ ଚାଲିଯାଇଥିଲେ। ସେହି ଗ୍ରାମର ଗୌନ୍ତିଆ ନାରାୟଣ ଦାଶଙ୍କ ବୈଦେହୀଶ ବିଳାସ ଛାନ୍ଦ ଆବୃତ୍ତିରୁ ଜିଜ୍ଞାସା କରି ପରିଚୟ ପାଇଥିଲେ। ସେ ବିପଦରେ ପଡ଼ିଥିବା ଜାଣି ଘରେ ଆଶ୍ରୟ ନେଇଥିଲେ। ୧୯୩୯ରୁ ଦୀର୍ଘ ଆଠ ବର୍ଷ କାଳ ସେ ସେହିଠାରେ ହିଁ ଆଶ୍ରୟ ନେଇଥିଲେ। ଦିନେ ଗୌନ୍ତିଆଙ୍କ ଘରେ ଏକ ସନ୍ତାନ ଜାତ ହେଲା। ଆଶ୍ରୟ ନେଇଥିବା ନାରାୟଣ ଦାଶ ଜଣେ ବ୍ରାହ୍ମଣ ଓ ଜ୍ୟୋତିଷ୍ୟ ମଧ୍ୟ ଥିଲେ। ସେ ନବଜାତକର କୋଷ୍ଠୀ କରିବା ପାଇଁ ଖଣ୍ଡେ କାଗଜ ଓ ଉକ୍ତ କାଗଜ ଅନ୍ୟ କାଗଜ ଉପରେ ପକାଇ ଲେଖିବା ପାଇଁ ପାଖରେ ଥିବା ଏକ ଖବରକାଗଜକୁ ମାଗିଲେ। ସେ ଯେତେବେଳେ ଖବରକାଗଜ ଦେଖିଲେ ଓ ପଢ଼ିଲେ ଆନନ୍ଦରେ ଅଧିର ହୋଇ ପଡ଼ିଲେ। କହିଲେ ଆମ ଦେଶ ସ୍ୱାଧୀନ ହୋଇସାରିଛି। ଏହା ଏକ ଅତ୍ୟନ୍ତ ଉତ୍ତମ ସମ୍ବାଦ। ଏଣୁ ଏ ପୁଅର ନାମ ଉତ୍ତମ କୁମାର ରଖାଯାଉ।

ସମୟ ଚକ୍ରରେ ଅନେକ ସତ୍ୟ ଲୁଚିଯାଏ। ସେ ସତକୁ ନ ସାଉଁଟିଲେ ତା'ର ଯେ ବିଲୟ ଘଟିବ ଏଥିରେ ସନ୍ଦେହ ନାହିଁ। ରଘୁ-ଦିବାକର ହତ୍ୟାକାରୀ ନଥିଲେ କିନ୍ତୁ ସେମାନଙ୍କ କଥାରେ ପ୍ରଜାମଣ୍ଡଳ କାର୍ଯ୍ୟ ଚାଲୁଥିଲା। ବିପ୍ଳବୀ ଦିବାକରଙ୍କ ବିପ୍ଳବୀ କବିତା ଶୁଣିଲେ ଏବେ ବି ଲୋମ ଟାଙ୍କୁରି ଉଠେ। ବେଜେଲଗେଟ୍ ହତ୍ୟାକାଣ୍ଡ ଅଭିଯୋଗରେ ଡ. ହରେକୃଷ୍ଣ ମହତାବଙ୍କୁ ମଧ୍ୟ ଛନ୍ଦା ଯାଇଥିଲା। ମହାତ୍ମା ଗାନ୍ଧୀଙ୍କ ପରାମର୍ଶରେ ବ୍ରିଟିଶ ପାର୍ଲାମେଣ୍ଟ ସଦସ୍ୟ ମିସ୍ ଆଗାଥା ହେରିସନ ତାଙ୍କୁ ମୁକୁଳାଇଥିଲେ। ୧୯୪୧ ଏପ୍ରିଲ ୪ ତାରିଖରେ ରଘୁ-ଦିବାକର ବିହାରର ଭାଗଲପୁର ଜେଲରେ ଏକ ସଙ୍ଗେ ଫାଶୀବରଣ କରି ଦେଶ ପାଇଁ ସହିଦ ହୋଇଗଲେ। ସେମାନେ କାଳଜୟୀ ଓ ଅମର, ଏ ଜାତିର ପୂଜ୍ୟ ନମସ୍ୟ। ଯୁଗ ଯୁଗ ଧରି ସେମାନଙ୍କ ବୀରତ୍ୱ ଗାଥା ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିବ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଏସ୍‌ସିବିରେ ପ୍ରଥମ ଯକୃତ ପ୍ରତିରୋପଣ



## ଡିଗିରିଆ ଅଞ୍ଚଳର ବ୍ୟକ୍ତିଙ୍କ ଶରୀରରେ ପ୍ରତିରୋପଣ
## ପତ୍ନୀ ଦାନକଲେ ନିଜ ଯକୃତର ଦୁଇ ତୃତୀୟାଂଶ

**କଟକ,୩।୪(ସମିସ):** ରାଜ୍ୟ ସ୍ୱାସ୍ଥ୍ୟସେବା ଜଗତରେ ନୂଆ ଇତିହାସ ପୃଷ୍ଠାଟିଏ ଯୋଡ଼ି ହୋଇଛି। ସରକାରୀ ବ୍ୟବସ୍ଥା ଭିତରେ ପ୍ରଥମଥର ନିମନ୍ତେ କଟକ ବଡ଼ ମେଡିକାଲରେ ସଫଳ ହୋଇଛି ଯକୃତ ପ୍ରତିରୋପଣ। ଏଥିସହ ୧୨ ବର୍ଷ ପ୍ରତୀକ୍ଷାର ଅବସାନ ଘଟିଛି। ଡିଗିରିଆ ଅଞ୍ଚଳର ୪୫ବର୍ଷୀୟ ଜଣେ ବ୍ୟକ୍ତିଙ୍କ ଶରୀରରେ ଯକୃତ ପ୍ରତିରୋପଣ କରାଯାଇଛି। ମଧ୍ୟବିତ୍ତ ଶ୍ରେଣୀର ଏହି ବ୍ୟକ୍ତି ଜଣକ ଡ୍ରାଇଭର ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ଯକୃତ ପ୍ରତିରୋପଣ ଭଳି ମହଙ୍ଗା ସ୍ୱାସ୍ଥ୍ୟସେବା ଏଠାରେ ସମ୍ପୂର୍ଣ୍ଣ ନିଃଶୁଳ୍କରେ ତାଙ୍କୁ ଯୋଗାଇ ଦିଆଯାଇଛି। ତାଙ୍କ ପତ୍ନୀଙ୍କ ଯକୃତର ଦୁଇ ତୃତୀୟାଂଶ କାଟି ନିଆଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ଶରୀରରେ ପ୍ରତିରୋପିତ ହୋଇଛି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ହାଇଦ୍ରାବାଦ ଏସିଆନ ଇନଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଏଆଇଜି)ର ୯ ଜଣ ଏବଂ ବଡ଼ ମେଡିକାଲର ୧୫ ଜଣ ଡାକ୍ତରଙ୍କୁ ମିଶାଇ ମୋଟ୍ ୨୪ଜଣିଆ ଡାକ୍ତରୀ ଦଳ ଏହି ପ୍ରତିରୋପଣ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଏଆଇଜି ଲିଭର୍ ଟ୍ରାନ୍ସପ୍ଲାଣ୍ଟର ନିର୍ଦ୍ଦେଶକ ତଥା ମୁଖ୍ୟ ପି. ବାଲଚନ୍ଦ୍ରନ ମେନନ୍ ପ୍ରତିରୋପଣରେ ପ୍ରମୁଖ ଭୂମିକା ତୁଲାଇଥିଲେ।

ପୂର୍ବ ପ୍ରସ୍ତୁତି ଅନୁଯାୟୀ, ବୁଧବାର ସକାଳ ୭ଟାରୁ ପ୍ରତିରୋପଣ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଟ୍ରମା କାଜୁଆଲ୍‌ଟି ଉପର ମହଲାରେ ଥିବା ଯକୃତ ପ୍ରତିରୋପଣ ୟୁନିଟରେ ଏକ ସଙ୍ଗରେ ଦୁଇଟି ଅସ୍ତ୍ରୋପଚାର କକ୍ଷ କାର୍ଯ୍ୟ କରିଥିଲା। ସକାଳ ପ୍ରାୟ ୭.୩୦ରେ ଯକୃତ ଆକ୍ରାନ୍ତ ଥିବା ବ୍ୟକ୍ତିଙ୍କ ପତ୍ନୀଙ୍କୁ ପ୍ରଥମେ ଉକ୍ତ କକ୍ଷକୁ ନିଆଯାଇଥିଲା। ଦିନ ପ୍ରାୟ ୧୨.୩୦ ସୁଦ୍ଧା ତାଙ୍କ ଯକୃତର ଦୁଇ ତୃତୀୟାଂଶ କାଟି କଢ଼ା ଯାଇଥିଲା। ଅପରପାଶ୍ୱର୍ରେ ସକାଳ ୯.୩୦ରେ ଅପରେସନ ଥିଏଟରେ ଭର୍ତ୍ତି ହୋଇଥିଲେ ସମ୍ପୃକ୍ତ ବ୍ୟକ୍ତିଜଣକ। ଅପରାହ୍ନ ୪.୩୦ରେ ପ୍ରତିରୋପଣ ସଫଳତାର ସହ ଶେଷ ହୋଇଥିଲା। ଅଧୀକ୍ଷକ ପ୍ରଫେସର ଡାକ୍ତର ମିଶ୍ରଙ୍କ କହିବାନୁସାରେ, ଅନ୍ୟ ଅଙ୍ଗ ପ୍ରତିରୋପଣ ତୁଳନାରେ ଯକୃତ ପ୍ରତିରୋପଣ ଏକ ଭିନ୍ନ ଏବଂ ଜଟିଳ ପଦ୍ଧତି। ଏଥିରେ ୪ଟି ରକ୍ତନଳୀକୁ ଯୋଡ଼ିବାକୁ ପଡିଥିଲା। ଏଗୁଡିକ ହେଲା, ହେପାଟିକ ଭେନ, ହେପାଟିକ ଆର୍ଟେରୀ, ପୋର୍ଟାଲ ଭେନ ଏବଂ ବାଇଲ ଡକ୍ଟ। ପ୍ରତିରୋପଣ କରାଯିବା ପରେ ଯକୃତ ମଧ୍ୟକୁ ରକ୍ତପ୍ରବାହ ଜାଣିବା ନିମନ୍ତେ ଇଣ୍ଟ୍ରାଅପରେଟିଭ ଅଲଟ୍ରାସାଉଣ୍ଡ (ଆଇଓୟୁଏସ୍) କରାଯାଇଥିଲା। ରକ୍ତପ୍ରବାହ ସଠିକ ଥିବା ସ୍ପଷ୍ଟ ହୋଇଛି। ଏଣୁ ପ୍ରତିରୋପଣ ସଫଳ ହୋଇଛି। ମାତ୍ର ଏହା ପରବର୍ତ୍ତୀ ଚିକିତ୍ସାଗୁଡିକ ପ୍ରତି ଅଧିକ ଧ୍ୟାନ ଦେବାକୁ ପଡିବ। ଡାକ୍ତର ଏବଂ ନର୍ସିଂ ଅଫିସରମାନେ ୨୪ଘଣ୍ଟିଆ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତି ଧ୍ୟାନ ଦେବେ। ଏଆଇଜି ଟିମ୍ ମଧ୍ୟ କିଛି ଦିନ ରହି ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିବ। ଉଭୟଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଏବଂ ପୃଷ୍ଟିସାର ସନ୍ତୁଳନ କରିବା ଦିଗରେ ବିଶେଷ ଦୃଷ୍ଟି ଦିଆଯିବ। ସମସ୍ତଙ୍କ ଉଦ୍ୟମରେ ଉଭୟ ଯକୃତଦାତା ଏବଂ ଗ୍ରହୀତାଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ କରିବାକୁ ଚେଷ୍ଟା କରାଯିବ ବୋଲି ଅଧୀକ୍ଷକ ପ୍ରଫେସର ଡାକ୍ତର ମିଶ୍ର କହିଛନ୍ତି।

## ପରୀ ଦୁଷ୍କର୍ମ ଓ ହତ୍ୟା ମାମଲା ଦଣ୍ଡାଦେଶକୁ ଚ୍ୟାଲେଞ୍ଜ
# ହାଇକୋର୍ଟଙ୍କ ରେକର୍ଡ ତଲବ୍

**କଟକ,୩।୪(ସମିସ):** ନୟାଗଡ଼ ଯଦୁପୁରର ଶିଶୁକନ୍ୟା ପରୀ ଦୁଷ୍କର୍ମ ଓ ହତ୍ୟାକାଣ୍ଡ ଘଟଣାରେ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ଚାଲେଞ୍ଜ କରି ଗିରଫ ଅଭିଯୁକ୍ତ ସରୋଜ ସେଠୀ ପକ୍ଷରୁ ଦାୟର କ୍ରିମିନାଲ ଅପିଲକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ନିମ୍ନ ଅଦାଲତକୁ ହାଇକୋର୍ଟ ରେକର୍ଡ ତଲବ କରିଛନ୍ତି। ସରୋଜ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ଫେବୃଆରୀ ୬ତାରିଖରେ ନୟାଗଡ଼ ଜିଲ୍ଲା ଦୋ÷ରା ଜଜ୍ ତଥା ପୋକ୍ସୋ ଅଦାଲତ ପରୀ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଅଭିଯୁକ୍ତ ସରୋଜକୁ ୨୦ବର୍ଷ ସଶ୍ରମ ଜେଲ୍ ଦଣ୍ଡରେ ଦଣ୍ଡିତ କରିଥିଲେ। ଏହି ଘଟଣାରେ ଗତ ୨୦୨୦ ଡିସେମ୍ବର ୨୧ରେ ଅଭିଯୁକ୍ତ ସରୋଜକୁ କ୍ରାଇମବ୍ରାଞ୍ଚର ଏସଆଇଟି ଗିରଫ କରିଥିଲା। ଗତ ୨୦୨୩ ଡିସେମ୍ବରରେ ଏହି ଘଟଣାରେ ଅଭିଯୁକ୍ତର ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ ଏବଂ ୨୦୨୪ ଫେବୃଆରୀ ଶେଷସୁଦ୍ଧା ନିମ୍ନ ଅଦାଲତ ଶୁଣାଣି ଶେଷ କରି ରାୟ ପ୍ରକାଶ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ରାୟ ପ୍ରକାଶ ପରେ ଏହାକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମାନସ ଚାନ୍ଦ ମାମଲା ପରିଚାଳନା କରୁଛନ୍ତି।

# ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

**ଡିଗିରିଆ, ୩।୪(ସମିସ):** କଟକ ଜିଲ୍ଲା ଡିଗିରିଆ ଥାନା ଅନ୍ତର୍ଗତ ବାଲିପୁଟ ନିକଟସ୍ଥ କାଳିଚାବଲ୍ଲଭ ସଂରକ୍ଷିତ ଜଙ୍ଗଲକୁ ବେତକୋଳି ସଂଗ୍ରହ କରିବାକୁ ଯାଇଥିବା ସମୟରେ ଏକ ଜଙ୍ଗଲୀ ହାତୀ ଆକ୍ରମଣରେ ସେହି ଗ୍ରାମର ବସନ୍ତ ଦେଉରୀ (୭୫)ଙ୍କ ପରଲୋକ ହୋଇଛି। ବୁଧବାର ସକାଳ ପ୍ରାୟ ୮.୩୦ରେ ବାଲିପୁଟ ଗ୍ରାମର ବସନ୍ତଙ୍କୁ ଜଙ୍ଗଲୀ ହାତୀ ଆକ୍ରମଣ କରିଥିଲା। ଆକ୍ରମଣ ସମୟରେ ବସନ୍ତଙ୍କ ଚିତ୍କାର ଶୁଣି ଜାଳେଣୀ କାଠ ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇଥିବା ଅନ୍ୟଲୋକମାନେ ଏ ସଂକ୍ରାନ୍ତରେ ଜାଣିବା ପରେ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ଗୁରୁତର ବସନ୍ତଙ୍କୁ ଉଦ୍ଧାର କରି ଡିଗିରିଆ ସରକାରୀ ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଡିଗିରିଆ ଥାନା କର୍ମଚାରୀ ତଥା ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ଆଠଗଡ ସରକାରୀ ଡାକ୍ତରଖାନାକୁ ପଠାଇଛନ୍ତି। ଅପରାହ୍ନରେ ଜଙ୍ଗଲ ବିଭାଗ ପକ୍ଷରୁ ମୃତକ ପରିବାରକୁ ୬୦ ହଜାର ଟଙ୍କାର ତତ୍କାଳ ସହାୟତା ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ଆଉ ୫ ଲକ୍ଷ ୪୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି ଡିଗିରିଆ ବନପାଳ ସୂଚନା ଦେଇଛନ୍ତି।

# ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କୁ ହତ୍ୟା ମାମଲା: ଦୋଷୀକୁ ଆଜୀବନ

**କଟକ, ୩।୪(ସମିସ):** କଟକ ଉପକଣ୍ଠ କନ୍ଦରପୁର କଲେଜର ପୂର୍ବତନ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ସୁଦର୍ଶନ ଶତପଥୀଙ୍କ ହତ୍ୟା ମାମଲାରେ ଅଭିଯୁକ୍ତ ଅର୍ଜୁନ ଜେନା (୪୩)କୁ କଟକ ଦ୍ୱିତୀୟ ଅତିରିକ୍ତ ଦୋ÷ରା ଜଜ୍ ସ୍ରୋତସ୍ୱିନୀ କର ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଇପିସି ଦଫା ୩୦୨ରେ ଦୋଷୀକୁ ଆଜୀବନ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ ଯେ ସିଦ୍ଧେଶ୍ୱରପୁର ଅଞ୍ଚଳରେ ୨୦୨୧, ଅଗଷ୍ଟ ୨୯ ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ଏହି ହତ୍ୟାକାଣ୍ଡ ହୋଇଥିଲା। ପାନ ଦୋକାନ କରିଥିବା ଆସାମୀ ଅର୍ଜୁନକୁ ଧାରଟଙ୍କା ଫେରାଇବାକୁ ଶ୍ରୀ ଶତପଥୀ କହିବାରୁ ଅର୍ଜୁନ ଏକ କଟୁରି ଦ୍ୱାରା ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶ୍ରୀ ଶତପଥୀ ପଡିଥିବା ବେଳେ ଅର୍ଜୁନ ଫେରାର ହୋଇଯାଇଥିଲା। ପରେ ଆହତଙ୍କୁ ଏସସିବିରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ତରଫରୁ କନ୍ଦରପୁର ଥାନାରେ ଏକ ଏତଲା ଦିଆଯାଇଥିଲା। ପୁଲିସ ଏକ ହତ୍ୟା ମାମଲା ରୁଜୁକରି ଅର୍ଜୁନକୁ ଗିରଫ କରିବା ପରେ ଚାର୍ଜସିଟ ଦାଖଲ କରିଥିଲା। ମୃତକଙ୍କ ପୁଅ, ଏସସିବି ମେଡିକାଲର ଡାକ୍ତର, ଫରେନ୍ସିକ ଅଧିକାରୀ, ତଦନ୍ତ ଅଧିକାରୀଙ୍କ ସମେତ ୧୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ୨୫ଟି ନଥିପତ୍ର ସହ ଘଟଣାସ୍ଥଳରୁ ଜବତ କଟୁରି, ରକ୍ତଭିଜା ପୋଷାକ ଆଦି ଉପସ୍ଥାପନ କରାଯାଇଥିଲା। ସରକାରଙ୍କ ତରଫରୁ ନନ୍ଦନନ୍ଦନ ମହାପାତ୍ର ଓ ଦେବାଶିଷ ସାମନ୍ତରାୟ ମାମଲା ପରିଚାଳନା କରୁଥିଲେ।

# ଅବଶିଷ୍ଟାଂଶ...

## ୯ ମୃତ...

ସ୍ଥାନାନ୍ତର କରୁଛି। ଏହି ଭୂକମ୍ପରେ ଅନେକ କୋଠାବାଡ଼ି କ୍ଷତିଗ୍ରସ୍ତ ହୋଇଛି। ଭଗ୍ନ, ଅର୍ଦ୍ଧଭଗ୍ନ କୋଠାଗୁଡ଼ିକରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରାଯାଉଛି। ଭୂକମ୍ପ ଯୋଗୁ ଅନେକ ସ୍ଥାନରେ ବଡ଼ ବଡ଼ ଭୂସ୍ଖଳନ ଘଟି ସଡ଼କ ପୋତି ହୋଇଯିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଏହି ଭୂକମ୍ପ ପରେ ଦକ୍ଷିଣ ଜାପାନ ଓ ଫିଲିପାଇନ୍ସରେ ସୁନାମୀ ଚେତାବନୀ ଦିଆଯାଇଥିଲା ଯାହା ପରେ ପ୍ରତ୍ୟାହାର କରିନିଆଯାଇଛି। ଏହି ବିପଦ ବେଳାରେ ତାଇୱାନକୁ ସମସ୍ତ ସହାୟତା ତୁରନ୍ତ ଦିଆଯିବ ବୋଲି ଆମେରିକା ସରକାର କହିଛନ୍ତି। ତାଇୱାନର ରାଜଧାନୀ ତାଇପେଇରେ ୫୦ଥର ଭୂକମ୍ପ ପରବର୍ତ୍ତୀ ଝଟକା ଅନୁଭୂତ ହେଲାଣି। ତେବେ ଏହି ଭୂକମ୍ପରେ ତାଇୱାନର ଦୁଇ ଆଣବିକ ଶକ୍ତି କେନ୍ଦ୍ରର ଓ ରେଲ ସିଷ୍ଟମର କିଛି କ୍ଷତି ହୋଇନଥିବା କୁହାଯାଇଛି। ଭୂକମ୍ପ ପରେ ବିଦ୍ୟୁତ ସରବାରହ ବ୍ୟାହତ ହୋଇଥିଲା, ରେଳ ଚଳାଚଳ ବନ୍ଦ କରିଦିଆଯାଇଥିଲା କିନ୍ତୁ ଇତିମଧ୍ୟରେ ବିଦ୍ୟୁତ ବ୍ୟବସ୍ଥା ସଜାଡ଼ି ଦିଆଯାଇଛି ଓ ରେଳ ଚଳାଚଳ ଆରମ୍ଭ ହୋଇଛି। ପ୍ରଶାନ୍ତ ମହାସାଗରୀୟ(ପ୍ୟାସିଫିକ୍) ଅଞ୍ଚଳର ସେସମିକ୍ ଫଲ୍ଟ ଲାଇନ ଯାହାକୁ ରିଂ ଅଫ୍ ଫାୟାର କୁହାଯାଏ ତାହାର ଅତି ନିକଟରେ ତାଇୱାନ ଥିବାରୁ ଏହି ଦ୍ୱୀପ ଦେଶରେ ପ୍ରତିବର୍ଷ ଅନେକ ଥର ଛୋଟବଡ଼ ଭୂକମ୍ପ ଘଟିଥାଏ। ଏହି ଅଞ୍ଚଳରେ ଫିଲିପାଇନ୍ସ ସି ପ୍ଲେଟ୍ ଓ ୟୁରେସିଆନ ପ୍ଲେଟ୍-ଏହି ଦୁଇ ଟେକ୍ଟୋନିକ୍ ପ୍ଲେଟର ଘର୍ଷଣ ଓ ଧକ୍କାରୁ ଜାତ ଅତିପ୍ରବଳ ଶକ୍ତି ଥରେ ଥରେ ଭୂକମ୍ପ ଆକାରରେ ରିଲିଜ୍ ହୋଇଥାଏ। ତେଣୁ ଟେକ୍ନୋଲୋଜିରେ ଅଗ୍ରଣୀ ଏହି ଦେଶ ଭୂକମ୍ପଜନିତ ଦୁରବସ୍ଥାର ମୁକାବିଲା କରିବାକୁ ଆପାତତଃ ପ୍ରସ୍ତୁତ ହୋଇ ରହିଥାଏ। ତେଣୁ କ୍ଷୟକ୍ଷତିକୁ ରୋଯାଇନପାରିଲେ ସୁଦ୍ଧା ଲୋକେ ଭୂକମ୍ପ ସଚେତନ ଥିବାରୁ କମ୍ ସଂଖ୍ୟାରେ ଜୀବନହାନୀ ଘଟିଥାଏ।

## ୨୭ ବିଧାନସଭା...

ତାଙ୍କ ପୁତ୍ର ଅଙ୍କିତ ପ୍ରତାପ ଜେନାଙ୍କୁ ପ୍ରାର୍ଥୀ କରିଛି। ସେହିପରି ୫ଟି ଲୋକସଭା କ୍ଷେତ୍ର ପାଇଁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଛନ୍ତି। ବଲାଙ୍ଗିର ପାଇଁ ସୁରେନ୍ଦ୍ର ସିଂ ଭୋଇଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିଥିବା ବେଳେ ଭଦ୍ରକ ପାଇଁ ମଞ୍ଜୁଲତା ମଣ୍ଡଳ, ବରଗଡ ପାଇଁ ପରିଣିତା ମିଶ୍ର, ବ୍ରହ୍ମପୁର ପାଇଁ ଭୃଗୁ ବକ୍ସିପାତ୍ର ଓ କେନ୍ଦୁଝର ପାଇଁ ଧନୁର୍ଜୟ ସିଦ୍ଧୁଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଘୋଷିତ ବିଧାନସଭା ପ୍ରାର୍ଥୀ ତାଲିକାରେ ମୋଟ ୨୭ ଜଣଙ୍କ ନାମ ଥିବାବେଳେ ଏଥିରେ ୯ ନୂଆ ପ୍ରାର୍ଥୀ ଅଛନ୍ତି। ପ୍ରଥମଥର ପାଇଁ ଏହି ୯ ଜଣ ବିଧାନସଭା ନିର୍ବାଚନ ଲଢ଼ିବେ । ସେମାନେ ହେଲେ ଫୁଲବାଣୀରୁ ଜୟଶ୍ରୀ କହଁର, ମାହାଙ୍ଗାରୁ ଅଙ୍କିତ ପ୍ରତାପ ଜେନା, ତିର୍ତ୍ତୋଲରୁ ରମାକାନ୍ତ ଭୋଇ, ପାରଳାଖେମୁଣ୍ଡିରୁ ରୂପେଶ ପାଣିଗ୍ରାହୀ, ରାଜଗାଙ୍ଗପୁରରୁ ଅନୀଲ ବରୁଆ, ଯଶିପୁରରୁ ଚକ୍ରଧର ହେମ୍ବ୍ରମ, ତଳସରାରୁ ଅନୁସୂୟା ପାତ୍ର, ମୋରଡାରୁ ପ୍ରୀତିନନ୍ଦା କାନୁନଗୋ ଓ ସୋରରୁ ମାଧବ ଧଡ଼ା। ସେହିପରି ପରିଣିତା ମିଶ୍ର ବରଗଡ଼ରୁ ପ୍ରଥମଥର ଲୋକସଭା ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି।

## ୧୧୯ରୁ ୨୫...

ଘୋଷିତ ୨୭ ଜଣିଆ ପ୍ରାର୍ଥୀ ତାଲିକାରେ ୭ ଜଣ ମହିଳା ଥିବାବେଳେ ଲୋକସଭା ପାଇଁ ଘୋଷିତ ୫ଟି ଆସନରୁ ମଧ୍ୟରୁ ୨ ଜଣ ମହିଳା ଅଛନ୍ତି । ବିଧାନସଭା ପାଇଁ ଘୋଷିତ ପ୍ରାର୍ଥୀଙ୍କ ମଧ୍ୟରେ ବ୍ରଜରାଜନଗରରୁ ଅଲକା ମହାନ୍ତି, ଝାରସୁଗୁଡ଼ାରୁ ଦୀପାଳି ଦାସ, ତଳସରାରୁ ବିନୟ ଟପ୍ପୋ, ବଡ଼ସାହିରୁ ଅନସୂୟା ପାତ୍ର, ମୋରଡାରୁ ପ୍ରୀତିନନ୍ଦା କାନୁନଗୋ, ଫୁଲବାଣୀରୁ ଜୟଶ୍ରୀ କହଁର, ଖଲ୍ଲିକୋଟରୁ ସୂର୍ଯ୍ୟମଣୀ ବୈଦ୍ୟ ଓ ଆସ୍କାରୁ ମଞ୍ଜୁଳା ସ୍ୱାଇଁଙ୍କୁ ଦଳ ଟିକଟ ଦେଇଛି। ଅନୁରୂପ ଭାବରେ ଲୋକସଭା ପାଇଁ ଆଜି ଘୋଷିତ ପ୍ରାର୍ଥୀ ତାଲିକାରେ ଭଦ୍ରକ ଆସନ ପାଇଁ ମଞ୍ଜୁଲତା ମଣ୍ଡଳ ଓ ବରଗଡରୁ ପରିଣିତା ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏଠାରେ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିବା ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ୧୨ ଜଣ ମହିଳାଙ୍କୁ ସ୍ଥାନ ଦେଇଥିଲେ। ସେହିପରି ଲୋକସଭା ପାଇଁ ୪ ଜଣଙ୍କୁ ମହିଳା ପ୍ରାର୍ଥୀଙ୍କୁ ସୁଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ। ଅନ୍ୟ ଦୁଇ ପ୍ରମୁଖ ରାଜନୈତିକ ଦଳ ଯଥା ବିଜେପି ଓ କଂଗ୍ରେସ ପକ୍ଷରୁ ପ୍ରକାଶିତ ପ୍ରାର୍ଥୀ ତାଲିକାରେ ମହିଳାଙ୍କୁ ଉପେକ୍ଷା କରାଯାଇଥିବାବେଳେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ନାରୀ ଶକ୍ତି ଉପରେ ଭରସା କରିଛନ୍ତି ।

## ବୌଦ୍ଧରେ ୪୧.୮...

ଲହରୀ (ହିଟ୍ ୱେଭ୍)ଓ ଉଷ୍ଣ ରାତି ଚେତାବନୀ ଜାରି କରାଯାଇଛି। ଗୁରୁବାର ନୟାଗଡ଼, ବୌଦ୍ଧ, କନ୍ଧମାଳ, କଟକ, ଯାଜପୁର ଓ ଭଦ୍ରକ ଜିଲ୍ଲାରେ ପ୍ରବଳ ଖରା ଅନୁଭୂତ ହେବାକୁ ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ହିଟ୍ ୱେଭ୍ ଆଲର୍ଟ ଜାରି ହୋଇଛି। ସେହିପିର ରାତିରେ ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ମାଲକାନଗିରି, କେନ୍ଦୁଝର, କନ୍ଧମାଳ ଓ ନୟାଗଡ଼ରେ ଅଧିକ ତାତି ଅନୁଭୂତ ହେବା ସହ ଏଠାରେ ରାତିବେଳା ସ୍ୱାଭାବିକ ତୁଳନାରେ ସାଢ଼େ ୪ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ଅଧିକ ରହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

ଅନ୍ୟପଟେ ୬ ତାରିଖ ପର୍ଯ୍ୟନ୍ତ ଉଭୟ ଦିନ ଏବଂ ରାତିରେ ତାପମାତ୍ରା ଅଧିକ ରହିବା ସହ ୬ ତାରିଖ ଉପର ଓଳି କିଛି ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ଆଶଙ୍କା ରହିଛି। ସେହିଦିନ ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଆଦିରେ କାଳବୈଶାଖୀ ଜନିତ ବର୍ଷା ଆଶଙ୍କା ଥିବା ବେଳେ ୭ ତାରିଖଠାରୁ କାଳବୈଶାଖୀର ପ୍ରକୋପ ବୃଦ୍ଧି ପାଇବ। ୭ ତାରିଖରୁ ଅଧିକ ଜିଲ୍ଲାରେ ଏହାର ପ୍ରଭାବ ରହିବା ସହ ବିଜୁଳି ଘଡ଼ଘଡ଼ି ଓ ପବନର ବେଗ କିଛି ଜିଲ୍ଲାରେ ୪୦-୫୦ କିମି ରହିବ। ଫଳରେ ବର୍ତ୍ତମାନ ତୁଳନାରେ କିଛିକାଂଶରେ ତାପମାତ୍ରା ହ୍ରାସ ପାଇବ।

## ଶଙ୍ଖ ଫୁଙ୍କିଲେ...

ସ୍ୱାର୍ଥର କେନ୍ଦ୍ରସ୍ଥଳରେ ପରିଣତ ହୋଇଛି ବୋଲି ଦଳ ଛାଡ଼ିଥିବା ବିଜେଡି ନେତାମାନେ ପ୍ରକାଶ କରିଛନ୍ତି। ୨୦୧୯ ସାଧାରଣ ନିର୍ବାଚନର ବ୍ରହ୍ମପୁର ବିଜେପି ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର , ସାଲେପୁରରୁ ବିଜେପିର ବିଧାନସଭା ପ୍ରାର୍ଥୀ ତଥା କଟକ ଜିଲ୍ଲା ସଭାପତି ପ୍ରକାଶ ବେହେରା ଆଜି ଶଙ୍ଖଭବନ ଠାରେ ବିଧିବଦ୍ଧ ଭାବରେ ବିଜେଡିରେ ସାମିଲ ହୋଇଛନ୍ତି । ଲୋକସଭା ସାଂସଦ ଚନ୍ଦ୍ରଶେଖର ସାହୁ, ରାଜ୍ୟସଭା ସାଂସଦ ତଥା ବ୍ରହ୍ମପୁର ଲୋକସଭା କ୍ଷେତ୍ର ପର୍ଯ୍ୟବେକ୍ଷକ ମାନସ ରଞ୍ଜନ ମଙ୍ଗରାଜ, ସାଂସଦ ସସ୍ମିତ ପାତ୍ର ଓ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ପ୍ରମୁଖ ଶ୍ରୀ ବକ୍ସିପାତ୍ରଙ୍କୁ ସ୍ୱାଗତ କରିଛନ୍ତି । ଏହି ଅବସରରେ ଭୃଗୁ କହିଛନ୍ତି ଯେ ଆଜିଠୁ ମୋ ରାଜନୈତିକ ଜୀବନରେ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗୁଣ୍ଡୁଚିମୂଷା ପରି କାର୍ଯ୍ୟ କରିବାକୁ ଆସିଛି ଓ ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଯାହା ଦାୟିତ୍ୱ ଦେବେ ତାକୁ ସେ ସୂଚାରୁ ରୂପେ ତୁଲାଇବାକୁ ଘୋଷଣା କରିଛନ୍ତି। ସେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିବା ଭାରତୀୟ ଜନତା ଦଳ ଆଉ ପୂର୍ବ ପରି ରହିନାହିଁ । ଏହା ଏବେ ବ୍ୟକ୍ତିକେନ୍ଦ୍ରିକ ଦଳରେ ପରିଣତ ହୋଇଛି ବୋଲି ଭୃଗୁ କହିଛନ୍ତି । ସେହିପରି ଶତାଧିକ ବିଜେପି କର୍ମକର୍ତ୍ତା, ସହସ୍ରାଧିକ ସମର୍ଥକଙ୍କ ସହ କଟକ ଜିଲ୍ଲା ବିଜେପି ସଭାପତି ପ୍ରକାଶ ବେହେରା ବିଜେଡିରେ ସାମିଲ ହୋଇଛନ୍ତି । ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡକ୍ଟର ସସ୍ମିତ ପାତ୍ର ଓ କେନ୍ଦ୍ରାପଡ଼ା ବିଜେଡ଼ି ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ପ୍ରକାଶ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି ବୋଲି କହିଥିଲେ। ଦଳରେ ତାଙ୍କୁ ଏବଂ ତାଙ୍କ ସହ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଏହି ମିଶ୍ରଣ ପର୍ବରେ ସରପଞ୍ଚ ସର୍ବଶ୍ରୀ ଗୌରାଙ୍ଗ ପରିଡ଼ା, ରୁକିଆ ପରବିନ, ରାଜେଶ୍ୱରୀ ନନ୍ଦି, ବୁଦ୍ଧେଶ୍ୱର ଦାସ, ଅନିତା ମଲ୍ଲିକ, ପଦ୍ମିନୀ ବେହେରା, ଅନୀତା ରାଉତ, ରଶ୍ମୀତା ଦାସ, ସଂଯୁକ୍ତା ସେଠୀ, ସୁମନପ୍ରଭା ସାହୁ, ସମିତିସଭ୍ୟ ସର୍ବଶ୍ରୀ ସୁଜିତ କୁମାର ଭୂୟାଁ, ରମେଶ ବେହେରା, ପବିତ୍ର ରଞ୍ଜନ ବେହେରା, ଶୁଭସ୍ମିତା ଦେହୁରୀ, ପୁଷ୍ପଲତା ମଲ୍ଲିକ, ମମତା ତରାଇ, ମଧୁସ୍ମିତା ଚତର, ପୂର୍ବତନ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ସିଂ, ପୂର୍ବତନ ସାଲେପୁର ବ୍ଲକ ଅଧ୍ୟକ୍ଷା ମମତା ରାଉତ, ଜିଲ୍ଲା ସମ୍ପାଦକ ଲକ୍ଷ୍ମୀଧର ନାଥ, ଗ୍ରାମପଞ୍ଚାୟତ ସଭାପତି ଅମ୍ବିତା କର, ବିଜେପି ମହିଳା ମୋର୍ଚ୍ଚା ଗ୍ରାମପଞ୍ଚାୟତ ସଭାପତି ଗୀତାଞ୍ଜଳି ପ୍ରଧାନ, ଜିଲ୍ଲା ମହିଳାମୋର୍ଚ୍ଚା ଉପସଭାପତି ପୂର୍ଣ୍ଣିମା ବସ୍ତିଆ, ମାଇନରଟି ସେଲ ସଭାପତି ମିର୍ଜା ସଫିକ ବେଗ, ରାମେଶ୍ୱର ମଣ୍ଡଳ ସଭାପତି ସମ୍ରାଟ କେଶରୀ ଲେଙ୍କା, ସାଲେପୁର ମଣ୍ଡଳ ସଭାପତି ସରୋଜ କୁମାର କର, ମାଇନରଟି ସଭାପତି ଫିରୋଜ ବକ୍ସ, ତରିଡୋ ଗ୍ରାମପଞ୍ଚାୟତ ସଭାପତି କବିତା ବେହେରା, ଭଟିମୁଣ୍ଡା ମଣ୍ଡଳ ସଭାପତି ଅମୂଲ୍ୟ କୁମାର ବେଉରା, ଭାରତୀୟ ଜନତା ଯୁବ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା, ମାଇନରଟି ସେଲ ମିର୍ଜା ଖଲିଦ ବେଗ, ଭାରତୀୟ ଜନତା ଯୁବ ମୋର୍ଚ୍ଚା ଜିଲ୍ଲା ସମ୍ପାଦକ ଆକାଶ ପାତ୍ର, କୃଷକମୋର୍ଚ୍ଚା କୋଷାଧ୍ୟକ୍ଷ ଭଗବାନ ମହାରଣା, ଟାଙ୍ଗୀ ମଣ୍ଡଳ ସଭାପତି ରଶ୍ମୀତା ରାଉତ, ବରିଷ୍ଠ ନେତା ଅନିରୁଦ୍ଧ ବିଶ୍ୱାଳ, କଟକ ଜିଲ୍ଲା ଲିଗାଲ ସେଲ ତାପସ ନାୟକ, ବରିଷ୍ଠ ନେତା ହରମୋହନ ପ୍ରଧାନ, ପୂର୍ବତନ ସରପଞ୍ଚ କଲ୍ୟାଣୀ ସାମଲ, ସଫା ମଣ୍ଡଳ ସଭାପତି ପ୍ରଦୀପ କୁମାର ଷଡ଼ଙ୍ଗୀଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କ ଗଳାକାଟି...

ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ସମୁଦ୍ରକୂଳ ଥାନାଧିକାରୀ ମାନସ ଚକ୍ର ପ୍ରମୁଖ ପୁଲିସ ଅଧିକାରୀ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚିଥିଲେ। ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିବା ବେଳେ ପାରିପାଶ୍ୱିର୍କ ସ୍ଥିତିକୁ ଅନୁଧ୍ୟାନ କରି ଏହା ଏକ ହତ୍ୟାକାଣ୍ଡ ବୋଲି ପୁଲିସ ଜାଣିବାକୁ ପାଇଥିଲା। ତେବେ ହତ୍ୟାର ଶିକାର ଯୁବକ ଜଣଙ୍କ ବାଲିଗୁଆଳିର ବିକ୍ରମ କେଶରୀ ପ୍ରଧାନ ଏବଂ ସେ ସ୍ଥାନୀୟ ଏକ ହୋଟେଲରେ କାମ କରନ୍ତି ବୋଲି ଜଣାପଡ଼ିଥିଲା। ଏ ନେଇ ସମ୍ପୃକ୍ତ ହୋଟେଲକୁ ଯାଇ ଛାନବିନ୍ କରିଥିଲା। ଯୁବକ ଜଣଙ୍କର ଡ୍ୟୁଟି ସମୟ ଏବଂ କେତେବେଳେ ହୋଟେଲରୁ ଯାଇଥିଲେ ଏ ସବୁ ପଚରାଉଚରା କରିଛି। ଅନ୍ୟପକ୍ଷରେ ପୁଲିସ ମୃତଦେହ ଜବତ କରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ସେଠାରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପରିବାର ପକ୍ଷରୁ ଏ ନେଇ ସମୁଦ୍ରକୂଳ ଥାନାରେ ବିକ୍ରମଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଛି। ତେବେ ବିଭିନ୍ନ ଦିଗକୁ ନେଇ ପୁଲିସ ହତ୍ୟାକାଣ୍ଡର କାରଣ ଜାଣିବାକୁ ଚେଷ୍ଟା ଚଳାଇଥିବା ବେଳେ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏମାନେ ହତ୍ୟାକାଣ୍ଡରେ ସମ୍ପୃକ୍ତ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଥିଲେ ହେଁ କାରଣ କ'ଣ ଏବଂ ସେମାନଙ୍କର ପରିଚୟ ବିଷୟରେ କିଛି କୁହାଯାଇ ନାହିଁ।

ଏ ସମ୍ପର୍କରେ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ଖବର ପାଇବା ପରେ ବରିଷ୍ଠ ପୁଲିସ ଅଧିକାରୀ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ବିନ କରିଥିଲେ। ପ୍ରାଥମିକ ତଦନ୍ତ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଛି। ସାଇଣ୍ଟିଫିକ୍ ଟିମ୍ କିଛି ତଥ୍ୟ ସଂଗ୍ରହ କରିଛି। ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୃତ ଯୁବକଙ୍କ ପରିଚୟ ମିଳିବା ପରେ ତାଙ୍କ ପରିବାରକୁ ଖବର ଦିଆଯାଇଥିଲା। ପରିବାର ପକ୍ଷରୁ ଦିଆଯାଇଥିବାକୁ ଏତଲାକୁ ଆଧାର କରି ସମୁଦ୍ରକୂଳ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ଏହି ହତ୍ୟାକାଣ୍ଡକୁ ନେଇ ଗୁରୁତ୍ୱପୂର୍ଣ୍ଣ ସୁରାକ୍ ମିଳିଥିଲା। ତାହାକୁ ଆଧାର କରି ୨ ଜଣଙ୍କୁ ପଚରାଉଚରା କରାଯାଉଛି ବୋଲି କହିଛନ୍ତି ଏସ୍‌ପି ଶ୍ରୀ ମିଶ୍ର।

## ଅସନ୍ତୋଷର ବାରୁଦ...

ବନମାଳୀ ସେଠୀଙ୍କୁ ଦଳ ଟିକେଟ ନ ଦେଇ କୃଷ୍ଣଚନ୍ଦ୍ରଙ୍କୁ ଦଳ କାହିଁକି ଟିକେଟ ଦେଇଛି ବୋଲି ପ୍ରଶ୍ନ କରିଛନ୍ତି ବନମାଳୀଙ୍କ ସମର୍ଥକ। ୨୦୧୭ ମସିହା ବିଜେଡି ଜିଲ୍ଲା ଯୁବ ସଭାପତି ଲକ୍ଷ୍ମୀଦତ୍ତ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ନାୟକ ବୋଲି ବନମାଳୀଙ୍କ ସମର୍ଥକ ଅଭିଯୋଗ କରିଛନ୍ତି। ତାଙ୍କର ୩ ହଜାର ସମର୍ଥକ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆଗାମୀ ଦିନରେ ବିଜେପି ବନମାଳୀଙ୍କୁ ଟିକେଟ ନଦେଲେ ହଜାର ହଜାର ସମର୍ଥକ ବିଜେପିରୁ ଇସ୍ତଫା ଦେବାସହ ବନମାଳୀ ସେଠୀଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡା କରିବାକୁ ଚେତାବନୀ ଦେଇଛନ୍ତି। ସେପଟେ ବନମାଳୀ ସେଠୀଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଲଢେଇ ହେବ ବୋଲି ସମର୍ଥକ କହିଛନ୍ତି। ମଙ୍ଗଳବାର ଧର୍ମଶାଳାରେ ବିଜେପି ସ୍ମୃତିରେଖା ପହିଙ୍କୁ ଦଳୀୟ ଟିକଟ ମିଳିବା ପରେ ଅନ୍ୟତମ ଆଶାୟୀ ହିମାଂଶୁ ସାହୁଙ୍କ ସମର୍ଥକ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଡେରା ପକାଇଛନ୍ତି। ମଙ୍ଗଳବାର ଏବଂ ଆଜି ବୁଧବାର ଦିବସବ୍ୟାପୀ ହିମାଂଶୁ ସମର୍ଥକଙ୍କ ନାରାବାଜି, ପ୍ରତିବାଦ କାର୍ଯ୍ୟକ୍ରମ ଜାରି ରହିଛି। ବିଜେପିରେ ଟିକଟ ବିକ୍ରି ହେଉଛି, କର୍ମୀଙ୍କ ଭାବାବେଗକୁ ଆଘାତ ଦେଇ ନିର୍ବାଚନମଣ୍ଡଳୀରେ ଆଦର ନ ଥିବା ଆମଦାନୀ ନେତ୍ରୀଙ୍କୁ ଟିକଟ ଦିଆଯାଇଛି। ଯଦି ପ୍ରାର୍ଥୀ ବଦଳ କରାଯାଇ ହିମାଂଶୁଙ୍କୁ ଟିକଟ ଦିଆ ନ ଯାଏ, ତାହେଲେ ଧର୍ମଶାଳାରେ ବିଜେପି ନେତାଙ୍କୁ ପୂରାଇ ଦିଆଯିବ ନାହିଁ ବୋଲି ରୋକ୍‌ଠୋକ ଶୁଣାଇଛନ୍ତି ହିମାଂଶୁଙ୍କ ସମର୍ଥକ।

ସେହିପରି ଜଟଣୀରେ ବିଶ୍ୱରଞ୍ଜନ ବଡଜେନାଙ୍କୁ ଟିକଟ ମିଳିବା ପରେ ଅନ୍ୟତମ ଆଶାୟୀ ସନ୍ତୋଷ ଜେନାଙ୍କ ସମର୍ଥକ ମଧ୍ୟ ରାଜ୍ୟ କାର୍ଯ୍ୟାଳୟରେ ପ୍ରବଳ ହଙ୍ଗାମା କରିଛନ୍ତି। ଏପରିକି ସେମାନଙ୍କ ସମର୍ଥକ ଦଳୀୟ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଛନ୍ତି । ଯେପର୍ଯ୍ୟନ୍ତ ଟିକଟ ବଦଳ କରା ନ ଯାଇଛି, ଦଳୀୟ କାର୍ଯ୍ୟାଳୟ ଛାଡ଼ି ଯିବେ ନାହିଁ ବୋଲି ଅଡ଼ି ବସିଛନ୍ତି । ମହାକାଳପଡ଼ାରେ ଆଶାୟୀ ସୌଭାଗ୍ୟ ପରିଡ଼ାଙ୍କୁ ଟିକଟ ନ ମିଳିବା ପରେ ସେମାନଙ୍କର ସମର୍ଥକ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପ୍ରବଳ ହଙ୍ଗାମା କରିଛନ୍ତି। ରାଜ୍ୟ ବିଜେପିରେ ଟିକଟ ବିକ୍ରି ହେଉଛି। ଯୋଗ୍ୟ ପ୍ରାର୍ଥୀଙ୍କୁ ଅଣଦେଖା କରାଯାଇ, ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଟିକେଟ ପ୍ରଦାନ କରାଯାଉଛି। ମନମୋହନ-ବୈଜୟନ୍ତ ସେଟିଂ କରି ସୌଭାଗ୍ୟଙ୍କ ଟିକଟ କାଟିଥିବା ନେଇ ଅଭିଯୋଗ କରିଛନ୍ତି ସୌଭାଗ୍ୟଙ୍କ ସମର୍ଥକ । ଏପଟେ କଟକ-ଚୌଦ୍ୱାରରୁ ନୟନ ମହାନ୍ତିଙ୍କ ବିରୋଧରେ ମଧ୍ୟ ଆଜି ରାଜ୍ୟ କାର୍ଯ୍ୟାଳୟରେ ମେଳି ଦେଖିବାକୁ ମିଳିଛି। ନାରୀନେତ୍ରୀ ନମିତା ମଞ୍ଜରୀ ସାହୁଙ୍କ ସମର୍ଥକ ରାଜ୍ୟ କାର୍ଯ୍ୟାଳୟରେ ଏକାଠି ହେବା ସହ ନୟନଙ୍କ ବିରୋଧରେ ବିଷୋଦଗାର୍ କରିଛନ୍ତି। ରାଜ୍ୟ ବିଜେପି କାର୍ଯ୍ୟାଳୟ ବର୍ତ୍ତମାନ ପ୍ରତିବାଦର କେନ୍ଦ୍ରସ୍ଥଳ ପାଲଟିଥିବବା ବେଳେ ବିଜେପି ନେତୃତ୍ୱ କିପରି ପରିସ୍ଥିତିକୁ ସାମ୍ନା କରିବେ ତାହା ଦେଖିବାକୁ ବାକି ରହିଛି ।


O-01 Email: serwsbd2003@yahoo.com

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

No. 1772 Dt. 28.03.2024

CANCELLATION OF TENDER

The tender for the works invited vide this office Bid Identification No- CCERWCSBD Online-69/2023-24 with letter No. 1572 Dtd. 14.03.2024 is hereby cancelled due to unavoidable circumstances.

Sd/- Chief Engineer
Rural Works Circle, Sunabeda

OIPR-25182/11/0001/2425

SALE

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
Ph.: 9437015112

AFFIDAVIT

I, Sasmita Meher, D/O- Mr. Narendra Kumar Meher and W/o – Mr. Jayanta Kumar Dash, resident of Bhakti Niwas, Shakti Nagar , Katardhua, P.S Ainthapali, Tahsil/Dist. Sambalpur, Pin- 768004 Odisha, declared by this affidavit No. 1373 dtd- 17/02/2012 that now onwards I shall be known as SASMITA DASH for all future purposes.

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org
CAD-14

ପତ୍ର ସଂଖ୍ୟା- ୭୫ ECR-258
ବିଜ୍ଞାପନ
ତା.୧୩.୦୩.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଇ.ସି.ଆର-୨୫୮ (ECR-258), ଛେଣ୍ଡ, ଫେଚ-୧, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ବିଜୟ କୁମାର ଜେନା, ପିତା- ୰ ହୃଷିକେଶ ଜେନା, ଗ୍ରାମ/ପୋଷ୍ଟ- ବୁରୁକୁଣା, ଥାନା- ତାଳଚେର, ଜିଲ୍ଲା- ଅନୁଗୁଳଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ହିମାଂଶୁ କୁମାର ପଣ୍ଡା, ପିତା- ଶ୍ରୀ ସୁରେନ୍ଦ୍ର କୁମାର ପଣ୍ଡା, ଗ୍ରା- କୁମାରବେଗ, ପୋଷ୍ଟ- ଛତ୍ରପୁର, ଥାନା- ଛତ୍ରପୁର, ଜିଲ୍ଲା- ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0017/2425

AFFIDAVIT

I, Sanjeevani, D/o- Manish Kumar Barua, resident of Plot No.26B 352/4062, Meera Niwas, Jayadev Vihar, PS-Nayapalli, Bhubaneswar, Dist- Khordha, Pin-751013, Odisha declare by this affidavit No.196, date- 01/04/2024, that now onwards I shall be known as SANJEEVANI BARUA for all future purposes.

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

Notice Inviting Tender

T.N No. TPWODL/AK/O/SER/ 03 Date: 03.04.2024

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

Rate Contract for door-to-door revenue collection at TPWODL, Odisha.

Interested bidders to submit Tender Participation Fee and Authorization Letter through email on or before 9th April 2024, after which the link from e-Tender system shall be shared.

For detailed tender documents of the above-mentioned tender, please visit Tender section on website www.tpwesternodisha.com. Further details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd /- Chief-Contracts and Stores

AFFIDAVIT

I, Sasmita Meher, D/O- Mr. Narendra Kumar Meher and W/o – Mr. Jayanta Kumar Dash, resident of Bhakti Niwas, Shakti Nagar ,Katardhua, P.S Ainthapali,Tahsil/ Dist. Sambalpur, Pin-768004 Odisha, declared by this affidavit No. 1373 dtd- 17/02/2012 that now onwards I shall be known as SASMITA DASH for all future purposes.

FEDERAL BANK
YOUR PERFECT BANKING PARTNER
ଭୁବନେଶ୍ୱର ଶାଖା
୧୪(ବି), ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯,
ଇ-ମେଲ୍: bbs@federalbank.co.in,
ଫୋନ୍ ନଂ.: ୦୬୭୪୨୫୯୭୭୭୦

ଲକର ପରିଚାଳନା ସମ୍ବନ୍ଧୀୟ ନୋଟିସ୍

ଦି ଫେଡେରାଲ୍ ବ୍ୟାଙ୍କ ଦ୍ୱାରା ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି, ଲକରଧାରୀମାନଙ୍କ ଲକର(ଗୁଡିକ)ର ରକ୍ଷଣାବେକ୍ଷଣାରେ କିଛି ଅନିୟମିତତା ପରିଲିକ୍ଷିତ ହେଉଛି, ଯାହାର ବିବରଣୀ ନିମ୍ନରେ ଦିଆଯାଇଛି। ସମ୍ପୃକ୍ତ ଲକରଧାରୀ(ମାନ)ଙ୍କ ନିକଟକୁ ପଠାଯାଇଥିବା ନୋଟିସ୍ ପ୍ରଦାନ କରାଯାଇ ନପାରି ଫେରସ୍ତ ଆସିଛି। ଲକରଧାରୀ(ମାନ)/ଅନ୍ୟ ଆଗ୍ରହୀ ପକ୍ଷମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି, ଯଦି ସେମାନେ ଶାଖା ପରିଦର୍ଶନ କରି ଲକର ବ୍ୟବସ୍ଥାକୁ ନିୟମିତ କରିବାରେ ବିଫଳ ହୁଅନ୍ତି, ତେବେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ବ୍ୟାଙ୍କ ଲକର ଗୁଡିକୁ ଖୋଲିବାକୁ ବାଧ୍ୟ ହେବ ଏବଂ ଆବଶ୍ୟକୀୟ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ, ଏହା ଲକରଧାରୀଙ୍କ ଖର୍ଚ୍ଚ ରୂପେ ବ୍ୟାଙ୍କ ପକ୍ଷରୁ ବିବେଚନା କରାଯିବ।

| ଲକର ନଂ. | ଲକରଧାରୀଙ୍କ ନାମ ଏବଂ ଠିକଣା |
|---|---|
| ଏମ୍‌ଏସ୍‌କେଏ୦୪୬ (ସ୍ମଲ ସାଇଜ) | ସଞ୍ଜୟ ସାହୁ, ଠିକଣା- ପ୍ଲଟ୍ ନଂ.: ୩୭୦, ବମିଖାଲ, କଟକ ରୋଡ଼, ଭୁବନେଶ୍ୱର-୭୫୧୦୦୬ |
| ଏମ୍‌ଏଲ୍‌ଏସ୍‌ଏ୦୧୪ (ଲାର୍ଜ ସାଇଜ) | ଓମ୍ ପ୍ରକାଶ ଅଗ୍ରୱାଲ, ଠିକଣା- ପ୍ଲଟ୍ ନଂ.: ଏନ୍ / ୨୫୯, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫ |
| ଏମ୍‌ଏସ୍‌ଏସ୍‌ଏ୦୨୪ (ସ୍ମଲ ସାଇଜ) | ଡି ଦାମୋଦର, ଠିକଣା- ପ୍ଲଟ୍ ନଂ.: ୪୭୩, ପାଇକନଗର, ଭୁବନେଶ୍ୱର-୭୫୧୦୦୩ |
| ଏମ୍‌ଏସ୍‌ଜେଏ୦୫୯ (ସ୍ମଲ ସାଇଜ) | ସନ୍ତୋଷ କୁମାର ଦାସ, ଠିକଣା- ସା: ବୁଦ୍ଧିପଡା, ପୋ: ସିସିଲୋ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୨୧୦୦ |

ତା.: ୦୪.୦୪.୨୦୨୪ ଦି ଫେଡେରାଲ୍ ବ୍ୟାଙ୍କ ଲିମିଟେଡ



ଅତିଷ୍ଠ କରୁଛନ୍ତି ଅନୁପ୍ରବେଶକାରୀ

# ଅସୁରକ୍ଷିତ ଉପକୂଳ

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ଅନେକ ଅଞ୍ଚଳକୁ ବଙ୍ଗୋପସାଗର ଛୁଇଁଛି । ବାଂଲାଦେଶ ସହିତ ଜଳପଥର ସିଧାସଳଖ ସଂଯୋଗ ଥିବାରୁ ଯନ୍ତ୍ରଚାଳିତ ଟ୍ରଲର୍ ସାଙ୍ଗକୁ ମାଛଧରା ଡଙ୍ଗା ସାହାଯ୍ୟରେ ବି ଅନେକ ବାଂଲାଦେଶୀ ଏହି ଅଞ୍ଚଳରେ ପ୍ରବେଶ କରୁଛନ୍ତି । ପଡ଼ୋଶୀ ଜିଲ୍ଲାର ଅପରାଧୀମାନେ ଏହି ଅଞ୍ଚଳରେ ସହଜରେ ଲୁଚିଛପି ରହି ଯାଉଥିବା ଅଭିଯୋଗ ହୁଏ । ଏହି ବ୍ଲକ୍ ଅଞ୍ଚଳର ସୁରକ୍ଷା ପାଇଁ ସରକାର ତନ୍ତିଆପାଳ ଏବଂ ଜମ୍ବୁରେ ଦୁଇଟି ସାମୁଦ୍ରିକ ଥାନା ପ୍ରତିଷ୍ଠା କରିଛନ୍ତି । ମାତ୍ର ଆବଶ୍ୟକ ପାୱାର ବୋଟ୍ ଏବଂ ଜଳଦସ୍ୟୁ ଓ ସଶସ୍ତ୍ର ଅନୁପ୍ରବେଶକାରୀଙ୍କୁ ସାମନା କରିବା ପାଇଁ ଅତ୍ୟାଧୁନିକ ଅସ୍ତ୍ର, ଯଥେଷ୍ଟ ସଂଖ୍ୟକ କର୍ମଚାରୀଙ୍କ ଅଭାବ ଯୋଗୁଁ ଉପକୂଳବର୍ତ୍ତୀ ବତିଘର, ରାମନଗର, ଖରିନାସୀ, ପେଟଛେଲା, ବଉଳକଣି, ଜମ୍ବୁ, ସୁନୀତି, ଲାଞ୍ଜୁଡ଼ା, ଗୋଗୁଆ, ବଡ଼ିହି, କଂସାର ବଡ଼ଦାଣ୍ଡୁଆ ପଞ୍ଚାୟତରେ ଅନୁପ୍ରବେଶକାରୀ ପଶି ଯାଉଥିବା ଅଭିଯୋଗ ହେଉଛି ।

ରିପୋର୍ଟ- କେନ୍ଦ୍ରାପଡ଼ା ବ୍ୟୁରୋ








## ଆସାମରୁ ଓଡ଼ିଶାମୁହାଁ ବାଂଲାଦେଶୀ

ଆସାମରେ ନ୍ୟାସନାଲ ରେଜିଷ୍ଟ୍ରାର ଅଫ୍ ସିଟିଜେନ୍ ତାଲିକା ପ୍ରସ୍ତୁତ ପରେ ୪୦ ଲକ୍ଷ ବାଂଲାଦେଶୀ ଥିବା ଜଣାପଡ଼ିଛି । ସେମାନଙ୍କ ମଧ୍ୟରେ ବିନା କାଗଜପତ୍ରରେ ରହି ଆସୁଥିବା ବାଂଲା ଅନୁପ୍ରବେଶକାରୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି । ଫଳରେ ସେମାନେ ଏବେ ଆସାମ ଛାଡ଼ି ଓଡ଼ିଶାମୁହାଁ ହୋଇଛନ୍ତି । ଏପଟେ ୨୦୦୪ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ନୋଟିସ୍ ଦିଆଯାଇଥିଲା । କିନ୍ତୁ ପ୍ରଶାସନିକ ପଦକ୍ଷେପ ଅଭାବରୁ ବାଂଲାଦେଶୀଙ୍କ ଚରାଭୂଇଁ ପାଲଟିଥିବା କେନ୍ଦ୍ରାପଡ଼ା ଜିଲ୍ଲାକୁ ଏବେବି ବେଧଡ଼କ ଅନୁପ୍ରବେଶ ବୃଦ୍ଧି ପାଇବାରେ ଲାଗିଛି ।

## ୬ ମାସ ହେଲା ତେଲ ନାହିଁ

ଜଳପଥରେ ଘଟୁଥିବା ଅଘଟଣ ଓ ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ସହିତ ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ପାଟ୍ରୋଲିଂ ନିମନ୍ତେ ତାଳଚୁଆ ସାମୁଦ୍ରିକ ଥାନାକୁ ଆସିଥିଲା ସ୍ପିଡ୍ ବୋଟ୍ । ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ୨୦୨୧ ଏପ୍ରିଲ ପ୍ରଥମ ସପ୍ତାହରେ ଆଡିସନାଲ ଡିଜି ରେଲୱେ ଆଣ୍ଡ କୋଷ୍ଟାଲ ସିକ୍ୟୁରିଟି ପାରାଦୀପ ମେରାଇନ ବେସରୁ ଆସିଥିଲା ସ୍ପିଡ ବୋଟ୍ । ବୋଟ୍ ପାଇଁ ନିଯୁକ୍ତି ପାଇଥିବା ୫ଜଣ କର୍ମଚାରୀ ବସିବସି ଦରମା ନେଉଥିବା ବେଳେ ୬ମାସ ହେଲା ସ୍ପିଡ୍ ବୋଟ୍ ପାଇଁ ତେଲ ନାହିଁ । ୨୦୧୪ରେ ତାଳଚୁଆ ଫାଣ୍ଡି ତାଳଚୁଆ ସାମୁଦ୍ରିକ ଥାନା ହୋଇଛି । ତେବେ ଥାନାରେ ଆବଶ୍ୟକ ସରଞ୍ଜାମ ଓ ବୋଟ୍ ନ ଥିବାରୁ ଗତ ୨୦୨୧ ମାର୍ଚ୍ଚ ୧୫ ତାରିଖରେ ବନବିଭାଗ ପାଟ୍ରୋଲିଂ ଟିମ୍ ବେଆଇନ ଭାବେ ମାଛ ମାରୁଥିବା ଏକ ଟ୍ରଲରକୁ ଅଟକାଇବାକୁ ଯାଇ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିଲେ । ଘଟଣାରେ ସଂପୃକ୍ତ ଟ୍ରଲର ସହିତ ଏଥିରେ ସାମିଲ ଅନ୍ୟ ଟ୍ରଲର ଓ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇ ଆଇନ ଅନୁସାରେ ପଦକ୍ଷେପ ନେବାକୁ ଆମିକସକ୍ୟୁରି ମୋହିତ ଅଗ୍ରୱାଲ ମାନ୍ୟବର ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଆଡିସ୍‌ନାଲ ଡିଜି ରେଲୱେ ଆଣ୍ଡ କୋଷ୍ଟାଲ ସିକ୍ୟୁରିଟି ପାରାଦ୍ୱୀପ ମେରାଇନ ବେସରୁ ୧୨ ଟନର ଏକ ସ୍ପିଡ୍ ବୋଟ୍ ୨୦୨୧ ଏପ୍ରିଲ ପ୍ରଥମ ସପ୍ତାହରେ ତାଳଚୁଆ ସାମୁଦ୍ରିକ ଥାନାକୁ ଆସିଥିଲା । ବୋଟ୍ ସହିତ ୭ ଜଣ କର୍ମଚାରୀ ଓ ଗୋଟିଏ ସେକ୍ସନ୍ ସଶସ୍ତ୍ର ଫୋର୍ସ ମଧ୍ୟ ଆସିଥିଲେ । ମାତ୍ର ବର୍ଷେ ତଳେ ୨ଜଣ କର୍ମଚାରୀ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିବା ବେଳେ ଏବେ ବି ଜଣେ ମାଷ୍ଟର, ୨ ଜଣ ସେରାଙ୍ଗ, ୨ ଜଣ ଇଞ୍ଜିନ ଡ୍ରାଇଭର ମୋଟ ୫ ଜଣ କର୍ମଚାରୀ ଏହି ସ୍ପିଡ ବୋଟ୍ ପାଇଁ ନିଯୁକ୍ତି ପାଇଛନ୍ତି । ମାତ୍ର ଏ ସମ୍ପର୍କରେ ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସସ୍ମିତା ସାହୁଙ୍କୁ ପଚାରିବାରୁ ତେଲ ନ ଥିବାରୁ ବୋଟ୍ ଚାଲୁନି ବୋଲି କହିଛନ୍ତି ।



## ୨୦୦୪ରୁ ନୋଟିସ୍ ଝୁଲୁଛି

ତାରାପଦ ରପ୍ତାନି ପିତା- ବୀରେନ୍ଦ୍ର ରପ୍ତାନି, ଘର ବାଲାଂଦେଶ । ତାରାପଦଙ୍କ ବର୍ତ୍ତମାନର ସ୍ଥାୟୀ ଠିକଣା ରାଜନଗର ବ୍ଲକ୍ ଗୁପ୍ତି ପଞ୍ଚାୟତର ଚାରିଘରିଆ । ତାରାପଦଙ୍କ କହିବାକଥା ହେଲା, ବାଂଲାଦେଶୀରୁ ଆସି କୋଲକାତାରେ ପରିବାର ସହ ରହୁଥିଲୁ । ୧୦ବର୍ଷ ତଳେ ଆସି ପାରାଦୀପରେ ମୋର ଜଣେ ଭାଇ ପାଖରେ ରହି କାମ ଆରମ୍ଭ କଲି । ଏବେ ୫ବର୍ଷ ହେବ ଆସି ରାଜନଗର ବ୍ଲକର ଚାରିଘରିଆରେ ରହୁଛି । ଏଠାରେ ମୋର ଦୁଇ ଭାଇ ହରିପଦ ରପ୍ତାନି ଓ ନଳିନୀ ରପ୍ତାନି ପୂର୍ବରୁ ଆସି ରହୁଥିଲେ । ପ୍ରଥମେ ଆସି ତାଙ୍କ ପାଖରେ ରହିଲି । ତା'ପରେ ଘରଭଡ଼ା ନେଇ ଚାରିଘରିଆରେ ରହୁଥିଲି । ଏବେ ନିଜେ ଘର କରି ରହୁଛି ବୋଲି କହିଛନ୍ତି । ତାରାପଦଙ୍କ ଭଳି ଅନେକ ବାଂଲା ଅନୁପ୍ରବେଶକାରୀ ଏବେ କେନ୍ଦ୍ରାପଡ଼ା ଉପକୂଳରେ ସ୍ଥାୟୀ ଜନବସତି କରି ରହିଆସୁଛନ୍ତି । ଯେଉଁମାନଙ୍କ ପାଖରେ ଭାରତୀୟ ବୋଲି ବଳିଷ୍ଠ ପ୍ରମାଣ ମଧ୍ୟ ରହିଛି । ପ୍ରକାଶ ଥାଉ କି, ୨୦୦୩ ମସିହାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ମହାକାଳପଡ଼ାରେ ୧୫୫୧, ପଟ୍ଟାମୁଣ୍ଡାଇରେ ୯୬ଜଣ ଓ ରାଜନଗରରେ ୩୦ଜଣ ବାଂଲା ଅନୁପ୍ରବେଶକାରୀ ଥିବା ସରକାରୀ ସ୍ତରରେ ଚିହ୍ନଟ କରାଯାଇଥିଲା । ୨୦୦୪ ଡିସେମ୍ବର ମାସରେ ଏହି ବାଂଲା ଅନୁପ୍ରବେଶକାରୀଙ୍କୁ ଦେଶ ଛାଡ଼ିବା ପାଇଁ ୩୦ ଦିନିଆ ନୋଟିସ୍ ମଧ୍ୟ ଦିଆଯାଇଥିଲା । ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଏହି ନୋଟିସ୍ ଜାରି କରାଯାଇଥିଲା । ନୋଟିସ୍ ପାଇଥିବା ବାଂଲାଦେଶୀଙ୍କ ମଧ୍ୟରୁ କେତେଜଣ ମରିହଜି ଗଲେଣି ଓ ଆଉ କିଛି ତାରାପଦଙ୍କ ଭଳି ଭାରତୀୟ ନାଗରିକତ୍ୱର ପ୍ରମାଣପତ୍ର ହାତେଇ ସାରିଲେଣି ।



## ସପ୍ତାହର ୭ ଅପରାଧ

■ **୯ ବର୍ଷ ପରେ ୫ ଜଣଙ୍କୁ ଆଜୀବନ ଜେଲ୍**

ଏହି ସପ୍ତାହରେ ବହୁଚର୍ଚ୍ଚିତ ଡାକ୍ତର ଦମ୍ପତି ପ୍ରଫୁଲ୍ଲ ମିଶ୍ର ଓ ପତ୍ନୀ ସୁଷମାରାଣୀ ମିଶ୍ରଙ୍କ ହତ୍ୟା ମାମଲାର ୯ ବର୍ଷ ପରେ ୫ ଜଣଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି ଭୁବନେଶ୍ୱର ଅତିରିକ୍ତ ଦୌରାଜଜ୍ ବନ୍ଦନା କର । କିଶୋରଚନ୍ଦ୍ର ବେହେରା, ଏମ୍‌ଡି କାମାଲ ଖାନ, ଫୁଲେଶ୍ୱରୀ ବେହେରା, ଜବାନ ନାୟକ ଓ ସୁଭଦ୍ରା ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ୨୦୧୫ ନଭେମ୍ବର ୧୫ ତାରିଖରେ ଶୈଳଶ୍ରୀ ବିହାରସ୍ଥିତ ଭିଆଇଏମ୍ -୬୦୮ ରେ ରହୁଥିବା ଡାକ୍ତର ଦମ୍ପତିଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା ।

■ **ପ୍ରେମିକ ପାଇଁ ସ୍ୱାମୀଙ୍କୁ ହତ୍ୟା**

ଶୁକ୍ରବାର ଗଜପତି ଜିଲ୍ଲା ଗୋଷାଣି ବ୍ଲକ୍ ଗୁରାଣ୍ଡି ଥାନା ତୋଟାଗୁମୁଡ଼ା-ବାଟସିରିପୁର ମୁଖ୍ୟରାସ୍ତା କଡ଼ରେ ଥିବା ଏକ ଯାତ୍ରୀ ବିଶ୍ରାମାଗାର ନିକଟ ନିରୋଳା ସ୍ଥାନରୁ ପୁଲିସ ଜଣେ ନବବିବାହିତଙ୍କ ଗଳାକଟା ଅବସ୍ଥାରେ ମୃତଦେହ ଉଦ୍ଧାର କରିଥିଲା । ମୃତକ ହେଲେ ବାଟସିରିପୁର ଗାଁର ଏମ୍. ଲିଙ୍ଗରାଜ । ଏହି ଘଟଣାର ସୋମବାର ଗଜପତି ପୁଲିସ ପତ୍ନୀ ଏମ୍. ଜୟଲକ୍ଷ୍ମୀ ଓ ପ୍ରେମିକ ଏମ୍. ଉପେନ୍ଦ୍ରଙ୍କୁ ଗିରଫ କରିଛି । ଏମ୍. ଲିଙ୍ଗରାଜ ୪୫ ଦିନ ତଳେ ବିବାହ କରିଥିଲେ । ସେ ପାରଳାଖେମୁଣ୍ଡି କ୍ଷୁଦ୍ର ଜଳସେଚନ ବିଭାଗରେ କାମ କରୁଥିଲେ । ବାଟସିରିପୁରକୁ ସମ୍ପର୍କୀୟଙ୍କ ବିବାହ ଉତ୍ସବରୁ ଫେରିବା ବେଳେ ପତ୍ନୀ ଓ ପ୍ରେମିକ ଷଡ଼ଯନ୍ତ୍ର କରି ତାଙ୍କୁ ହତ୍ୟାକରିଥିବା ଗୁରାଣ୍ଡି ଥାନା ପୁଲିସ କହିଛି ।

■ **ଟିଟିଲାଗଡ଼ରୁ ଫେରାର; ଦିଲ୍ଲୀରୁ ଗିରଫ**

କଳାହାଣ୍ଡି ଜିଲ୍ଲା କେସିଙ୍ଗାରୁ ସୁମିତ ବେହେରା ଓ ବଲାଙ୍ଗିର ଜିଲ୍ଲା ସିନ୍ଧେକେଲାର ଶୋଭାବନ ରଣା ନରବଳି ଦେବା ଭଳି ସାଂଘାତିକ ମାମଲାରେ ଟିଟିଲାଗଡ଼ ଜେଲ୍ରେ ସଜା କଟୁଥିଲେ । ଶନିବାର ସୁମିତ ଓ ଶୋଭାବନ ଜେଲ୍ରୁ ଚମ୍ପଟ ମାରିଥିଲେ । ସୁଯୋଗ ଦେଖି ଉଭୟ ଫେରାର ହେଇଥିବା ବେଳେ ସୁମିତ ଦିଲ୍ଲୀରୁ ଧରାପଡ଼ି ଗିରଫ ହେଇଥିଲେ ।

■ **ସୈତାନ ପାଲଟିଲା ବିହାରୀ ଶ୍ରମିକ**

ଦୀର୍ଘ ୨୪ ଦିନ ପରେ ରାୟଗଡ଼ା ମୁନିଗୁଡ଼ା ଅଞ୍ଚଳର ଜୈନିକ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରିଥିବା ବିହାରୀ ଶ୍ରମିକ ହରିଶ ରାମଙ୍କୁ ପୁଲିସ ଦିଲ୍ଲୀରୁ ଗିରଫ କରିଛି । ସେ ମୁନିଗୁଡ଼ା ଅଞ୍ଚଳରେ ଶ୍ରମିକ ଭାବରେ କାମ କରୁଥିଲା । ମୁନିଗୁଡ଼ା ଥାନା ଅନ୍ତର୍ଗତ ବାଇନିବସା ଜଙ୍ଗଲରୁ ଗତ ୧୭ ତାରିଖ ଦିନ ୪ର୍ଥ ଶ୍ରେଣୀ ନାବାଳିକା ମୃତ ଶବ ମିଳିଥିଲା । ଘଟଣାର ୨୪ ଦିନ ପରେ ମୁନିଗୁଡ଼ା ପୁଲିସ ହରିଶ ରାମକୁ ଗିରଫ କରିଛି ।

■ **ରକ୍ତରଞ୍ଜିତ ହୋଲି**

ସମ୍ବଲପୁର ଜିଲ୍ଲା ବାମରା ବ୍ଲକ କେଚ୍ଛୁପାଣିଠାରେ ହୋଲି ଉତ୍ସବ ବେଳେ ଗଣ୍ଡଗୋଳ ଘଟି ଛୁରାମାଡ଼ରେ ଜଣଙ୍କର ମୃତ୍ୟୁ ଘଟିଛି । କେଚ୍ଛୁପାଣି ଗ୍ରାମର ହରିଜନପଡ଼ାରେ ହୋଲି ଅବସରରେ ପ୍ରମୋଦ ମହାନନ୍ଦ ସାଉଣ୍ଡ ବକ୍ସ ବଜାଇବାକୁ ମନାକରିବାରୁ ସେଠାରେ ଥିବା ଚିନ୍ମୟ ହାତୀ ଓ ଦୀପକ ସୁନାନୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ପରେ ପ୍ରମୋଦ ନିଜ ସାଙ୍ଗ ପାଖ ଗାଁ ବାଦପଡ଼ାର ମେଘନାଦ ଛତ୍ରିଆଙ୍କୁ ଡାକି ଗଣ୍ଡଗୋଳ କରିଥିଲେ । ପରେ ମେଘନାଦ ଏକ ଛୁରାରେ ଦୀପକକୁ ଆକ୍ରମଣ କରିବାରୁ ସେ ଚିନ୍ମୟକୁ ଛୁରିଭୁସି ହତ୍ୟା କରିଥିଲା ।

■ **ପୁଅର ଟାଙ୍ଗିଆ ଚୋଟରେ ଦମ୍ପତି ମୃତ**

ଗତ ୨୪ ତାରିଖ ରବିବାର କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା କାଳିପ୍ରସାଦ ପଞ୍ଚାୟତ ବସିରା ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ପୁଅର ଟାଙ୍ଗିଆ ଚୋଟରେ ବାପା ଓ ମାଆଙ୍କ ମୃତ୍ୟୁ ଘଟିଛି । ପୁଅ ଧାନ ମୁଣ୍ଡା ହିତାହିତ ଜ୍ଞାନ ହରାଇ ବାପା ଗୋରା ଓ ମାଆ ପାଲିଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲା । ଘଟଣାସ୍ଥଳରେ ବାପାର ମୃତ୍ୟୁ ହୋଇଥିଲା ବେଳେ ପରବର୍ତ୍ତୀ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ମାଆର ମଧ୍ୟ ମୃତ୍ୟୁ ଘଟିଛି ।

■ **ଶଳାର ଗୋଇଠା ମାଡ଼ରେ ଭିଣୋଇ ମୃତ**

ମଞ୍ଚେଶ୍ୱର ଥାନା କଳାରାହାଙ୍ଗ ଜେନାସାହିରେ ଶଳାର ବିଧାଗୋଇଠା ମାଡ଼ରେ ଭିଣୋଇ ବାବାଜୀ ବେହେରାଙ୍କ ମୃତ୍ୟୁ ଘଟିଛି । କଳାରାହାଙ୍ଗ ଜେନା ସାହିରେ ରହୁଥିବା ବାବାଜୀ ଅଧିକାଂଶ ସମୟରେ ନିଶାସକ୍ତ ଅବସ୍ଥାରେ ପତ୍ନୀଙ୍କୁ ମାର୍‌ପିଟ୍ କରୁଥିବା କୁହାଯାଉଛି । ଏନେଇ ତାଙ୍କ ପତ୍ନୀ ବାପାଘରକୁ ଖବର ଦେଇଥିଲେ । ପରେ ଶଳା ଆସି ବାବାଜୀ ସହ ଝଗଡ଼ା କରି ବିଧାଗୋଇଠା ମାଡ଼ କରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା ।

## ଅପରାଧରେ ଅନୁପ୍ରବେଶକାରୀ

ଏହାବାଦ୍ ଗଞ୍ଜାମରୁ ବାଲେଶ୍ୱର ପର୍ଯ୍ୟନ୍ତ ଦୀର୍ଘ ୪୮୦ କିଲୋମିଟର ଏବଂ ଧାମରା ମୁହାଁଣଠାରୁ ଜଗତ୍‌ସିଂହପୁର ଜିଲ୍ଲାର ପାରାଦୀପ ପର୍ଯ୍ୟନ୍ତ ଦୀର୍ଘ ୯୦ କିଲୋମିଟର ଜଳଦସ୍ୟୁ ଏବେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଭୂସ୍ୱର୍ଗ ପାଲଟିଛି । ଏମାନଙ୍କ ଯୋଗୁଁ ଉପକୂଳର ସୁରକ୍ଷା ଏବେ ବିପନ୍ନ । ଉପକୂଳବର୍ତ୍ତୀ ୭ଟି ଜିଲ୍ଲାରେ ସେମାନେ ଯାବତୀୟ ବେଆଇନ କାଣ୍ଡରେ ଲିପ୍ତ । ବିଶେଷକରି କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକର ୫୫ଟି ଏବଂ ମହାକାଳପଡ଼ା ବ୍ଲକର ୪୧ଟି ଗ୍ରାମ ଏବେ ସେମାନଙ୍କ କବଳରେ । ଏହି ଜିଲ୍ଲାର କୃଷ୍ଣନଗର, ତାଳଚୁଆ,ବାଘମାରି, ରଙ୍ଗଣୀ, କେରୁଆଁପାଳ, ଗୁପ୍ତି, ଭିତରକନିକା, ଗହୀରମଥା, ବେଣାକନ୍ଦା, ଅହିରାଜପୁର, ଭେକ୍ଟା, ଅମରାବତୀ, ମଞ୍ଜୁଳାପଲ୍ଲୀ, ଦୈତ୍ୟପ୍ରସାଦ, ରାଜପାଟଣା, ବୀରଭଞ୍ଜପୁର, ଭଞ୍ଜପ୍ରସାଦ, ଟିକାୟତନଗର, ରାଜେନ୍ଦ୍ରନଗର, ଉଦ୍ୟାନ, କନକନଗର, କୃଷ୍ଣପ୍ରିୟାପୁର, ବଙ୍ଗାଳୀପଡ଼ା ଓ ମହାକାଳପଡ଼ାର ବତିଘର, ଖରନାସୀ, ରାମନଗର, ବଉଳକଣି, ଜମ୍ବୁ, ଗୋଗୁଆ, ପେଟଚିଲ ପ୍ରଭୃତି ଅଞ୍ଚଳରେ ପ୍ରାୟ ୯୦ ପ୍ରତିଶତ ବଙ୍ଗୀୟ ଭାଷାଭାଷୀଙ୍କ ସହିତ ଅନୁପ୍ରବେଶକାରୀ ବାସକରୁଛନ୍ତି । ଉପକୂଳର ସୁରକ୍ଷାକବଚ ହେନ୍ତାଳ ଓ ଝାଉଁ ଜଙ୍ଗଲ ସଫାକରି ଏଠାରେ ରହୁଛନ୍ତି । ମାଛ ମାରିବା ସେମାନଙ୍କ ଜୀବିକା ବୋଲି ବାହାରକୁ ଜଣାପଡୁଥିଲେ ମଧ୍ୟ ବାସ୍ତବରେ ଅନେକ ବହୁ ଜଘନ୍ୟ ଅପରାଧ ସାଙ୍ଗକୁ ଗୁପ୍ତଚର ବୃତ୍ତିରେ ସଂଶ୍ଳିଷ୍ଟ ଥିବାର ଅଭିଯୋଗ ହୋଇ ଆସୁଅଛି । ଅହିରାଜପୁର ନିକଟସ୍ଥ (ବାବୁବାଲି) ହୁଇଲର ଦ୍ୱୀପ ଉପରେ ପ୍ରତିଷ୍ଠିତ କ୍ଷେପଣାସ୍ତ୍ର ଘାଟିର ଅନତି ଦୂରରେ ସେମାନଙ୍କ ବସତି । ୨୦୦୧ ମସିହାରେ ଚରଦିଆ, କୁଏତକୁଲ୍ଲା, ଦୂଷିଗାଁ, ଓଡ଼ସାହି ଓ ଧାମରା ପ୍ରଭୃତି ଅଞ୍ଚଳରେ ୬ଟି ନକଲି ରେଡିଓ ଷ୍ଟେସନ୍ ପ୍ରତିଷ୍ଠା କରି ଏହା ମାଧ୍ୟମରେ ଆମ ଦେଶର ପ୍ରତିରକ୍ଷା ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବିଦେଶକୁ ପ୍ରେରଣ କରୁଥିବା ଜଣାପଡ଼ିଥିଲା । ଫରେଷ୍ଟର୍ ଶ୍ୟାମ ସିଂହକୁ ହତ୍ୟା, ଯୁବତୀ ଚାଲାଣ, ନକଲି ସୁନାକାରବାର, ଜାଲନୋଟ୍ କାରବାର, ଭିତରକନିକାରୁ ହରିଣ, ବାର୍‌ହା, କୁମ୍ଭୀର ଶିକାର ସହ ଗ୍ୟାଙ୍ଗଷ୍ଟାର ମାନଙ୍କ ସହିତ ମିଶି ଏ ଅଞ୍ଚଳରେ ମାର୍‌ପିଟ୍, ରାହାଜାନି କରିଥିବା ପୁଲିସ୍ ରେକର୍ଡରୁ ଜଣାପଡ଼ିଛି ।




ଏଥିସହିତ ଜଳପଥରେ ନିଶାଦ୍ରବ୍ୟ ଓ ଅସ୍ତ୍ରଶସ୍ତ୍ର ଏମାନଙ୍କର ମୁଖ୍ୟ ବେଉସା ପାଲଟିଛି । କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର, ମହାକାଳପଡ଼ା ଅଞ୍ଚଳରେ ୧ଲକ୍ଷରୁ ଅଧିକ ବଙ୍ଗୀୟ ଭାଷାଭାଷୀ ଲୋକ ବାସ କରୁଛନ୍ତି । ଏମାନଙ୍କ ମଧ୍ୟରେ ପ୍ରାୟ ୩୦ ହଜାରରୁ ଅଧିକ ବାଂଲାଦେଶୀ ଥିବାବେଳେ ସରକାରୀ ତାଲିକାରେ ଏହି ସଂଖ୍ୟା ସମଗ୍ର ଜିଲ୍ଲାରେ ୧୬୪୯ରେ ସୀମିତ ରହିଛି ।

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଗଭୀର ସମୁଦ୍ରରେ ଗତ ୧୮ ତାରିଖରେ ବନ ବିଭାଗର ଏକ ୧୧ ଜଣିଆ ଟିମ୍ ହୁକିଟୋଲା ଫ୍ରଣ୍ଟ ମହାନଦୀ ପାଖରେ ପାଟ୍ରୋଲିଂ କରିବା ସମୟରେ ସମୁଦ୍ର ନିଷିଦ୍ଧାଞ୍ଚଳରେ ୧୫ ରୁ ୨୦ ଟି ଟ୍ରଲର ବେଆଇନ୍ ଭାବେ ମାଛ ମାରୁଥିବାର ଦେଖିବାକୁ ପାଇଥିଲେ । ପାଟ୍ରୋଲିଂ ଟିମ୍ ସେମାନଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିବା ବେଳେ ସେମାନେ ହିଂସ୍ର ହୋଇ ସଂଘବଦ୍ଧ ଭାବେ ବନବିଭାଗ ପାଟ୍ରୋଲିଂ ଟିମ୍‌ର ଟ୍ରଲରକୁ ଘେରି ଯିବା ସହ ସେମାନଙ୍କ ଟ୍ରଲର୍‌ରେ ଥିବା ବିଭିନ୍ନ ମାଛଧରା ଯନ୍ତ୍ରପାତି ଓ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଏହି ଘଟଣା ପରେ ବନବିଭାଗ ପକ୍ଷରୁ ଟ୍ରଲର୍ ମାଫିଆଙ୍କ ବିରୋଧରେ ଧାମରା ସାମୁଦ୍ରିକ ଥାନାରେ ଏତଲା ଦିଆଯାଇଥିଲା ।

# ବାଂଲାଦେଶ ପରେ ମ୍ୟାଁମାରକୁ ଫସାଉଛି ଚୀନ୍

## ଆଣ୍ଡାମାନରୁ ୫୫ କିମି ଦୂରରେ ବନାଇଲା ସାମରିକ ଘାଟି




ଭାରତର ଗୋଟିଏ ପରେ ଗୋଟିଏ ପଡୋଶୀ ରାଷ୍ଟ୍ରଙ୍କୁ ଚୀନ୍ ଫସାଇବାରେ ଲାଗିଛି । ପାକିସ୍ତାନ, ଶ୍ରୀଲଙ୍କା, ମାଳଦ୍ୱୀପ ପରେ ଚୀନ୍ ବାଂଲାଦେଶ ଏବଂ ମ୍ୟାଁମାରକୁ ନିଜ ଜାଲରେ ପକାଉଛି । ବାଂଲାଦେଶରେ ବିଶାଳ ନୌସେନା ବେସ୍ ବନାଇବା ପରେ ଏହି ଦେଶ ଏବେ ମ୍ୟାଁମାରରେ ସାମରିକ ଘାଟୀ ନିର୍ମାଣ କରୁଛି । ଏହା ଭାରତର ଚିନ୍ତା ବଢ଼ାଇ ଦେଇଛି । ଉପଗ୍ରହ ଚିତ୍ରରୁ ଏହି ସୂଚନା ମିଳିଛି । ରିପୋର୍ଟ ଅନୁଯାୟୀ ମ୍ୟାଁମାର ସେନା ବଙ୍ଗୋପସାଗର ଉପକୂଳରେ ଥିବା ନିଜ କୋକୋ ଦ୍ୱୀପରେ ଯୁଦ୍ଧ ବିମାନ ରହିବା ପାଇଁ ହ୍ୟାଙ୍ଗର ନିର୍ମାଣ କାର୍ଯ୍ୟ ଶେଷ କରିଛି । ଏହା ଦ୍ୱାରା ମ୍ୟାଁମାର ସେନାର କ୍ଷମତା ଅଧିକ ବୃଦ୍ଧି ପାଇଛି । ଏହା ମ୍ୟାଁମାରର ଆଭିମୁଖ୍ୟ ଉପରେ ମଧ୍ୟ ପ୍ରଶ୍ନ ଉଠାଉଛି । ଏହି ସେନା ଘାଟୀ ଚୀନ୍ ସହାୟତାରେ ନିର୍ମାଣ କରାଯାଇଛି । ଏଠାରେ ଚୀନ୍ ଗୁଇନ୍ଦା ଏଜେନ୍ସିର ଆଡ୍ଡା ମାଧ ରହିଛି । ଏହା ଭାରତର ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜଠାରୁ ମାତ୍ର ୫୫ କିମି ଦୂରରେ ରହିଛି, ଯାହା ନୂଆଦିଲ୍ଲୀର ସମସ୍ୟାକୁ ବଢ଼ାଇପାରେ ।

ମ୍ୟାଁମାର ସରକାର ୧୯୯୦ରୁ କୋକୋ ଦ୍ୱୀପରେ ସାମରିକ କାର୍ଯ୍ୟକଳାପ ବୃଦ୍ଧି କରିବାରେ ଲାଗିଛନ୍ତି । ଗତ ବର୍ଷ ଜାରି ଚୈଥମ ହାଉସ ଥିଙ୍କଟ୍ୟାଙ୍କ ରିପୋର୍ଟରେ ଜଣାପଡ଼ିଥିଲା ଯେ ମ୍ୟାଁମାର ୨୩୦୦ ମିଟର ଲମ୍ବା ରନୱେ ଏବଂ ରାଡ଼ାର ଷ୍ଟେସନ ବନାଇଛି । ଏହା ବ୍ୟତୀତ ଦୁଇଟି ହ୍ୟାଙ୍ଗର ନିର୍ମାଣ କରାଯାଉଥିଲା । ନୌସୈନିକଙ୍କ ରହଣି ପାଇଁ ଘର ନିର୍ମାଣ ମଧ ଚାଲିଥିଲା । ଏହି ଦ୍ୱୀପରେ ମ୍ୟାଁମାର ସେନା ସଫେଇ ଅଭିଯାନ ଚଳାଇଛି । ଗଛ କାଟି ସୈନ୍ୟ ଘାଟୀର ସମ୍ପ୍ରସାରଣ କରିବାକୁ ଚାହୁଁଛି । ଏହା ଗ୍ରେଟ୍ କୋକୋ ଦ୍ୱୀପ ମାତ୍ର ୧୧ କିମି ପର୍ଯ୍ୟନ୍ତ ବ୍ୟାପିଛି । ଏହା ଦ୍ୱୀପ

## ଭାରତୀୟ ଘାଟି ଉପରେ ଚୀନ୍‌ର ନଜର



ମ୍ୟାଁମାରର କୋକୋ ଦ୍ୱୀପ ମାଲ୍‌କା ଷ୍ଟ୍ରେଟ ନିକଟରେ ରହିଛି । ଆଣ୍ଡାମାନଠାରୁ ମାତ୍ର ୫୫ କିମି ଦୂରରେ ଥିବା ଏହି ସାମୁଦ୍ରିକ ମାର୍ଗ ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ବାଣିଜ୍ୟିକ ପଥ । ଆଣ୍ଡାମାନରେ ଭାରତର ତିନି ସେନା (ସ୍ଥଳ ସେନା, ନୌସେନା ଏବଂ ବାୟୁସେନା) ର ଏକୀକୃତ କମାଣ୍ଡ ରହିଛି । କୋକୋ ଦ୍ୱୀପୀରେ ମ୍ୟାଁମାରର ସାମରିକ ଘାଟୀ ପ୍ରତିଷ୍ଠା ଚୀନ୍‌ର କୁଟୀଳ ଚକ୍ରାନ୍ତକୁ ଦର୍ଶାଉଛି । ଏହା ଦେଶ ଏଠାରେ ଆଡ୍ଡା ବନାଇ ଭାରତ ଉପରେ ନଜର ରଖିବାକୁ ଚାହୁଁଛି । ମ୍ୟାଁମାରରେ ଗୃହଯୁଦ୍ଧ ଆରମ୍ଭ ହେବା ପରଠାରୁ ଚୀନ୍ ଏହି ଦେଶରେ ନିଜର କର୍ତ୍ତୃତ୍ୱ ବଢ଼ାଇବାରେ ଲାଗିଛି । ଚୀନ୍ ସେନା କ୍ରମାଗତ ଭାବେ ମ୍ୟାଁମାର ସୀମାରେ ଯୁଦ୍ଧାଭ୍ୟାସ କରି ଭୟଭୀତ କରିବାକୁ ପ୍ରୟାସ କରୁଛି । ତେଣୁ କୋକୋ ଦ୍ୱୀପରେ ଚୀନ୍ ଗୁଇନ୍ଦା କାର୍ଯ୍ୟକଳାପ ବୃଦ୍ଧି କରିପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

## ନେହେରୁଙ୍କ ଭୁଲ୍‌ର ଫଳ ଭୋଗୁଛି ଭାରତ






ଆଣ୍ଡାମାନ ନିକୋବପରେ ପ୍ରାୟ ୫ ହଜାର ଦ୍ୱୀପ ଅଛି । ଏମାନଙ୍କ ମଧ୍ୟରୁ କୋକୋ ଦ୍ୱୀପ ଅନ୍ୟତମ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଭୁଲ୍ ଯୋଗୁଁ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ଦ୍ୱୀପ ମ୍ୟାଁମାରର ହୋଇ ଯାଇଥିଲା । ନେହେରୁ ଇଂରେଜଙ୍କ କୂଟନୀତିରେ ଫସି ଯାଇଥିଲେ । ତାଙ୍କ କଥା ମାନି ପ୍ରଥମେ ଏହି ଦ୍ୱୀପକୁ ପ୍ରଥମେ ଭଡ଼ାରେ ଇଂରେଜଙ୍କୁ ଦେଇ ଦେଇଥିଲେ । ପରେ ଇଂରେଜ ଏହାକୁ ମ୍ୟାଁମାର ତଥା ବର୍ମାକୁ ପ୍ରଦାନ କରିଥିଲେ । ଏବେ ଏହି ଦ୍ୱୀପ ମ୍ୟାଁମାର ପାଖରେ ରହିଛି । ସୂଚନା ଅନୁଯାୟୀ ୧୯ଶ ଶତାବ୍ଦୀରେ ଇଂରେଜମାନେ ଆଣ୍ଡାମାନରେ କଲୋନୀ ପ୍ରତିଷ୍ଠା କରିଥିଲେ । ଏଠାରେ କଏଦୀଙ୍କୁ ରଖୁଥିଲେ । ଏମାନଙ୍କ ପାଇଁ ଆବଶ୍ୟକ ଜରୁରୀ ସାମଗ୍ରୀ କୋକୋ ଦ୍ୱୀପରୁ ଅଣା ଯାଉଥିଲା । ଜମିଦାରୀ ବ୍ୟବସ୍ଥା ଅନୁଯାୟୀ ଇଂରେଜ ଭଡ଼ାରେ ବର୍ମାର ଜାଡବେଟ ପରିବାରକୁ ଏହି ଦ୍ୱୀପ ପ୍ରଦାନ କରିଥିଲେ । ୧୮୮୨ରେ ଏହା ବ୍ରିଟିଶ ବର୍ମାର ଅଂଶ ଥିଲା । ୧୯୩୭ରେ ବର୍ମା ଇଂରେଜଙ୍କଠାରୁ ମୁକ୍ତ ହୋଇଯାଇଥିଲା । ପ୍ରଥମେ କୋକୋ ସ୍ୱାଧୀନ ଦ୍ୱୀପ ରହିଥିଲା । ଭାରତ ସ୍ୱାଧୀନ ହେବା ପରେ ଲାକ୍ଷାଦ୍ୱୀପ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଭଳି କୋକୋର ସ୍ଥିତି ସ୍ପଷ୍ଟ ହୋଇ ନ ଥିଲା । ଭାରତ ମଜବୁତ ହେଉ ବୋଲି ଇଂରେଜ ଚାହୁଁ ନ ଥିଲେ । ତେଣୁ ଏହି ଦ୍ୱୀପକୁ ଦେବାକୁ ଚାହୁଁ ନ ଥିଲେ । ଏହି ଦ୍ୱୀପର ଅନେକ ସାମରିକ ମହତ୍ତ୍ୱ ରହିଛି । ଇଣ୍ଡିଆ ଇଣ୍ଡିପେଣ୍ଡେନ୍ସ ବିଲ୍‌ରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ ଭାରତରେ ରଖା ଯାଇଥିଲା । ଏହି ହିସାବରେ କୋକୋ ଦ୍ୱୀପ ଭାରତର ହେବାର ଥିଲା । ମାତ୍ର ଇଂରେଜ ନିଜ ପ୍ରଭାବ ବଜାୟ ରଖିବା ପାଇଁ କୋକୋ ଦ୍ୱୀପ ଉପରୁ ନଜର ହଟାଇ ଦେଇଥିଲେ । ଏହି ଦ୍ୱୀପକୁ ଭଡ଼ାରେ ବ୍ରିଟେନକୁ ଦେବା ପାଇଁ ଲର୍ଡ ମାଉଣ୍ଟବ୍ୟାଟେନ ନେହେରୁଙ୍କୁ କହିଥିଲେ । ୧୯୪୭ ଜୁଲାଇ ୧୯ରେ ଭାରତର ସରକାର ତାଙ୍କ ରାୟ ମାନି ଯାଇଛନ୍ତି ବୋଲି ମାଉଣ୍ଟବ୍ୟାଟେନ କହିଥିଲେ । ଏହା ନେହେରୁଙ୍କ ଐତିହାସିକ ଭୁଲ୍ ଥିଲା । ସେହିପରି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଯୋଗୁଁ ଲାକ୍ଷାଦ୍ୱୀପ ଭାରତରେ ମିଶି ପାରିଥିଲା । ସେ ପାକିସ୍ତାନ ପହଞ୍ଚିବା ପୂର୍ବରୁ ଭାରତୀୟ ସେନାକୁ ଲାକ୍ଷାଦ୍ୱୀପ ପଠାଇ ଏହାକୁ ଅକ୍ତିଆର କରି ନେଇଥିଲେ । ତେବେ ନେହେରୁ ଇଂରେଜଙ୍କ ଦାବିକୁ ସହଜରେ ମାନି ନେଇଥିଲେ । ପରେ ଇଂରେଜ ଏହି ଦ୍ୱୀପକୁ ବର୍ମାକୁ ଦେଇ ଦେଇଥିଲେ । ଆଜି ଏହି କୋକୋ ଦ୍ୱୀପରୁ ଚୀନ୍ ଭାରତ ଉପରେ ନଜର ରଖୁଛି ।

### ଆନ୍ତର୍ଜାତିକ ମାନବାଧିକାର ସଂଗଠନର ଉଦ୍‌ବେଗ

## ଇସ୍ରାଏଲ୍ ଯୁଦ୍ଧରେ ପ୍ରାଣ ହାରିଲେଣି ୧୦୩ ସାମ୍ବାଦିକ

ବିଗତ ୬ ମାସରୁ ଅଧିକ ସମୟ ଧରି ଚାଲିଥିବା ହମାସ୍-ଇସ୍ରାଏଲ ଯୁଦ୍ଧରେ ହଜାର ହଜାର ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଉଭୟ ପକ୍ଷର ଶହ ଶହ ସୈନ୍ୟ କର୍ମୀଙ୍କ ମୃତ୍ୟୁ ହୋଇସାରିଛି । କିନ୍ତୁ ଏହି ସମୟରେ ସମ୍ବାଦ ଗ୍ରହଣ ପାଇଁ ଯାଇଥିବା ସାମ୍ବାଦିକଙ୍କ ମୃତ୍ୟୁସଂଖ୍ୟା ମଧ କିଛି କମ୍ ନାହିଁ । ଯୁଦ୍ଧକାଳରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଦେଶର ୧୦୩ ସାମ୍ବାଦିକଙ୍କ ମୃତ୍ୟୁ ହୋଇସାରିଥିବା ଜଣାପଡ଼ିଛି । ଏହି ଯୁଦ୍ଧ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଅତ୍ୟନ୍ତ ଘାତକ ସାବ୍ୟସ୍ତ ହୋଇଛି ବୋଲି 'ରିପୋର୍ଟର୍ସ ୱିଦ୍ ଆଉଟ ବର୍ଡର୍ସ' (ଆରଏସ୍ଏଫ) ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ କୁହାଯାଇଛି । ଏହି ରିପୋର୍ଟ ଅନୁଯାୟୀ ଗତ ପାଞ୍ଚ ମାସ ମଧ୍ୟରେ ଗାଜାରେ ଇସ୍ରାଏଲର ଆକ୍ରମଣରେ ଅତି କମ୍ରେ ୧୦୩ ଜଣ ସାମ୍ବାଦିକ ପ୍ରାଣ ହରାଇଛନ୍ତି । ସେମାନଙ୍କ ମଧ୍ୟରୁ ୨୨ ଜଣ ସାମ୍ବାଦିକଙ୍କୁ ଟାର୍ଗେଟ୍ କରି ହତ୍ୟା କରାଯାଇଛି ବୋଲି ଆରଏସ୍ଏଫ କହିଛି । ଇସ୍ରାଏଲ ସେନା(ଆଇଡିଏଫ) ଦ୍ୱାରା ଗାଜାରେ ଅତ୍ୟନ୍ତ ବର୍ବରତାର ସହ ନରସଂହାର ଜାରି ରହିଛି । ଏଥିରୁ ସ୍ୱାସ୍ଥ୍ୟକର୍ମୀ, ଗଣମାଧ୍ୟମ କର୍ମୀ ଏବଂ ସ୍ୱେଚ୍ଛାସେବୀମାନେ ମଧ ବାଦ ପଡ଼ିନାହାନ୍ତି । କେବଳ ଏହି ସଂସ୍ଥା ନୁହେଁ, ବର୍ତ୍ତମାନ ସୁଦ୍ଧା ଏହି ଯୁଦ୍ଧରେ ୧୦୩ ଜଣ ସାମ୍ବାଦିକଙ୍କ ମୃତ୍ୟୁ ହେବା ଘଟଣା ଅତ୍ୟନ୍ତ ବିରଳ ଓ ହୃଦୟ ବିଦାରକ ଘଟଣା ବୋଲି ଅନେକ ମାନବାଧିକାର ସଂଗଠନ ମତ ଦେଇଛନ୍ତି । ଅକ୍ଟୋବର ୭



ତାରିଖରୁ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଲଗାତାର ସାମ୍ବାଦିକଙ୍କ ମୃତ୍ୟୁ ଖବର ଆସିବା ଜାରି ରହିଥିବାରୁ ବିଶ୍ୱବ୍ୟାପୀ ଅନେକ ଗଣମାଧ୍ୟମ ସଂଗଠନ ଏ ନେଇ ଉଦ୍ବେଗ ପ୍ରକାଶ କରିଛନ୍ତି । ଟିଭି, ରେଡିଓ, ପ୍ରିଣ୍ଟ ମିଡିଆ ଏବଂ ମଲ୍ଟିମିଡିଆ ପାଇଁ କାର୍ଯ୍ୟ କରୁଥିବା ଅନେକ ସାମ୍ବାଦିକ, ଫଟୋଗ୍ରାଫର ଏବଂ କ୍ୟାମେରା ଅପରେଟର ଗାଜା ଯୁଦ୍ଧର ଶିକାର ହୋଇଛନ୍ତି ।

## ଆରବ ସାଗରରେ ଭାରତୀୟ ନୌସେନା କାହିଁକି ସକ୍ରିୟ




ବିଗତ କିଛି ମାସ ହେଲା ଆରବ ସାଗରରେ ଭାରତୀୟ ନୌସେନା ସକ୍ରିୟ ରହି ଯେଭଳି ରକ୍ଷାତ୍ମକ କାର୍ଯ୍ୟ ଚଳାଇଛି ତାହା ବିଶ୍ୱ ସମୁଦାୟକୁ ବିସ୍ମିତ କରିଛି । ବିଶେଷକରି ଲୋହିତ ସାଗର, ୟେମେନ ସାଗର ଏବଂ ସୋମାଲିଆ ଉପକୂଳରେ ହୁତି ବିଦ୍ରୋହୀଙ୍କ ଠାରୁ ଆରମ୍ଭ କରି ସୋମାଲିଆ ଜଳଦସ୍ୟୁଙ୍କ ଠାରୁ ବାଣିଜ୍ୟିକ ଜାହାଜମାନଙ୍କୁ ସୁରକ୍ଷା ଦେବା ଏବଂ ବିପଦ ମଧ୍ୟକୁ ଠେଲି ହୋଇଯାଇଥିବା ଜାହାଜକୁ ରକ୍ଷା କରିବା କ୍ଷେତ୍ରରେ ଭାରତୀୟ ନୌସେନା ଯେଭଳି ନିଜର ଦକ୍ଷତା ପ୍ରଦର୍ଶନ କରିଛି ତାହା ଆନ୍ତର୍ଜାତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି । କିନ୍ତୁ ଇରାନ ବିଦ୍ରୋହୀଙ୍କୁ ମୁକାବିଲା କରିବାକୁ ଆମେରିକା, ବ୍ରିଟେନ ଭଳି ମହାଶକ୍ତିଙ୍କ ନୌସେନା ଉପସ୍ଥିତ ଥିଲେ ମଧ ଭାରତୀୟ ନୌସେନା କାହିଁକି ଏହି ଅଞ୍ଚଳରେ ଏତେ ସକ୍ରିୟ ତାହାକୁ ନେଇ ପ୍ରଶ୍ନ ଉଠୁଛି । ଏହାପଛରେ ଆମେରିକାର ରାଜନୀତି କାର୍ଯ୍ୟ କରୁଛି ବୋଲି କୁହାଯାଉଛି । ଇସ୍ରାଏଲ ଏବଂ ହମାସ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଇରାନର ଆମେରିକା ବିରୋଧୀ ଆଭିମୁଖ୍ୟକୁ ନେଇ ମଧ୍ୟପ୍ରାଚ୍ୟରେ ଯେଭଳି ପରିସ୍ଥିତି ଉପୁଜିଛି ସେଥିପାଇଁ ବିଗତ ଦିନରେ ଆମେରିକା ଚିନ୍ତିତ ରହି ଆସିଛି । ଇରାନର ବିଭିନ୍ନ ଆତଙ୍କବାଦୀ ସଂଗଠନ ସିରିଆ, ଇରାକ, ଲେବାନନ ଆଦି ରାଷ୍ଟ୍ରରେ ଆମେରିକା ବିରୋଧରେ ଷଡ଼ଯନ୍ତ୍ର ଚଳାଇଛନ୍ତି । ଆମେରିକା ଏବଂ ଏହାର ମିତ୍ର ରାଷ୍ଟ୍ର ଏଥିପାଇଁ ସଜାଗ ରହିଥିଲା ବେଳେ ଆରବ ସାଗରରେ ବାଣିଜ୍ୟିକ କାରବାର ପାଇଁ ସୁରକ୍ଷା ଦେବାକୁ ଆମେରିକା ଭାରତ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିବା କୁହାଯାଉଛି ।

## କଚ୍ଛାଥିବୁର ଇତିହାସ




ଚଉଦଶ ଶତାବ୍ଦୀରେ ଜ୍ୱାଳାମୁଖୀ ବିସ୍ଫୋରଣରୁ ଏହି ଦ୍ୱୀପ ସୃଷ୍ଟି ହୋଇଥିଲା । ଏହା ୧୭ଶ ଶତାବ୍ଦୀ ପର୍ଯ୍ୟନ୍ତ ମଦୁରାଇ ରାଜା ରାମାନନ୍ଦଙ୍କ ଅଧିନରେ ଥିଲା । ବ୍ରିଟିଶ ଶାସନ ସମୟରେ ଏହି ଦ୍ୱୀପ ମାଡ୍ରାସ ପ୍ରେସିଡେନ୍ସି ଅଧିନକୁ ଚାଲି ଯାଇଥିଲା । ୧୯୨୧ ଶ୍ରୀଲଙ୍କା ଏବଂ ଭାରତ ମାଛ ଧରିବା ପାଇଁ ଏହି ଦ୍ୱୀପ ଉପରେ ଦାବି କରିଥିଲେ । ପରେ ଏହି ବିବାଦର କୌଣସି ସମାଧାନ ହୋଇ ନ ଥିଲା । ସ୍ୱାଧୀନତା ପରେ ଏହା ଭାରତର ଅଂଶ ରହିଥିଲା । ଏହି ଦ୍ୱୀପର ଅନେକ ସାମରିକ ମହତ୍ତ୍ୱ ରହିଛି । ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ଏହାକୁ ବ୍ୟବହାର କରୁଥିଲେ । ତେବେ ଶ୍ରୀଲଙ୍କା କ୍ରମାଗତ ଭାବେ ଏହା ଉପରେ ଦାବି ଉପସ୍ଥାପନ କରୁଥିଲା । ଭାରତ-ଶ୍ରୀଲଙ୍କା ସାମୁଦ୍ରିକ ସୀମାକୁ ନେଇ ଚୁକ୍ତି ସ୍ୱାକ୍ଷର କରିବା ପରେ ପୁଣିଥରେ ଏହି ପ୍ରସଙ୍ଗ ଉଠିଥିଲା । ୧୯୭୪ ଜୁନ୍ ୨୬ରେ କଲମ୍ବୋ ଏବଂ ଜୁନ୍ ୨୮ ରେ ଦିଲ୍ଲୀରେ ଉଭୟ ଦେଶଙ୍କ ମଧ୍ୟରେ ଏହି ଦ୍ୱୀପକୁ ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ କିଛି ସର୍ତ୍ତ ରଖି ଦ୍ୱୀପକୁ ଶ୍ରୀଲଙ୍କାକୁ ପ୍ରଦାନ କରାଯାଇଥିଲା । ଭାରତୀୟ ମତ୍ସ୍ୟଜୀବୀଙ୍କୁ ଏହି ଦ୍ୱୀପରେ ନିଜ ଜାଲ ଶୁଖାଇବା ପାଇଁ ଅନୁମତି ଦିଆଯାଇଥିଲା । ବିନା ଭିସାରେ ଭାରତୀୟମାନେ ଏଠାକୁ ଯାଇପାରିବେ ବୋଲି ସର୍ତ୍ତ ରଖା ଯାଇଥିଲା । ତେବେ ଏହି ଚୁକ୍ତିକୁ ସେତେବେଳର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କରୁଣାନିଧି ତୀବ୍ର ବିରୋଧ କରିଥିଲେ । ଏହା ପରେ ଏଲଟିଟିଇ ସକ୍ରିୟ ଥିବା ସମୟରେ ଶ୍ରୀଲଙ୍କା ସରକାର ଏହି ଦ୍ୱୀପକୁ ମତ୍ସ୍ୟଜୀବୀଙ୍କ ପ୍ରବେଶ ଉପରେ କଟକଣା ଲଗାଇ ଦେଇଥିଲେ । ୨୦୦୯ରେ ଶ୍ରୀଲଙ୍କା ନିଜ ସାମୁଦ୍ରିକ ସୀମାରେ ପାଟ୍ରୋଲିଂ କଡ଼ାକଡ଼ି କରିବା ଆରମ୍ଭ କରିଥିଲା । ୨୦୧୦ରେ ଏଲଟିଟି ସହ ସଂଘର୍ଷ ଶେଷ ହେବା ପରେ ଶ୍ରୀଲଙ୍କା ମତ୍ସ୍ୟଜୀବୀ ଆନ୍ଦୋଳନ ଆରମ୍ଭ କରି ଦେଇଥିଲେ । ପରେ ହରାଇଥିବା କ୍ଷେତ୍ରକୁ ପୁଣିଥରେ ହାସଲ କରିଥିଲେ ।

### ଭାରତରେ ତେଜୁଛି ଦ୍ୱୀପ ରାଜନୀତି

# ଚର୍ଚ୍ଚାରେ କଚ୍ଛାଥିବୁର କାହାଣୀ

**ଶ୍ରୀଲଙ୍କାକୁ ଟେକି ଦେଇଥିଲେ ଇନ୍ଦିରା ● ପୁନଃ ପ୍ରାପ୍ତ ପାଇଁ ଦାବି ଜୋର୍ ଧରୁଛି**

ଲୋକସଭା ନିର୍ବାଚନ ପ୍ରଚାର ମଧ୍ୟରେ ଏବେ ଭାରତରେ କଚ୍ଛାଥିବୁ ଦ୍ୱୀପକୁ ନେଇ ରାଜନୀତି ତେଜିବାରେ ଲାଗିଛି । ତାମିଲନାଡୁ ବିଜେପି ଅଧ୍ୟକ୍ଷ ଆନାମଲାଇ ପ୍ରଥମେ ଏହି ପ୍ରସଙ୍ଗ ଉଠାଇ ଥିଲେ । ସେ ଆରଟିଆଇ (ସୂଚନା ଅଧିକାର ଆଇନ) ବଳରେ କଚ୍ଛାଥିବୁ ସମ୍ପର୍କରେ ତଥ୍ୟ ହାସଲ କରି କଂଗ୍ରେସକୁ ନିଶାଣ କରିଥିଲେ । ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଏହି ଦ୍ୱୀପକୁ ସେ ଶ୍ରୀଲଙ୍କାକୁ ପ୍ରଦାନ କରିଥିଲେ ବୋଲି କହିଥିଲେ । ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବୈଦେଶିକମନ୍ତ୍ରୀ ଏସ ଜୟଶଙ୍କର ମଧ ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ଏବଂ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କଠାରୁ ନେଇ ତାଙ୍କ ଝିଅ ଇନ୍ଦିରାଙ୍କୁ ସମାଲୋଚନା କରିଥିଲେ । ଉଭୟଙ୍କ ଦୂରଦୃଷ୍ଟି ଅଭାବରୁ ଭାରତ ଏହି ଦ୍ୱୀପ ହରାଇଥିଲା ବୋଲି କହିଥିଲେ । ତେବେ ଏହି ଦ୍ୱୀପ ଉପରେ ପୁଣିଥରେ ନିୟନ୍ତ୍ରଣ ପାଇଁ ଭାରତ ସରକାର ଉଦ୍ୟମ କରୁଛନ୍ତି ବୋଲି ଆନାମଲାଇ କହିଥିଲେ । ଏପରି ସମୟରେ କଚ୍ଛାଥିବୁ ବିଷୟରେ ଜାଣିବା ପାଇଁ ଲୋକଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇବାରେ ଲାଗିଛି । ଏହି ଦ୍ୱୀପ ବିଷୟରେ ନିମ୍ନରେ ସମ୍ୟକ ସୂଚନା ପ୍ରଦାନ କରାଗଲା ।

ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି କ୍ଷୁଦ୍ର ଦ୍ୱୀପ କଚ୍ଛାଥିବୁ ପାକିସ୍ତାନ ଷ୍ଟ୍ରେଟ୍ ମଧ୍ୟରେ ରହିଛି । ଏହା ବଙ୍ଗୋପସାଗର ଉପକୂଳକୁ ଆରବ ସାଗର ସହ ଯୋଡୁଛି । ୨୮୫ ଏକରର ଏହି ସବୁଜବଳୟ ଘେରା କ୍ଷେତ୍ର ୧୯୭୬ ପର୍ଯ୍ୟନ୍ତ ଭାରତର ଥିଲା । ମାତ୍ର ଉଭୟ ଦେଶ ମଧ୍ୟରେ ଏକ ବିବାଦୀୟ କ୍ଷେତ୍ର ରହିଛି । ଏହା ଉପରେ ଶ୍ରୀଲଙ୍କା ଦାବି କରୁଛି । ସୂଚନା ଅନୁଯାୟୀ ୧୯୭୪ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଶ୍ରୀଲଙ୍କା ରାଷ୍ଟ୍ରପତି ଶ୍ରୀମାବୋ ଭଣ୍ଡାରନାୟକେଙ୍କ ସହ ସାମୁଦ୍ରିକ ସୀମାକୁ ନେଇ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ । ଏହି ଚୁକ୍ତି ଅନୁସାରେ କଚ୍ଛାଥିବୁ ଦ୍ୱୀପକୁ ଶ୍ରୀଲଙ୍କାକୁ ପ୍ରଦାନ କରାଯାଇଥିଲା ।



## ଭାରତରେ ବିବାଦ କାହିଁକି

ତାମିଲନାଡୁର ଅନେକ ସରକାର ୧୯୭୪ର ଚୁକ୍ତିକୁ ସ୍ୱୀକାର କରିବାକୁ ମନା କରିଦେଇଛନ୍ତି । ଏହି ଦ୍ୱୀପକୁ ପୁଣିଥରେ ହାସଲ କରିବାକୁ ଦାବି କରୁଛନ୍ତି । ଏ ନେଇ ୧୯୯୧ରେ ତାମିଲନାଡୁ ବିଧାନସଭାରେ ଏହି ଚୁକ୍ତି ବିରୋଧରେ ଏକ ପ୍ରସ୍ତାବ ପାରିତ ହୋଇଥିଲା । ୨୦୦୮ ରେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତା କେନ୍ଦ୍ର ବିରୋଧରେ ସୁପ୍ରିମକୋର୍ଟ ଯାଇ କଚ୍ଛାଥିବୁ ଚୁକ୍ତି ରଦ୍ଦ ଦାବି କରିଥିଲେ । ସେ ଏହି ଚୁକ୍ତିକୁ ଅସାମ୍ବିଧାନିକ ଦର୍ଶାଇ ଥିଲେ । ଏହା ପରେ ୨୦୧୧ରେ ଜୟଲଳିତା ପୁଣି ବିଧାନସଭାରେ ପ୍ରସ୍ତାବ ପାରିତ କରାଇ ଥିଲେ । ୨୦୨୨ ମଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଉପସ୍ଥିତିରେ ଏକ କାର୍ଯ୍ୟକ୍ରମରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଏହି ପ୍ରସଙ୍ଗ ଉଠାଇ ଥିଲେ । ମତ୍ସ୍ୟଜୀବୀଙ୍କ ପାଇଁ ଏହି ଦ୍ୱୀପକୁ ପୁଣିଥରେ ପ୍ରାପ୍ତ କରିବା ନିମନ୍ତେ ଦାବି କରିଥିଲେ । ଏହା ଦ୍ୱାରା ମତ୍ସ୍ୟଜୀବୀଙ୍କୁ ଅଧିକାର କ୍ଷୁଣ୍ଣ ହେଉଛି ବୋଲି କହିଥିଲେ ।





# ଜୟଦେବରେ ଡାଲିଙ୍କୁ ବିରୋଧ

## ଗୋ-ବ୍ୟାକ୍ ସ୍ଲୋଗାନ ଦେଲେ ଦଳୀୟ ନେତା ଓ କର୍ମୀ



ବାଲିପାଟଣା ,୩।୪ (ସମୀସ): ବିଜେପି ପ୍ରାର୍ଥୀ ତାଲିକାରେ ଜୟଦେବ ନିର୍ବାଚନମଣ୍ଡଳୀ ପାଇଁ ଡ: ଅରବିନ୍ଦ ଢାଲିଙ୍କ ନାମ ପ୍ରକାଶ ପାଇବା ପରେ ଏହାକୁ ନେଇ କର୍ମୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ବିଜେପି ନେତା ତଥା ଟିକଟ୍ ଆଶାୟୀ ସତ୍ୟପ୍ରିୟ ବେହେରାଙ୍କ ସମର୍ଥକମାନେ ବାଲିପାଟଣା ଛକ ଠାରେ 'ଅରବିନ୍ଦ ଗୋ ବ୍ୟାକ୍' ଓ 'ପିସି ମାଫିଆ ଗୋ ବ୍ୟାକ୍' ସ୍ଲୋଗାନରେ ନାରାଦେବା ସହିତ ଡ଼. ଢାଲିଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ସୂଚନାଯୋଗ୍ୟ ଜୟଦେବରୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସତ୍ୟପ୍ରିୟ ବେହେରା, ମାଗୁଣି ସେଠୀ, ବସନ୍ତ ନାୟକ, ଜଗନ୍ନାଥ ବେହେରା, ଶିବ ମଲ୍ଲିକ ଆଶାୟୀ ଥିଲେ । ସ୍ଥାନୀୟ ଅଞ୍ଚଳରେ ଦଳକୁ ମଜ୍‌ଭୁତ୍ କରିବା ପାଇଁ ପୁରୁଣା କର୍ମୀମାନେ ଦିନରାତି ଏକାକାର କରି ଦେଇଥିଲେ ମଧ୍ୟ ଦଳ ଏମାନଙ୍କୁ ଟିକଟ୍ ନା ଦେଇ କିଛିଦିନ ହେବ ଭାରତୀୟ ଜନତା ପାର୍ଟିରେ ନୂଆକରି ଯୋଗଦେଇଥିବା ବିଧାୟକ ଡ: ଅରବିନ୍ଦ ଢ଼ାଲିଙ୍କୁ ଟିକଟ୍ ଦେଇଥିବା ସତ୍ୟପ୍ରିୟଙ୍କ ସମର୍ଥକମାନେ କହିଛନ୍ତି । ଯାହାକୁ ନେଇ ଆଶାୟୀ ପ୍ରାର୍ଥୀ ଓ ତାଙ୍କ ସମର୍ଥକମାନେ ଅସନ୍ତୋଷ ଜାହିର କରିଛନ୍ତି । ଭାରତୀୟ ଜନତା ପାର୍ଟିରୁ ଟିକଟ କଟିଲା ପରେ ସତ୍ୟପ୍ରିୟ ଏବେ ସ୍ୱାଧୀନ ଭାବରେ ଜୟଦେବରେ ନିର୍ବାଚନ ଲଢ଼ିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ରାଜଧାନୀରେ କେତେ ସୁରକ୍ଷିତ ଲସି ସରବତ

# କହୁଛନ୍ତି ରାବିଡ଼ି; ଦଉଛନ୍ତି ମଇଦା ଗୋଳା

ଭୁବନେଶ୍ୱର, ୩।୪(ସମିସ):

ସହରରେ ତାତି ବଢ଼ିଲେ, ତାଳ ଦେଇ ବଢ଼ି ଚାଲେ ଲସି ସରବତ ଦୋକାନ । ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଗତ କିଛିବର୍ଷ ଧରି ରାଜଧାନୀରେ ଏହି ଦୋକାନ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଖରାରୁ ସାମୟିକ ଆରାମ ପାଇବା ପାଇଁ ଲୋକମାନେ ରାସ୍ତାକଡ଼ର ଏହି ଦୋକାନରୁ ଲସି, ସର୍ବତ ପିଇ ତୃଷ୍ଣା ମେଣ୍ଟାଉଛନ୍ତି । ବେପାରୀମାନେ ବିଭିନ୍ନ ପ୍ରକାର ସାମଗ୍ରୀ ଏଥିରେ ମିଶାଇବା ସହ ଦର ବି କଷୁଛନ୍ତି । ହେଲେ ଲସିରେ ବ୍ୟବହୃତ ସାମଗ୍ରୀ କେତେ ସ୍ୱାସ୍ଥ୍ୟକର ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଏହାକୁ ଯାଞ୍ଚ କରିବାର ବ୍ୟବସ୍ଥା ଥିଲେ ସୁଦ୍ଧା କେବେ ବି ଯାଞ୍ଚ କରାଯିବାର ନଜିର୍ ନାହିଁ । ଫଳରେ ଲସିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଅପମିଶ୍ରିତ ତଥା ରାସାୟନିକ ରଙ୍ଗଯୁକ୍ତ ବୋଲି ଅଭିଯୋଗ ହେଉଛି । ବୁଧବାର କଟକରେ



ଖାଦ୍ୟ ସୁରକ୍ଷା ବିଭାଗର ଯାଞ୍ଚ ସମୟରେ ରଙ୍ଗ ମିଶା ଯାଉଥିବା ସାମ୍ନାକୁ ଆସିଛି । ରାଜଧାନୀରେ ଏଭଳି ଯାଞ୍ଚ କଲେ ଆହୁରି ସାଂଘାତିକ ତଥ୍ୟ ସାମ୍ନାକୁ ଆସିପାରନ୍ତା ବୋଲି ସ୍ୱାସ୍ଥ୍ୟ ସଚେତନ ନାଗରିକମାନେ ମତପୋଷଣ କରିଛନ୍ତି ।

ରାଜଧାନୀ ଭୁବନେଶ୍ୱରରେ ସହିଦ ନଗର, ରାଜମହଲ, କଳ୍ପନା, କଟକ ରୋଡ, ଜୟଦେବ ବିହାର, ଖଣ୍ଡଗିରି ଆଦି ଅଞ୍ଚଳରେ ପ୍ରଚୁର ଲସି ସର୍ବତ ଷ୍ଟଲ୍ ରହିଛି । ଏମାନେ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଷ୍ଟଲ୍ ପକାଉଥିବାବେଳେ ଜୁଲାଇ ମାସରେ ଷ୍ଟଲ୍ ଭାଙ୍ଗୁଛନ୍ତି । ଏପ୍ରିଲ୍, ମେ' ଓ ଜୁନ୍ ତିନି ମାସ ପ୍ରଚୁର ବ୍ୟବସାୟ କରୁଛନ୍ତି । ଲସି ଓ ସର୍ବତରେ ଦହି, ରାବିଡ଼ି, ନଡ଼ିଆ, ବାଦାମ, କାଜୁ, ଆଇସ୍‌କ୍ରିମ୍ ଆଦି ବ୍ୟବହାର କରି ଏହାକୁ ସ୍ୱାଦିଷ୍ଟ କରାଯାଉଛି । ଏହି ସବୁ ଖାଦ୍ୟ ପଦାର୍ଥ କେତେ ସୁରକ୍ଷିତ ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### ରାସ୍ତାକଡ଼ ଖାଦ୍ୟ ସୁରକ୍ଷା ନେଇ ଉଠିଲା ପ୍ରଶ୍ନ

### କଟକରେ ଚଢ଼ଉ ହେଲା, ଭୁବନେଶ୍ୱରରେ କେବେ

ରାଜଧାନୀବାସୀ ପ୍ରତିଦିନ ପିଉଥିବା ଶହ ଶହ ଗ୍ଲାସ୍ ଲସି ସ୍ୱାସ୍ଥ୍ୟପ୍ରଦ ନା ନାହିଁ ସମସ୍ତେ ସନ୍ଦୀହାନ । ବିଶେଷକରି ଏଥିରେ ବ୍ୟବହାର କରାଯାଉଥିବା ରାବିଡ଼ିରେ ମାତ୍ରାଧିକ ମଇଦା, ବିସ୍କୁଟ୍ ଗୁଣ୍ଡ ଆଦି ମିଶାଯାଉଥିବା ଅଭିଯୋଗ ହେଉଛି । ଏହାସହ ଲସିର ରଙ୍ଗ ଭଲ ଦେଖାଯିବା ସହ ମିଠା ବଢ଼ାଇବା ପାଇଁ ସାକାରିନ୍ ଗୁଣ୍ଡକୁ ବ୍ୟବହାର କରାଯାଉଛି । ଏହାସହ ବାସି ନଡ଼ିଆ, ଶସ୍ତା ଆଇସ୍‌କ୍ରିମ୍ ଆଦି ବ୍ୟବହାର କରାଯାଉଛି । ଯାହା ଆଗାମୀ ଦିନରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି । ଏହାସହ ଦୋକାନ କରିବାକୁ ହେଲେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଖୁଚୁରା ବେପାରୀ ଲାଇସେନ୍ସ ନେବାକୁ ପଡ଼େ । ତା' ବି ଅଧିକାଂଶ ଦୋକାନୀ ନେଉନାହାନ୍ତି । ଏମାନଙ୍କ ଉପରେ କେବେ ଖାଦ୍ୟ ସୁରକ୍ଷା ବିଭାଗର ଦୃଷ୍ଟିପଡ଼ିବ ବୋଲି ସଚେତନ ନାଗରିକମାନେ ପ୍ରଶ୍ନ କରିଛନ୍ତି ।

ଏ ସମ୍ପର୍କରେ ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟଜିତ୍ ପଟେଲ କହିଛନ୍ତି, ଆମେ ନିୟମିତ ବ୍ୟବଧାନରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଦେଇଛୁ । ଏହାସହ ଖୁବ୍‌ଶୀଘ୍ର ଲସି ପ୍ରସ୍ତୁତି ଖାଦ୍ୟ ସାମଗ୍ରୀର ସାମ୍ପୁଲ ପରୀକ୍ଷା ପାଇଁ ପରୀକ୍ଷାଗାରକୁ ପଠାଯିବ । ଏହାସହ ଅପମିଶ୍ରିତ ଖାଦ୍ୟ ପଦାର୍ଥ ବ୍ୟବହାର କରୁଥିବା ଦୋକାନୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।

# ମେଳଣରୁ ସୁନାଚେନ ଲୁଟ୍; ମହିଳା ଗିରଫ

ବାଲିଅନ୍ତା, ୩।୪ (ସମିସ): ବାଲକାଟି ମେଳଣରୁ ସୁନାଚେନ୍ ଲୁଟ ମାମଲାରେ ମହାଲକ୍ଷ୍ମୀ ସ୍ୱାମୀ (୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବାଲିଅନ୍ତା ଥାନା ପୁଲିସ । ସୂଚନାଯୋଗ୍ୟ ଯେ, କଟକ ଅଞ୍ଚଳର ରମା ପାତ୍ର ନିଜ ପରିବାରବର୍ଗଙ୍କ ସହ ଗତ ୧ ତାରିଖରେ ବାଲକାଟି ଦୋଳ ମେଳଣ ଦେଖିବା ଲାଗି ଯାଇଥିଲେ । ସେଠାରେ ମେଳଣ ବୁଲୁଥିବା ସମୟରେ ମହାଲକ୍ଷ୍ମୀ ଦୁଇ ସହଯୋଗୀ ତାଙ୍କୁ ଘେରିଯାଇଥିଲେ । ଏହି ସୁଯୋଗରେ ମହାଲକ୍ଷ୍ମୀ ହଠାତ ରମା ବେକରୁ ସୁନା ଚେନ୍ ଛିଣ୍ଡାଇ ନେଇ ଆଖି ପିଛୁଳାକେ ଅନ୍ୟଜଣଙ୍କୁ ହସ୍ତାନ୍ତର କରିଦେଇଥିଲେ । ବେକରୁ ସୁନା ଚେନ୍ ଲୁଟ ହେବା ଜାଣିପାରି ଅଭିଯୋଗକାରିଣୀ ଜଣକ ଅଭିଯୁକ୍ତଙ୍କ ହାତକୁ ଜାବୁଡ଼ି ଧରିବା ସହିତ ପାଟିକରି ପରିବାର ବର୍ଗଙ୍କୁ ଡ଼ାକିଥିଲେ ଏବଂ ତାଙ୍କୁ ଧରି ନେଇ ପୁଲିସ ଜିମା ଦେଇଥିବା ବେଳେ ନିକଟସ୍ଥ ଫାଣ୍ଡିରେ ଅଭିଯୋଗ କରିଥିଲେ । ଘଟଣାର ଅଭିଯୋଗ ପରେ, ପୁଲିସ ମାମଲା ରୁଜୁକରି ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ପଚରାଉଚରା ବେଳେ ଅଭିଯୁକ୍ତ ମହିଳା ଚେନ୍ ଲୁଟ୍ କରିଥିବା ସ୍ୱୀକାର କରିଥିବା ପୁଲିସ କହିଛି ।

# 'ଭ୍ରାମ୍ୟମାଣ ଜଳଛତ୍ର' ଉଦ୍‌ଘାଟିତ



ଭୁବନେଶ୍ୱର, ୩।୪ (ସମିସ): ରାଜଧାନୀରେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଜୁ ଜନତା ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ ଭ୍ରାମ୍ୟମାଣ ଜଳଛତ୍ର ଆରମ୍ଭ କରିଛନ୍ତି । ଏହି ଜଳଛତ୍ରଟି ବୁଧବାର ଜୟଦେବ ଭବନଠାରେ ଉଦ୍‌ଘାଟିତ ହୋଇଛି । ତେବେ ଏହି ଭ୍ରାମ୍ୟମାଣ ଜଳଛତ୍ର ଦିନ ସମୟରେ ସହରର ବିଭିନ୍ନ ଅଞ୍ଚଳରେ ବୁଲି ଲୋକମାନଙ୍କୁ ଜଳସେବା ଯୋଗାଇଦେବ । ଭୁବନେଶ୍ୱରର ରାଜରାସ୍ତାରେ କାର୍ଯ୍ୟରତ ପୁଲିସ ତଥା ଟ୍ରାଫିକ କର୍ମଚାରୀ, ବିଭିନ୍ନ ବୁଲା ବ୍ୟବସାୟୀ ଓ ଦିନ ମଜୁରିଆଙ୍କଠାରୁ ଆରମ୍ଭକରି ସ୍କୁଲ୍ କଲେଜର ଛାତ୍ରଛାତ୍ରୀ, ସାଧାରଣ ଜନତା ଓ ପଶୁପକ୍ଷୀ ମାନଙ୍କ କ୍ଷୁଧା ମେଣ୍ଟାଇବା ହେଉଛି ଏହି ଭ୍ରାମ୍ୟମାଣ ଜଳଛତ୍ରର ମୂଳଲକ୍ଷ୍ୟ । ଏହା ସମସ୍ତଙ୍କ ପାଇଁ ଅତ୍ୟନ୍ତ ଉପକାରୀ ହେବ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି କହିବା ସହ ଜୟ ଓଡ଼ିଶାର ଏଭଳି ପଦକ୍ଷେପକୁ ଖୁବ ପ୍ରଶଂସା କରିଥିଲେ । ଉଦ୍ଘାଟନ ସମୟରେ ରୁଦ୍ର ସାମନ୍ତରାୟ ଓ ତାଙ୍କର ସହଯୋଗୀମାନେ ଉପସ୍ଥିତ ରହି ଦହିପାଣି ପ୍ରସ୍ତୁତ କରି ଉପସ୍ଥିତ ଲୋକମାନଙ୍କୁ ବଣ୍ଟନ କରିଥିଲେ । ଅତ୍ୟନ୍ତ ଜରୁରୀ କାମ ନ ଥିଲେ ଦିନ ୧୧ଟା ରୁ ୩ଟା ପର୍ଯ୍ୟନ୍ତ ଘରେ ରହିବାକୁ ପରାମର୍ଶ ଦେବା ସହ ବାହାରକୁ ବାହାରିଲେ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଯେଉଁ ପ୍ରସ୍ତୁତିର ଆବଶ୍ୟକତା ଥାଏ ତାହା ବର୍ଣ୍ଣନା କରି ସହରବାସୀଙ୍କୁ ସଚେତନ କରିଥିଲେ ଶ୍ରୀ ସାମନ୍ତରାୟ ।

# ଆଜିଠୁ ଦୁଇଦିନିଆ ରିମାଣ୍ଡରେ କୋଟିପତି ଚୋର

ଭୁବନେଶ୍ୱର, ୩।୪(ସମିସ): କମିସନରେଟ୍ ପୁଲିସ ପଞ୍ଝାରେ ପଡ଼ିଥିବା ପର୍ଶୁରାମ ଗିରିର ଚୋରି ସାମ୍ରାଜ୍ୟର ଦୁର୍ଗ ଭାଙ୍ଗିବା ଲାଗି ଆରମ୍ଭ ହୋଇଛି ପ୍ରକ୍ରିୟା । ଗୁରୁବାର ଠାରୁ ଦୁଇଦିନିଆ ରିମାଣ୍ଡରେ ଆଣିବ କମିସନରେଟ୍ ପୁଲିସ । ଚୋରି ଟଙ୍କାରେ ବିଳାସପୂର୍ଣ୍ଣ ଜୀବନଯାପନ ସହ ଯୁବତୀଙ୍କ ପିଛା ଟଙ୍କା ଉଡ଼ାଉଥିଲା । ପତ୍ନୀକୁ ହତ୍ୟା ଅଭିଯୋଗରେ ଜେଲ୍ ଯାଇଥିଲା ପର୍ଶୁରାମ । ସେଠାରୁ ମୁକୁଳିବା

**ସମ୍ପତ୍ତି ବାଜ୍ୟାପ୍ତି ଲାଗି ଆରମ୍ଭ ହେଲା ପ୍ରକ୍ରିୟା**

**ଗୁଇନ୍ଦା ମାଧ୍ୟମରେ ପୁଲିସ ଗତିବିଧି ଉପରେ ରଖୁଥିଲା ନଜର**

ପରେ ସେ ଚୋରି ବିଦ୍ୟା ଅଧ୍ୟୟନ କରୁଥିଲା । ଏକୁଟିଆ ହିଁ ଚୋରି କରିବା ସହ ଟଙ୍କା ଠୁଳ କରିଥିଲା । ସେଇ ଟଙ୍କାରେ ଜମି, ଘର ସହ ସୁନାଗହଣା କିଣୁଥିଲା । ଭୁବନେଶ୍ୱର ସହ ଅନ୍ୟ ମେଟ୍ରୋସିଟିରେ ଥିବା ବାର୍ ଓ ପବ୍‌କୁ ଯାଉଥିଲା । ସେଠାରେ ଚୋରି ଟଙ୍କାରେ ମଉଜ କରିବା ଯୁବତୀଙ୍କୁ ଦାମୀ ଉପହାର ଦେଉଥିଲା । ଏପରିକି ଚୋରି କରିବା ପରଦିନ ବିମାନରେ ଅନ୍ୟ ରାଜ୍ୟକୁ ପଳାଉଥିଲା । ଏପଟେ ଚୋରି ଘଟଣାରେ ପୁଲିସର ତଦନ୍ତ ଶିଥଳତା ଦେଖି ପୁଣି ଭୁବନେଶ୍ୱରକୁ ଫେରିଆସି ଚୋରି କରୁଥିଲା । ଟିଭି, ଖବରକାଗଜ ଭଳି ଗଣମାଧ୍ୟମ ଜରିଆରେ ପୁଲିସର ତଦନ୍ତ ପ୍ରକ୍ରିୟା ଉପରେ ନଜର ରଖିଥିଲା । କମିସନରେଟ୍ ପୁଲିସର ତଦନ୍ତରେ ଧିମା ହେବା ପରେ ପୁଣି ଭୁବନେଶ୍ୱରକୁ ପ୍ରତ୍ୟାବର୍ତ୍ତନ କରୁଥିଲା । ଏଥିସହ ନିଜ ଘର ଅଞ୍ଚଳରେ ଗୁଇନ୍ଦା ସୂତ୍ରରେ କିଛି ଯୁବକଙ୍କୁ ରଖିଥିଲା । ସେମାନଙ୍କୁ ମାସିକ ଦରମା ବି ଦେଉଥିଲା । ପୁଲିସ ଘରକୁ ଆସି ଖୋଳତାଡ଼ କରୁଥିବାର ପ୍ରତିଟି ଖବର ପର୍ଶୁରାମ ନିକଟରେ ତୁରନ୍ତ ପହଞ୍ଚି ଯାଉଥିଲା । ଏଣୁ ସେ ଘରକୁ ନ ଆସି ବିଦେଶରେ ଲୁଚି ରହୁଥିଲା । ଚୋରି ଟଙ୍କାରେ ଜମି ଓ ଘର, ସୁନାଅଳଙ୍କାର ଚୋରିକରି କୋଟିପତି ହୋଇଯାଇଥିଲା । ଏବେ ପର୍ଶୁରାମର ଆର୍ଥିକ କାରବାର ଦିଗରେ ତଦନ୍ତ କରାଯାଉଛି । ପର୍ଶୁରାମ ଠାରୁ ଠାବ ହୋଇଥିବା ସମ୍ପତ୍ତି ଓ ତଦନ୍ତ ପରେ ଥିବା ଅନ୍ୟ ସମ୍ପତ୍ତିକୁ ମିଶାଇ ଏକ ତାଲିକା ପ୍ରସ୍ତୁତ କରାଯାଇଛି । ଆବଶ୍ୟକ ପଡ଼ିଲେ ପର୍ଶୁରାମଙ୍କ ସମ୍ପତ୍ତି ଜବତ ଲାଗି ପ୍ରକ୍ରିୟା ଆରମ୍ଭ କରାଯିବ । ଏଥିସହ ଚୋରି ଟଙ୍କାରେ କିଣିଥିବା ଘରଗୁଡ଼ିକୁ ଭାଙ୍ଗି ଦିଆଯିବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି । ସେହିପରି ବ୍ୟାଙ୍କ୍ ଓ ପୋଷ୍ଟାଲ୍‌ରେ ଟଙ୍କା ରଖିଥିବାରୁ ସମସ୍ତ ତଥ୍ୟ ଦେବାକୁ କୁହାଯାଇଥିଲା । କିଛି ବ୍ୟାଙ୍କର ତଥ୍ୟ ତଦନ୍ତକାରୀ ସଂସ୍ଥା ହାତରେ ଲାଗିଛି । ଆହୁରି ଟଙ୍କା ଓ ସୁନା ଅଳଙ୍କାର ଜବତ ପ୍ରକ୍ରିୟା ବଢ଼ିବ ବୋଲି କୁହାଯାଉଛି । ପର୍ଶୁରାମ ଦୁଇଦିନ ହେପାଜତରେ ଆସିବା ପରେ ତା' ନିକଟରୁ ଆହୁରି କିଛି ସତ ଓଗାରିବାକୁ ଆଶା ରଖାଯାଇଛି । ପର୍ଶୁରାମ ଆସିବା ପରେ ତା' ଠାରୁ ଚୋରି ସାମଗ୍ରୀ କିଣୁଥିବା ପ୍ରବୀଣ ବଳରାମ ଲୋଖଣ୍ଡେକୁ ମଧ୍ୟ ରିମାଣ୍ଡରେ ଅଣାଯିବ । ପରେ ଉଭୟଙ୍କୁ ମୁହାମୁହିଁ ଜେରା କରାଯିବ ।

# ଦାଦାବଟି ମାଗି ଜଣେ ଗିରଫ

ଭୁବନେଶ୍ୱର, ୩।୪ (ସମିସ): ଦାଦାବଟି ମାଗିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଲକ୍ଷ୍ମୀସାଗର ମଣ୍ଡପ ସାହିର କୁଳମଣି ନାୟକ ଓରଫ୍ କୁଳିଆ (୪୧) । ପୁଲିସ ସୂଚନା ଅନୁଯାୟୀ, ସତ୍ୟନାରାୟଣ ଦଳବେହେରାଙ୍କ ଭିଣୋଇ ମେହେରପଲ୍ଲୀ ଅଞ୍ଚଳରେ ଏକ ପ୍ଲଟ୍ କିଣିଥିଲେ । ସେ ଓଡ଼ିଶା ବାହାରେ ରହୁଥିବାରୁ ସତ୍ୟନାରାୟଣଙ୍କୁ ଘର ନିର୍ମାଣ ଦାଇତ୍ୱ ଦେଇଥିଲେ ।



ଗତ ୨୦୨୨ ମସିହା ମେ ୨୮ ତାରିଖ ଦିନ ସେ ନିର୍ମାଣ ଉପଯୋଗୀ ସାମଗ୍ରୀ ଉକ୍ତ ପ୍ଲଟ୍‌କୁ ପରିବହନ କରିବା ସମୟରେ ଲକ୍ଷ୍ମୀସାଗର ଅଞ୍ଚଳର ଜିତୁନା ନାୟକ, ଯଦୁମଣି ନାୟକ ଓ ନିରଞ୍ଜନ ନାୟକ ଏକତ୍ରିତ ହୋଇ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇ ଦାଦାବଟି ମାଗିଥିଲେ । ସତ୍ୟନାରାୟଣ ବିଭିନ୍ନ ପର୍ଯ୍ୟାୟରେ ମୋଟ ୩୦ ହଜାର ଟଙ୍କା ଟଙ୍କା ଦାଦାବଟି ବାବଦକୁ ଦେଇଥିଲେ । ପରେ ଜିତୁନାର ଭାଇ କୁଳିଆ ଆହୁରି ୩୦ ହଜାର ଟଙ୍କା ଦାଦାବଟି ମାଗିଥିଲା ଓ ଟଙ୍କା ନ ଦେଲେ ସେଠାରେ ସେ ଘର ନିର୍ମାଣ କରିପାରିବେନି ବୋଲି ଧମକ ଦେଇଥିଲା । ଗତବର୍ଷ ମାର୍ଚ୍ଚ ମାସ ୨୨ ତାରିଖ ଦିନ ନିରଞ୍ଜନ ତାଙ୍କ ଉପରକୁ ଇଟା ଫୋପାଡି ଥିଲେ । ଏନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରି କୁଳିଆକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ରେଡ୍‌କ୍ରସ୍ ପକ୍ଷରୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୩।୪(ସମିସ): ପବିତ୍ର ଉତ୍କଳ ଦିବସରେ ଭୁବନେଶ୍ୱର ରେଡ୍‌କ୍ରସ ବ୍ଲଡ୍‌ବ୍ୟାଙ୍କର ବାର୍ଷିକ ଉତ୍ସବରେ ରକ୍ତଦାତା ନିହାର ରଞ୍ଜନ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଶ୍ରୀ ସ୍ୱାଇଁ ୨୦ରୁ ଅଧିକ ଥର ରକ୍ତଦାନ କରିସାରିଛନ୍ତି । ଗତ ଅକ୍ଟୋବର ମାସରେ ପିପିଲିର ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ଏକାଦଶାହରେ ଭୁବନେଶ୍ୱର ଏବଂ କଟକ ରେଡ୍‌କ୍ରସ ସହଯୋଗରେ ଦୁଇଟି ଏସି ବସ୍‌ରେ ପିପିଲିରେ ଭ୍ରମ୍ୟମାଣ ରକ୍ତଦାନ ଶିବିର ଆୟୋଜନ କରିଥିଲେ । ସେ ସାମାଜିକ ସଚେତନତା, ଚାରାରୋପଣ, ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ଶିବିର, ଅସହାୟଙ୍କୁ ସହାୟତା, ଯୁବ ସଶକ୍ତୀକରଣ ଆଦି କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରୁଛନ୍ତି । ଏବେ ସେ ଭାରତ ସରକାରଙ୍କ ଅଧୀନ ମହାରତ୍ନ କମ୍ପାନୀ ଏନଟିପିସିରେ ଜଣେ ଅଧିକାରୀ ରୂପେ କାର୍ଯ୍ୟରତ ।

# ରେଡ୍‌କ୍ରସ ଆଞ୍ଚଳିକ ରକ୍ତକେନ୍ଦ୍ରର ପ୍ରଥମ ବାର୍ଷିକୀ ଉତ୍ସବ

ଭୁବନେଶ୍ୱର, ୩।୪(ସମିସ): ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ବିଭୂତି ଭୂଷଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ରେଡ୍‌କ୍ରସ ଭବନରେ ଥିବା ରେଡ୍‌କ୍ରସ ଆଞ୍ଚଳିକ ରକ୍ତକେନ୍ଦ୍ରର ପ୍ରଥମ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ଷ୍ଟେଟ୍ ଟ୍ରାନଫ୍ୟୁଜନ୍ ବ୍ଲଡ଼ କାଉନସିଲ୍‌ର ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।



## ଅସହ୍ୟ ହେଲାଣି ତାତି

# ୱାଟର୍ ଏଟିଏମ୍ ଅଚଳ; ପାଣି ପାଇଁ ଲୋକେ ଉହଲବିକଳ



ଭୁବନେଶ୍ୱର, ୩।୪(ସମିସ):

ରାଜଧାନୀବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ୱାଟର୍ ଏଟିଏମ୍ ସ୍ଥାପନ କରାଯାଇଥିଲା । ବିଶେଷକରି ଖରାଦିନରେ ଏହି ୱାଟର ଏଟିଏମ୍ ପଥଚାରୀମାନଙ୍କନୁ ବେଶ୍ ସହାୟକ ହେଉଥିବା ବେଳେ ବର୍ତ୍ତମାନ ଅଧିକାଂଶ ସ୍ଥାନରେ ଏଗୁଡ଼ିକ ଅଚଳ ହୋଇପଡ଼ିଛି ।



୨୦୧୬ ମସିହାରେ ଭୁବନେଶ୍ୱର ମହାନଗର ପକ୍ଷରୁ ସହରର ପ୍ରାୟ ବିଭିନ୍ନ ଜନଗହଳି ସ୍ଥାନଗୁଡ଼ିକରେ ୪୦ରୁ ଅଧିକ ୱାଟର୍ ଏଟିଏମ୍ ସ୍ଥାପନ କରାଯାଇଥିଲା । ଏହି ୱାଟର୍ ଏଟିଏମ୍‌ରେ ମାତ୍ର ୧ଟଙ୍କାରେ୧ ଲିଟର ଥଣ୍ଡା ପାଣି ମିଳୁଥିଲା । ହେଲେ ରାଜଧାନୀରେ ଥିବା ୩୦ରୁ ଅଧିକ ୱାଟର୍ ଏଟିଏମ୍ ଅଚଳ ହୋଇପଡ଼ିଛି । ତେବେ ସହରର ସବୁଠୁ ଜନଗହଳି ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବାଣୀବିହାର ଛକରେ ପ୍ରତିଦିନ ଶହଶହ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥାଏ । ଏଠାରେ ଥିବା ୱାଟର୍ ଏଟିଏମ୍‌ରୁ ତୃଷା ମେଣ୍ଟାଉଥିଲେ ଯାତ୍ରୀ । ହେଲେ ପ୍ରାୟ ୨ବର୍ଷ ହେବ ଅଚଳାବସ୍ଥାରେ ପଡ଼ିରହିଛି ଏହି ୱାଟର୍ ଏଟିଏମ୍ । ଗତବର୍ଷ ଖରାଦିନରେ ଏହାକୁ ସଜାଡ଼ିବା ପାଇଁ ସ୍ଥାନୀୟ ବ୍ୟବସାୟୀମାନେ ବିଏମ୍‌ସିକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି । ସେହିପରି କଳ୍ପନା ଛକ, ନତାଲା, କେଶରୀ ସିନେମା ହଲ୍ ନିକଟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ରାଜମହଲ ଛକ, ଶିରିପୁର, ଇଙ୍ଫୋସିଟି ଆଦି ସ୍ଥାନରେ ଥିବା ୱାଟର୍ ଏଟିଏମ୍‌ରୁ ପାଣି ଆସୁନାହିଁ । କେଉଁଠି ମେସିନ୍ ଅଚଳ ହୋଇ ପଡ଼ିଛି ତ ଆଉ କେଉଁଠି କେବଳ ଫଳକ ରହିଛି ହେଲେ ଚିହ୍ନବର୍ଣ୍ଣ କିଛି ନାହିଁ । ଖରାଦିନରେ ପାଣି ବୋତଲ ପାଣି କିଣି ପିଇବା ସମସ୍ତଙ୍କ ପକ୍ଷେ ସମ୍ଭବ ହେଉନାହିଁ ।





# ସୋଆରେ 'ପଖାଳ ଉତ୍ସବ'



ଭୁବନେଶ୍ୱର, ୩।୪ (ସମିସ): ପଖାଳର ପ୍ରଚାର ଓ ପ୍ରସାର କରିବା ଉଦ୍ଦେଶ୍ୟରେ ସୋଆ ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ (ଏସ୍ଏଚ୍ଏମ୍) ପକ୍ଷରୁ ବୁଧବାର ଆରମ୍ଭ ହୋଇଥିବା ପଖାଳ ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି



ଶାଶ୍ୱତୀ ଦାସ। ଏପ୍ରିଲ୍ ୭ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଉତ୍ସବରେ ପଖାଳ ସାଙ୍ଗକୁ ବିଭିନ୍ନ କିସମର ବ୍ୟଞ୍ଜନ ପରଷା ଯିବା ସହ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ପ୍ରତ୍ୟେକ ଓଡ଼ିଆଙ୍କ ଖାଦ୍ୟରୁଚି ତଥା ଭାବଧାରାକୁ ସର୍ବସାଧାରଣଙ୍କ ନିକଟରେ ପହଞ୍ଚାଇବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏସ୍ଏଚ୍ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି କହିଛନ୍ତି। ତେବେ ଏଠାରେ ଅତିଥିମାନଙ୍କୁ ପ୍ରତ୍ୟେକ ଦିନ ୧୨ ଟାରୁ ୩ ଟା ପର୍ଯ୍ୟନ୍ତ ପଖାଳ ସାଙ୍ଗକୁ ଉଭୟ ଆମିଷ ଓ ନିରାମିଷ ବିଭିନ୍ନ ସୁଆଦିଆ ବ୍ୟଞ୍ଜନ ପରଷା ଯାଉଛି।

## ଜାଲ୍ ଜମି କାଗଜପତ୍ର ଦେଖାଇ ୩୩ ଲକ୍ଷ ଠକେଇ

# ସ୍କୁଲ୍ ପରିଚାଳିକା ଗିରଫ; ସମ୍ପାଦକ ଫେରାର

ଭୁବନେଶ୍ୱର/ନନ୍ଦନକାନନ, ୩।୪ (ସମିସ):

ଜମି ବିକ୍ରି କରିବା ଆଳରେ ଜାଲ୍ କାଗଜପତ୍ର ଦେଖାଇ ୩୩ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଏସିଆନ୍ ପବ୍ଲିକ ସ୍କୁଲର ପରିଚାଳିକାଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ମହିଳା ହେଉଛନ୍ତି ରଘୁନାଥପୁର ସ୍ପ୍ରିଙ୍ଗ ଲିଫ୍ ଆପାର୍ଟମେଣ୍ଟରେ ରହୁଥିବା କେନ୍ଦ୍ରାପଡ଼ା ସଦର ଥାନା ଦୁହୁରିଆର ଶୁଭ୍ରାଞ୍ଜଳି ମଲ୍ଲିକ (୪୬)। ପୁଲିସ ସୂଚନା ଅନୁଯାୟୀ, ପ୍ରଶାନ୍ତ କୁମାର ନାୟକ ଗତବର୍ଷ ଜାନୁୟାରୀ ମାସରେ ଶୁଭ୍ରାଞ୍ଜଳି ମଲ୍ଲିକଙ୍କ ଯୋଗାଯୋଗରେ ଆସିଥିଲେ। ଶୁଭ୍ରାଞ୍ଜଳି ନିଜକୁ ଏସିଆନ ପବ୍ଲିକ ସ୍କୁଲର ପରିଚାଳିକା ଭାବେ ପରିଚୟ ପ୍ରଦାନ କରିବା ସହିତ ପ୍ରଶାନ୍ତଙ୍କ ସାନପୁଅକୁ ତାଙ୍କ ସ୍କୁଲରେ ପାଠ ପଢ଼ାଇବା ଲାଗି ପ୍ରବର୍ତ୍ତାଇ ଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହୋଇଥିଲା। ଶୁଭ୍ରାଞ୍ଜଳି ତାଙ୍କ ସ୍କୁଲର ସେକ୍ରେଟାରୀ ପତିତପାବନ ମିଶ୍ରଙ୍କ ନାମରେ ପଟିଆ ଅଞ୍ଚଳରେ ଥିବା ଏକ ଘରବାରି ପ୍ଲଟ୍ କିଣିବା ଲାଗି ପ୍ରଶାନ୍ତଙ୍କୁ ପ୍ରସ୍ତାବ ଦେଇଥିଲେ। ପତିତପାବନଙ୍କ ନିକଟରେ ଉକ୍ତ ଜମିର ସମସ୍ତ ଜେରକ୍ସ କାଗଜପତ୍ର ଦେଖି ସାରିବା ପରେ ପ୍ରଶାନ୍ତ ସେମାନଙ୍କ ପ୍ରସ୍ତାବରେ ରାଜି ହୋଇଥିଲେ।



ଶୁଭ୍ରାଞ୍ଜଳିଙ୍କ ପରାମର୍ଶ ଅନୁଯାୟୀ ପତିତପାବନ ମିଶ୍ର ଗତବର୍ଷ ଜାନୁୟାରୀ ୧୯ ତାରିଖ ଦିନ ୬ ମାସ ମଧ୍ୟରେ ପ୍ଲଟ୍‌ଟିକୁ ପ୍ରଶାନ୍ତଙ୍କ ନାମରେ କରିବା ଲାଗି ଏକ ଚୁକ୍ତି କରିଥିଲେ। ପ୍ରଶାନ୍ତ ଏହାପରେ ପତିତପାବନଙ୍କୁ ନଗଦ ଓ ଆକାଉଣ୍ଟ ଟ୍ରାନ୍ସଫର ଜରିଆରେ ୭ ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ଦେଇଥିଲେ। ପରେ ପରେ ଶୁଭ୍ରାଞ୍ଜଳି ଓ ପତିତପାବନ ବିଭିନ୍ନ ସମୟରେ ନିଜର ସ୍ୱାସ୍ଥ୍ୟଗତ ସମସ୍ୟାର ଆଳ ଦେଖାଇ ତାଙ୍କୁ ବାରମ୍ବାର ଟଙ୍କା ମାଗିଥିଲେ। ପ୍ରଶାନ୍ତ ଉଭୟଙ୍କ କଥାକୁ ବିଶ୍ୱାସକରି ଶୁଭ୍ରାଞ୍ଜଳିଙ୍କ ମାର୍ଫତରେ ପତିତପାବନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଆହୁରି ୨୬ ଲକ୍ଷ ଟଙ୍କା ଟଙ୍କା ଦେଇଥିଲେ। ମୋଟ ୩୩ ଲକ୍ଷ ଟଙ୍କା ଦେବାପରେ ମଧ୍ୟ ସେମାନେ ପ୍ରଶାନ୍ତଙ୍କ ନାମରେ କୌଣସି ପ୍ଲଟ୍ ରେଜିଷ୍ଟ୍ରେସନ କରି ନ ଥିଲେ କି ଟଙ୍କା ମଧ୍ୟ ଫେରସ୍ତ କରି ନ ଥିଲେ। ପ୍ରଶାନ୍ତଙ୍କ ମନରେ ସନ୍ଦେହ ହେବାରୁ ସେ ପତିତପାବନ ଦେଇଥିବା ଜମିର କାଗଜପତ୍ର ସବୁକୁ ତାଙ୍କ ଓକିଲଙ୍କୁ ଦେଖାଇବା ପରେ ସେଗୁଡ଼ିକ ଜାଲ୍ ଥିବା ଜାଣିବାକୁ ପାଇଥିଲେ। ଏହାପରେ ଟଙ୍କା ଫେରାଇବାକୁ କହିବାରୁ ଶୁଭ୍ରାଞ୍ଜଳି ଓ ପତିତପାବନ ବିଭିନ୍ନ ଅସାମାଜିକଙ୍କ ତାଙ୍କୁ ଧମକଚମକ ଦେଇଥିଲେ। ଏନେଇ ପ୍ରଶାନ୍ତ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ଶୁଭ୍ରାଞ୍ଜଳିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାର ଅନ୍ୟତମ ଅଭିଯୁକ୍ତ ପତିତପାବନ ଫେରାର ରହିଛନ୍ତି।

# କୋଠଘର ପକ୍ଷରୁ କବିତା ଆସର



ଭୁବନେଶ୍ୱର, ୩।୪ (ସମିସ): କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ ସ୍ୱତନ୍ତ୍ର କବିତା ଆସର ଓ ଆଲୋଚନାଚକ୍ର ଏକାମ୍ର ହାଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୋଠଘର ପ୍ରତିଷ୍ଠାତା ଅମ୍ବିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଭାପତି ପ୍ରଦୀପ୍ତ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଆଶୁତୋଷ ମେହେର, ଯୁଗ୍ମ ସମ୍ପାଦକ ଭାଷା ବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ଯୋଗ ଦେଇଥିଲେ। ଏପ୍ରିଲ ମାସର କେବଳ ଭାଷା ଭିତ୍ତିରେ ଆମକୁ ଭୂଖଣ୍ଡ ଦେଇ ନାହିଁ। ଏହି ମାସରେ ଆମେ ଆମର ନୂଆବର୍ଷ ପାଳନ କରିଥାଉ ଏବଂ ଆମକୁ ଆମ ଭାଷା ଭୂଖଣ୍ଡ ଅସ୍ମିତା ତଥା ସ୍ୱାଭିମାନ କଥା କାନେ କାନେ କହି ଦେଇ ଯାଇଥିବା ଉତ୍କଳ ଗୌରବ ମଧୁସୁଦନ ଦାସଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହ ସ୍ମରଣ କରୁ। ଏପ୍ରିଲ ମାସ ଆମ ପାଇଁ କ୍ୟାଲେଣ୍ଡରର ପୃଷ୍ଠାର ପୃଷ୍ଠାଟିଏ ନୁହେଁ ବରଂ ଆମ ଅସ୍ମିତା ଆମ ସ୍ୱାଭିମାନର ଅବିସ୍ମରଣୀୟ ମାସ ବୋଲି ଏହି ସାରସ୍ୱତ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ କବି ମମତା ବାରିକ୍, ସ୍ୱାତୀବାଳା ମହାପାତ୍ର, ପ୍ରତିମା ବେହେରା, ସୁମିତା ସ୍ୱାଇଁଙ୍କ ସମେତ ୩୦ରୁ ଅଧିକ କବି ଓ କବୟିତ୍ରୀ ସ୍ୱରଚିତା କବିତା ପାଠ କରିଥିଲେ।

# ବିଶ୍ୱ ଦକ୍ଷତା କେନ୍ଦ୍ରର ୪୩ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି



ଭୁବନେଶ୍ୱର, ୩।୪ (ସମିସ): ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ପାଠ୍ୟକ୍ରମ ଶେଷ କରିଥିବା ଛାତ୍ରଛାତ୍ରୀ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କମ୍ପାନିରେ ନିଯୁକ୍ତି ପାଇଛନ୍ତି। ୨୦୨୩-୨୪ ବ୍ୟାଚରେ 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ବିଭାଗର ୪୩ ଜଣ ଛାତ୍ରଛାତ୍ରୀ ଟାଟା ଷ୍ଟିଲ, ନିପନ୍ ଷ୍ଟିଲ ଏବଂ ହିଣ୍ଡାଲକୋ ପରି ପ୍ରମୁଖ କମ୍ପାନିରେ ନିଯୁକ୍ତି ପାଇଛନ୍ତି। ତନ୍ମଧ୍ୟରୁ ଟାଟା ଷ୍ଟିଲରେ ୩୭ ଜଣ, ନିପନ୍ ଷ୍ଟିଲରେ ୩ ଜଣ ଏବଂ ହିଣ୍ଡାଲକୋରେ ୩ଜଣ ନିଯୁକ୍ତି ପାଇଛନ୍ତି। ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ସେମାନେ କାମ କରିବାର ସୁଯୋଗ ପାଇବେ। ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ବିଶ୍ୱ ଦକ୍ଷତା କେନ୍ଦ୍ରରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ସ୍କୁଲ ଅଫ୍ ସର୍ଭିସେସ୍ ବିଭାଗ ଅଧୀନରେ ମୋଟ ୭ଟି ଅତ୍ୟାଧୁନିକ ବିଷୟରେ ତାଲିମ ଦିଆଯାଉଛି। ତାଲିମ ସରିବା ପରେ ନିଯୁକ୍ତି ପାଇଁ ପ୍ରତିବର୍ଷ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ପ୍ଲେସ୍‌ମେଣ୍ଟ କାର୍ଯ୍ୟକ୍ରମ କରାଯାଉଛି।

# ୧୩ ଶହ ଲିଟର ଦେଶୀମଦ ଜବତ; ୫ ଗିରଫ

ଭୁବନେଶ୍ୱର, ୩।୪ (ସମିସ): ଦେଶୀମଦ କାରବାର କରୁଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ମହୁଲର ଚିନ୍ମୟ ମହାରଣା (୨୨), ପାଣିଓରାର ପ୍ରାଣକୃଷ୍ଣ ପରିଡ଼ା (୪୨), ସିମିଳିପାଟଣା ନେବେଡ଼ା ସାହିର ମାନସ ଭୋଇ (୩୬), ଦାରୁଠେଙ୍ଗ ତଳସାହିର ତପନ ପାଇକରାୟ (୪୪) ଓ ଚନ୍ଦକା ଭୋଇ ସାହିର ମନୋଜ ଦାସ (୨୮)। ପୁଲିସ ସୂଚନା ଅନୁସାରେ, ଚନ୍ଦକା ଥାନା ଅଧୀନସ୍ଥ ମହୁଲ, କୁଜିମହଲ ଓ ସିମିଳିପାଟଣା ଅଞ୍ଚଳରେ ଦେଶୀ ମଦ କାରବାର ହେଉଥିବା ପୁଲିସକୁ ଖବର ମିଳିଥିଲା। ଚନ୍ଦକା ଥାନାର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୧୩୦୦ ଲିଟର ଦେଶୀମଦ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ଆଠଗଡ଼ ଅଞ୍ଚଳରୁ ଦେଶୀମଦ ଆଣି ଚନ୍ଦକା ଥାନା ଅଞ୍ଚଳରେ ଗଚ୍ଛିତ କରି ରଖୁଥିଲେ। ସୁବିଧା ଦେଖି ବିଭିନ୍ନ ବେପାରୀଙ୍କୁ ଯୋଗାଉଥିଲେ ବୋଲି ପୁଲିସ କହିଛି। ଏନେଇ ଚନ୍ଦକା ଥାନା ପୁଲିସ ଏକ ମାମଲା ରୁଜୁକରି ୫ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ପୂର୍ବରୁ ମଧ୍ୟ ବେଆଇନ ମଦ ବିକ୍ରି କରିଥିବା ଅଭିଯୋଗରେ ଗିରଫ ହୋଇଥିବା ପୁଲିସ କହିଛି।



# ଉତ୍କଳ ଖଦୀ ମଣ୍ଡଳର କାର୍ଯ୍ୟକାରୀ କମିଟି ବୈଠକ



ଭୁବନେଶ୍ୱର, ୩।୪ (ସମିସ): ଉତ୍କଳ ଖଦୀ ମଣ୍ଡଳର କାର୍ଯ୍ୟକାରୀ କମିଟି ବୈଠକ ମଙ୍ଗଳବାର ଉତ୍କଳ ଖଦୀ ମଣ୍ଡଳର ମୁଖ୍ୟ କାର୍ଯ୍ୟାଳୟସ୍ଥିତ ମହାତ୍ମା ଗାନ୍ଧୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନୁଷ୍ଠାନର ସଭାପତି ବୈଷ୍ଣବ ଚରଣ ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାପଣ କରାଯାଇ ପରେ ସର୍ବଧର୍ମ ପାର୍ଥନା ଗାନ କରାଯାଇଥିଲା। ବୈଠକରେ ଏକ ବୃଦ୍ଧାଶ୍ରମ ପାଇଁ ପ୍ରସ୍ତାବ ଗ୍ରହଣକରାଯାଇଥିଲା। ଏହାସହିତ ରାୟଗଡ଼ା ଜିଲ୍ଲା ଗୋପାଳବାଡ଼ି ଠାରେ ୧୦ ଶଯ୍ୟା ବିଶିଷ୍ଟ ଏକ ଚିକିତ୍ସାଳୟ ଖୋଲିବା ପାଇଁ ମଧ୍ୟ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆହୁରି ମଧ୍ୟ ରାୟଗଡ଼ା ଜିଲ୍ଲାରେ ସବୁ ପ୍ରାନ୍ତରେ ଗରିବ ଆଦିବାସୀ ଅନ୍ୟ ଲୋକଙ୍କ ପାଇଁ ଭ୍ରାମ୍ୟମାଣ ଚିକିତ୍ସାଳୟ ଯୋଗାଇ ଦେବା ପାଇଁ ମଧ୍ୟ ପ୍ରସ୍ତାବ ସ୍ଥିର କରାଯାଇଥିଲା। ସଭାରେ ବରିଷ୍ଠ ସଦସ୍ୟ ଅକ୍ଷୟ ଦାସ, ସରୋଜ ସାହୁ, ଡ. ଅଜୟ କୁମାର ମହାପାତ୍ର, ମିହିର ପ୍ରତାପ ଦାସ, ପୁରୀର ବରିଷ୍ଠ ଆଡ୍‌ଭୋକେଟ୍ ଶିବ ପ୍ରସାଦ ମିଶ୍ର, ତିଳତ୍ତମା ସାମନ୍ତରାୟ, ପ୍ରଣୟ କୁମାର ଦାସ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଖଦୀ ମଣ୍ଡଳ ସମ୍ପାଦକ ରାୟ ସତ୍ୟକାମ ଦେବଜ୍ୟୋତି ବିବରଣୀ ପାଠ କରିଥିଲେ।

# କୋଲକାତା ଓଡ଼ିଶା ୱେଲ୍‌ଫେୟାର ସୋସାଇଟି ପକ୍ଷରୁ ଉତ୍କଳ ଦିବସ

ଭୁବନେଶ୍ୱର, ୩।୪ (ସମିସ): କୋଲକାତା ଓଡ଼ିଶା ୱେଲଫେୟାର ସୋସାଇଟି ପକ୍ଷରୁ ଭବାନୀପୁର ଠାରେ ୮୯ ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ସରକାରଙ୍କ ପୂର୍ବତନ ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ପ୍ରଭାକର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଗଜପତି କୃଷ୍ଣଚନ୍ଦ୍ର ଦେବ, ପଦ୍ମଭୂଷଣ ରାଧାନାଥ ରଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ନିକଟରେ ଓଡ଼ିଶା ସରକାର ସଫଳତାର ସହିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରି ସମଗ୍ର ବିଶ୍ୱରେ ନଜିର ସୃଷ୍ଟି କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ପ୍ରତ୍ୟେକ ଓଡ଼ିଆ ମାତୃଭାଷାର ବିକାଶ ପାଇଁ କାର୍ଯ୍ୟକରିବା ଉଚିତ୍ ବୋଲି ଶ୍ରୀ ସାହୁ କହିଥିଲେ। ଅନ୍ୟତମ ଅତିଥିଭାବେ ବସନ୍ତ ମଞ୍ଜରୀ ସାହୁ, ଧରାଶ୍ରୀ ଭାନୁପ୍ରିୟା, ଗୌରାଙ୍ଗ ଚରଣ ରାଉତ, କାଳନ୍ଦି ଜେନା, ସମାଜସେବୀ ଦାମୋଦର ଲେଙ୍କା ଯୋଗଦେଇ ପ୍ରତିଟି ଓଡ଼ିଆ ନିଜ ଭାଷା ସଂସ୍କୃତିକୁ ଯଦି ଉନ୍ନତ କରି ନ ପାରିବ ତେବେ ତା'ର ବିକାଶ ଘଟିବା ଅସମ୍ଭବ। ବିକାଶର ମୂଳଭିତ୍ତି ହେଉଛି ଭାଷା, ତେଣୁ ଆଜିର ଦିନରେ ମାତୃଭାଷାକୁ ସମୃଦ୍ଧ କରିବା ପାଇଁ ଶପଥ ନେବା ଉଚିତ୍ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।




## କିମ୍ସରେ ପ୍ରୋଷ୍ଟେଟ୍ କର୍କଟର ସଫଳ ଚିକିତ୍ସା

ଭୁବନେଶ୍ୱର, ୩।୪ (ସମିସ): କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (କିମ୍ସ) ଭୁବନେଶ୍ୱରର ଡାକ୍ତରଙ୍କୁ ପ୍ରୋଷ୍ଟେଟ୍ କର୍କଟ ରୋଗ ଚିକିତ୍ସାରେ ମିଳିଛି ସଫଳତା। ଜଣେ ୬୧ ବର୍ଷୀୟ ରୋଗୀ ଅତ୍ୟାଧୁନିକ ଲାପାରୋସ୍କୋପିକ୍ ଅସ୍ତ୍ରୋପଚାର ମାଧ୍ୟମରେ ପ୍ରୋଷ୍ଟେଟ୍ କର୍କଟ ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଛନ୍ତି। କିମ୍ସର ଆସୋସିଏଟ୍ ପ୍ରଫେସର ତଥା ୟୁରୋଲୋଜି ବିଭାଗ ମୁଖ୍ୟ ଡାକ୍ତର ସୁମନ୍ତ ମିଶ୍ର ରୋଗୀଙ୍କ ଅତ୍ୟାଧୁନିକ ଲାପ୍ରୋସ୍କୋପିକ୍ ରେଡିକାଲ୍ ପ୍ରୋଷ୍ଟେଟେକ୍ଟୋମି ଅସ୍ତ୍ରୋପଚାର କରିଥିଲେ। ଲାପାରୋସ୍କୋପିକ୍ ଅସ୍ତ୍ରୋପଚାରର ଯୋଗୁଁ ରୋଗୀ ଶୀଘ୍ର ଆରୋଗ୍ୟ କରିଥିଲେ ଏବଂ ୪ ଦିନ ପରେ ଡିସ୍‌ଚାର୍ଜ ହୋଇଥିଲେ। ଏହି ସଫଳ ଅସ୍ତ୍ରୋପଚାର ପାଇଁ କିଟ୍ କିସ୍ ଏବଂ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡ. ମିଶ୍ର ଓ ତାଙ୍କ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

# ସିଆଟେଲ୍‌ରେ ଓଡ଼ିଶା ଦିବସ



ଭୁବନେଶ୍ୱର, ୩।୪ (ସମିସ): ଯୁକ୍ତରାଷ୍ଟ୍ର ଆମେରିକାର ସିଆଟେଲ ସହରରେ ବସବାସ କରୁଥିବା ଓଡ଼ିଆ ସମୁଦାୟ ପକ୍ଷରୁ ୮୯ ତମ ଓଡ଼ିଶା ଦିବସ ବିପୁଳ ହର୍ଷୋଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ସ୍ଥାନୀୟ ଓଡ଼ିଆମାନଙ୍କର ପ୍ରେରଣା ଓ ମାର୍ଗଦର୍ଶନର ସ୍ରୋତ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ଶୁଭେଚ୍ଛା ବାର୍ତ୍ତାରୁ ଶୁଭାରମ୍ଭ ହୋଇଥିଲା ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମ। ଏଥିରେ ଗୁରୁଜୀଙ୍କ ରଚିତ ଶ୍ରୀଗୁରୁ ଭାଗବତକୁ ଚୀନ ଭାଷାରେ ଅନୁବାଦ କରୁଥିବା ବିଶିଷ୍ଟ ଚୀନା କବି ଲେମାନ୍ ଲି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆଟେଲରେ ଅବସ୍ଥାପିତ ଭାରତୀୟ କନ୍‌ସଲ୍ ଜେନେରାଲ ପ୍ରକାଶ ଗୁପ୍ତା, ସ୍ଥାନୀୟ ନେତୃମଣ୍ଡଳୀଙ୍କ ମଧ୍ୟରେ ବେଲେଭ୍ୟୁ ସିଟି କାଉନସିଲ୍ ସଦସ୍ୟ ଜାରେନ ନିଏଭୱେନହୁଇସ୍, ବୁରିଏନ୍ ସିଟି କାଉନସିଲ୍ ମେମ୍ବର ଜିମି ମାଟା, ସିଆଟେଲ ସିଟି କାଉନସିଲ୍ ମେମ୍ବର ତାନ୍ୟା ୱ, ନିଉ କାସଲ ସିଟି ସେଣ୍ଟର ମେମ୍ବର ସନ୍ ବୁଫର୍ଡ଼, ସିଆଟେଲ ପୁଲିସ ମୁଖ୍ୟ ଆଦ୍ରିଆନ୍ ଡିଆଜ ଏବଂ କିଙ୍ଗ କାଉଣ୍ଟି ପ୍ରତିନିଧି ଜେମ୍ସ ବୁଶ୍ ପ୍ରମୁଖ ଯୋଗଦେଇଥିଲେ। ଦୁଇ ଓଡ଼ିଆ ଝିଅ ସରିତା ମିଶ୍ର ଓ ସ୍ମିତା ମହାପାତ୍ରଙ୍କ ଶ୍ରୀଗୁରୁ ଭାଗବତ ଏବଂ ଆହେ ନୀଳ ଶଇଳ ସଙ୍ଗୀତର ତାଳେ ତାଳେ ଚିତାକର୍ଷକ ନୃତ୍ୟ ପରିବେଷଣ ଆନ୍ତର୍ଜାତିକ ଶ୍ରୋତା ଓ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ଓଡ଼ିଶାରୁ ଜଣାଶୁଣା ସଙ୍ଗୀତକାର ସ୍ୱୟମ୍ ପାଢ଼ୀ କାର୍ଯ୍ୟକ୍ରମରେ ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ।

## ରାଜଧାନୀ ପଥପ୍ରାନ୍ତେ...

# ପେଟର ତାତି ଆଗରେ ହାର୍‌ମାନିଛି ଗ୍ରୀଷ୍ମତାତି

ଭୁବନେଶ୍ୱର, ୩।୪(ସମିସ):

ଧୁ ଧୁ ଖରାରେ ଅସ୍ତବ୍ୟସ୍ତ ଜନଜୀବନ। ସବୁଠି ଦେଖିବାକୁ ମିଳୁଛି ତାତିର ତାଉ। ପେଟର ମୁଠାଏ ଭୋକ ଆଉ ପାଉଣା ଲାଗି ଖରା ସହ କରିବାକୁ ପଡୁଛି ପ୍ରତିଦ୍ୱନ୍ଦିତା। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ପୁରୁଣା ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ବାହାରେ ବସୁଥିବା ଫୁଲ ଓ ଦୀପ ଦୋକାନୀଙ୍କ ନିକଟରେ। ପ୍ରତିଦିନ ମନ୍ଦିର ବାହାରେ ଦୋକାନୀ ଗ୍ରାହକଙ୍କ ଆଶାରେ ମେଲେଇ ବସନ୍ତି ପସରା। ପାଖାପାଖି ୫ରୁ ୬ଟି ଫୁଲ ତଥା ଦୀପ ଦୋକାନୀଙ୍କୁ ମନ୍ଦିର ବାହାରେ ଦେଖିବାକୁ ମିଳେ। ମନ୍ଦିର ଯିବା ପୂର୍ବରୁ ଶ୍ରଦ୍ଧାଳୁ ଦୀପ, ଫୁଲ ଓ ଭୋଗ ନେବାକୁ ସେଠାରେ ଭିଡ଼ ଜମେଇଥାନ୍ତି। କିଛି ଦୋକାନୀ ସେଠାରେ ତଳେ ହିଁ ପାଲ ବିଛାଇ ଗ୍ରାହକଙ୍କୁ ଚାହିଁ ରହିଥାନ୍ତି। ଭୋର୍ ୪ଟାରୁ ସେମାନଙ୍କ ବେପାର ଆରମ୍ଭ ହୋଇ ରାତି ୯ ଯାଏଁ ଖୋଲା ଥାଏ। ହେଲେ ଅସହ୍ୟ ଖରା କାରଣରୁ ସେମାନଙ୍କୁ ସକାଳୁ ଆରମ୍ଭ କରି ଦିନ ଗୋଟାଏ ପର୍ଯ୍ୟନ୍ତ ଖୋଲା ରଖିବାକୁ ପଡୁଛି। ପରେ ପୁଣି ଖରା କମିବା ପରେ ୪ ଟାରୁ ରାତି ୯ ଯାଏଁ ଦୋକାନ ଖୋଲା ରହୁଛି ବୋଲି ସେଠାରେ ବସୁଥିବା ଦୋକାନୀ କହିଛନ୍ତି। ସେହିପରି ଫୁଲ ଦୋକାନୀ ଚନ୍ଦନ କୁହନ୍ତି ଦିନରେ ଖରା ବଢ଼ିବାରୁ ଶ୍ରଦ୍ଧାଳୁମାନେ ମଧ୍ୟ ସକାଳ ସମୟରେ ହିଁ ଅଧିକ ଭିଡ଼ ଜମାଉଛନ୍ତି। ଦିନ ୧୧ଟା ପରେ ଖୁବ୍ କମ୍ ଲୋକ ଦୋକାନକୁ ଆସୁଛନ୍ତି। ହେଲେ ଖରାରୁ ବଞ୍ଚିବାକୁ ତାଙ୍କର ସାହାରା ସେଇ ଗୋଟାଏ ଛତା। ସାଙ୍ଗରେ ଆଣିଥିବା ପାଣି ବି କିଛି ସମୟ ମଧ୍ୟରେ ଗରମ ହୋଇଯାଉଛି। ଏପରି ସମୟରେ ଦୋକାନରେ ବସିବା କଷ୍ଟ ହୋଇ ପଡୁଛି। ତେବେ ପେଟର ତାତି ପାଖରେ ହାର୍‌ମାନିଛି ଗ୍ରୀଷ୍ମର ତାତି। ପେଟ ଓ ଭୋକ ପାଇଁ ଖରା ସହ ଲଢ଼ିବାକୁ ପଡୁଛି ବୋଲି ସେ କହିଛନ୍ତି। ଦିନେ ଦୋକାନ ନ ଖୋଲିଲେ ଘର ଚଳିବାରେ ସମସ୍ୟା ହେଉଛି। ତା ଛଡ଼ା ଏହି ବେପାରରେ ଦିନକୁ ଦିନ ପ୍ରତିଯୋଗିତା ମଧ୍ୟ ବଢ଼ିଲାଣି। ରାତି ପାହିଲେ କିଛି ଉଠା ଦୋକାନୀ ମଧ୍ୟ ମନ୍ଦିର ବାହାରେ ଫୁଲ ଓ ଭୋଗ ବିକ୍ରି କରୁଛନ୍ତି। ହେଲେ ଖରା ଯୋଗୁଁ ସେମାନେ ବି ଶୀଘ୍ର ପଳାଉଛନ୍ତି। କିନ୍ତୁ ତାଙ୍କୁ ଗ୍ରାହକଙ୍କ ଅପେକ୍ଷାରେ ଦୋକାନ ଖୋଲି ବସି ରହିବାକୁ ପଡୁଛି ବୋଲି ଅନ୍ୟଜଣେ ବେପାରୀ ଗଣେଶ କହିଛନ୍ତି।



# ଗଞ୍ଜେଇ ଚାଲାଣ: ତିନି କଲେଜ ଛାତ୍ର ଗିରଫ

ଭୁବନେଶ୍ୱର, ୩।୪ (ସମିସ): କଲେଜ ପଢ଼ୁଆ ଛାତ୍ର ବେଆଇନ ନିଶା କାରବାରରେ ଏଜେଣ୍ଟ ସାଜିଛନ୍ତି। ଟଙ୍କା ରୋଜଗାର ଆଶାରେ ଗଞ୍ଜେଇ କାରବାରରେ ମଧ୍ୟସ୍ଥି ହେଉଛନ୍ତି। ଏଭଳି ଏକ ଘଟଣାରେ ତିନି କଲେଜ ଛାତ୍ରଙ୍କୁ ଗିରଫ କରିଛି ଜିଲ୍ଲା ଅବକାରୀ ବିଭାଗ। ଅଭିଯୁକ୍ତମାନେ ହେଲେ, ବୌଦ୍ଧ ଚାରି ଛକର ରଜତ ବେହେରା (୧୯), ନୟାଗଡ଼ର ବଣିଗୋଛାର କାଳିଆ ଓରଫ ଲକ୍ଷ୍ମୀଧର ମହାପାତ୍ର (୧୯), ନୟାଗଡ଼ ଜିଲ୍ଲା ବାଣିଗୋଛାର ସିଦ୍ଧାନ୍ତ ଭୁକ୍ତ(୧୯)। ଏମାନଙ୍କ ନିକଟରୁ ୨ ଲକ୍ଷ ୧୪ ହଜାର ଟଙ୍କାର ଗଞ୍ଜେଇ ଜବତ ହୋଇଛି। ଏହା ସହିତ ଦୁଇଟି ମୋବାଇଲ ଏବଂ ଏକ କାର ଜବତ କରାଯାଇଛି।

ମିଳିଥିବା ସୂଚନା ମୁତାବକ, ବୁଧବାର ସକାଳ ପ୍ରାୟ ୬ଟା ବେଳେ ଲାଲବାଗ ଥାନା ଅନ୍ତର୍ଗତ ଡଗରପଡ଼ା ହନୁମାନ ମନ୍ଦିର ନିକଟରେ ଗଞ୍ଜେଇ କାରବାର ହେଉଥିବା ସଂକ୍ରାନ୍ତରେ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଏହାପରେ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ ଟିମ ତୁରନ୍ତ ସେଠାରେ ଚଢଉ କରିଥିଲା। ଯାଞ୍ଚ ବେଳେ ଏକ ଇଣ୍ଡିକା କାର(ଓଆର-୧୫-ଏନ-୮୩୯୬) ରୁ ୨୧ କିଲୋ ୪୦୦ ଗ୍ରାମ ଓଜନର ଗଞ୍ଜେଇ ମିଳିଥିଲା। ଏହି ତିନି ଜଣ ଯୁବକ ନୟାଗଡ଼ରେ ରହି କଲେଜରେ ପାଠ ପଢ଼ନ୍ତି। ଟ୍ୟୁସନ ଯିବା ବେଳେ ପରସ୍ପର ମଧ୍ୟରେ ପରିଚୟ ହୋଇଥିଲା। ବୌଦ୍ଧର ଜଣେ ନିଶା ବେପାରୀ ରଜତର ପରିଚିତ। ଉକ୍ତ ବେପାରୀ ଜଣକ ଅର୍ଥ ଲୋଭ ଦେଖାଇ ରଜତକୁ ପ୍ରଲୋଭିତ କରିଥିଲା। ଠିକଣା ସ୍ଥାନରେ ପହଞ୍ଚାଇ ଦେଲେ ଗଞ୍ଜେଇ କିଲୋ ପିଛା ୧ ହଜାର ଟଙ୍କା କମିଶନ ମିଳିବ ବୋଲି କହିଥିଲା। ଉକ୍ତ ବ୍ୟକ୍ତିର ପ୍ରରୋଚନାରେ ପଡ଼ି ରଜତ ଗାଡିରେ ଗଞ୍ଜେଇ ବୋଝେଇ କରି ଆଣିଥିଲା। ଅନ୍ୟ ଦୁଇ ଅଭିଯୁକ୍ତ କାଳିଆ ଓ ସିଦ୍ଧାନ୍ତ ତା' ସହିତ ଆସିଥିଲେ। ସେମାନେ ନୟାଗଡ଼ ବାଣିଗୋଛା ଅଞ୍ଚଳରୁ ଗଞ୍ଜେଇ ଆଣିଥିଲେ। କଟକର ସେଲଟର ଛକ ନିକଟରେ ବ୍ୟବସାୟୀଙ୍କୁ ତାହା ବିକ୍ରି କରିଥାନ୍ତେ। ଏହା ପୂର୍ବରୁ ଜିଲ୍ଲା ଅବକାରୀ ବିଭାଗ ଚଢଉ କରି ସେମାନଙ୍କୁ ଗିରଫ କରିଛି। ଏହି ଗଞ୍ଜେଇ ଚାଲାଣ ବାବଦରେ ସେମାନଙ୍କୁ ୨୫ ହଜାର ଟଙ୍କା ମିଳିଥାନ୍ତା ବୋଲି ଅବକାରୀ ବିଭାଗ ତଦନ୍ତ ସମୟରେ ଜାଣିବାକୁ ମିଳିଛି। ପୂର୍ବରୁ ଗଞ୍ଜେଇ ଚାଲାଣରେ ମହିଳା ଏଜେଣ୍ଟ ଧରାପଡ଼ିଥିଲା ବେଳେ କଟକରୁ ତିନି ଜଣ ଛାତ୍ର ଧରାପଡ଼ିବା ଘଟଣା ଚର୍ଚ୍ଚା ସୃଷ୍ଟି କରିଛି। ଏହି ଚଢଉରେ ଜିଲ୍ଲା ମୋବାଇଲ ୟୁନିଟ ଇନ୍ସପେକ୍ଟର ଅଭିରାମ ସାହୁଙ୍କ ସମେତ ଏସଆଇ ଅଜିତ କୁମାର ପାତ୍ର, ଏଏସଆଇ ହେମନ୍ତ କୁମାର ମଲ୍ଲିକ, ସୁଭଦର୍ଶିନୀ ସାହୁ ସାମିଲ ହୋଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**
ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୪୫ • ପାଉଣ୍ଡ ୧୦୫.୨୭
- ୟୁରୋ ୮୯.୮୩ • ୟେନ୍ ୦.୫୫

**ସୁନା, ରୁପା ଦର**
୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୩,୯୦୦ (ଭୁବନେଶ୍ୱର)
- ରୁପା : ୮୧,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**
ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୮୭୬.୦୦
- ନିଫ୍ଟି ୨୨,୪୩୪.୦୦

**ପେଟ୍ରୋଲ-ଡିଜେଲ୍**
ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

ନିବେଶ ଉପରେ ରିଟର୍ଣ୍ଣ

# ରୁପା ଆଗରେ ଫିକା ପଡ଼ିଲା ସୁନା

- ଏପ୍ରିଲରେ ସୁନା ୨.୬୨%, ରୁପାରୁ ୪% ଲାଭ ମିଳିଛି
- ୨୦୨୩ରେ ସୁନା ନିବେଶକଙ୍କୁ କରିଥିଲା ମାଲେମାଲ

ନୂଆଦିଲ୍ଲୀ,୩।୪(ଏଜେନ୍ସି)

ସମ୍ପ୍ରତି ଘରୋଇ ବଜାରରେ ସୁନା ମୂଲ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏଥିଯୋଗୁ ବର୍ତ୍ତମାନ ସୁନା ନିବେଶକଙ୍କ ପାଇଁ ଏକ ଭରସାଯୋଗ୍ୟ ନିବଶେ ମାଧ୍ୟମରେ ପରିଣତ ହୋଇଛି। ମାର୍ଚ୍ଚ ମାସରେ ସୁନା ନିବେଶକଙ୍କୁ ୮ ପ୍ରତିଶତରୁ ଅଧିକ ରିଟର୍ଣ୍ଣ ଦେଇଛି। ବିଗତ ତିନିବର୍ଷ ମଧ୍ୟରେ କୌଣସି ମାସରେ ସୁନା ନିବେଶକଙ୍କୁ ଏପରି ରିଟର୍ଣ୍ଣ ଦେଇ ନ ଥିଲା। ଯେତେବେଳେ କି ଏହି ସମୟରେ ରୁପା ଏହାର ନିବେଶକଙ୍କୁ ପାଖାପାଖି ୫ ପ୍ରତିଶତ ରିଟର୍ଣ୍ଣରେ ଦେଇଥିଲା। ତେବେ ଏପ୍ରିଲ୍ ମାସରେ କାହାଣୀ ସମ୍ପୂର୍ଣ୍ଣ ଓଲଟା ହୋଇଥିବା ପରି ମନେହୁଏ। କାରଣ ଆଜି ହେଉଛି ଏପ୍ରିଲ ମାସର ତୃତୀୟ ବାଣିଜ୍ୟ ଦିବସ। ନିବେଶକଙ୍କୁ ରୋଜଗାର ବା ରିଟର୍ଣ୍ଣ ଦେବା କ୍ଷେତ୍ରରେ ରୂପା ସୁନାକୁ ସମ୍ପୂର୍ଣ୍ଣ ରୂପେ ପରାସ୍ତ କରିଛି। ଅର୍ଥାତ୍ ନିବେଶ ଉପରେ ରିଟର୍ଣ୍ଣ ଦେବାରେ ରୁପା ଆଗରେ ସୁନା ଫିକା ପଡ଼ିଯାଇଛି। ଯେଉଁଠାରେ ଏପ୍ରିଲ ମାସରେ ନିବେଶକମାନଙ୍କୁ ସୁନା ୨.୬୨ ପ୍ରତିଶତ ରିଟର୍ଣ୍ଣ ଦେଇଛି, ସେଠାରେ ରୁପା ନିବେଶକଙ୍କୁ ୪ ପ୍ରତିଶତରୁ ଅଧିକ ରିଟର୍ଣ୍ଣ ଦେଇଛି। ତଥାପି ବି ରୁପା ରିଟର୍ଣ୍ଣ ପ୍ରଦାନରେ ଏ ପର୍ଯ୍ୟନ୍ତ ଏହାର ୨୦୨୦ ସ୍ତରକୁ ଭାଙ୍ଗିପାରିନାହିଁ। ବିଶେଷଜ୍ଞଙ୍କ ମତରେ ଯଦି ସମାନ ବୃଦ୍ଧି ଦେଖାଯାଏ ତେବେ ଆଗାମୀ ଦିନରେ ରୂପା ମୂଲ୍ୟ ୮୨ ହଜାର ଟଙ୍କା ସ୍ତର ଛୁଇଁଯିବ।




ଆଜି ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନା ମୂଲ୍ୟ ଦଶ ଗ୍ରାମ ପ୍ରତି ୬୯,୧୫୫ ଟଙ୍କାରେ କାରବାର ହୋଇଛି। ତେବେ ଦିନର କାରବାରରେ ରୁପା ମୂଲ୍ୟରେ ପ୍ରାୟ ୧୨୦୦ଟଙ୍କା ବୃଦ୍ଧି ସହ ଦର ୭୭,୮୧୦ ଟଙ୍କା ସ୍ତରରେ ପହଞ୍ଚିଥିଲା। ଗୋଟିଏ ଦିନ ପୂର୍ବରୁ ରୂପା ମୂଲ୍ୟ କିଲୋଗ୍ରାମ ପିଛା ୭୭,୦୩୬ ଟଙ୍କାରେ କାବାର ଶେଷ ହୋଇଥିଲା। ଆଜି ସକାଳେ ରୂପା କିଲୋଗ୍ରାମ ପିଛା ୭୭୧୮୯ ଟଙ୍କାରେ ଆରମ୍ଭ ହୋଇଛି। ବିଗତ କିଛି ଦିନ ହେବ ଘରୋଇ ବଜାରରେ ରୁପା ମୂଲ୍ୟରେ ଭଲ ବୃଦ୍ଧି ଘଟିଛି। ଯଦି ଆମେ ଏପ୍ରିଲ୍ ମାସର ସାମ୍ପ୍ରତିକ ବାଣିଜ୍ୟ ଅଧିବେଶନ ବିଷୟରେ କହିବା, ତେବେ ରୁପା ମୂଲ୍ୟରେ ପ୍ରାୟ ୩୨୦୦ ଟଙ୍କା ବୃଦ୍ଧି ଦେଖିବାକୁ ମିଳିଛି। ଗତ ମାସର ଶେଷ ବାଣିଜ୍ୟ ଅଧିବେଶନରେ ଏମ୍‌ସିଏକ୍ସରେ ରୁପା ଉପରେ ୭୫,୦୪୮ ଟଙ୍କା ରହିହିଲା। ଆଜି ଏହାର ଦର କିଲୋଗ୍ରାମ ପିଛା ୭୮,୨୩୦ ଟଙ୍କାରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ବର୍ତ୍ତମାନ ପର୍ଯ୍ୟନ୍ତ ରୂପା ମୂଲ୍ୟରେ ୩୧୮୨ ଟଙ୍କା ବୃଦ୍ଧି ହୋଇପାରେ। ଏହାର ଅର୍ଥ ହେଉଛି ରୂପା ନିବେଶକମାନଙ୍କୁ ୪.୨୪ ପ୍ରତିଶତ ରିଟର୍ଣ୍ଣ ଦେଇଛି। ତେବେ ମାର୍ଚ୍ଚ ମାସରେ ରୂପା ନିବେଶକମାନଙ୍କୁ ୫.୨୮ ପ୍ରତିଶତ ରିଟର୍ଣ୍ଣ ଦେଇଥିଲା।

ଯଦିଓ ମାର୍ଚ୍ଚ ମାସରେ, ଗତ ୩ ବର୍ଷ ମଧ୍ୟରେ କୌଣସି ମାସରେ ସୁନା ସର୍ବାଧିକ ରିଟର୍ଣ୍ଣ ଦେଇଥିଲା, କିନ୍ତୁ ଏପ୍ରିଲ୍ ମାସ ଆରମ୍ଭରେ ସୁନା ମୂଲ୍ୟରେ ଏପରି ବୃଦ୍ଧି କେବେ ଦେଖିବାକୁ ମିଳି ନ ଥିଲା। ସୁନା ଏପ୍ରିଲରେ ଏ ପର୍ଯ୍ୟନ୍ତ କେବଳ ୨.୬୨ ପ୍ରତିଶତ ରିଟର୍ଣ୍ଣ ମିଳିଛି। ମାର୍ଚ୍ଚର ଶେଷ ବାଣିଜ୍ୟ ଦିବସରେ ସୁନା ମୂଲ୍ୟ ୬୭,୭୦୧ ଟଙ୍କାରେ କାରବାର ଶେଷ ହୋଇଥିଲା। ଅପରପକ୍ଷେ ରାଜଧାନି ଭୁବନେଶ୍ୱରରେ ଆଜି ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୬୩,୯୦୦ ଟଙ୍କା ରହିଥିବାବେଳେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ୮୧,୦୦୦ ଟଙ୍କାରେ ପହଞ୍ଚି ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଛି।

## ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଦେବଯାନୀ ସମ୍ମାନିତ




ଭୁବନେଶ୍ୱର,୩।୪(ସମିସ): ସ୍ୱିଗି 'ସି ଦ ଚେଞ୍ଜ' ଅଭିଯାନର ଶୁଭାରମ୍ଭ ଅବସରରେ ମାନ୍ୟବର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ଶ୍ରୀମତୀ ନିର୍ମଳା ସୀତାରମଣ ଭୁବନେଶ୍ୱରର ଗରମ ମସଲାର ମାଲିକାଣୀ ଦେବଯାନୀ ସାହୁଙ୍କୁ ସମ୍ମାନୀତ କରିଛନ୍ତି। ଖାଦ୍ୟ ଓ ପାନୀୟ ଉଦ୍ୟୋଗରେ ମହିଳା ଉଦ୍ୟୋଗୀଙ୍କୁ ସ୍ୱୀକୃତି ଦେବା ଏବଂ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସ୍ୱୀଗି ନିକଟରେ 'ସି ଦ ଚେଞ୍ଜ୍' ନାମକ ଏକ ପଦକ୍ଷେପ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ଉଦ୍ୟୋଗୀଙ୍କୁ ପ୍ରଶଂସା କରାଯାଇଥିଲା, ଯେଉଁମାନଙ୍କ ମଧ୍ୟରେ ଭୁବନେଶ୍ୱରର ଦେବଜାନୀ ସାହୁ ମଧ୍ୟ ରହିଛନ୍ତି। ସେ ଗରମ ମସଲାର ମାଲିକାଣୀ ଅଟନ୍ତି ଏବଂ ଭାରତର ଖାଦ୍ୟ ଏବଂ ପାନୀୟ ଉଦ୍ୟୋଗରେ ଯୋଗଦାନ ଦେଇ ଏକ ସଫଳ ବ୍ୟବସାୟ ଚଳାଉଛନ୍ତି। ନିଜ ପ୍ଲାଟଫର୍ମରେ ୫୦,୦୦୦ରୁ ଅଧିକ ମହିଳାଙ୍କ ଦ୍ୱାରା ପରିଚାଳିତ ରେସ୍ତୋରାଁ ସ୍ୱୀଗି, ଏହି ଉଦ୍ୟୋଗୀମାନଙ୍କର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ବିଶ୍ୱାସ କରେ ଯେଉଁମାନେ ପ୍ରାୟ ତିନି ଲକ୍ଷ ନିଯୁକ୍ତି ସୃଷ୍ଟି କରିବେ ବୋଲି ଆକଳନ କରାଯାଇଛି। କାରଣ ପ୍ରତ୍ୟେକ ରେସ୍ତୋରାଁରେ ହାରାହାରି ୬ ଜଣ ପ୍ରତ୍ୟକ୍ଷ କର୍ମଚାରୀ ନିୟୋଜିତ ହୁଅନ୍ତି। କର୍ମକ୍ଷେତ୍ରରେ ମହିଳାଙ୍କ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବାରେ ଏହାର ଭୂମିକା ପାଇଁ ମଧ୍ୟ ଏହି ପଦକ୍ଷେପକୁ ପ୍ରଶଂସା ମିଳିଛି। ଏହି କାର୍ଯ୍ୟକ୍ରମରେ ଅର୍ଥନୀତି ଏବଂ ଶିକ୍ଷାକ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱ, ସ୍ୱିଗି ଗ୍ରୁପ୍ ସିଇଓ ଶ୍ରୀହର୍ଶା ମାଜେଟି ଏବଂ ସ୍ୱିଗିର ଫୁଡ୍ ମାର୍କେଟପ୍ଲେସର ସିଇଓ ରୋହିତ କପୁରଙ୍କ ସମେତ ସ୍ୱିଗିର ନେତୃବୃନ୍ଦମାନେ ଯୋଗ ଦେଇଥିଲେ।

## ମହଙ୍ଗା ହେବ ସ୍ୱପ୍ନର ଘର: ବଢ଼ିବ ସିମେଣ୍ଟ ମୂଲ୍ୟ

ନୂଆଦିଲ୍ଲୀ,୩।୪(ଏଜେନ୍ସି)

ସିମେଣ୍ଟ କମ୍ପାନୀଗୁଡିକ ସାରା ଦେଶରେ ଏପ୍ରିଲରୁ ମୂଲ୍ୟ ବୃଦ୍ଧି କରିବାକୁ ସ୍ଥିର କରିଛନ୍ତି। ଯଦି ଏହା ହୁଏ ତେବେ ବର୍ତ୍ତମାନ ଜଣଙ୍କର ସ୍ୱପ୍ନର ଘର ନିର୍ମାଣ ପାଇଁ ସାମଗ୍ରୀ ମହଙ୍ଗା ହୋଇଯିବ। ସିମେଣ୍ଟ ପ୍ୟାକେଟ୍ ପିଛା ମୂଲ୍ୟ ୧୫ ଟଙ୍କା ବୃଦ୍ଧି କରିବାକୁ




ପ୍ୟାକେଟ୍ ପିଛା ୧୫ ଟଙ୍କା ବଢ଼ାଇବେ ନିର୍ମାତା

ଯୋଜନା କରିଛନ୍ତି।

ଏକ ରିପୋର୍ଟ ଅନୁଯାୟୀ, ଆଗାମୀ ଦିନରେ ଘର ନିର୍ମାଣ ଅଧିକ ମହଙ୍ଗା ହେବାକୁ ଯାଉଛି। ବାସ୍ତବରେ, ଦେଶରେ ସିମେଣ୍ଟ ମୂଲ୍ୟରେ ଏକ ବଡ ବୃଦ୍ଧି ହୋଇପାରେ। ଯଦିଓ ବର୍ତ୍ତମାନ ନିର୍ବାଚନ କାରଣରୁ ସିମେଣ୍ଟର ଚାହିଦା ହ୍ରାସ ପାଉଛି, ତେବେ ଆଗାମୀ ଦିନଗୁଡିରେ ଏହାର ମୂଲ୍ୟରେ ଏକ ବଡ଼ ବୃଦ୍ଧି ହୋଇପାରେ | ଯଦି ରିପୋର୍ଟଗୁଡିକ ବିଶ୍ ।ସ କରାଯାଏ, ତେବେ ସିମେଣ୍ଟ ମୂଲ୍ୟ ଆଗାମୀ ମାସରୁ ବୃଦ୍ଧି ପାଇଥିବାର ଦେଖାଯାଏ | ଏଥିସହ ସିମେଣ୍ଟ କମ୍ପାନୀଗୁଡିକ ଆସନ୍ତା ମାସରେ ବ୍ୟାଗ ପିଛା ମୂଲ୍ୟ ହାରାହାରି ୧୦ ରୁ ୧୫ ଟଙ୍କା ବୃଦ୍ଧି କରିପାରନ୍ତି ବୋଲି ଆଶଙ୍କା କରାଯାଉଛି। ସୂଚନା ଅନୁଯାୟୀ, ବର୍ତ୍ତମାନ ଘରୋଇ ବଜାରରେ ସିମେଣ୍ଟ ମୂଲ୍ୟ ହ୍ରାସ ପାଉଥିବାର ଦେଖାଯାଉଛି। ଯେଉଁଥିପାଇଁ ଲୋକମାନେ ଏଥିରୁ ବହୁତ ଲାଭ ଉଠାଇଛନ୍ତି। କ୍ରମାଗତ ୫ ମାସ ପାଇଁ ସିମେଣ୍ଟ ମୂଲ୍ୟରେ ହ୍ରାସ ଘଟିଛି। ବାସ୍ତବରେ, ଯଦି ଆମେ ମାର୍ଚ୍ଚ ତ୍ରୈମାସିକ ବିଷୟରେ ଆଲୋଚନା କରିବା, ଡିସେମ୍ବର ତ୍ରୈମାସିକ ତୁଳନାରେ ହାରାହାରି ସିମେଣ୍ଟ ମୂଲ୍ୟ ୫-୬ ପ୍ରତିଶତ ହ୍ରାସ ପାଇଛି। ଯେଉଁ କାରଣରୁ ଏହାର ବଡ଼ ଲାଭ ପୂର୍ବ ଏବଂ ଦକ୍ଷିଣ ଭାରତର ବଜାରରେ ଦେଖାଗଲା, ବାସ୍ତବରେ ଆମେ ଆପଣଙ୍କୁ କହିବୁ ଯେ ସିମେଣ୍ଟ ମୂଲ୍ୟରେ ସର୍ବାଧିକ ହ୍ରାସ କେବଳ ସେହି ଦୁଇଟି ବଜାରରେ ଦେଖାଗଲା। ରିପୋର୍ଟ ଅନୁଯାୟୀ, ସିମେଣ୍ଟର ମୂଲ୍ୟ ଦକ୍ଷିଣ ଭାରତୀୟ ବଜାରରେସର୍ବାଧିକ ବୃଦ୍ଧି ପାଇପାରେ। ସୂଚନା ଅନୁଯାୟୀ, ଏହି କ୍ଷେତ୍ରର ସହର ଗୁଡିକରେ ଆସନ୍ତା ମାସରେ ପ୍ରତ୍ୟେକ ବ୍ୟାଗ ପିଛା ମୂଲ୍ୟ ୩୦ରୁ ୫୦ ଟଙ୍କା ବୃଦ୍ଧି ହୋଇପାରେ। ସେହିଭଳି, ଯଦି ଆମେ କେନ୍ଦ୍ରୀୟ ଭାରତର ବଜାର ବିଷୟରେ କହିବା, ଏଠାରେ ଏହା ୧୫ ରୁ ୨୦ ଟଙ୍କା ବୃଦ୍ଧି ସମ୍ଭାବନା ରହିଛି। ଉତ୍ତର ଭାରତରେ ଏହା ୧୦-୧୫ ଟଙ୍କା ବୃଦ୍ଧି ପାଇପାରେ ଏବଂ ପଶ୍ଚିମ ଭାରତରେ ଏହା ବ୍ୟାଗ ପିଛା ୨୦-୨୫ ଟଙ୍କା ବୃଦ୍ଧି ହୋଇପାରେ।

## 'ଫୋର୍ବସ୍' ଧନୀ ତାଲିକା :ଶୀର୍ଷରେ ମୁକେଶ ଅମ୍ବାନୀ

ଗତ ବର୍ଷ ତୁଳନାରେ ୩୧ ଜଣ ତାଲିକାରେ ଯୋଡ଼ିହେଲେ

ନୂଆଦିଲ୍ଲୀ,୩।୪(ଏଜେନ୍ସି)

'ଫୋର୍ବସ୍'ର ବାର୍ଷିକ ଶ୍ରେଷ୍ଠ ଧନୀ ତାଲିକା-୨୦୨୪ ପ୍ରକାଶ ପାଇଛି । ଏଥର ପୁଣିଥରେ ବାଜି ମାରି ନେଇଛନ୍ତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧକ୍ଷ ମୁକେଶ ଅମ୍ବାନୀ। ତାଲିକାରେ ପ୍ରଥମ ସ୍ଥାନରେ ରହିଛନ୍ତି ମୁକେଶ ଅମ୍ବାନୀ। ତେବେ ଚଳିତ ବର୍ଷ ଏହି ତାଲିକାରେ ୨୦୦ ଜଣ ଭାରତୀୟଙ୍କ ନାମ ରହିଛି। ଗତ ବର୍ଷ ତୁଳନାରେ ୩୧ ଜଣ ଅଧିକ ଲୋକଙ୍କ ନାମ ଏହି ତାଲିକାରେ ସାମିଲ ହୋଇଛି। ଏହି ୨୦୦ ଜଣ ଭାରତୀୟଙ୍କର ମିଳିତ ସମ୍ପତ୍ତି ୯୫୪ ବିଲିୟନ ଡ଼ଲାର, ଯାହା ଗତ ବର୍ଷର ୬୭୫ ବିଲିୟନ ଡ଼ଲାର ତୁଳନାରେ ୪୧% ଅଧିକ। ଏହି ତାଲିକାର ଶୀର୍ଷରେ ଅଛନ୍ତି ମୁକେଶ ଅମ୍ବାନୀ, ତାଙ୍କର ମୋଟ ସମ୍ପତ୍ତି ୮୩ ବିଲିୟନ ଡ଼ଲାରରୁ ଚଳିତ ବର୍ଷ ୧୧୬ ବିଲିୟନ ଡ଼ଲାରକୁ ବୃଦ୍ଧି ପାଇଛି। ଏହା ସହିତ ମୁକେଶ ଅମ୍ବାନୀ ୧୦୦ ବିଲିୟନ ଡଲାର କ୍ଲବରେ ସାମିଲ ହୋଇଥିବା ପ୍ରଥମ ଏସୀୟ ହୋଇଛନ୍ତି। ଦୁନିଆର ସବୁଠାରୁ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ମୁକେଶ ଅମ୍ବାନୀଙ୍କ ସ୍ଥାନ ନବମ ସ୍ଥାନରେ ରହିଛି। ସେ ଉଭୟ ଭାରତ ଏବଂ ଏସିଆର ସବୁଠାରୁ ଧନୀ ବ୍ୟକ୍ତି। ତେବେ ମୁକେଶଙ୍କ ତଳେ ଅର୍ଥାତ୍ ଦ୍ୱିତୀୟ ଧନୀ ଭାରତୀୟ ହୋଇଛନ୍ତି ଗୌତମ ଆଦାନୀ। ସେ ତାଙ୍କର ମୋଟ ସମ୍ପତ୍ତିରେ ଅଧିକ ୩୬.୮ ବିଲିୟନ ଡଲାର ଯୋଡିଛନ୍ତି। ବର୍ତ୍ତମାନ ସେ ୮୪ ବିଲିୟନ ଡଲାର ମୂଲ୍ୟ ସମ୍ପତ୍ତିର ମାଲିକ ହେବା ସହ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ୧୭ ତମ ସ୍ଥାନରେ ଅଛନ୍ତି। ସେହିପରି ସାବିତ୍ରୀ ଜିନ୍ଦଲ ଭାରତର ସବୁଠାରୁ ଧନୀ ମହିଳା ଅଟନ୍ତି, ଯିଏକି ବର୍ତ୍ତମାନ ଭାରତର ଚତୁର୍ଥ ଧନୀ ମହିଳା। ଗତ ବର୍ଷ ଷଷ୍ଠ ସ୍ଥାନରେ ଥିବା ବେଳେ ବର୍ତ୍ତମାନ ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି। ତାଙ୍କର ସମୁଦାୟ ସମ୍ପତ୍ତିର ମୂଲ୍ୟ ହେଉଛି ୩୩.୫ ବିଲିୟନ ଡ଼ଲାର୍। ତେବେ ଚଳିତ ବର୍ଷ ଏହି ତାଲିକାରୁ ବାୟଜୁ ରବିନ୍ଦ୍ରନ୍ ଏବଂ ରୋହିକା ମିସ୍ତ୍ରୀ ବାଦ ପଡିଛନ୍ତି।



**ଭାରତର ୧୦ ଜଣ ଧନୀ ବ୍ୟକ୍ତି**

| | |
|---|---|
| ମୁକେଶ ଅମ୍ବାନୀ | ୧୧୬ ବିଲିୟନ ଡ଼ଲାର୍ |
| ଗୌତମ ଆଦାନୀ | ୮୪ ବିଲିୟନ ଡ଼ଲାର୍ |
| ଶିବ ନାଦର | ୩୬.୯ ବିଲିୟନ ଡ଼ଲାର୍ |
| ସାବିତ୍ରୀ ଜିନ୍ଦଲ | ୩୩.୫ ବିଲିୟନ ଡ଼ଲାର୍ |
| ଦିଲୀପ ସାଙ୍ଘଭି | ୨୬.୭ ବିଲିୟନ ଡ଼ଲାର୍ |
| ସାଇରସ୍ ପୁନାୱାଲା | ୨୧.୩ ବିଲିୟନ ଡ଼ଲାର୍ |
| କୁଶଲ ପାଲ ସିଂ | ୨୦.୯ ବିଲିୟନ ଡ଼ଲାର |
| କୁମାର ବିର୍ଲା | ୧୯.୭ ବିଲିୟନ ଡ଼ଲାର |
| ରାଧାକୀଶାନ ଦାମନୀ | ୧୭.୬ ବିଲିୟନ ଡ଼ଲାର |
| ଲକ୍ଷ୍ମୀ ମିତ୍ତଲ | ୧୬.୪ ବିଲିୟନ ଡ଼ଲାର୍ |

## ଚିନ୍ମୟ ମିଶନ୍ ପକ୍ଷରୁ ଉତ୍କଳ ଦିବସ ପାଳିତ




ଭୁବନେଶ୍ୱର,୩।୪(ସମିସ)

ଦକ୍ଷିଣ କାର୍ଲିଫର୍ଣ୍ଣିଆରେ ଚିନ୍ମୟ ମିଶନ୍ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବ ବିଦେଶରେ ଓଡ଼ିଶାର ବୃହତ୍ ସଂସ୍କୃତିକୁ ପ୍ରଦର୍ଶନ କରାଯିବା ସହ ବିଦେଶୀରେ ଓଡ଼ିଆ ଗୋଷ୍ଠୀଙ୍କୁ ଏକତ୍ର କରିବା ମୁଖ୍ୟ ଲକ୍ଷ୍ୟ। ଏହି ଉତ୍ସବକୁ ସ୍ୱାମୀ ସର୍ବଦେବାନନ୍ଦ ପ୍ରଦୀପ ପ୍ରଜ୍ୱଳନ କରି ଓଡ଼ିଶାର ଏହି ସଂସ୍କୃତି ଓ ଐତିହ୍ୟକୁ ଯୁବପିଢିଙ୍କ ନିକଟରେ ପହଞ୍ଚାଇବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ରାଜ୍ୟର ଉପାନ୍ତ ଅଞ୍ଚଳରେ ପାଉଣ୍ଡେସନ୍ ପକ୍ଷରୁ କରାଯାଇଥିବା କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଦର୍ଶକଙ୍କୁ ଅବଗତ କରାଯାଇଥିଲା। ଶରନ୍ୟା ମୁଖୋପାଧ୍ୟାୟ, ଶିବାନୀ ପଟ୍ଟନାୟକ ଏବଂ ପ୍ରତାପ କୁମାର ବାରିକି ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

## ଭୀମଟାଙ୍ଗିରେ ଖୋଲିଲା ଭିସାଜର ନୂଆ ୟୁନିସେକ୍ସ ସେଲୁନ୍

ଭୁବନେଶ୍ୱର,୩।୪(ସମିସ): କପିଳପ୍ରସାଦ ସ୍ଥିତ ଭୀମଟାଙ୍ଗି ଫେଜ୍-୧ ରେ ଖୋଲିଛି ଭିସାଜର ନୂଆ ବ୍ରାଞ୍ଚ "ଭିସାଜ ୟୁନିସେକ୍ସ ସେଲୁନ୍ ଆଣ୍ଡ ଏକାଡେମୀ'। ଭିସାଜ ବିୟୁଟି ଏକାଡେମୀର ଏହି ନୂଆ ସେଲୁନ୍ ଓଡ଼ିଶାରେ ୧୫ ନମ୍ବର ସେଲୁନ୍। ଆଧୁନିକ ସମୟରେ ରୂପଶଯ୍ୟା ପ୍ରତ୍ୟେକ ମଣିଷଙ୍କ ଜୀବନରେ ଏକ ଅବିଚ୍ଛେଦ୍ୟ ଅଙ୍ଗ। ବିବାହ, ବ୍ରତ, ପାର୍ଟି ଆଦି ବିଭିନ୍ନ ସମୟରେ ସୌନ୍ଦର୍ଯ୍ୟକୁ ଗୁରୁତ୍ୱ ଦେବା ସହିତ ଭିଡ଼ ଭିତରେ ନିଜକୁ ଟିକେ ସ୍ୱତନ୍ତ୍ର କରାଇବାର ପ୍ରୟାସକୁ ସଫଳ କରିଥାଏ ସେଲୁନ୍। ନୂଆ ସେଲୁନ୍‌ରେ ଗ୍ରାହକଙ୍କ ପାଇଁ ଫ୍ଲାଟ୍-୨୭ ପ୍ରତିଶତ ରିହାତି ଅଫର ରହିଛି। ବିଶେଷ କରି ଷ୍ଟ୍ରେଟନିଙ୍ଗ, ସ୍ମୁଥନିଙ୍ଗ , ହେୟାର ଏକ୍ସଟେନସନ, ନେଲ ଏକ୍ସଟେନସନ, ହାଇଡ୍ରା ଫେସିଆଲ,ଫେସିଆଲ, ବୋଟକ୍ସ, କେରାଟିନ, ହେୟାର ସ୍ପା, ହେୟାର କଟ୍ ଆଦି ସର୍ଭିସ୍ ଗ୍ରାହକ ସୁଲଭ ମୂଲ୍ୟରେ ପାଇପାରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କମହିଳା କମିଶନ ସଦସ୍ୟା ନମ୍ରତା ଚଢ଼ା ଯୋଗ ଦେଇଥିବା ବେଳେ ୟୁଟ୍ୟୁବର ରାଜେନ୍ଦ୍ର ପ୍ରସାଦ ଦାସ, ଭିସାଜ ବିୟୁଟି ଏକାଡେମୀର ପରିଚାଳନା ମୁଖ୍ୟ ପ୍ରିୟଦର୍ଶିନୀଙ୍କ ସମେତ ଭୀମଟାଙ୍ଗି ବ୍ରାଞ୍ଚ ମୁଖ୍ୟ ପ୍ରିୟଙ୍କା ଖିଲାର ଏବଂ ସେଲୁନ୍ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ବିଶ୍ୱ ବ୍ୟାଙ୍କର ଚେତାବନୀ

## ଦାରିଦ୍ର୍ୟ ସୀମାରେଖା ତଳକୁ ଖସିଯିବେ ପାକିସ୍ତାନର କୋଟିଏ ଲୋକ

ନୂଆଦିଲ୍ଲୀ,୩।୪(ଏଜେନ୍ସି)

ଆସନ୍ତା ଆର୍ଥିକବର୍ଷରେ ଭାରତର ଆର୍ଥିକ ଅଭିବୃଦ୍ଧି ଜବରଦସ୍ତ ରହିବ। ଅପରପକ୍ଷେ ଭାରତର ପଡୋଶୀ ଦେଶ ପାକିସ୍ଥାନର ଆର୍ଥିକ ସ୍ଥିତିକୁ ନେଇ ଏବେ ଚିନ୍ତା ପ୍ରକଟ କରିଛି ବିଶ୍ୱ ବ୍ୟାଙ୍କ। ପାକିସ୍ତାନରେ ଲୋକଙ୍କ ମଧ୍ୟରେ ଦେଖାଦେବାକୁ ଥିବା ଉତ୍କଟ ଦାରିଦ୍ର୍ୟକୁ ନେଇ ଆଗାମୀ ଦିନରେ ଦେଶରେ ବିଦ୍ରୋହ ସୃଷ୍ଟି ହୋଇପାରେ ବୋଲି ବିଶ୍ୱ ବ୍ୟାଙ୍କ ଆଶଙ୍କା ପ୍ରକଟ କରିଛି। ଏଭଳି ସ୍ଥିତି ଯୋଗୁ ଏଠାରେ ଏକ କୋଟିରୁ ଅଧିକ ଜନସଂଖ୍ୟା ଦାରିଦ୍ର ସୀମାରେଖା ତଳକୁ ଚାଲିଯାଇପାରନ୍ତି ବୋଲି ବିଶ୍ୱ ବ୍ୟାଙ୍କ ଚେତାବନୀ ଦେଇଛି।

- ମାନ୍ଦାବସ୍ଥା ସହ ଯୁଝୁଛି ଦେଶ
- ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ବଢ଼ିପାରେ

ପାକିସ୍ତାନର ଆର୍ଥିକ ଅବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି। ଏଥିଯୋଗୁ ଦେଶରେ ନଗଦ ସଙ୍କଟ ଜନିତ ସ୍ଥିତି ଦେଖାଦେଇପାରେ। ଏଥିଯୋଗୁ ମୁଦ୍ରାସ୍ଫୀତି ସହିତ ସଂଘର୍ଷ କରିଆସୁଥିବା ପାକିସ୍ତାନରେ ଏକ କୋଟିରୁ ଅଧିକ ଲୋକ ଦାରିଦ୍ର ସୀମାରେଖା ତଳକୁ ଖସିଆସିବାର ଭୟ ରହିଥିବା ବିଶ୍ୱ ବ୍ୟାଙ୍କ କହିଛି। ବିଶ୍ୱ ବ୍ୟାଙ୍କର ଆକଳନ ଅନୁଯାୟୀ ପାକିସ୍ତାନ ୧.୮ ପ୍ରତିଶତର ମନ୍ଥର ଅଭିବୃଦ୍ଧି ପଥରେ ଯାଉଥିବାବେଳେ ମୁଦ୍ରାସ୍ଫୀତି ସ୍ତର ଏହାଠାରୁ ବହୁତ ଅଧିକ ରହିଛି। ଚଳିତ ଆର୍ଥିକ ବର୍ଷରେ ପାକିସ୍ତାନରେ ମୁଦ୍ରାସ୍ଫୀତି ହାର ୨୬ ପ୍ରତିଶତରେ ପହଞ୍ଚିଛି। ପାକିସ୍ତାନର ଅଭିବୃଦ୍ଧି ଦୃଷ୍ଟିକୋଣରୁ ବିଶ୍ୱ ବ୍ୟାଙ୍କ ଏହାର ଅର୍ଦ୍ଧବାର୍ଷିକ ରିପୋର୍ଟ ପ୍ରକାଶ କରିଛି। ଏଥିରେ ଏହା ଆକଳନ କରାଯାଇଛି ଯେ ପାକିସ୍ତାନ ସମସ୍ତ ମାକ୍ରୋଅର୍ଥନୈତିକ ମାନଦଣ୍ଡ ହାସଲ କରିବାରେ ବିଫଳ ହୋଇପାରେ। ବିଶ୍ୱ ବ୍ୟାଙ୍କ କହିଛି ଯେ ପାକିସ୍ତାନ ଏହାର ପ୍ରାଥମିକ ବଜେଟ୍ ଲକ୍ଷ୍ୟରୁ ବିଚ୍ୟୁତ ହୋଇପାରେ। ଦେଶ ଲଗାତାର ତିନି ବର୍ଷ ଧରି ମାନ୍ଦାବସ୍ଥା ଦେଇ ଗତିପାରେ। ଏହା ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ନିକଟରେ ପାକିସ୍ତାନ ରଖିଥିବା ସର୍ତ୍ତର ବିରୁଦ୍ଧ। ପାକିସ୍ତାନକୁ ପାଣ୍ଠି ଯୋଗାଇବା ବଦଳରେ ଆଇଏମ୍ଏଫ୍ ଏହାର ରାଜସ୍ୱ ବୃଦ୍ଧି ଏବଂ ଅତିରିକ୍ତ ବଜେଟ୍ ଲକ୍ଷ୍ୟ ହାସଲ କରିବା ଭଳି ବାଧ୍ୟତାମୂଳକ ସର୍ତ୍ତ ରଖିଛି।




ବିଶ୍ୱ ବ୍ୟାଙ୍କର ଏହି ରିପୋର୍ଟ ମୁଖ୍ୟତଃ ସୟଦ ମୁର୍ତ୍ତାଜା ମୁଜାଫାରୀ ପ୍ରସ୍ତୁତ କରିଛନ୍ତି। ତାଙ୍କ କହିବାନୁସାରେ, ପାକିସ୍ତାନର ପୁନଃଚକ୍ରଣ ଚାଲିଛି। ଏହା ବର୍ତ୍ତମାନ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ଯଦିବା ଏହା ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରୟାସ ଯଥେଷ୍ଟ ନୁହେଁ। ଏହାଦ୍ୱାରା କେବଳ ଦେଶର କୁହାଯାଇଛି ଯେ ଅର୍ଥନୈତିକ ଅଭିବୃଦ୍ଧି ସାମାନ୍ୟ ହେବ ବୋଲି ଆଶା କରାଯାଉଛି। ଏଥିସହିତ ପ୍ରାୟ ୯.୮ କୋଟି ପାକିସ୍ତାନୀ ଦାରିଦ୍ର ସୀମାରେଖା ତଳେ ଅଛନ୍ତି। ଏହାସହ ଦେଶରେ ଦାରିଦ୍ର୍ୟ ହାର ପ୍ରାୟ ୪୦ପ୍ରତିଶତ ରହିଛି। ରିପୋର୍ଟରେ ଅନୁଯାୟୀ, ଏବେ ଭୟ ଏହା ଯେ ଯେ ଦାରିଦ୍ର ସୀମାରେଖା ଉପରେ ରହୁଥିବା ପାକିସ୍ତାନର ପ୍ରାକ ୧ କୋଟି ଲୋକ ଲୋକମାନେ ବର୍ତ୍ତମାନ ତଳକୁ ଖସି ଦାରିଦ୍ର ସୀମାରେଖା ତଳେ ରହିଯିବାର ଆଶଙ୍କା ରହିଛି। ରିପୋର୍ଟରେ କୁହାଯାଇଛି ଯେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଶ୍ରମିକଙ୍କ ଦୈନିକ ମଜୁରୀ ମାତ୍ର ପାଞ୍ଚ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୁଦ୍ରାସ୍ଫୀତି ୩୦ ପ୍ରତିଶତରୁ ଅଧିକ ରହିଥିଲା।

# ସଂଘର୍ଷରୁ ଭକ୍ତିଙ୍କ ସଫଳତା



## ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ

ସେ ଚାଷ ବ୍ୟତୀତ ସ୍ୱୟଂ ସହାୟକ ଗୋଷ୍ଠୀରେ ପୁଞ୍ଜି ହିସାବ ରଖିବା, ରେଜିଷ୍ଟର ପରିଚାଳନା, ମାଣ୍ଡିଆ ଚୁନା ପ୍ୟାକେଜିଂ, ବିକ୍ରିବଟା ଆଦି କାମରେ ନିଜକୁ ନିୟୋଜିତ କରିପାରିଛନ୍ତି । ଯାହାଦ୍ୱାରା ଆଜି ଭକ୍ତି ନିଜେ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହେବା ସହ ନିଜ ରୋଜଗାରରେ ଘରର ଦାୟିତ୍ୱ ଓ ନିଜର ପାଠ ପଢା ଖର୍ଚ୍ଚ ତୁଲାଇ ପାରୁଛନ୍ତି । ଏଥିପାଇଁ ସେ ଜଣେ 'କୁନି ସଫଳ ମାଣ୍ଡିଆ ଚାଷୀ' ଭାବେ ଉଦାହରଣ ସୃଷ୍ଟି କରିପାରିଛନ୍ତି ।

**କଥାରେ ଅଛି, ଇଚ୍ଛା ଶକ୍ତି ଆଗରେ ସବୁ ସମସ୍ୟା ହାର୍ ମାନିଥାଏ । ଏଥିପାଇଁ ନା ବୟସ ବାଧକ ସାଜିପାରେ, ନା ସମସ୍ୟା । ବୟସ କମ୍ ହେଉ ଅବା ଅଧିକ, ସମସ୍ୟା ଛୋଟ ହେଉ ଅବା ବଡ, ସଫଳତା ପାଇବାର ଇଚ୍ଛାଶକ୍ତି ସବୁକିଛିକୁ ସହଜ କରିଦିଏ । ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ଭକ୍ତି । ଯେଉଁ ବୟସରେ ପିଲାମାନେ ପାଠ ପଢ଼ା, ବୁଲାବୁଲି, ଖେଳକୁଦ କରି ସମୟ କାଟି ଦିଅନ୍ତି, ସେହି ବୟସରେ ପାଠ ପଢ଼ିବା ସହ ଭକ୍ତି ମାଣ୍ଡିଆ ଚାଷ କରି ଖୁବ୍ କମ୍ ବୟସରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।**

### ବାଧକ ସାଜିଥିଲା ଆର୍ଥିକ ସ୍ଥିତି

ଭକ୍ତି ହରିଜନ । ବୟସ ମାତ୍ର ୧୮ । କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ସ୍ଥିତ ପଦ୍ମଥପା ଗାଁରେ ବାପା ଓ ଛଅ ଭାଇଙ୍କୁ ନେଇ ଭକ୍ତିଙ୍କ ପରିବାର । ଘରର ସବୁଠାରୁ ସାନ ଝିଅ ହୋଇ ମଧ୍ୟ ସମୟ ଚକ୍ରରେ ନିଜ ପରିବାରର ନୌକାର ନାଉରୀ ସାଜି ସମସ୍ତ ଦାୟିତ୍ୱ ବହନ କରୁଛନ୍ତି । ପାଠ ପଢିବା ସହ ମାଣ୍ଡିଆ ଚାଷ କରୁଛନ୍ତି । ହାତରେ କଲମ ଧରି ପାଠ ପଢିବା ବୟସରେ ଭକ୍ତି ହାତରେ ଧରିଛନ୍ତି ସାଇକେଲ ୱିଡ଼ର । ପ୍ରଥମେ ତାଙ୍କ ମାଆ ଓଡ଼ିଶା ମିଲେଟ୍ସ ମିଶନ ତରଫରୁ ପ୍ରଶିକ୍ଷଣ ନେଇ ମାଣ୍ଡିଆ ଚାଷ ଆରମ୍ଭ କରିଥିଲେ ଏବଂ ମା' ସାରଳା ସ୍ୱୟଂ ସହାୟକ ଗୋଷ୍ଠୀରେ ଜଣେ ସକ୍ରିୟ ସଦସ୍ୟା ଭାବେ ସମସ୍ତ କାର୍ଯ୍ୟ ତୁଲାଉଥିଲେ । ପରେ ଦୁରାରୋଗ୍ୟରେ ପୀଡ଼ିତ ମା'ଙ୍କୁ ଖୁବ କମ୍ ବୟସରେ ହରାଇଥିଲେ ଭକ୍ତି । ମାଆ ଛେଉଣ୍ଡ ଛୋଟ ଝିଅ ଭକ୍ତି ନିଜ ଜୀବନ ପଥରେ ବେଶ୍ ଏକା ହୋଇପଡିଲେ । ଅନ୍ୟ ପିଲାମାନଙ୍କ ପରି ପାଠ ପଢ଼ି ଆଗକୁ ବଢିବାର ସ୍ୱପ୍ନ ଦେଖିଥିବା ଭକ୍ତିଙ୍କ ପାଇଁ ଘରର ଆର୍ଥିକ ସ୍ଥିତି ବାଧକ ସାଜିଥିଲା ।

### ମାଣ୍ଡିଆ ଓ ସୁଆଁରୁ ସଫଳତା

ସମୟ କ୍ରମେ ଭକ୍ତି ନିଜ ଇଚ୍ଛାଶକ୍ତି ଏବଂ ଦୃଢ଼ ମନୋବଳ ଯୋଗୁଁ ସବୁ ଅସମ୍ଭବକୁ ସମ୍ଭବ



କରି ଦେଖାଇଛନ୍ତି । ମା'ଙ୍କ ଦେହାନ୍ତ ପରେ ୨୦୨୦ ମସିହାରୁ ଓଡ଼ିଶା ମିଲେଟ୍ସ ମିଶନ ତରଫରୁ ପ୍ରଶିକ୍ଷଣ ପାଇ ସେ ମାଣ୍ଡିଆ ଏବଂ ସୁଆଁ ଚାଷ କରିବା ଆରମ୍ଭ କରିଥିଲେ । ଗତ ବର୍ଷ ଭକ୍ତି ମାଣ୍ଡିଆ ଚାଷରୁ ଲାଭବାନ୍ ହେବା ସହ ଚଳିତ ବର୍ଷ ସେ ଅଧା ଏକର ଜମିରେ ୩ କୁଇଣ୍ଟାଲ ମାଣ୍ଡିଆ ଉତ୍ପାଦନ କରିଛନ୍ତି । ସେହି ମାଣ୍ଡିଆକୁ କୃଷକ ଉତ୍ପାଦକ ସଂଗଠନ ମାଧ୍ୟମରେ ବିହନ କେନ୍ଦ୍ରରେ ସଂରକ୍ଷଣ ନିମନ୍ତେ ବିକ୍ରି କରି ପ୍ରାୟ ୧୨ହଜାର ଟଙ୍କା ଲାଭ ପାଇପାରିଛନ୍ତି । ବୟସ କମ୍ ହେଲେ ସୁଦ୍ଧା ଚାଷ କ୍ଷେତରେ ଉନ୍ନତ ଧରଣର ଜ୍ଞାନକୌଶଳ ମାଧ୍ୟମରେ ଶ୍ରୀ ପଦ୍ଧତିରେ ଚାଷ କରି ଉଦାହରଣ ସୃଷ୍ଟି କରିପାରିଛନ୍ତି । କେବଳ ସେତିକି ନୁହେଁ, ଏହାସହ ସେ ସାରଳା ସ୍ୱୟ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହ ମିଳିତ ଭାବେ ୫ ଏକର ଜମିରେ ମାଣ୍ଡିଆ ଓ ସୁଆଁ ଉତ୍ପାଦନ କରି ମଣ୍ଡିରେ ବିକ୍ରି କରିଛନ୍ତି ।

### ଘର ଚଳାଇବାରେ ସକ୍ଷମ

ଜୀବନରେ ଅନେକ ସମସ୍ୟା ଦେଖିଥିବା ଭକ୍ତି କହନ୍ତି । ଭୟ ଆସିଲେ ମଧ୍ୟ ନିଜକୁ ସବୁବେଳେ ସାହସ ଦେଇ ଆସିଛନ୍ତି । ମା'ଙ୍କ ଦେହାନ୍ତ ପରେ ଘର ଚଳାଇବାର ଦାୟିତ୍ୱ ବହନ କରି ୪ ବର୍ଷ ହେବ ସେ ମାଣ୍ଡିଆ ଚାଷ କରି ଆସୁଛନ୍ତି । ଏବେ ସେ ନିଜେ ରୋଜଗାରକ୍ଷମ ହେବା ସହ ଘରର ଆର୍ଥିକ ସ୍ଥିତି ସମ୍ଭାଳିବାକୁ ସକ୍ଷମ ହୋଇଛନ୍ତି ।

# ନେକ୍‌ଲାଇନ୍ ଅନୁଯାୟୀ ନେକ୍‌ଲେସ୍



ଏକ ପର୍‌ଫେକ୍ଟ ଲୁକ୍ ପାଇଁ ଡ୍ରେସ୍, ଜୋତା, ହ୍ୟାଣ୍ଡବ୍ୟାଗ୍ ଭଳି ନେକ୍‌ଲେସ୍‌ର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କିନ୍ତୁ, ଅନେକ ସମୟରେ ମହିଳାମାନେ ନିଜ ପସନ୍ଦର ନେକ୍‌ଲେସ୍‌କୁ ଯେ କୌଣସି ଆଉଟ୍‌ଫିଟ୍‌ରେ ପିନ୍ଧି ପାର୍ଟି, ଫଙ୍କସନ୍‌କୁ ଯାଆନ୍ତି । ଏପରି କରିବା ଦ୍ୱାରା ଆଉଟ୍‌ଫିଟ୍ ସହ ସମ୍ପୂର୍ଣ୍ଣ ମେକ୍‌ଅପ୍ ବିଗିଡ଼ି ଯାଏ । ଯାହା ଆଖିକୁ ଭଲ ଦେଖାଯାଏ ନାହିଁ । ତେଣୁ କେଉଁ ନେକ୍‌ଲେସ୍ କେଉଁ ପ୍ରକାର ଡ୍ରେସ୍ ଡିଜାଇନ ମ୍ୟାଚ୍ ହେଉଛି, ତାହା ଜାଣିବା ଆବଶ୍ୟକ ।



### ଭି-ନେକ୍ ଡ୍ରେସ୍

ସାଧାରଣତଃ ମହିଳାମାନେ ଭି-ନେକ୍ ଡିଜାଇନ ଡ୍ରେସ୍ ପିନ୍ଧିବାକୁ ବେଶୀ ପସନ୍ଦ କରନ୍ତି । ଏଥିରୁ ଏକ କ୍ଲାସିକ୍ ଲୁକ୍ ମିଳିଥାଏ । ଏହା କେବେ ପୁରୁଣା ହୁଏ ନାହିଁ । ଏହା ସବୁବେଳେ ଟ୍ରେଣ୍ଡରେ ଥାଏ । ତେଣୁ ଏ ପ୍ରକାର ଡ୍ରେସ୍ ଡିଜାଇନ୍‌କୁ ଲକେଟ୍‌ଯୁକ୍ତ ଚେନ୍ ଖୁବ୍ ସୁନ୍ଦର ମାନିଥାଏ । ଏହା ଏକ ଷ୍ଟାଇଲିସ୍ ତଥା ଆକର୍ଷଣୀୟ ଲୁକ୍ ଦେଇଥାଏ ।

### ଟର୍ଟଲ ନେକ୍


ଟର୍ଟଲ ନେକ୍ ଡିଜାଇନ ପାଇଁ ଲମ୍ବା ଲକେଟ୍ ଚେନ୍ ପିନ୍ଧିପାରିବେ । ଏହା ବେକରୁ ଟିକେ ତଳକୁ ରହୁଥିବାରୁ ଆଖିକୁ ଖୁବ୍ ସୁନ୍ଦର ଦେଖାଯାଏ । ନିଜକୁ ଏକ ଆକର୍ଷଣୀୟ ଲୁକ୍ ଦେବାକୁ ଚାହୁଁଥିଲେ, ଏହା ସହିତ ଚକୋର ନେକ୍‌ଲେସ୍ ପରିଧାନ କରିପାରିବେ ।

### ଷ୍ଟ୍ରାପ୍‌ଲେସ୍

ସାଧାରଣତଃ ଏ ପ୍ରକାର ଡିଜାଇନରେ ଡ୍ରେସ୍‌ରେ ବେକ, କାନ୍ଧ, ଆଦି ଦୃଶ୍ୟମାନ ହୋଇଥାଏ । ତେଣୁ ଏହି ଡିଜାଇନର ଡ୍ରେସ୍ ସାଙ୍ଗକୁ ଲେୟାର୍ଡଚେନ୍ ନେକ୍‌ଲେସ୍ ଖୁବ୍ ସୁନ୍ଦର ତଥା ଆକର୍ଷଣୀୟ ଦେଖାଯାଏ ।

# ରୋଷେଇ ଘରେ ଗରମ ହେଉଥିଲେ

**ବର୍ତ୍ତମାନ ସମୟରେ ଅଧିକାଂଶ ଘରେ ଏୟାର କଣ୍ଡିସନର ଓ କୁଲର ଲଗାଉଥିବାରୁ ଘର ଭିତରେ ଗରମ ଏତେଟା ଜଣା ପଡୁ ନାହିଁ । କିନ୍ତୁ, ରୋଷେଇ ଘରେ ସକାଳ ୯ ଟା ୧୦ ବାଜିବା କ୍ଷଣି ଗରମ ଅନୁଭୂତ ହେଉଛି । ଯାହା ଫଳରେ ଗରମରେ ରୋଷେଇ କରିବା ମହିଳାଙ୍କ ପକ୍ଷେ ଅସହ୍ୟ ହୋଇପଡୁଛି । କିଛି ସହଜ ଉପାୟକୁ ଆପଣାଇ ରୋଷେଇ ଘରକୁ କିଭଳି ଥଣ୍ଡା ରଖି ହେବ, ଜାଣିବା ସେ ବିଷୟରେ**



### ଝରକା ଖୋଲା ରଖନ୍ତୁ

ରୋଷେଇ ଘର ଛୋଟ ଥିଲେ, ପବନ ଭଲ ଭାବରେ ଯାତାୟାତ କରିପାରେ ନାହିଁ, ଫଳରେ ଅଧିକ ଗରମ ଅନୁଭୂତ ହୋଇଥାଏ । ତେଣୁ ରୋଷେଇ ଘରେ କାର୍ଯ୍ୟ କରୁଥିବା ସମୟରେ ଝରକା ଖୋଲା ରଖନ୍ତୁ । ଏଥି ସହିତ ରୋଷେଇ ଘରେ ଆଡ୍‌ଜଷ୍ଟ ଫ୍ୟାନ୍ କିମ୍ବା ଚିମ୍‌ନୀ ଲଗାନ୍ତୁ । ଏହା ଘରକୁ ଥଣ୍ଡା ରଖିବାରେ ସହାୟକ ହୋଇଥାଏ ।

### ଗ୍ୟାସ୍ ବଦଳରେ ଇଣ୍ଡକ୍ସନ୍

ଖରାଦିନେ ରୋଷେଇ ଇଣ୍ଡେକ୍ସନ୍‌ରେ କରିବା ଦ୍ୱାରା କମ୍ ଗରମ ଅନୁଭୂତ ହୋଇଥାଏ । ଏଥିରୁ କମ୍ ତାପ ବାହାରୁଥିବାରୁ ରୋଷେଇ କରିବା ସୁବିଧାଜନକ ହୋଇଥାଏ ।

### ଏୟାର ପ୍ୟୁରିଫାୟାର ଗଛ ରଖନ୍ତୁ

ସାଧାରଣତଃ ଘରେ ଅଧିକ ଗଛ ରହିବା ଦ୍ୱାରା ଗରମ କମ୍ ହୋଇଥାଏ । ତେଣୁ ଘର ସମେତ ରୋଷେଇ ଘରେ ଏୟାର ପ୍ୟୁରିଫାୟାର ବୃକ୍ଷ ଲଗାଇପାରିବେ । ଏହି ଗଛ ଘରୁ ବାହାରୁ ଥିବା ଗରମ ପବନକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ, ଓ ଘରକୁ ଥଣ୍ଡା ରଖିଥାଏ ।

### ବଲବ୍ କମ୍ ଜଳାନ୍ତୁ

ରୋଷେଇ ଘରେ ବେଶି ସମୟ ବଲବ୍ ଲଗାଇବା ଦ୍ୱାରା ଗରମ ଅନୁଭୂତ ହୋଇଥାଏ । ତେଣୁ କେବଳ ଆବଶ୍ୟକସ୍ଥଳେ ବଲବ୍ ଲଗାନ୍ତୁ । କମ୍ ଆଲୋକ ଥିବା ବଲବ୍ ଲଗାଇବା ଭଲ ।

# ଖରାଦିନିଆ ହେୟାର୍ ଷ୍ଟାଇଲ୍

**ଖରାଦିନେ କେଶର ଉପଯୁକ୍ତ ଯତ୍ନ ନେବା କଷ୍ଟକର ହୋଇଥାଏ । ଆଉ ଯଦି ଲମ୍ବା କେଶ ଥାଏ, ତେବେ ଏହାକୁ ଖୋଲା ଛାଡ଼ିବା ମୁସ୍କିଲ୍ ହୋଇପଡ଼େ । ସେଥିପାଇଁ ଅଧିକାଂଶ ମହିଳା ଖରାଦିନେ ଖୋଷା କିମ୍ବା ହାଇ ପୋନିଟେଲ୍ କରନ୍ତି । କିନ୍ତୁ, ସବୁବେଳେ ଗୋଟିଏ ପ୍ରକାର ହେୟାର୍ ଡିଜାଇନ ବିରକ୍ତିକର ଲାଗିଥାଏ । ତେଣୁ ଜାଣିବା କେତୋଟି ସହଜ ହେୟାର ଷ୍ଟାଇଲ୍ ବାବଦରେ । ଯାହାକୁ ଆପଣାଇ ନିଜ କେଶକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ ।**



### ସାଇଡ୍ ବ୍ରେଡ୍ ପୋନିଟେଲ୍

ଏ ପ୍ରକାର ହେୟାରଷ୍ଟାଇଲ୍ କରିବା ଖୁବ୍ ସହଜ । ଅନେକ ସମୟରେ କେଶ ସବୁ ମୁହଁ ସାମ୍ନାରେ ପଡ଼େ, ଯାହା ଫଳରେ ଖୁବ୍ ବିରକ୍ତ ଲାଗିଥାଏ । କିନ୍ତୁ, ସାଇଡ୍ ବ୍ରେଡ୍ ଡିଜାଇନ ଖରାଦିନେ କେଶକୁ ଯତ୍ନ କରିବାରେ ସହାୟକ ହୋଇଥାଏ । ପ୍ରଥମେ କେଶକୁ ପାନିଆ ସାହାଯ୍ୟରେ କୁଣ୍ଡାନ୍ତୁ । ସାଇଟ୍‌ରୁ ଅଳ୍ପ କେଶ ନେଇ ହାତ ସାହାଯ୍ୟରେ ବେଣୀ କରି ଛୋଟ କ୍ଲିପ୍‌ରେ ସେଟ୍ କରିଦିଅନ୍ତୁ । ଏହା ପରେ ସବୁ କେଶକୁ ଏକତ୍ର କରି ରବର ବ୍ୟାଣ୍ଡ ସହାୟତାରେ ପୋନିଟେଲ କରି ଦିଅନ୍ତୁ । ଏହା ଷ୍ଟାଇଲିଶ୍ ଦେଖାଯିବା ସହ ସୁନ୍ଦର ଲାଗିଥାଏ ।





### ଫ୍ରେଞ୍ଚ୍ ହେୟାର୍ ଷ୍ଟାଇଲ୍

ଖରାଦିନେ ଫ୍ରେଞ୍ଚ୍ ହେୟାରଷ୍ଟାଇଲ୍ ଖୁବ୍ ସୁବିଧାଜନକ ହୋଇଥାଏ । ଏହା ଆରମଦାୟକ ହେବା ସହ ଏକ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ଏ ପ୍ରକାର ହେୟାର ଷ୍ଟାଇଲ୍ କରିବାକୁ ହେଲେ ପ୍ରଥମେ କେଶକୁ ପାନିଆ ସାହାଯ୍ୟରେ କୁଣ୍ଡାଇ ମିଡିଲ୍ ପାର୍ଟରୁ ଦୁଇ ଭାଗରେ ବିଭକ୍ତ କରନ୍ତୁ । ଏହାପରେ ହାତ ସାହାଯ୍ୟରେ ମୁହଁର ସମ୍ମୁଖ ଭାଗରୁ ବେଣୀ ଆରମ୍ଭ କରି କେଶର ଅଗ୍ରଭାଗ ଯାଏ କରନ୍ତୁ । ଏହା କାଜୁଆଲ୍ ଆଉଟ୍‌ଫିଟ୍‌କୁ ସୁନ୍ଦର ମାନିଥାଏ ।

### ହାଇବନ୍ ହେୟାର ଷ୍ଟାଇଲ

ଏହି ହେୟାର ଷ୍ଟାଇଲ୍ ଖରାଦିନ ପାଇଁ ସବୁଠୁ ସୁବିଧା ଓ ଆରମଦାୟକ ହୋଇଥାଏ । ଏହି ଡିଜାଇନ କରିବା ଖୁବ୍ ସହଜ ହୋଇଥିବାବେଳେ, ଏହା ଏକ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ପ୍ରଥମେ କେଶକୁ ପାନିଆ ସାହାଯ୍ୟରେ କୁଣ୍ଡାନ୍ତୁ । ସବୁ କେଶକୁ ଏକାଠି ନେଇ ହାତ ସାହାଯ୍ୟରେ ଗୋଲ କରି ବୁଲାନ୍ତୁ । ଏକ ବନ୍ ତିଆରି କରି ପିନ୍ ସହାୟତାରେ ସେଟ୍ କରି ଦିଅନ୍ତୁ । କିଛି ବେବି ହେୟାର ମୁହଁର ଦୁଇ ପାର୍ଶ୍ୱରୁ କାଢ଼ି ଦିଅନ୍ତୁ । ଏ ପ୍ରକାର ହେୟାର୍ ଷ୍ଟାଇଲ୍ ଅଫିସ କିମ୍ବା କୌଣସି ପାର୍ଟି ଫଙ୍କ୍‌ସନ୍‌ରେ କରିପାରିବେ ।

# କ୍ୟାପ୍‌ସୁଲ୍ ୱାର୍ଡରବ୍



**ଫେଶନ ମିନିମାଲିଷ୍ଟ ଲୋକଙ୍କ ମଧ୍ୟରେ କ୍ୟାପ୍‌ସୁଲ୍ କନ୍‌ସେପ୍ଟ ଟ୍ରେଣ୍ଡରେ ରହିଛି । କାରଣ ସହରରେ ଜାଗା ସମସ୍ୟା ଥିବାରୁ ବଡ଼ ୱାର୍ଡରବ୍ ତୁଳନାରେ ଏହି କ୍ୟାପ୍‌ସୁଲ୍ ୱାର୍ଡରବ୍‌ର ବେଶ୍ ଲୋକପ୍ରିୟତା ରହିଛି । ଏ ପ୍ରକାର ୱାର୍ଡରବ୍ ଗୋଟିଏ ଛୋଟ କୋଠରୀରେ ମଧ୍ୟ ସୁବିଧାଜନକ ଭାବେ ରଖାଯାଇପାରିବ । ମିନିମାଲିଷ୍ଟ ଫ୍ୟାସନିଷ୍ଟାଙ୍କୁ ଏ ପ୍ରକାର ୱାର୍ଡରବ୍ ଖୁବ୍ ଉପକାରୀ ହୋଇଥାଏ । କାରଣ ଏହା ଦ୍ୱାରା ୱାର୍ଡରବ୍‌ରେ କମ୍ ପୋଷାକ ରଖି ମଧ୍ୟ ଜଣେ ନିଜକୁ ଷ୍ଟାଇଲିସ୍ ଲୁକ୍ ଦେଇପାରିବେ । କ୍ୟାପସୁଲ ୱାର୍ଡରବ୍‌ରେ କେବଳ ଜରୁରୀ ସାମଗ୍ରୀ ରଖାଯାଇଥାଏ । ଯାହାକୁ ବିଶେଷ ଦିନରେ ପରିଧାନ କରିପାରିବେ । ଏହା ସାହାଯ୍ୟରେ କମ୍ ବଜେଟ୍‌ରେ ମଧ୍ୟ ଷ୍ଟାଇଲିସ୍ ଲୁକ୍ ପାଇପାରିବେ । ତେବେ ଜାଣିବା ମିନିମାଲିଷ୍ଟ ଫ୍ୟାସନିଷ୍ଟା ୱାର୍ଡରବ୍‌ରେ କେଉଁ ଜିନିଷ ରଖିବା ଜରୁରୀ ।**

### କ୍ଲାସି ଟପ୍ସ

କିଛି ଭଲ ତଥା କଳା, ଧଳା କିମ୍ବା ଧୂସର ରଙ୍ଗର ଟି-ସାର୍ଟ ନିଜ ୱାର୍ଡରବ୍‌ରେ ସାମିଲ କରନ୍ତୁ । ଏହା ଉଭୟ ଆଉଟିଂ ସହ ଅଫିସ୍ ଲୁକକୁ ପାଇଁ ପରଫେକ୍ଟ ହୋଇଥାଏ । ଏହା ସହିତ ଏକ କ୍ଲାସିକ୍ ଡାଉନ ବଟନ ସାର୍ଟ ଅଫିସ ପାଇଁ ରଖିପାରିବେ । କାଜୁଆଲ ଲୁକ୍ ଚାହୁଁଥିଲେ ଏହାକୁ ଡେନିମ୍ ସହ ପରିଧାନ କରିପାରିବେ ।

### କଳା ଜିନ୍ସ

ନିଜ ୱାର୍ଡରବ୍‌ରେ ଏକ କଳା ରଙ୍ଗର ଭଲ ଫିଟିଙ୍ଗ ଜିନ୍ସ ରଖନ୍ତୁ । ଚାହିଁଲେ କଟନ୍ ଓ ଲେଲିନ୍ କପଡ଼ାର ଏକ ଢ଼ିଲା ପ୍ୟାଣ୍ଟ ମଧ୍ୟ ରଖିପାରିବେ । ଏହା ସହ ଗୋଟିଏ ଡେନିମ୍ ଜ୍ୟାକେଟ୍ ରଖନ୍ତୁ, ଯାହାକୁ ବିଭିନ୍ନ ଋତୁରେ କୁର୍ତ୍ତି, ସାର୍ଟ,ତଥା ଟପ୍ସ ସହ ପରିଧାନ କରି ନିଜକୁ ଷ୍ଟାଇଲିସ୍ ଲୁକ୍ ଦେଇପାରିବେ ।

### ୱାନ୍ ପିସ୍ ଡ୍ରେସ୍

ଗୋଟିଏ ଛୋଟ ୱାନପିସ୍ ଡ୍ରେସ୍ ୱାର୍ଡରବ୍‌ରେ ନିଶ୍ଚୟ ରଖନ୍ତୁ । ଏହା ସହ ଜୁଏଲାରୀ ପରିଧାନ କରି ନିଜକୁ ଷ୍ଟାଇଲିଶ୍ ଲୁକ୍ ଦେଇପାରିବେ । ସେହି ପରି ଆଣ୍ଠୁ ପର୍ଯ୍ୟନ୍ତ ପଡୁଥିବା ୱାନ୍ ପିସ୍ ଡ୍ରେସ ସମସ୍ତଙ୍କୁ ଖୁବ୍ ସୁନ୍ଦର ମାନିଥାଏ । ଏହା ସହ ବିଶେଷ କରି ଖରାଦିନ ପାଇଁ ଏକ ମ୍ୟାକ୍ସି ଡ୍ରେସ ୱାର୍ଡରବ୍‌ରେ ନିଶ୍ଚୟ ରଖନ୍ତୁ ।

### ଆସେସରିଜ୍

ମିନିମାଲିଷ୍ଟ ଫ୍ୟାସନିଷ୍ଟାଙ୍କ ୱାର୍ଡରବ୍‌ରେ ଉତ୍ସବ ଅନୁଯାୟୀ ସବୁପ୍ରକାର ଉପସାଧନ ରହିଥାଏ । ସେହିପରି ଷ୍ଟେଟ୍‌ମେଣ୍ଟ ନେକ୍‌ଲେସ୍ ଓ ଜୋତାକୁ କୁର୍ତ୍ତି ସହ ପିନ୍ଧିଲେ ଖୁବ୍ ସୁନ୍ଦର ଦେଖାଯାଏ । ଏଥି ସହିତ ନିଜ ପସନ୍ଦ ମୁତାବକ ଜିନିଷ ରଖିପାରିବେ ।

# ବିନା ତେଲରେ ସୋୟାବିନ୍ ତରକାରି

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ସୋୟାବିନ୍ ବଡ଼ି- ୧୦୦ ଗ୍ରାମ, କଟା ପିଆଜ - ଏକ କପ୍, କଟା ଟମାଟୋ - ଅଧା କପ୍, ଅଦା ରସୁଣ ପେଷ୍ଟ - ଏକ ଚାମଚ, ନଡ଼ିଆ - କ୍ଷୀର ଏକ କପ୍, କଟା କଞ୍ଚାଲଙ୍କା - ଅଳ୍ପ, ଭୃସଙ୍ଗପତ୍ର - ଅଳ୍ପ, ପାନମହୁରୀ - ଅଳ୍ପ, ଲଙ୍କାଗୁଣ୍ଡ - ଅଧଚମଚ, ହଳଦିଗୁଣ୍ଡ - ଅଧା ଚାମଚ, ଧନିଆଗୁଣ୍ଡ - ଅଧା ଚାମଚ, ଗରମ ମସଲା - ଅଧା ଚାମଚ, ଧନିଆ ପତ୍ର - କଟା ଅଳ୍ପ, ଲୁଣ ସ୍ୱାଦ ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚୁଲି ଲଗାଇ ଗରମପାଣି ବସାନ୍ତୁ । ସେଥିରେ ଲୁଣ ଓ ସୋୟାବିନ୍ ପକାନ୍ତୁ । ସୋୟାବିନ୍ ଫୁଲିଗଲା ପରେ ପାଣିରୁ ଛାଣି ଏକ ପ୍ଲେଟ୍‌ରେ ରଖନ୍ତୁ । ଏହାପରେ ଏକ ପ୍ରେସରକୁକର୍ ନିଅନ୍ତୁ । ସେଥିରେ ଛାଣି ରଖିଥିବା ସୋୟାବିନ୍, ପିଆଜ, ଟମାଟୋ, ଅଦା ରସୁଣ ପେଷ୍ଟ, କଞ୍ଚାଲଙ୍କା, ହଳଦିଗୁଣ୍ଡ, ଲଙ୍କାଗୁଣ୍ଡ, ଗରମ ମସଲା, ଧନିଆ ଗୁଣ୍ଡ, ଲୁଣ, ପାନମହୁରୀ, ଭୃସଙ୍ଗପତ୍ର, ଲୁଣ ଓ ପାଣି ଦେଇ ଚୁଲିରେ ବସାନ୍ତୁ । ତିନିଟି ହ୍ୱିସିଲ୍ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଏହା ପରେ ଢ଼ାଙ୍କୁଣୀ ଖୋଲି ସେଥିରେ ରଖିଥିବା ନଡ଼ିଆ ରସ ପକାନ୍ତୁ । ପରେ ସେଥିରେ କାଟି ରଖିଥିବା ଧନିଆ ପତ୍ର ଓ ଗରମ ମସଲା ପକାଇ ପରଷି ଦିଅନ୍ତୁ ବିନା ତେଲରେ ପ୍ରସ୍ତୁତ ସୋୟାବିନ୍ ତରକାରି ।

## ଆଜିର ଇତିହାସ

- ୧୯୦୫- କାଙ୍ଗ୍ରା ଘାଟିରେ ଭୂମିକମ୍ପ ହେବାରୁ ପାଖାପାଖି ୨୦,୦୦୦ ଲୋକଙ୍କ ମୃତ୍ୟୁ।
- ୧୯୧୬-ପ୍ରଥମ ବିଶ୍ୱଯୁଦ୍ଧରେ ଭାଗ ନେବା ପାଇଁ ଆମେରିକୀୟ ସିନେଟ୍ ମଞ୍ଜୁରି ଦେଲା।
- ୧୯୪୯-ଉତ୍ତର ଆଟ୍‌ଲାଣ୍ଟିକ୍ ସୈନ୍ୟ ସଂଗଠନ(ନାଟୋ)ର ସ୍ଥାପନା।
- ୧୯୭୯- ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଜୁଲ୍ ଫିକର୍ ଅଲ୍ଲୀ ଭୁଟ୍ଟୋଙ୍କୁ ଫାଶୀଦିଆଗଲା।
- ୨୦୦୪- ଭାରତ-ନେପାଳ ସୀମାରେ ମାଓବାଦୀମାନେ ୧୮ ଭାରତୀୟ ତେଲ ଟ୍ୟାଙ୍କରରେ ନିଆଁ ଲଗାଇ ଦେଲେ।
- ୨୦୧୩- ମହାରାଷ୍ଟ୍ରର ଥାନେରେ ଏକ କୋଠା ଭୁଷୁଡ଼ି ପାଖାପାଖି ୮୦ ଲୋକଙ୍କ ମୃତ୍ୟୁ।

# ଶାଢ଼ି ପିନ୍ଧୁଥିଲେ ସାବଧାନ



କ୍ୟାନ୍ସର ବା କର୍କଟ ଶବ୍ଦଟି ଶୁଣିଲା ମାତ୍ରେ ଜଣଙ୍କ ମନରେ ଏକ ଅଜଣା ଭୟ ଓ ନୈରାଶ୍ୟ ଭାବନା ଉଙ୍କି ମାରିଥାଏ। ସାରା ବିଶ୍ୱରେ ଦିନକୁ ଦିନ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଯକୃତ୍ କର୍କଟ, ଫୁସ୍‌ଫୁସ୍ କର୍କଟ, ରକ୍ତ କର୍କଟ, ମୁଖଗହ୍ୱର କର୍କଟ, ଚର୍ମ କର୍କଟ ବିଷୟରେ ଆମେ ଶୁଣିଛୁ । ତେବେ ଏବେ ଏକ ନୂଆ ପ୍ରକାର କର୍କଟ ବିଷୟରେ ଜଣାପଡ଼ିଛି ତାହା ହେଉଛି ଶାଢ଼ି କ୍ୟାନ୍ସର ବା କର୍କଟ। ଭାରତୀୟ ମହିଳାଙ୍କ ପାରମ୍ପରିକ ପରିଧାନ ଶାଢ଼ି ବି କର୍କଟର କାରଣ ହୋଇପାରେ। ନିକଟରେ ଆସିଥିବା ଏକ ରିପୋର୍ଟରୁ ଏଭଳି ଏକ ଆଚମ୍ବିତ କଲା ଭଳି ତଥ୍ୟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ଶାଢ଼ି ପିନ୍ଧିବାର ଭୁଲ୍ ଶୈଳୀ ଯୋଗୁଁ ଏହା କର୍କଟର କାରଣ ହୋଇପାରେ। ଏହି ଶାଢ଼ି କ୍ୟାନ୍ସର୍ କେବଳ ଭାରତରେ ଦେଖିବାକୁ ମିଳେ। କାରଣ ଭାରତୀୟ ମହିଳାମାନେ ହିଁ ଶାଢ଼ି ପିନ୍ଧନ୍ତି। ଡାକ୍ତରୀ ଭାଷାରେ ଏହାକୁ Squamous Cell carcinoma (SCC) କୁହାଯାଉଛି। ଭାରତୀୟ ମହିଳାମାନେ ବର୍ଷସାରା ଶାଢ଼ି ପିନ୍ଧନ୍ତି। ଶାଢ଼ିକୁ ପିନ୍ଧିବା ପାଇଁ ସାୟାର ଡୋରକୁ ବେଶ୍ ଜୋରରେ ବନ୍ଧାଯାଏ। ଦିଲ୍ଲୀର PSRI ହସ୍ପିଟାଲର କ୍ୟାନ୍ସର ସର୍ଜନ ଡକ୍ଟର ବିବେକ ଗୁପ୍ତାଙ୍କ ଅନୁଯାୟୀ, ଯଦି ଜଣେ ମହିଳା ଦୀର୍ଘ ସମୟ ଧରି ସମାନ ପୋଷାକ ପିନ୍ଧନ୍ତି, ତେବେ ତାହା ଅଣ୍ଟାରେ ଘଷିହେବା ଆରମ୍ଭ କରେ। ସେଠାରେ ଥିବା ଚର୍ମ କଳା ହୋଇଯାଏ। ବାରମ୍ବାର ତ୍ୱଚାର ସେହି ସ୍ଥାନ ଛିଣ୍ଡିବା ଓ ରଗଡ଼େଇ ହେବା ଯୋଗୁ ଏହା କର୍କଟର କାରଣ ହୋଇପାରେ। ତେବେ ପୋଷାକ ଅପେକ୍ଷା ଶାଢ଼ି କ୍ୟାନ୍ସର ପାଇଁ ସ୍ୱଚ୍ଛତା ଅଧିକ ଦାୟୀ। କାରଣ ଯେଉଁ ସ୍ଥାନରେ ଅଧିକ ଉତ୍ତାପ ଏବଂ ଆର୍ଦ୍ରତା ଥାଏ, ସେଠାରେ ଏହି କର୍କଟ ରୋଗ ହେବାର ଆଶଙ୍କା ଅଧିକ ଥାଏ। ମହିଳାଙ୍କଠାରେ ଦେଖାଯାଉଥିବା କ୍ୟାନସର୍ ମଧ୍ୟରେ ମାତ୍ର ଏକ ପ୍ରତିଶତ ଶାଢ଼ି କ୍ୟାନ୍ସର୍ ହୋଇଥାଏ। ଶାଢ଼ି କ୍ୟାନ୍ସର୍ ବିଷୟରେ ବମ୍ବେର ଆର୍‌ଏନ୍ କୁପର୍ ହସ୍‌ପିଟାଲ ପ୍ରଥମେ ଖୁଲାସା କରିଥିଲା। ଏହି ହସ୍‌ପିଟାଲର ଡାକ୍ତରମାନେ ହିଁ ଏହାକୁ ଶାଢ଼ି କ୍ୟାନସର୍ ନାମ ଦେଇଛନ୍ତି। କାରଣ ଏହି ହସ୍‌ପିଟାଲରୁ ହିଁ ପ୍ରଥମେ ଶାଢ଼ି କ୍ୟାନ୍ସର୍ ସମ୍ପର୍କରେ ଜଣାପଡ଼ିଥିଲା। ହସ୍‌ପିଟାଲରେ ଚିକିତ୍ସିତ ଜଣେ ୬୮ ବର୍ଷୀୟ ମହିଳାଙ୍କ ଠାରେ ଶାଢ଼ି କ୍ୟାନ୍ସର୍ ଦେଖିବାକୁ ମିଳିଥିଲା। ସେ ୧୩ ବର୍ଷ ବୟସରୁ ଶାଢ଼ି ପିନ୍ଧିବା ଆରମ୍ଭ କରିଥିଲେ। ସେହିଭଳି କାଶ୍ମୀର ଲୋକଙ୍କ ଠାରେ କାଙ୍ଗ୍ରି କର୍କଟ ଦେଖିବାକୁ ମିଳେ। ଏହା ଏକ ପ୍ରକାର ଚର୍ମ କର୍କଟ। ସାଧାରଣତଃ କାଶ୍ମୀରରେ ଅତ୍ୟଧିକ ଥଣ୍ଡା ଯୋଗୁ ଲୋକେ ପୋଷାକ ଭିତରେ ମାଟି ପାତ୍ରରେ ଅଳ୍ପ ନିଆଁ ରଖି ଉଷୁମ ହୁଅନ୍ତି। ଫଳରେ ପେଟ ଏବଂ ଜଙ୍ଘ ଦ୍ୱାରା ପ୍ରାପ୍ତ ଏହି କ୍ରମାଗତ ଉତ୍ତାପ କର୍କଟ ରୋଗର କାରଣ ହୋଇପାରେ। ସେହିପରି ଟାଇଟ୍ ଫିଟ୍ ଜିନ୍ସ ମଧ୍ୟ କର୍କଟର କାରଣ ହୋଇପାରେ। ଟାଇଟ୍ ଜିନ୍ସ ପିନ୍ଧିବା ଯୋଗୁ ଶରୀରରେ ଅମ୍ଳଜାନ ଠିକ୍ ଭାବେ ପହଞ୍ଚି ପାରେନି। ଜିନ୍ସ ପୁରୁଷମାନଙ୍କ ତଳି ପେଟର ତାପମାତ୍ରାକୁ ବଢ଼ାଇଥାଏ, ଯାହା ଶୁକ୍ରାଣୁ ସଂଖ୍ୟାକୁ ହ୍ରାସ କରିପାରେ ଏବଂ ଏଥିଯୋଗୁ ଟେଷ୍ଟିକୁଲାର କ୍ୟାନ୍ସର ହୋଇପାରେ। ଯଦିଓ ଏହି ଅନୁସନ୍ଧାନର ଠୋସ୍ ଫଳାଫଳ ଏପର୍ଯ୍ୟନ୍ତ ସାମ୍ନାକୁ ଆସି ନାହିଁ, ତେବେ ଏପରି କ୍ୟାନ୍ସରରୁ ଦୂରେଇବା ପାଇଁ ଟାଇଟ୍ ପୋଷାକ ପିନ୍ଧିବାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଛି।

# ୧୨୩ ଫୁଟର ଦୋସା



ସାଧାରଣତଃ ଦୋସାର ଆକାର ଲମ୍ବା ହୋଇଥାଏ। କିନ୍ତୁ ଅନେକ ସମୟରେ ଏହାକୁ ଆବଶ୍ୟକତାଠୁ ଅଧିକ ଲମ୍ବା କରି ରେକର୍ଡ କରିବାକୁ ସେଫ୍‌ମାନେ ଚେଷ୍ଟା ଚଳାଇଥାନ୍ତି। ନିକଟରେ ବେଙ୍ଗାଲୁରୁର ଏମ୍‌ଟିଆର୍ ଫ୍ୟାକ୍ଟ୍ରିରେ ତିଆରି କରାଯାଇଛି ବିଶ୍ୱର ସବୁଠୁ ଲମ୍ବା ଦୋସା। ୭୫ ଜଣ ସେଫ୍ ମିଶି ଏହି ବିଶାଳକାୟ ଦୋସାକୁ ତିଆରି କରିଥିଲେ। ସେହିପରି ସେଫ୍ ରେଗି ମାଥ୍ୟୁ ଏହାର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି। ଦୋସାର ଲମ୍ବ ୧୨୩.୦୩ ଫୁଟ ହୋଇଥିବାରୁ ଏହାକୁ ବିଶ୍ୱର ଲମ୍ବା ଦୋସାର ଆଖ୍ୟା ମିଳିଛି । ଅବଶ୍ୟ ସେମାନଙ୍କ ପାଇଁ ଏଭଳି ଏକ ଉପଲବ୍ଧି ହାସଲ କରିବା ଆଦୌ ସହଜ ନ ଥିଲା। କାରଣ ପ୍ରଥମେ ଏହାକୁ ତିଆରି କରିବାରେ ସେମାନେ ସଫଳ ହୋଇ ନ ଥିଲେ। ୧୧୦ ଥର ଦୋସା ତିଆରି କରି ଅସଫଳ ହେବା ପରେ ମାଥ୍ୟୁ ଓ ତାଙ୍କ ଟିମ୍‌କୁ ଏହି ସଫଳତା ମିଳିଛି। ଏହାପୂର୍ବରୁ ଏମ୍‌ଟିଆର୍ ୫୪ ଫୁଟ ଲମ୍ବା ଦୋସା କରି ବିଶ୍ୱରେକର୍ଡ କରିଥିଲା।

## ଆଜିର ବ୍ୟକ୍ତିତ୍ୱ

# ସ୍ୱଭାବ କବି ଗଙ୍ଗାଧର ମେହେର



ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଓଡ଼ିଆ ସାହିତ୍ୟ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ଆର୍ବିଭାବ ହୋଇଥିଲା। ସେ ତାଙ୍କ ଲେଖା ମାଧ୍ୟରେ ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ। ଏକାଧାରରେ ସେ ପ୍ରକୃତି କବି, ସ୍ୱଭାବ କବି ଭାବେ ପରିଚିତ ଥିଲେ । ବିଶେଷ କରି ପୌରାଣିକ ବିଷୟ ଏବଂ ପ୍ରାକୃତିକ ଶୋଭାରାଜି ଉପରେ କବିଙ୍କ ରଚନା ବେଶ୍ ହୃଦୟସ୍ପର୍ଶୀ। ଗୌରବ-ମଣ୍ଡିତ ପ୍ରାଚୀନ ସାହିତ୍ୟର ପରମ୍ପରା ସଂରକ୍ଷଣ ସହ ଉନ୍ନତ ଭାଷା ଓ ଭାବର ଉପାଦାନରେ ନବୀନ ସାହିତ୍ୟର ସୃଷ୍ଟି ତାଙ୍କ ସାହିତ୍ୟର ବୈଶିଷ୍ଟ୍ୟ ଅଟେ। "ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ, ତାକୁ ଯେବେ ଜ୍ଞାନୀ-ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ?" ମାତୃଭାଷାର ମହତ୍ତ୍ୱ ପ୍ରତିପାଦନ କରିବାକୁ ଯାଇ ଏଭଳି କାଳଜୟୀ ପଙ୍‌କ୍ତି ରଚନା କରିଥିଲେ ଗଙ୍ଗାଧର ମେହେର। ତେବେ କବିଙ୍କ ଲେଖନୀରେ କେବଳ ଆଦର୍ଶ ଯେ, ଉଚ୍ଚସ୍ଥାନ ପାଇଛି ତା' ନୁହେଁ, ସେ ମାନବିକତାର ମଧ୍ୟ ଜୟଗାନ କରିଛନ୍ତି । ତାଙ୍କ ନାମ ଉଚ୍ଚାରଣ କରିବା କ୍ଷଣି 'ତପସ୍ୱିନୀ' କାବ୍ୟର 'ମଙ୍ଗଳେ ଅଇଲା ଉଷା' ପଦକୁ ଅନେକେ ମନେ ପକାନ୍ତି। ଗଙ୍ଗାଧର ୧୮୬୨ ମସିହା ଅଗଷ୍ଟ ୯ ତାରିଖରେ ଅବିଭକ୍ତ ସମ୍ବଲପୁର ବର୍ତ୍ତମାନ ବରଗଡ଼ ଜିଲ୍ଲା ବରପାଲିରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରେ ଦାରିଦ୍ର୍ୟର କଷାଘାତ ଯୋଗୁଁ ସେ ଅଧିକ ଶିକ୍ଷାଲାଭ କରିପାରି ନ ଥିଲେ। କିନ୍ତୁ ପିଲାଦିନରୁ ସେ କବିତା ଲେଖିବା ଆରମ୍ଭ କରିଥିଲେ। ଓଡ଼ିଶାର ପୁରାତନ କବିମାନଙ୍କ ପଦାଙ୍କ ଅନୁସରଣ କରି ସେମାନଙ୍କ ଶୈଳୀରେ ସେ ନିଜର ପ୍ରଥମ ଲେଖା ସବୁ ଲେଖିଥିଲେ। ତାଙ୍କର ଆଦ୍ୟ ରଚନାବଳୀ ଭିତରେ 'ରସ ରତ୍ନାକର' ଓ 'ଅହଲ୍ୟାସ୍ତବ' ଅନ୍ୟତମ। ସ୍ୱଳ୍ପ ଶିକ୍ଷା ସତ୍ତ୍ୱେ ବି ତାଙ୍କର ଓଡ଼ିଆ ଓ ସଂସ୍କୃତ ଭାଷାରେ ଗଭୀର ଜ୍ଞାନ ଥିଲା। ଏକ ସାଧାରଣ ଚାକିରି କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ସେଥିପାଇଁ ତାଙ୍କୁ ବହୁ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଥିଲା । ପରବର୍ତ୍ତୀ ସମୟରେ ତାଙ୍କ ପ୍ରତିଭାଦୀପ୍ତ ଓ ପ୍ରଚଣ୍ଡ ସୃଜନଶୀଳ ସତ୍ତା ସୃଷ୍ଟି କରିଥିଲା ବହୁ କାଳଜୟୀ କାବ୍ୟ ଓ କବିତା। ଓଡ଼ିଆ ଭାଷା ମହାସଙ୍କଟ ଦେଇ ଗତି କରୁଥିଲାବେଳେ 'ଇନ୍ଦୁମତୀ', 'କୀଚକବଧ', 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'ଉତ୍କଳ ଲକ୍ଷ୍ମୀ', 'ଅଯୋଦ୍ଧ୍ୟାଦୃଶ୍ୟ' ଭଳି ଉଚ୍ଚକୋଟୀର କାବ୍ୟ ଓ କବିତା ରଚନା କରି ଓଡ଼ିଆ ଭାଷା ଆନ୍ଦୋଳନକୁ ସେ ତେଜୀୟାନ କରିଥିଲେ । 'ଅର୍ଘ୍ୟଥାଳି' ହେଉଛି ତାଙ୍କର ଲୋକପ୍ରିୟ କବିତା ସଂଗ୍ରହ। ତାଙ୍କ ରଚିତ ଶେଷ କାବ୍ୟ ଥିଲା 'ପଦ୍ମିନୀ'। ଗଙ୍ଗାଧରଙ୍କ କବିତାଗୁଡ଼ିକ ଯେତିକି ସୁନ୍ଦର, ତାଙ୍କର ଜୀବନଶୈଳୀ ବି ଥିଲା ବେଶ୍ ସାବଲୀଳ। ତାଙ୍କର ଚାଲିଚଳଣ, କଥାବାର୍ତ୍ତା, ଆଚାର ବ୍ୟବହାର ଥିଲା ସମସ୍ତଙ୍କ ପାଇଁ ଗ୍ରହଣୀୟ। ୧୯୨୪ ମସିହା ଆଜିର ଦିନରେ ଏହି ସାରସ୍ୱତ ସାଧକଙ୍କର ପରଲୋକ ଘଟିଥିଲା। ଚଳିତବର୍ଷ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ପାଳନ କରାଯାଉଛି।

# ମହାନ୍ ବିପ୍ଳବୀ ଶହୀଦ ରଘୁ-ଦିବାକର



ନୟାଗଡ଼ ଜିଲ୍ଲା ତତ୍କାଳୀନ ରଣପୁରଗଡ଼ ରାଜ୍ୟରେ ଅତ୍ୟାଚାରୀ ରାଜାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା । ରଣପୁରରେ ପ୍ରଜାମେଳି ଗଢ଼ି ଏହି ଦୁଇ ସଂଗ୍ରାମୀ ବନ୍ଧୁ ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ରଣପୁର ରାଜାଙ୍କ ଅମାନୁଷିକ ଅତ୍ୟାଚାରକୁ ବିରୋଧ କରି ରଣପୁରଗଡ଼ର ଜନସାଧାରଣ ୧୯୩୮ ମସିହାରେ ପ୍ରଜାମେଳି ଗଢ଼ି ଆନ୍ଦୋଳନକୁ ବ୍ୟାପକ କରାଇଥିଲେ । ୧୯୩୯ ମସିହାରେ ରଣପୁର ଅଞ୍ଚଳର ହଜାର ହଜାର ପ୍ରଜା ମେଳିବାନ୍ଧି ଅତ୍ୟାଚାରୀ ରାଜାଙ୍କ ରାଜବାଟୀ ଅଭିମୁଖେ ଅଗ୍ରସର ହୋଇଥିଲେ । ଏହାଦେଖି ତତ୍କାଳୀନ ରାଜା ତାଙ୍କ ରାଜନୈତିକ ଅନୁଚର ଆର୍.ଏଲ୍. ବେଜେଲଗେଟ୍ ସାହେବଙ୍କୁ ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ରଣପୁର ଡକାଇଥିଲେ। ଉତ୍ତ୍ୟକ୍ତ ପ୍ରଜାମାନେ ବେଜେଲଗେଟ୍‌ଙ୍କୁ ପ୍ରବଳ ବିରୋଧ କରିଥିଲେ । ଏହାକୁ ଦେଖି ବେଜେଲଗେଟ୍‌ଙ୍କ ନେତୃତ୍ୱରେ ବ୍ରିଟିଶ ଫୌଜ ପ୍ରଜାଙ୍କ ଉପରେ ଗୁଳିବର୍ଷା କରିବାରୁ ସେହି ସ୍ଥାନରେ ଜଣେ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହୋଇଥିଲା । ଆଉ ଏହାପରେ ଉତ୍ତ୍ୟକ୍ତ ଲୋକେ ବେଜେଲଗେଟ୍‌ଙ୍କୁ ବାଉଁଶ ଠେଙ୍ଗାରେ ପିଟିପିଟି ହତ୍ୟା କରିଥିଲେ । ଏହି ହତ୍ୟାକାଣ୍ଡ ଯୋଗୁଁ କେବଳ ଭାରତ ନୁହେଁ, ବ୍ରିଟିଶ ପାର୍ଲାମେଣ୍ଟ ମଧ୍ୟ ଥରହର ହୋଇଥିଲା। ଏହା ପୂର୍ବରୁ ଭାରତର ସ୍ୱାଧୀନତା ସଂଗ୍ରାମରେ ପଲିଟିକାଲ୍ ଏଜେଣ୍ଟ ଭଳି ବ୍ରିଟିଶ୍ ସରକାରଙ୍କ କୌଣସି ଉଚ୍ଚପଦସ୍ଥ ଅଫିସର୍ ନିହତ ହୋଇ ନ ଥିଲେ। ବେଜେଲଗେଟ୍‌ଙ୍କୁ ପ୍ରଜାମାନେ ହତ୍ୟା କରିଥିବା ଖବର ପାଇ ଶହଶହ ବ୍ରିଟିଶ ବାହିନୀ ରଣପୁରଗଡ଼ରେ ପହଞ୍ଚିଥିଲେ । ବେଜେଲଗେଟ୍‌ଙ୍କ ମୃତ୍ୟୁ ପାଇଁ ବିଦ୍ରୋହୀ ଦିବାକର ଓ ତାଙ୍କ ସାଥୀ ରଘୁନାଥଙ୍କୁ ଦାୟୀ କରି ଗିରଫ କରାଗଲା । ଫିରିଙ୍ଗି ବିଚାରପତି ଦିବାକର ଓ ରଘୁନାଥଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ । ୧୯୪୧ ମସିହା ଆଜିର ଦିନରେ ବିହାର ଭାଗଲପୁର ଜେଲରେ ରଘୁ-ଦିବାକରଙ୍କୁ ଫାଶୀଖୁଣ୍ଟରେ ଝୁଲାଇ ଦିଆଗଲା । ଏହି ଦୁଇ ବିପ୍ଳବୀ ସେମାନଙ୍କ ସାହସିକତା, ତ୍ୟାଗ, ସାଧନା, ବୀରତ୍ୱ ଓ ଏକାଗ୍ରତା ଯୋଗୁଁ ଚିରଦିନ ପାଇଁ ଅମର ହୋଇଯାଇଛନ୍ତି।

# ବୋନି ଆଣିବେ 'ୱାଣ୍ଟେଡ୍'ର ସିକ୍ୱେଲ

ବୋନି କପୁର ବଲିଉଡ୍‌ର ଜଣେ ସଫଳ ପ୍ରଯୋଜକ ଭାବେ ଜଣାଶୁଣା। ସେ ଇଣ୍ଡଷ୍ଟ୍ରୀକୁ ଅନେକ ସୁପରହିଟ୍ ଫିଲ୍ମ ଦେଇଛନ୍ତି। ଏବେ ବୋନି ତାଙ୍କ କ୍ୟାରିୟରର ଦୁଇଟି ବ୍ଲକ୍‌ବଷ୍ଟର୍ ଫିଲ୍ମର ସିକ୍ୱେଲ ଆଣିବା ପାଇଁ ଘୋଷଣା କରିଛନ୍ତି। ଏହି ଦୁଇଟି ଫିଲ୍ମ ହେଲା 'ୱାଣ୍ଟେଡ୍-୨' ଓ 'ମିଷ୍ଟର୍ ଇଣ୍ଡିଆ-୨'। ସୁପରଷ୍ଟାର୍ ସଲମାନ୍ ଖାନ୍‌ଙ୍କ ଅଭିନୀତ 'ୱାଣ୍ଟେଡ୍' ଫିଲ୍ମ ୨୦୦୮ ରେ ମୁକ୍ତିଲାଭ କରିଥିଲା। ଏଥିରେ ସଲମାନ୍ ରାଧେ ଭୂମିକାରେ ବେଶ୍ ଜବରଦସ୍ତ ଅଭିନୟ କରିଥିଲେ। ସଲମାନ୍‌ଙ୍କ ସହ ଏଥିରେ ପ୍ରକାଶରାଜ, ଆୟେଶା ଟାକିଆ, ମହେଶ ମାଞ୍ଜେରକର, ବିନୋଦ ଖାନ୍ନା ନଜର ଆସିଥିଲେ। ଏହାର ସିକ୍ୱେଲକୁ ଦର୍ଶକେ ୧୬ ବର୍ଷ ଧରି ଅପେକ୍ଷା କରିଛନ୍ତି। ଫିଲ୍ମର ପ୍ରଯୋଜକ ବୋନି କପୁରଙ୍କ ସହ ସଲମାନ୍‌ଙ୍କ ସମ୍ପର୍କ ଖରାପ ହେବାରୁ ଏହାର ସିକ୍ୱେଲକୁ ନେଇ ଅନିଶ୍ଚିତତା ଦେଖାଯାଇଥିଲା। କିନ୍ତୁ ନିକଟରେ ବୋନି ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ସେ 'ୱାଣ୍ଟେଡ୍'ର ସିକ୍ୱେଲ ଆଣୁଥିବା କଥା କହିଥିଲେ। ସଲମାନ୍ ମଧ୍ୟ ଏହି ଫିଲ୍ମରେ କାମ କରିବା ପାଇଁ ରାଜି ଥିବା କଥା ସେ କହିଛନ୍ତି। ବୋନି 'ମିଷ୍ଟର ଇଣ୍ଡିଆ'ର ମଧ୍ୟ ସିକ୍ୱେଲ ନିର୍ମାଣ ପାଇଁ ସ୍ଥିର କରିଥିବା ଜଣାପଡ଼ିଛି।



# ଶିଡ଼ି ତଳେ ରଖନ୍ତୁନି ଏହି ଜିନିଷ

**ବାସ୍ତୁ ଶାସ୍ତ୍ର ଅନୁସାରେ, ଘରେ ରଖାଯାଇଥିବା ପ୍ରତିଟି ଜିନିଷ ବ୍ୟକ୍ତିର ଆର୍ଥିକ, ଶାରୀରିକ ଓ ମାନସିକ ସ୍ଥିତି ଉପରେ ଶୁଭାଶୁଭ ପ୍ରଭାବ ପକାଏ। ଆଜିକାଲି ଲୋକେ ବହୁତ କମ୍ ଜାଗାରେ ଘର କରୁଥିବାରୁ ଶିଡ଼ି ଘରେ କିଛି ଜିନିଷ ନିର୍ମାଣ କରି ଦେଉଛନ୍ତି। ଯାହା ବାସ୍ତୁଦୋଷର କାରଣ ପାଲଟି ଯାଉଛି। ବାସ୍ତୁ ଅନୁସାରେ, ଘର ନିର୍ମାଣ ସମୟରେ ଶିଡ଼ି ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଘରର ଭୁଲ୍ ଦିଗରେ ଶିଡ଼ି ନିର୍ମାଣ ଦ୍ୱାରା ଆର୍ଥିକ ସଙ୍କଟ ଦେଖାଯିବା ସହ ପରିବାର ସଦସ୍ୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥାଏ। ତେବେ ଶିଡ଼ି ନିର୍ମାଣ ସମୟରେ କେତୋଟି କଥା ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି।**

- ଶିଡ଼ି ତଳେ ଶୌଚାଳୟ, ରୋଷେଇ ଘର, ପୂଜାଘର, ପଢ଼ାଘର କିମ୍ବା ଷ୍ଟୋର୍ ରୁମ୍ ରଖିବା ଅନୁଚିତ। ଏହାଦ୍ୱାରା ପରିବାର ସଦସ୍ୟଙ୍କ ମଧ୍ୟରେ କଳି ଝଗଡ଼ା ଲାଗି ରୁହେ।
- ଘରର ଶିଡ଼ି ସବୁବେଳେ ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ହେବା ଉଚିତ୍।
- ଉତ୍ତର କିମ୍ବା ପୂର୍ବ ଦିଗରେ ଶିଡ଼ି ଥିଲେ, ଏଥିଯୋଗୁଁ ଆର୍ଥିକ ଅନଟନ ଦେଖାଯାଏ ବୋଲି କୁହାଯାଏ।
- ଶିଡ଼ି ତଳେ ଡଷ୍ଟବିନ୍ ରଖିବା ଅନୁଚିତ। ଏଥିଯୋଗୁ ବାସ୍ତୁଦୋଷ ସୃଷ୍ଟି ହୋଇଥାଏ।
- ସେହିଭଳି ଶିଡ଼ି ତଳେ ଜୋତା କିମ୍ବା ଜୋତା ଷ୍ଟାଣ୍ଡ ରଖିବା ଅନୁଚିତ। ଏହାଦ୍ୱାରା ଘରେ ଅର୍ଥର ଅଭାବ ଦେଖାଯାଏ।



## ଆଜିର ରାଶିଫଳ

**ମେଷ:** ଅଟକି ଥିବା କାମ ପୂରା ହେବ। ଅଚାନକ ଖୁସି ଖବର ପାଇପାରନ୍ତି। ବ୍ୟବସାୟ ଯୋଜନା ସମ୍ପର୍କରେ ଅନ୍ୟ ଆଗେ ସେୟାର କରନ୍ତୁନି। ପିଲାଙ୍କ କ୍ୟାରିୟରକୁ ନେଇ ଅଭିଭାବକ ବ୍ୟସ୍ତ ରହିବେ।

**ବୃଷ:** ଧନପ୍ରାପ୍ତି ଯୋଗ ରହିଛି। ଧାର୍ମିକ କାର୍ଯ୍ୟରେ ଯୋଗଦେବେ। ପଡ଼ୋଶୀଙ୍କ ସହ ବାଦବିବାଦ ଦେଖାଦେଇପାରେ। ଆୟ ଅନୁସାରେ ଖର୍ଚ୍ଚ ଅଧିକ ହେବ। ପରୋପକାରରେ ଦିନ ବିତିବ।

**ମିଥୁନ:** ଘରର ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆଥିକ ନେଣଦେଣ ସମୟରେ ସତର୍କ ରୁହନ୍ତୁ। କଳା, ସଙ୍ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁ ଶତ୍ରୁ ସାଜି ପାରନ୍ତି।

**କର୍କଟ:** ଦୀର୍ଘ ବର୍ଷରୁ ଅଟକି ଥିବା କାମ ପୂରା ହେବ। ଉଧାର ଟଙ୍କା ପାଇବାରେ ବିଳମ୍ବ ହେବ। ଅଫିସରେ ମହିଳା ସହକର୍ମୀଙ୍କ ସହ କଳହ ଯୋଗ ରହିଛି। ପ୍ରେମ ବ୍ୟାପାରରେ ସଫଳ ହେବେ।

**ସିଂହ:** କର୍ମକ୍ଷେତ୍ରରେ ପରିଶ୍ରମ ଅଧିକ ରହିବ। ଗୁଜବକୁ ବିଶ୍ୱାସ କରନ୍ତୁନି। ସ୍ୱଭାବରେ ଚିଡ଼ାପଣ ଦେଖାଦେଇପାରେ। ଆତ୍ମବିଶ୍ୱାସ ସହ କାମ କରନ୍ତୁ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କନ୍ୟା:** କଥା କହିବା ସମୟରେ ସଂଯମତା ରକ୍ଷା କରନ୍ତୁ। ବ୍ୟବସାୟରେ ଅନ୍ୟମାନଙ୍କୁ ଭରସା କରନ୍ତୁନି। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ବହୁତ ଭଲ। ପାରିବାରିକ କଳହ ଯୋଗୁଁ ମନ ଅଶାନ୍ତ ରହିବ।

**ତୁଳା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଟକି ଥିବା ଦିଗରୁ ଟଙ୍କା ଫେରିପାଇବେ। ପରିବାର ଦାୟିତ୍ୱ ବଢ଼ିବ। ମାନସମ୍ମାନ ପାଇବେ। ଯାନବାହନ କ୍ରୟ କରିପାରନ୍ତି। କ୍ରୋଧ ନିୟନ୍ତ୍ରଣ କରନ୍ତୁ।

**ବିଛା:** ଅଯଥା ଯୁକ୍ତି କରନ୍ତୁନି। ଧୈର୍ଯ୍ୟର ସହ କାର୍ଯ୍ୟ କରନ୍ତୁ। ଘରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ପତ୍ନୀଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟରେ କ୍ଷତି ସହିବେ। ମହିଳାଙ୍କ ଦାୟିତ୍ୱ ବଢ଼ିବ।

**ଧନୁ:** କୌଣସି କଥାକୁ ନେଇ ଚିନ୍ତା କରିବେ। ନିଜ ଲୋକ ଶତ୍ରୁ ସାଜିବେ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ। ଆଜିର ଦିନରେ ଦାୟିତ୍ୱ ବଢ଼ିବ। ଚାକିରିରେ ପରିବର୍ତ୍ତନ ହେବାର ସମ୍ଭାବନା ଅଧିକ।

**ମକର:** ଆଳସ୍ୟ ଅନୁଭବ କରିପାରନ୍ତି। ବିଦ୍ୟାର୍ଥୀଙ୍କ ପାଇଁ ଦିନଟି ଭଲ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ। ବ୍ୟବସାୟରେ ସମସ୍ୟା ଉପୁଜିପାରେ। ଚିଡ଼ିଚିଡ଼ାପଣ ଦେଖାଦେବ।

**କୁମ୍ଭ:** ଲାଗିରହିଥିବା ସମସ୍ୟାର ସମାଧାନ ହେବ। ବହି ପଢ଼ାପ୍ରତି ରୁଚି ବଢ଼ିବ। ମହିଳାମାନେ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ମାନସିକ ଶାନ୍ତି ପାଇଁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାମିଲ ରହିବେ।

**ମୀନ:** ଆୟରେ ବୃଦ୍ଧି ଘଟିବ। ଶିକ୍ଷାକ୍ଷେତ୍ରରେ ସଫଳ ହେବେ। ଅବିବାହିତଙ୍କ ପାଇଁ ଉତ୍ତମ ବିବାହ ପ୍ରସ୍ତାବ ଆସିପାରେ। ରାଗ ଓ ଚିଡ଼ଚିଡ଼ା ସ୍ୱଭାବ ଯୋଗୁଁ କ୍ଷତିରେ ପଡ଼ିପାରନ୍ତି।

# ମୁମ୍ବାଇର ନେତୃତ୍ୱ ନେଇପାରନ୍ତି ରୋହିତ

**ମୁମ୍ବଇ, ୩।୪(ଏଜେନ୍ସି)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ନାଟକୀୟ ପରିସ୍ଥିତିରେ ରୋହିତ ଶର୍ମାଙ୍କୁ ହଟାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଥିଲା। ଏହାକୁ ନେଇ ଅନେକ ବିବାଦ ଉଠିଥିଲେ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସର ଫ୍ରାଞ୍ଚାଇଜ୍ ମାଲିକ ରିଲାଏନ୍ସ କମ୍ପାନୀ ସେମାନଙ୍କ ନିଷ୍ପତ୍ତିରେ ଦୃଢ଼ ରହିଥିଲେ। ଏହି ପରିବର୍ତ୍ତନରେ ଉଭୟ ମୁମ୍ବାଇ ଇଣ୍ଡିଆନ୍ସ ଓ ହାର୍ଦ୍ଦିକ ପାଣ୍ଡ୍ୟା ପୂର୍ବରୁ ନେତୃତ୍ୱ ନେଉଥିବା ଗୁଜରାଟ ଟାଇଟନ୍ସର ସମର୍ଥକ କ୍ଷୁବ୍ଧ ହୋଇଥିଲେ। ଏହା ମଧ୍ୟ ସ୍ୱାଭାବିକ ଘଟଣା। ବାଦ ବିବାଦ ମଧ୍ୟରେ ଆଇପିଏଲ୍ ଆରମ୍ଭ ହୋଇଥିଲା ଓ ସମସ୍ତ ଦଳ ପୂର୍ଣ୍ଣ ପ୍ରସ୍ତୁତିରେ ଖେଳିଥିଲେ। କିନ୍ତୁ ମୁମ୍ବାଇ ଦଳ ଆରମ୍ଭରୁ ଫେଲ ମାରିଥିଲା। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଦଳ ପ୍ରଥମ ୩ଟି ମ୍ୟାଚ୍‌ରେ ଶୋଚନୀୟ ପରାଜୟ ବରଣ କରିଛି। ଏହାକୁ ନେଇ ସମର୍ଥକ କ୍ଷୁବ୍ଧ ହୋଇଥିଲାବେଳେ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତାରେ ପଡ଼ିଯାଇଛି। ମ୍ୟାନେଜ୍‌ମେଣ୍ଟର ଚିନ୍ତା ହେଉଛି, ଜଣେ ଅଧିନାୟକ ଭାବେ ହାର୍ଦ୍ଦିକ ଠିକ୍ ଗୋଟିଚାଳନା କରିପାରି ନାହାନ୍ତି। ପଡ଼ିଆରେ ଉପଯୁକ୍ତ ନେତୃତ୍ୱ ନେଇ ପାରୁ ନାହାନ୍ତି କିମ୍ବା ପ୍ରଦର୍ଶନରେ କିଛି ଭଲ କରୁନାହାନ୍ତି। ଏହା ତାଙ୍କ ନେତୃତ୍ୱ ପ୍ରତି ବିପଦ ସୃଷ୍ଟି କରିଛି ବୋଲି କୁହାଯାଉଛି। ଏପରିକି ତାଙ୍କୁ ନେତୃତ୍ୱରୁ ହଟାଇ ଦଳକୁ ୫ ଥର ଟାଇଟଲ ଜିତାଇଥିବା ରୋହିତ ଶର୍ମାଙ୍କୁ ପୁଣିଥରେ ନେତୃତ୍ୱ ଦୀଆଯିବ ବୋଲି ମଧ୍ୟ ରିପୋର୍ଟମାନ ପ୍ରକାଶ ପାଇଛି। ଏହା ଏକ ଗୁଜବ କିମ୍ବା ସତ୍ୟଘଟଣା ସେ ସମ୍ପର୍କରେ କେହି କିଛି ଏଯାଏ ମନ୍ତବ୍ୟ ଦେଇନାହାନ୍ତି। ଯାହା ଫଳରେ ମୁମ୍ବାଇ ଦଳରେ ଅନିଶ୍ଚିୟତା ଲାଗି ରହିଛି। ଏପ୍ରିଲ ୭ରେ ମୁମ୍ବାଇ ଇଣ୍ଡିଆନ୍ସ ତାହାର ପରବର୍ତ୍ତୀ ମ୍ୟାଚ୍ ଘରୋଇ ମାଟିରେ ଖେଳିବ। ଏହି ମ୍ୟାଚ୍ ବେଳକୁ ନେତୃତ୍ୱ ପରିବର୍ତ୍ତନ ହୋଇଯାଇଥିବ ବୋଲି ଆଶା କରାଯାଉଛି।

ଏ ସମ୍ପର୍କରେ ପୂର୍ବତନ ଭାରତୀୟ କ୍ରିକେଟର ତଥା ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀ ମନୋଜ ତିୱାରୀ ସମାନ ମତ ରଖିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାନେଜମେଣ୍ଟକୁ ଦେଖିଲେ ରୋହିତଙ୍କୁ ପୁଣିଥରେ ଦଳର ନେତୃତ୍ୱ ଦେବା ସମ୍ଭବ ବୋଲି ତିୱାରୀ କହନ୍ତି। ଏପରି ନିଷ୍ପତ୍ତି ନେବାକୁ ସେମାନେ ଆଦୌ ପଛଘୁଞ୍ଚା ଦେବେନାହିଁ। ମୁମ୍ବାଇ ଏବେ କ୍ରମାଗତ ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ହାରଜିତ୍ ତ ଖେଳରେ ଲାଗି ରହିଛି, କିନ୍ତୁ ମୁମ୍ବାଇ ଯେପରି ଭାବେ ପରାଜିତ ହେଉଛି, ସେଥିରେ ଦଳର ନେତୃତ୍ୱ ନ ଥିବା ପ୍ରମାଣିତ ହେଉଛି। ହାର୍ଦ୍ଦିକଙ୍କ ନେତୃତ୍ୱରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଛି। ସନ୍‌ରାଇଜର୍ସ ବିପକ୍ଷରେ ପାଳିର ୧୩ତମ ଓଭରରେ ଯଶପ୍ରୀତ୍ ବୁମ୍‌ରାଙ୍କୁ ବୋଲିଂ ଦେବା, ମ୍ୟାଚ୍‌ର ଶେଷ ଓଭରରେ ସାମ୍ସ ମୁଲାନୀଙ୍କୁ ବୋଲିଂ କରାଇବା କ୍ରିକେଟ ଦୃଷ୍ଟିକୋଣରୁ ଆଦୌ ଗ୍ରହଣୀୟ ନୁହେଁ। ସେହିପରି ସେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବୋଲିଂ କରିବା ପରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ତୃତୀୟ ମ୍ୟାଚ୍‌ରେ ଆଦୌ ବୋଲିଂ ନ କରିବା ସ୍ପଷ୍ଟ କରୁଛି ଯେ, ହାର୍ଦ୍ଦିକ ଚାପରେ ରହିଛନ୍ତି। ସେହିପରି ବ୍ୟାଟିଂ ଅର୍ଡରରେ ମଧ୍ୟ ସ୍ଥିରତା ନାହିଁ। କେତେବେଳେ ତିଳକ ବର୍ମାଙ୍କୁ ତ ଆଉ କେତେବେଳେ ଡିୱାଲ୍ଡ ବ୍ରେଭିସ୍‌ଙ୍କୁ ବ୍ୟାଟିଂ ଅର୍ଡରରେ ପଠାଯାଉଛି। ମ୍ୟାଚ୍‌ର ସ୍ଥିତିକୁ ଦେଖିଲେ ଏହା କୌଣସି ପରିପକ୍ୱ ନେତୃତ୍ୱର ନିଷ୍ପତ୍ତି ନୁହେଁ ବୋଲି ସ୍ପଷ୍ଟ ଭାବେ ଜଣାପଡୁଛି। ଏଭଳି କ୍ଷେତ୍ରରେ ହାର୍ଦ୍ଦିକ ଏବେ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେବା ସ୍ଥିତିରେ ନାହାନ୍ତି ବୋଲି ମନୋଜ ମତ ଦିଅନ୍ତି। ଏଣୁ ଦଳର ନେତୃତ୍ୱ ପରିବର୍ତ୍ତନ ହେଲେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି ସେ କହନ୍ତି।

ଅନ୍ୟ ପକ୍ଷରେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ପ୍ରଶିକ୍ଷକ ଏବଂ ବର୍ତ୍ତମାନ ଭାଷ୍ୟକାର ଭାବେ କାମ କରୁଥିବା ରବି ଶାସ୍ତ୍ରୀ ଏପରି ପରିବର୍ତ୍ତନକୁ ଅସ୍ୱୀକାର କରିଛନ୍ତି। ତାଙ୍କ ମତରେ ଏହା ଏକ ମନଗଢ଼ା କାହାଣୀ। ଏଥିରେ କୌଣସି ସତ୍ୟତା ନାହିଁ। ଖେଳାଳି ଓ କର୍ମକର୍ତ୍ତାଙ୍କ ବିରୋଧରେ ଏଭଳି ଖବର ପ୍ରକାଶ ପାଇଥାଏ। କିନ୍ତୁ ଏଥିରେ ଖୁବ୍ କମ୍ ସତ୍ୟତା ରହିଥାଏ। ଏଣୁ ହାର୍ଦ୍ଦିକଙ୍କୁ ପରାମର୍ଶ ଦେଉଛି, ଏଭଳି ସମୟରେ ଏହି ରିପୋର୍ଟଗୁଡିକୁ ଅଣଦେଖା କରନ୍ତୁ। ଥଣ୍ଡା ମିଜାଜରେ ନିଜ ଖେଳ ଓ ମ୍ୟାଚ୍ ଉପରେ ମନ ଦିଅନ୍ତୁ ବୋଲି ସେ କହିଛନ୍ତି। ଆସନ୍ତା ରବିବାର ମୁମ୍ବାଇ ଇଣ୍ଡିଆନ୍ସ ତାହାର ପରବର୍ତ୍ତୀ ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍ସ ସହ ଖେଳିବ। ଏହି ମ୍ୟାଚ୍ ପୂର୍ବରୁ କିଛି ପରିବର୍ତ୍ତନ ହେବାର ସମ୍ଭାବନା କମ୍ ବୋଲି ଅନ୍ୟ ଏକ ସୂତ୍ରରୁ ଜଣାଯାଇଛି।



### ପାକିସ୍ତାନ ବିପକ୍ଷ ଟି-୨୦ ସିରିଜ

# ବ୍ରେସ୍‌ୱେଲ୍‌ଙ୍କୁ ନ୍ୟୁଜିଲାଣ୍ଡ ନେତୃତ୍ୱ

**ଅକ୍‌ଲାଣ୍ଡ, ୩।୪(ଏଜେନ୍ସି):** ଭାରତରେ ଚାଲିଥିବା ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ସମସ୍ତ ବରିଷ୍ଠ ଖେଳାଳି ଅଂଶଗ୍ରହଣ କରୁଥିବାରୁ ପାକିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ଲାଗି ମାଇକେଲ ବ୍ରେସ୍‌ୱେଲଙ୍କୁ ନ୍ୟୁଜିଲାଣ୍ଡର ନେତୃତ୍ୱ ଲାଗି ମନୋନୀତ କରାଯାଇଛି। ତାଙ୍କ ନେତୃତ୍ୱରେ ଏକ ଯୁବ ଦଳ ଶକ୍ତିଶାଳୀ ପାକିସ୍ତାନ ସହ ମୁକାବିଲା କରିବ। ଏହି ମ୍ୟାଚ୍ ଗୁଡିକ



ପାକିସ୍ତାନରେ ଏପ୍ରିଲ ୧୮, ୨୦, ୨୧, ୨୫ ଓ ୨୭ରେ ଖେଳାଯିବ। ଭାରତରେ ଏହା ସୋନି ସ୍ପୋର୍ଟ୍ସ ଚ୍ୟାନେଲ ଓ ଫ୍ୟାନ୍ କୋଡ୍ ଆପ୍‌ରେ ଦର୍ଶକମାନେ ଦେଖିପାରିବେ।

ବ୍ରେସ୍‌ୱେଲଙ୍କ ନେତୃତ୍ୱରେ ଗଠିତ ଦଳରେ ଅନ୍ତର୍ଜାତୀୟ ଅଭିଜ୍ଞତା ସମ୍ପନ୍ନ ଫିନ୍ ଆଲେନ, ମାର୍କ ଚାପମ୍ୟାନ୍, ଜ୍ୟାକବ ଡଫି, ଆଦାମ ମିଲ୍‌ନେ, ଜିମ୍ମୀ ନିଶାମ, ଟିମ୍ ସେଇଫର୍ଟ, ବେନ୍ ସିୟର୍ସ ଓ ଇସ୍ ସୋଧିଙ୍କ ପରି ଖେଳାଳି ସାମିଲ ଅଛନ୍ତି। ଏମାନଙ୍କ ବ୍ୟତୀତ ଜୋଶ କ୍ଲାର୍କସନ, ଡିନ୍ ଫକ୍ସକ୍ରଟ, ବେନ୍ ଲିଷ୍ଟର, କୋଲ ମ୍ୟାକେଞ୍ଜି, ୱିଲ ଓ'ରୁର୍କା, ଟିମ୍ ରବିନସନଙ୍କୁ ମଧ୍ୟ ସ୍ଥାନ ମିଳିଛି। ଦଳର ଅଭିଜ୍ଞ ଖେଳାଳି ଟ୍ରେଣ୍ଟ ବୋଲ୍ଟ, ଡେଭନ କନୱେ, ଲକି ଫର୍ଗୁସନ, ମ୍ୟାଟ ହେନରୀ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ରାଚିନ ରବୀନ୍ଦ୍ର, ମିଚେଲ ସାଣ୍ଟନର ଓ କେନ୍ ୱିଲିୟମସନ ଆଇପିଏଲ୍ ଖେଳୁଥିବାରୁ ସେମାନଙ୍କୁ ଚୟନ ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି। ଇଂଲଣ୍ଡରେ କାଉଣ୍ଟି କ୍ରିକେଟ ଖେଳୁଥିବାରୁ ୱିଲ ୟଙ୍ଗ୍ ଓ ଦ୍ୱିତୀୟ ସନ୍ତାନ ଜନ୍ମ ଅପେକ୍ଷାରେ ଥିବା ଟମ୍ ଲାଥମ ଓ କଲିନ୍ ମୁନ୍‌ରୋ ମଧ୍ୟ ଚୟନ ଲାଗି ଉପଲବ୍ଧ ହୋଇନାହାନ୍ତି। ଟିମ୍ ସାଉଦୀଙ୍କୁ ବିଶ୍ରାମ ଦିଆଯାଇଛି।

### ଚାଟ୍ଟୋଗ୍ରାମରେ ବାଂଲାଦେଶ ଚିତ୍‌ପଟାଙ୍ଗ

# ଶ୍ରୀଲଙ୍କାର ସିରିଜ ମୂଳପୋଛ

**ଚାଟ୍ଟୋଗ୍ରାମ, ୩।୪ (ଏଜେନ୍ସି)**

ଦ୍ରୁତ ବୋଲର ଲାହିରୁ କୁମାର ଓ ଅଫ୍-ସ୍ପିନର କାମିନ୍ଦୁ ମେଣ୍ଡିସଙ୍କ ଚମତ୍କାର ବୋଲିଂ ସଫଳତା ବଳରେ ଏଠାରେ ଚାଲିଥିବା ୨ୟ ଟେଷ୍ଟରେ ଭ୍ରମଣକାରୀ ଶ୍ରୀଲଙ୍କା ୧୯୨ ରନର ବୃହତ୍ ବ୍ୟବଧାନରେ ବାଂଲାଦେଶକୁ ପରାସ୍ତ କରିଛି। ଏଥିସହ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ଶ୍ରୀଲଙ୍କା ୨-୦ରେ ମୂଳପୋଛ କରିନେଇଛି। ପୂର୍ବରୁ ପ୍ରଥମ ଟେଷ୍ଟକୁ ଶ୍ରୀଲଙ୍କା ୩୨୮ ରନର ବଡ଼ ବ୍ୟବଧାନରେ ଜିତିଥିଲା। ଏହି ବିଜୟ ସହ ଶ୍ରୀଲଙ୍କା ଦଳ ଏକଦିବସୀୟ ସିରିଜ ପରାଜୟର ମଧୁର ପ୍ରତିଶୋଧ ନେଇଛି। ପୂର୍ବରୁ ଘରୋଇ ବାଂଲାଦେଶ ୨-୧ରେ ଏକଦିବସୀୟ ସିରିଜକୁ ଜିତିଥିଲା।

ସ୍ଥାନୀୟ ଜହୁର ଅହମ୍ମଦ ଚୌଧୁରୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଶ୍ରୀଲଙ୍କା ପ୍ରଦତ୍ତ ୫୧୧ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ଘରୋଇ ବାଂଲାଦେଶ ୪ର୍ଥ ଦିବସ ସୁଦ୍ଧା ମଙ୍ଗଳବାର ୨ୟ ପାଳିରେ ୭ ୱିକେଟ୍ ହରାଇ ୨୬୮ ରନ କରିଥିଲା। ବୁଧବାର ଅନ୍ତିମ ଦିବସରେ ବାଂଲାଦେଶ ବିଜୟୀ ଲାଗି ବଳକା ୩ ୱିକେଟ୍‌ରେ ଆଉ ୨୪୩ ରନ ଆବଶ୍ୟକ କରୁଥିଲା। କିନ୍ତୁ ପୂର୍ବଦିନର ଅସମାପ୍ତ ୨ୟ ପାଳି ସ୍କୋରରେ ଆଉ ୫୦ ରନ ଯୋଡ଼ି ବାଂଲାଦେଶ ୩୧୮ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ମେହେଦି ହାସାନ ମିରାଜ ୮୧ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ମୋମିନୁଲ୍ ହକ୍ ୫୦, ଲିଟନ ଦାସ ୩୮, ଶାକିବ ଅଲ୍ ହାସାନ ୩୬, ତାଇଜୁଲ ଇସଲାମ ୧୪ ରନ କରିଥିଲେ। ବିଜୟୀ ଶ୍ରୀଲଙ୍କା ପକ୍ଷରୁ ତାଇଜୁଲ ଇସଲାମ ୪, କାମିନ୍ଦୁ ମେଣ୍ଡିସ ୩, ପ୍ରବଥ ଜୟସୂରିଆ ୨ଟି ୱିକେଟ୍ ନେଇଥିଲେ। କାମିନ୍ଦୁ ମେଣ୍ଡିସ ମ୍ୟାଚ୍ ଓ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କାମିନ୍ଦୁ



ପୂର୍ବରୁ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା କୁଶଳ ମେଣ୍ଡିସ (୯୩) ଓ କାମିନ୍ଦୁ ମେଣ୍ଡିସ (୯୨)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୫୩୧ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଏହାପରେ ବାଂଲାଦେଶ ପ୍ରଥମ ପାଳିରେ ମାତ୍ର ୧୭୮ ରନରେ ସୀମିତ ରହିଥିଲା। ୩୫୩ ରନରେ ଆଗୁଆ ଥିବା ଶ୍ରୀଲଙ୍କା ୨ୟ ପାଳିରେ ୭ ୱିକେଟ୍‌ରେ ୧୫୭ ରନ କରି ପାଳି ଘୋଷଣା କରିଥିଲା। ମ୍ୟାଚରେ କାମିନ୍ଦୁ ମୋଟ୍ ୧୦୧ ରନ ସହ ୩ ୱିକେଟ୍ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା:** ୫୩୧ ଓ ୧୫୭/୭ରେ ଘୋଷଣା

**ବାଂଲାଦେଶ:** ୧୭୮ ଓ ୩୧୮

# ପ୍ରତିଭା ଚୟନରେ ୧୦, ୯୫୪ ଭାଗନେଲେ



**ଭୁବନେଶ୍ୱର, ୩।୪ (ସମିସ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ମାର୍ଚ୍ଚ ୨୨ରୁ ବିଭିନ୍ନ ଜିଲ୍ଲାରେ ଚାଲିଥିବା ବାର୍ଷିକ ଜିଲ୍ଲାସ୍ତରୀୟ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଯୁବ ପ୍ରତିଭା ଚିହ୍ନଟ ଓ ପୋଷଣ ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୮ରୁ ୧୪ ବର୍ଷ ବୟସର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଭାଗନେବା ଲାଗି ସାରା ରାଜ୍ୟରୁ ୨୮ ହଜାରରୁ ଊର୍ଦ୍ଧ୍ୱ ଯୁବ ପ୍ରତିଭା ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୦ ହଜାର ୯୫୪ଜଣ କ୍ରୀଡ଼ାବିତ୍ ବିଭିନ୍ନ କ୍ରୀଡ଼ା ଯଥା ଖୋ ଖୋ, ଦୌଡ଼କୁଦ, ଫୁଟ୍‌ବଲ ଓ ଭଲିବଲ୍ କ୍ରୀଡ଼ାରେ ଭାଗନେଇଥିଲେ। ସେମାନଙ୍କ ମଧ୍ୟରେ ପାଖାପାଖି ୨୦୦୦ ଛାତ୍ରୀ ଓ ୮ ହଜାର ଛାତ୍ର ରହିଥିବା କ୍ରୀଡ଼ା ବିଭାଗ ପକ୍ଷରୁ ଜଣାପଡ଼ିଛି। ଏଥିରୁ ମନୋନୀତ ଯୁବ ପ୍ରତିଭା ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଭା ଚୟନ ଶିବିରରେ ଅଂଶଗ୍ରହଣ କରିବେ। ଶେଷରେ ଚୂଡ଼ାନ୍ତ ଚୟନ ପ୍ରକ୍ରିୟାରେ ମନୋନୀତ ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଡିଏସ୍‌ୱାଏସ୍‌ରେ ରଖାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯିବ।

### ● ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍

# ଫାଓ ଏକାଡେମୀର ସହଜ ବିଜୟ

**କଟକ,୩।୪(ସମିସ):** ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍‌ର ଏକ ମ୍ୟାଚ୍‌ରେ ବୁଧବାର ଫାଓ ଏକାଡେମୀ ୨-୦ ଗୋଲରେ ୟୁନିଟ-୬ ଆଥଲେଟିକ ଆସୋସିଏସନକୁ ପରାସ୍ତ କରିଛି। ସିଡିଏ ଗ୍ରାଉଣ୍ଡରେ ଏହି ମ୍ୟାଚ ଖେଳାଯାଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଦୁଇଟି ଯାକ ଗୋଲ ହୋଇଥିଲା। ୪ର୍ଥ ମିନିଟରେ ତୁଳସୀ ଟପ୍ପୋ ଏବଂ ୧୧ଶ ମିନିଟରେ କରିମା ଓରାମ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସେହିପରି ଆଉ ଏକ ମ୍ୟାଚ୍‌ରେ ଓଡ଼ିଶା ଏକାଦଶ ଦଳ ଯୋବ୍ରା ମ୍ୟୁନିସିପାଲିଟିକୁ ପରାସ୍ତ କରିଥିଲା। ବୁଧବାର ଖେଳାଯିବାକୁ ଥିବା ଅନ୍ୟ ଏକ ମ୍ୟାଚ୍‌ରେ କାଜିବଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଦଳ ଅନୁପସ୍ଥିତ ରହିବା ଯୋଗୁଁ ସ୍ପୋର୍ଟସ ଓଡ଼ିଶାକୁ ବିଜୟୀ ଘୋଷିତ କରାଯାଇଥିଲା।

# ଓଡ଼ିଶା ନାଭାଲ ଟାଟା ଏଚ୍‌ପିସି ୭-୧ରେ ବିଜୟୀ

**ଭୁବନେଶ୍ୱର, ୩।୪ (ସମିସ):** ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଚାଲିଥିବା ଦ୍ୱିତୀୟ ଖେଲୋ ଇଣ୍ଡିଆ ଉପକନିଷ୍ଠ ମହିଳା ହକି ଲିଗ୍‌ର ୭ମ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ନାଭାଲ ଟାଟା ହକି ହାଇପର୍‌ଫର୍ମାନ୍ସ (ଏଚ୍‌ପିସି) ସହଜ ବିଜୟ ହାସଲ କରିଛି। ଖେଲୋ ଇଣ୍ଡିଆ ଷ୍ଟେଟ୍ ଏକ୍ସଲେନ୍‌ସି ସେଣ୍ଟର (ବିଳାସପୁର) ଓ ଓଡ଼ିଶା ନାଭାଲ ଟାଟା ଏଚ୍‌ପିସି ଏହି ମ୍ୟାଚରେ ସାମ୍ନାସାମ୍ନି ହୋଇଥିଲେ। ଯେଉଁଥିରେ ଓଡ଼ିଶା ନାଭାଟା ଟାଟା ଏଚ୍‌ପିସି ୭-୧ ଗୋଲରେ ଜିତିଥିଲା। ବିଜୟୀ ଦଳର ସ୍ୱିଟି କୁଜୁର ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିହାରୀକା ଟପ୍ପୋ, ଅମିଶା ଏକ୍କା, ଡଲି ଭୋଇ ଓ ଅଂଶକୁମାର ଭୱରେ ଗୋଟିଏ ଲେଖାଏ ସ୍କୋର କରିଥିଲେ। ଦିବସରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ସାଇ ଶକ୍ତି ଟିମ୍ ୯-୦ ଗୋଲରେ ଭାଇ ଭେଲୋ ହକି ଏକାଡେମୀକୁ ପରାସ୍ତ କରିଛି।

### ଇଣ୍ଡିଆନ୍ ସୁପର୍ ଲିଗ୍-୧୦

# କଳିଙ୍ଗରେ ଅପରାଜେୟ ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୩।୪ (ସମିସ)**

ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ୧୦ମ ସଂସ୍କରଣରେ ଚମତ୍କାର ଫର୍ମରେ ଥିବା ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ଏକାଦଶ ବିଜୟ ହାସଲ କରିଛି। ମଙ୍ଗଳବାର ରାତିରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏକ ମୁକାବିଲାରେ ଓଡ଼ିଶା ଏଫ୍‌ସି ୩-୧ ଗୋଲରେ ଏକପାଖିଆ ଭାବେ ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିଥିଲା। ଏଥିସହ ଓଡ଼ିଶା ଏଫ୍‌ସି ଚଳିତ ସଂସ୍କରଣରେ ୨୦ ମ୍ୟାଚ ଖେଳି ୧୧ ବିଜୟ, ୩ ପରାଜୟ ଓ ୬ ଅମୀମାଂସିତ ସହ ୩୯ ପଏଣ୍ଟ ପାଇ ଟେବଲ ତାଲିକାର ୨ୟ ସ୍ଥାନକୁ ଉଠିଛି। ସମାନ ମ୍ୟାଚରୁ ୪୪ ପଏଣ୍ଟ ସହ ମୁମ୍ବାଇ ସିଟି ଶୀର୍ଷ ସ୍ଥାନକୁ ଦୃଢ଼ କରିଛି। ଏଥିସହ ଓଏଫ୍‌ସି ପ୍ଲେ-ଅଫ୍ ଖେଳିବା ଆଶା ନିଶ୍ଚିତ ହୋଇସାରିଛି। ଦଳ ଏବେ ତା'ର ଶେଷ ଦୁଇ ଲିଗ୍ ମ୍ୟାଚ୍ ମୁମ୍ବାଇ (ଏପ୍ରିଲ୍ ୮) ଓ ନର୍ଥଇଷ୍ଟ ୟୁନାଇଟେଡ୍ (ଏପ୍ରିଲ ୧୩) ସହ ବାହାର ପଡ଼ିଆରେ ଖେଳିବ।



ଡିଏଗୋ ମୌରିସିଓ

**ଖେଳିଛି ୧୧: ଜିତିଛି ୮, ଅମୀମାଂସିତ ୩**



ମଙ୍ଗଳବାର ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିବା ସହ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଅପରାଜେୟ ରହି ଘରୋଇ ଗ୍ରାଉଣ୍ଡରେ ଅଭିଯାନ ଶେଷ କରିଛି। ଚଳିତ ଆଇଏସ୍‌ଏଲ୍‌ରେ ଓଡ଼ିଶା ନିଜର ଘରୋଇ ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମରେ ୧୧ଟି ମ୍ୟାଚ୍ ଖେଳିଥିବାବେଳେ ୮ଟି ବିଜୟ ହାସଲ କରିଥିବାବେଳେ ୩ଟି ମ୍ୟାଚ୍ ଅମୀମାଂସିତ ରହିଥିଲା। ଚଳିତ ଆଇଏସ୍‌ଏଲ୍-୧୦ରେ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚରେ ସେପ୍ଟେମ୍ବର ୨୩ରେ ଚେନ୍ନାଇନ ଏଫ୍‌ସିକୁ ଭେଟିଥିଲା। ସର୍ଗିଓ ଲୋବେରଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଡ଼ିଶା ଏଫ୍‌ସି ଏହି ମ୍ୟାଚକୁ ୨-୦ରେ ଜିତି ଘରୋଇ ଗ୍ରାଉଣ୍ଡରେ ଅଭିଯାନ ଆରମ୍ଭ କରିଥିଲା। ଏହାପରେ କଳିଙ୍ଗ ଷ୍ଟାଡିୟମରେ ପରବର୍ତ୍ତୀ ଆଇଏସ୍‌ଏଲ୍ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସିକୁ ୩-୨, ନର୍ଥଇଷ୍ଟ ୟୁନାଇଟେଡକୁ ୧-୦ରେ, ହାଇଦ୍ରାବାଦ୍ ଏଫ୍‌ସିକୁ ୩-୦ରେ, ଜାମସେଦପୁର ଏଫ୍‌ସିକୁ ୪-୧ରେ, କେରଳା ବ୍ଲାଷ୍ଟର୍ସକୁ ୨-୧ରେ, ଇଷ୍ଟ ବେଙ୍ଗଲକୁ ୨-୧ରେ ଏବଂ ପଞ୍ଜାବ ଏଫ୍‌ସିକୁ ୩-୧ ଗୋଲରେ ପରାସ୍ତ କରିଥିଲା। ସେହିଭଳି ମୁମ୍ବାଇ ସିଟି (୨-୨ ଗୋଲ), ଏଫ୍‌ସି ଗୋଆ (୧-୧) ଓ ଏଟିକେ ମୋହନବାଗାନ (୦-୦) ବିପକ୍ଷରେ ଓଡ଼ିଶା ଏଫ୍‌ସି ଘରୋଇ ପଡ଼ିଆରେ ମ୍ୟାଚ୍ ଅମୀମାଂସିତ ରଖି ପଏଣ୍ଟ ଭାଗ କରିବାକୁ ପଡ଼ିଥିଲା। ତେଣୁ ଓଭରଅଲ୍ ନଜର ପକାଇଲେ ଓଡ଼ିଶା ଏଫ୍‌ସି ଘରୋଇ ଗ୍ରାଉଣ୍ଡରେ ଅପରାଜେୟ ରହିବା ସହ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛି। କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଖେଳିଥିବା ୧୧ ମ୍ୟାଚରୁ ମାତ୍ର ୯ଟି ଗୋଲ୍ ବରଣ କରିଥିବାବେଳେ ୨୩ଟି ଗୋଲ୍ ପ୍ରତିପକ୍ଷ ପୋଷ୍ଟ ମଧ୍ୟକୁ ପଠାଇବାରେ ସଫଳ ହୋଇଛି। ବିଶେଷ କରି ରୟ କ୍ରିଷ୍ଣା ଓ ଡିଏଗୋ ମୌରିସିଓ ଓଡ଼ିଶା ପାଇଁ ସର୍ବାଧିକ ସ୍କୋର କରିଛନ୍ତି।

**କଳିଙ୍ଗରେ ଓଡ଼ିଶା ଏଫ୍‌ସିର ପ୍ରଦର୍ଶନ**

- ବନାମ ଚେନ୍ନାଇନ: ୨-୦ରେ ବିଜୟୀ
- ବନାମ ମୁମ୍ବାଇ ସିଟି: ୨-୨ରେ ଅମୀମାଂସିତ
- ବନାମ ବେଙ୍ଗାଲୁରୁ ଏଫ୍‌ସି: ୩-୨ରେ ବିଜୟୀ
- ବନାମ ନର୍ଥଇଷ୍ଟ ୟୁନାଇଟେଡ୍: ୧-୦ରେ ବିଜୟୀ
- ବନାମ ହାଇଦ୍ରାବାଦ୍ ଏଫ୍‌ସି: ୩-୦ରେ ବିଜୟୀ
- ବନାମ ଜାମସେଦପୁର ଏଫ୍‌ସି: ୪-୧ରେ ବିଜୟୀ
- ବନାମ କେରଳା ବ୍ଲାଷ୍ଟର୍ସ: ୨-୧ରେ ବିଜୟୀ
- ବନାମ ଏଫ୍‌ସି ଗୋଆ: ୧-୧ରେ ଅମୀମାଂସିତ
- ବନାମ ମୋହନବାଗାନ: ୦-୦ରେ ଅମୀମାଂସିତ
- ବନାମ ଇଷ୍ଟବେଙ୍ଗଲ: ୨-୧ରେ ବିଜୟୀ
- ବନାମ ପଞ୍ଜାବ ଏଫ୍‌ସି: ୩-୧ରେ ବିଜୟୀ

### ନାରିନ୍, ରଘୁବଂଶୀ ଓ ରସେଲଙ୍କ ବିସ୍ଫୋରକ ବ୍ୟାଟିଂ

# କୋଲକାତାର ରେକର୍ଡ ବିଜୟ

**ବିଶାଖାପାଟଣା, ୩।୪(ଏଜେନ୍ସି)**

ସୁନୀଲ ନାରିନ (୩୯ ବଲ୍‌ରେ ୮୫ରନ୍), ଅଙ୍ଗକ୍ରିଶ ରଘୁବଂଶୀ (୨୭ବଲ୍‌ରେ ୫୪ରନ୍)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ବୁଧବାର ଅନୁଷ୍ଠିତ ଆଇପିଏଲ୍‌ର ୧୬ତମ ଲିଗ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୧୦୬ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଏହା ଫଳରେ ୩ଟି ମ୍ୟାଚ୍‌ରୁ ତୃତୀୟ ବିଜୟ ସହ କୋଲକାତା ପଏଣ୍ଟ ସାରଣୀର ଶୀର୍ଷ ସ୍ଥାନକୁ ଉନ୍ନିତ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କୋଲକାତା ୭ ୱିକେଟ୍‌ରେ କରିଥିଲା ୨୭୨ ରନ୍। ଏହା ଥିଲା ଆଇପିଏଲ୍‌ରେ ଦ୍ୱିତୀୟ ସର୍ବାଧିକ ଦଳଗତ ସ୍କୋର। ଆଇପିଏଲ୍‌ରେ ସର୍ବାଧିକ ଦଳଗତ ସ୍କୋରର ରେକର୍ଡ ସନ୍‌ରାଇଜର୍ସ ହାଇଦ୍ରାବାଦ ନାମରେ ରହିଛି। ଚଳିତ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ହାଇଦ୍ରାବାଦ୍ ୩ ୱିକେଟ୍‌ରେ ୨୭୭ ରନ୍ କରି ଏହି ରେକର୍ଡ କରିଥିଲା। ଜବାବରେ ୨୭୩ ରନ୍‌ର ବିଶାଳ ବିଜୟ ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍ସ ୧୬୬ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଅଧିନାୟକ ଋଷଭ ପନ୍ତ ୨୫ ବଲ୍‌ରେ ୫୫ ଓ ଟ୍ରିଷ୍ଟାନ ଷ୍ଟବ୍ସ ୩୨ ବଲ୍‌ରେ ୫୪ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇବାରେ ଅସମର୍ଥ ହୋଇଥିଲେ। ଅନ୍ୟ କୌଣସି ଖେଳାଳି ବଡ଼ ସ୍କୋର କରିବାରେ ଅସମର୍ଥ ହୋଇଥିଲେ। କୋଲକାତା ପକ୍ଷରୁ ବୈଭବ ଅରୋରା ଓ ବରୁଣ ଚକ୍ରବର୍ତ୍ତୀ ୩ଟି ଲେଖାଏଁ, ମିଚେଲ ଷ୍ଟାର୍କ ୨ଟି ୱିକେଟ ପାଇଥିଲେ। ଦଳ ପକ୍ଷରୁ ସର୍ବାଧିକ ୮୫ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା କୋଲକାତାର ନାରିନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



### ପଦାର୍ପଣରେ ଚମକିଲେ ରଘୁବଂଶୀ

କୋଲକାତା ବ୍ୟାଟିଂ ଆରମ୍ଭ କରିବାମାତେ ଦୁଇ ପ୍ରାରମ୍ଭିକ ବ୍ୟାଟର ସୁନୀଲ ନାରିନ୍ ଓ ଫିଲିପ ସଲ୍ଟ ଆକ୍ରମଣାତ୍ମକ ଖେଳିଥିଲେ। ବ୍ୟାଟିଂ ଲାଗି ଉପଯୁକ୍ତ ବିଶାଖାପାଟଣା ପିଚ୍‌ରେ ଦୁଇ ବ୍ୟାଟର ହାତଖୋଲା ସଟ୍‌ମାନ ଖେଳି ୪.୩ ଓଭରରେ ପ୍ରଥମ ୱିକେଟ୍‌ରୁ ୬୦ ରନ୍ ଉଠାଇଥିଲେ। ଫିଲିପ୍ ସଲ୍ଟ ୧୨ ବଲ୍‌ରେ ୧୮ ରନ୍ କରି ଆଉଟ ହେବା ପରେ ନାରିନ୍‌ଙ୍କ ସହ ଯୋଗ ଦେଇଥିଲେ ପଦାର୍ପଣକାରୀ ଅଙ୍ଗକ୍ରିଶ ରଘୁବଂଶୀ। ନାରିନ୍ ଜଣେ ପାୱାର ହିଟର ହୋଇଥିଲାବେଳେ ଟପ୍ ଅର୍ଡରରେ କ୍ୱଚିତ ଖେଳନ୍ତି। କିନ୍ତୁ ଏଠାରେ ସେ ଓ ରଘୁବଂଶୀ ଭେଟେରାନ ଓ ପରିପକ୍ୱ ବ୍ୟାଟରଙ୍କ ଭଳି ଖେଳ ପ୍ରଦର୍ଶନ କରିଥିଲେ। ୧୮ ବର୍ଷୀୟ ଦିଲ୍ଲୀ ବ୍ୟାଟର ରଘୁବଂଶୀ ଏହି ସୁଯୋଗକୁ ଅପେକ୍ଷା କରିଥିଲେ ବୋଲି ତାଙ୍କ ବ୍ୟାଟିଂରୁ ଜଣାପଡୁଥିଲା। ଉଭୟ ଖେଳାଳି ଦ୍ୱିତୀୟ ୱିକେଟରେ ମାତ୍ର ୪୮ ବଲ୍ ଖେଳି ୧୦୪ ରନ୍ ସଂଗ୍ରହ କରିବାରେ ସମର୍ଥ ହୋଇଥିଲେ। ମାତ୍ର ୨୧ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ନାରିନ୍ ମୋଟରେ ୩୯ ବଲ୍ ଖେଳି ୭ଟି ଲେଖାଏଁ ଚୌକା ଓ ଛକା ସହ ୮୫ ଓ ରଘୁବଂଶୀ ୨୭ ବଲ୍‌ରୁ ୫ ଚୌକା ଓ ୩ ଛକା ସହ ୫୪ ରନ୍ କରିଥିଲେ। ଆଇପିଏଲ୍ ପଦାର୍ପଣରେ ସେ ଅର୍ଦ୍ଧଶତକ ହାସଲ କରିଥିଲାବେଳେ ନାରିନ୍ ତାଙ୍କ କ୍ୟାରିୟରରେ ସର୍ବାଧିକ ରନ୍ କରିଥିଲେ। ଉଭୟ ଖେଳାଳି ମାତ୍ର ୫ଟି ବଲ ବ୍ୟବଧାନରେ ଆଉଟ ହୋଇଯାଇଥିଲେ ମଧ୍ୟ ଆନ୍ଦ୍ରେ ରସେଲ ଓ ରିଙ୍କୁ ସିଂ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ରସେଲ ୧୯ ବଲ୍‌ରେ ୪ ଚୌକା ଓ ୩ଛକା ସହ ୪୧ ଓ ରିଙ୍କୁ ମାତ୍ର ୮ଟି ବଲ୍‌ରେ ୧ ଚୌକା ଓ ୩ଛକା ସହ ୨୬ ରନ୍ କରି କ୍ରମାଗତ ବଲ୍‌ରେ ଆଉଟ ହୋଇଯାଇଥିଲେ। ଫଳରେ କୋଲକାତା ଆଇପିଏଲ୍‌ରେ ରେକର୍ଡ ରନ୍ କରିବାରୁ ବଞ୍ଚିତ ହୋଇଥିଲା। ଅଧିନାୟକ ଶ୍ରେୟସ ଆୟର ମଧ୍ୟ ୧୧ ବଲ୍‌ରେ ଦୁଇଟି ବିଶାଳ ଛକା ସହ ୧୮ ରନ୍ କରିଥିଲେ।

ଦିଲ୍ଲୀ ପକ୍ଷରୁ ଆନ୍‌ରିଚ୍ ନୋର୍ଜେ ସର୍ବାଧିକ ୩ଟି ୱିକେଟ ପାଇଥିଲେ ମଧ୍ୟ ଏଥିଲାଗି ତାଙ୍କୁ ସର୍ବାଧିକ ୫୯ ରନ୍ ବ୍ୟୟ କରିବାକୁ ପଡ଼ିଥିଲା। ସେହିପରି ଇଶାନ୍ତ ଶର୍ମା ୨ଟି ୱିକେଟ ପାଇଥିଲେ ମଧ୍ୟ ୪୩ ରନ୍ ବ୍ୟୟ କରିଥିଲେ।

**ଆଇପିଏଲ୍-୧୭**
**ଆଜିର ମ୍ୟାଚ୍**
**ଗୁଜରାଟ- ପଞ୍ଜାବ**
ସ୍ଥାନ- ଅହମ୍ମଦାବାଦ, ସମୟ- ରାତି ୭.୩୦
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

## ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| କୋଲକାତା | ୩ | ୩ | ୦ | ୬ | +୨.୫୧୮ |
| ରାଜସ୍ଥାନ | ୩ | ୩ | ୦ | ୬ | +୧.୨୪୯ |
| ଚେନ୍ନାଇ | ୩ | ୨ | ୧ | ୪ | +୦.୯୭୬ |
| ଲକ୍ଷ୍ନୌ | ୩ | ୨ | ୧ | ୪ | +୦.୪୮୩ |
| ଗୁଜରାଟ | ୩ | ୨ | ୧ | ୪ | -୦.୭୩୮ |
| ହାଇଦ୍ରାବାଦ | ୩ | ୧ | ୨ | ୨ | +୦.୨୦୪ |
| ପଞ୍ଜାବ | ୩ | ୧ | ୨ | ୨ | -୦.୩୩୭ |
| ବେଙ୍ଗାଲୁରୁ | ୪ | ୧ | ୩ | ୨ | -୦.୮୭୬ |
| ଦିଲ୍ଲୀ | ୪ | ୧ | ୩ | ୨ | -୧.୩୪୭ |
| ମୁମ୍ବାଇ | ୩ | ୦ | ୩ | ୦ | -୧.୪୨୩ |

# ବରିଷ୍ଠ ଖେଳାଳିଙ୍କ ଲାଗି ବେଙ୍ଗାଲୁରୁର ମୁଣ୍ଡବ୍ୟଥା

**ନୂଆଦିଲ୍ଲୀ, ୩।୪(ଏଜେନ୍ସି):** ତାରକା ଖେଳାଳିମାନଙ୍କୁ ନେଇ ଗତ ୧୬ ବର୍ଷ ହେଲା ଖେଳିଆସୁଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପ୍ରତିବର୍ଷ ସମାନ ତ୍ରୁଟି କରିଆସୁଛି। ଯାହା ଫଳରେ ଦଳ ସଫଳତା ପାଇବାରେ ସମର୍ଥ ହେଉନାହିଁ। ଏହାର ମୁଖ୍ୟ କାରଣ ହେଉଛି ବରିଷ୍ଠ ଖେଳାଳିଙ୍କ ପ୍ରଦର୍ଶନ। ଏହି ଖେଳାଳିମାନେ ଅଯଥାରେ ଆଉଟ ହୋଇ ଦଳର ଚିନ୍ତାବଢ଼ାଉଛନ୍ତି। ଯାହା ଫଳରେ ଦଳରେ ସ୍ଥାନ ପାଉଥିବା କନିଷ୍ଠ ଖେଳାଳିମାନଙ୍କ ଉପରେ ଅଧିକ ଚାପ ପଡୁଛି ଓ ସେମାନେ ଚାପରେ ବିଶେଷ ସଫଳ ହୋଇ ପାରୁ ନାହାନ୍ତି। ଏକଥା କହିଛନ୍ତି ଭାରତର ପୂର୍ବତନ ବ୍ୟାଟର ଅମ୍ବତି ରାୟୁଡୁ। ଚଳିତ ସଂସ୍କରଣରେ ବେଙ୍ଗାଲୁରୁ ତାହାର ପ୍ରଥମ ୪ଟି ମୁକାବିଲାରୁ ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଏଥିଲାଗି ରାୟୁଡୁ କୌଣସି ଖେଳାଳିଙ୍କ ନାମ ନେଇ ନ ଥିଲେ ମଧ୍ୟ ବିରାଟ କୋହଲି, ଅଧିନାୟକ ଫାଫ୍ ଡୁ ପ୍ଲେସିସ ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ ଲକ୍ଷ୍ୟ କରି ଏପରି ମନ୍ତବ୍ୟ ଦେଇଛନ୍ତି।

ଦଳର ଏହି ୩ ବରିଷ୍ଠ ଖେଳାଳିଙ୍କ ପ୍ରଦର୍ଶନ ଏହିପରି। କୋହଲି ୪ଟି ମ୍ୟାଚରେ ୨୦୩ ରନ୍ କରିଛନ୍ତି ଓ ତାଙ୍କର ଷ୍ଟ୍ରାଇକ୍‌ରେଟ ହେଉଛି ୧୪୦। କିନ୍ତୁ ପାୱାର ପ୍ଲେ'ରେ ତାଙ୍କ ପ୍ରଦର୍ଶନ ନିରାଶାଜନକ। ସେହିପରି ଅଧିନାୟକ ଡୁ ପ୍ଲେସିସ ୪ଟି ମ୍ୟାଚରେ ମାତ୍ର ୬୫ ଓ ମ୍ୟାକ୍ସୱେଲ ୩୧ ରନ୍ କରିଛନ୍ତି। ଏମାନଙ୍କ ବିଫଳତା ଯୋଗୁ ଦଳ ବଡ଼ ସ୍କୋର କରିପାରି ନାହିଁ କିମ୍ବା ବଡ଼ ଟାର୍ଗେଟକୁ ଚେଜ୍ କରିନାହିଁ। ୪ଟି ମ୍ୟାଚ୍‌ରେ ଦଳ ଗୋଟିକରେ ବିଜୟୀ ହୋଇଛି ଦିନେଶ କାର୍ତ୍ତିକଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ। ଏହି ୩ ବରିଷ୍ଠ ଖେଳାଳିଙ୍କ ପ୍ରଦର୍ଶନ ଦଳର ମୁଣ୍ଡବ୍ୟଥାର କାରଣ ହୋଇଛି ବୋଲି ରାୟୁଡୁ ଏକ ସାକ୍ଷାତକାରରେ କହିଛନ୍ତି। ଚଳିତ ସଂସ୍କରଣରେ ବେଙ୍ଗାଲୁରୁର ବୋଲର ରନ ନିୟନ୍ତ୍ରଣ କରିପାରୁ ନାହାନ୍ତି। ବ୍ୟାଟର ମଧ୍ୟ ସଫଳ ହେଉନାହାନ୍ତି। ଏଭଳି ସ୍ଥିତିରେ ଦଳ ସଫଳତା ପାଇ ବୋଲି ଆଶା କରିବା କଷ୍ଟକର। ବରିଷ୍ଠ ଖେଳାଳିମାନେ ଦାୟିତ୍ୱ ନିଜ ଉପରେ ନ ନେଲେ ଦଳ ସଫଳତା ପାଇବ ନାହିଁ ବୋଲି ରାୟୁଡୁ କହିଛନ୍ତି।

## ଚିନ୍ନାସ୍ୱାମୀରେ କୋହଲିଙ୍କ ୧୦୦ ମ୍ୟାଚ୍

**ବେଙ୍ଗାଲୁରୁ, ୩।୪ (ଏଜେନ୍ସି):** ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ମଙ୍ଗଳବାର ଘରୋଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ମଧ୍ୟରେ ଆଇପିଏଲ୍‌ର ୧୫ତମ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍ ଖେଳିବାକୁ ପଡ଼ିଆକୁ ଓହ୍ଲାଇବା ସହ ବେଙ୍ଗାଲୁରୁର ଷ୍ଟାର୍ ଖେଳାଳି ବିରାଟ କୋହଲି ଏକ କିର୍ତ୍ତୀମାନ ସ୍ଥାପନ କରିଛନ୍ତି। ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏହା ତାଙ୍କର ୧୦୦ତମ ଟି-୨୦ ମ୍ୟାଚ୍ ଥିଲା। ଏଥିସହ କୌଣସି ଏକ ଗ୍ରାଉଣ୍ଡରେ ୧୦୦ ଟି-୨୦ ମ୍ୟାଚ୍ ଖେଳିବାରେ କୋହଲି ଦେଶର ପ୍ରଥମ କ୍ରିକେଟର୍ ହୋଇଛନ୍ତି। ଏହିକ୍ରମରେ ସେ ବିଶ୍ୱର ୧୫ତମ ଖେଳାଳି ଭାବେ ଗୋଟିଏ ଗ୍ରାଉଣ୍ଡରେ ୧୦୦ ଟି-୨୦ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି।

## ଆଇପିଏଲ୍‌ରୁ ଶିବମ୍ ମାଭି ବାଦ୍



**ନୂଆଦିଲ୍ଲୀ, ୩।୪(ଏଜେନ୍ସି):** ଲକ୍ଷ୍ନୌ ସୁପର ଜାଏଣ୍ଟର ଫାଷ୍ଟ ବୋଲର ଶିବମ ମାଭି ଚଳିତ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି। ଏ ସମ୍ପର୍କରେ ସେ ଏକ ଭିଡିଓ ପୋଷ୍ଟ କରି କହିଛନ୍ତି, ଆଘାତ ଜନିତ କାରଣରୁ ମୁଁ ଏହି ପ୍ରତିଯୋଗିତାରେ ଖେଳିବାକୁ ଅସମର୍ଥ ହୋଇଛି। ଅନେକ ଆଶା ନେଇ ମୁଁ ଖେଳିବାକୁ ଆସିଥିଲି, କିନ୍ତୁ ନିରାଶ ହୋଇ ଫେରିଯାଉଛି ବୋଲି ମାଭି ତାଙ୍କ ଭିଡିଓ ପୋଷ୍ଟରେ କହିଛନ୍ତି। ସେ ତାଙ୍କ ଆଘାତ ସମ୍ପର୍କରେ କିଛି ସୂଚନା ଦେଇ ନ ଥିଲେ ମଧ୍ୟ ମଣିବନ୍ଧ ଆହତ ହୋଇଛି ବୋଲି ଜଣାଯାଇଛି। ଚଳିତ ସିଜନରେ ଲକ୍ଷ୍ନୌ ତାଙ୍କୁ ୬.୪ କୋଟି ଟଙ୍କା ବିନିମୟରେ କିଣିଥିଲା। ଲକ୍ଷ୍ନୌରେ ଅଧାଡଜନ ଫାଷ୍ଟ ବୋଲର ଥିଲାବେଳେ ମାଭିଙ୍କ ଅନୁପସ୍ଥିତି କିଛି ପ୍ରଭାବ ପକାଇବ ନାହିଁ।

### ଆଇପିଏଲ୍‌ରେ ସର୍ବାଧିକ ଦଳଗତ ସ୍କୋର

| ରନ୍ | ଓଭର | ଦଳ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ତାରିଖ |
|---|---|---|---|---|---|
| ୨୭୭/୩ | ୨୦ | ହାଇଦ୍ରାବାଦ୍ | ମୁମ୍ବାଇ | ହାଇଦରାବାଦ୍ | ୨୭-୩-୨୦୨୪ |
| ୨୭୨/୭ | ୨୦ | କୋଲକାତା | ଦିଲ୍ଲୀ | ବିଶାଖାପାଟଣା | ୦୩-୪-୨୦୨୪ |
| ୨୬୩/୫ | ୨୦ | ବାଙ୍ଗାଲୋର | ପୁଣେ | ବେଙ୍ଗାଲୁରୁ | ୨୩-୪-୨୦୧୩ |
| ୨୫୭/୫ | ୨୦ | ଲକ୍ଷ୍ନୌ | ପଞ୍ଜାବ | ମୋହାଲି | ୨୮-୪-୨୦୨୩ |
| ୨୪୮/୩ | ୨୦ | ବାଙ୍ଗାଲୋର | ଗୁଜରାଟ | ବେଙ୍ଗାଲୁରୁ | ୧୪-୫-୨୦୧୬ |
| ୨୪୬/୫ | ୨୦ | ଚେନ୍ନାଇ | ରାଜସ୍ଥାନ | ଚେନ୍ନାଇ | ୩-୪-୨୦୧୦ |
| ୨୪୫/୬ | ୨୦ | କୋଲକାତା | ପଞ୍ଜାବ | ଇନ୍ଦୋର | ୧୨-୫-୨୦୧୮ |
| ୨୪୦/୫ | ୨୦ | ଚେନ୍ନାଇ | ପଞ୍ଜାବ | ମୋହାଲି | ୧୯-୪-୨୦୦୮ |
| ୨୩୫/୪ | ୨୦ | ଚେନ୍ନାଇ | କେକେଆର | କୋଲକାତା | ୨୩-୪-୨୦୨୩ |
| ୨୩୫/୧ | ୨୦ | ବାଙ୍ଗାଲୋର | ମୁମ୍ବାଇ | ମୁମ୍ବଇ | ୧୦-୫-୨୦୧୫ |
| ୨୩୫/୯ | ୨୦ | ମୁମ୍ବାଇ | ହାଇଦ୍ରାବାଦ୍ | ଆବୁଧାବି | ୮-୧୦-୨୦୨୧ |

## ମୟଙ୍କଙ୍କ ବେଗରେ ବ୍ୟାଟର ଭୟଭୀତ: ରାବାଡ଼ା

**ମୋହାଲି, ୩।୪(ଏଜେନ୍ସି)**



ଦକ୍ଷିଣ ଆଫ୍ରିକା ଓ ଆଇପିଏଲ୍ ଫ୍ରାଞ୍ଚାଇଜ୍ ପଞ୍ଜାବ କିଙ୍ଗସର ପ୍ରମୁଖ ଫାଷ୍ଟ ବୋଲର ହେଉଛନ୍ତି କାଗିସୋ ରାବାଡା। ନିଜର ବୋଲିଂ ଲାଗି ଅନ୍ତର୍ଜାତୀୟ କ୍ରିକେଟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଏହି ଫାଷ୍ଟ ବୋଲର। ଏବେ ଭାରତରେ ଚାଲିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଜଣେ ଯୁବ ଫାଷ୍ଟ ବୋଲର ମୟଙ୍କ ଯାଦବ ନିଜର ବେଗ ବଳରେ ବ୍ୟାଟରଙ୍କ ମଧ୍ୟରେ ଭୟ ସଞ୍ଚାର ସୃଷ୍ଟି କରିଛନ୍ତି। ଚଳିତ ସଂସ୍କରଣରେ ସେ ଲକ୍ଷ୍ନୌ ସୁପର ଜାଏଣ୍ଟସ ପକ୍ଷରୁ ପ୍ରଥମ ଦୁଇଟି ମ୍ୟାଚ୍ ଖେଳି ଦୁଇଟିରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇପାରିଛନ୍ତି। ଏହି ଖେଳାଳିଙ୍କ ପ୍ରଦର୍ଶନ ରାବାଡାଙ୍କୁ ବେଶ ପ୍ରଭାବିତ କରିଛି।

ଦିଲ୍ଲୀର ଏହି ୨୧ ବର୍ଷୀୟ ଖେଳାଳି କ୍ରମାଗତ ଭାବେ ଜୋରରେ ବଲ ପକାଇ ବ୍ୟାଟରଙ୍କ ମନରେ ଭୟ ସଞ୍ଚାର କରିବାରେ ସମର୍ଥ ହୋଇଛନ୍ତି। ଏଯାଏ ସେ ୨ଟି ଆଇପିଏଲ୍ ମ୍ୟାଚ୍ ଖେଳିଛନ୍ତି ଓ ଉଭୟ ମ୍ୟାଚ୍‌ରେ ସେ ତାଙ୍କ ଦ୍ରୁତଗାମୀ ବଲ୍‌ରେ ପ୍ରତିପକ୍ଷ ଦଳର ବ୍ୟାଟରଙ୍କୁ ପରାସ୍ତ କରି ମ୍ୟାଚ୍ ବିଜେତା ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ ବିପକ୍ଷରେ ୨୭ ରନ୍ ଦେଇ ଓ ଦ୍ୱିତୀୟ ମ୍ୟାଚ୍‌ରେ ବେଙ୍ଗାଲୁରୁ ବିପକ୍ଷରେ ମାତ୍ର ୧୪ ରନ୍ ଦେଇ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ଉଭୟ ମ୍ୟାଚ୍‌ରେ ସେ ଦଳକୁ ବିଜୟୀ କରାଇଛନ୍ତି। ରାବାଡାଙ୍କ ମତରେ ଏହି ଖେଳାଳିଙ୍କ ନିକଟରେ ଏବେ ଯେଉଁ ସ୍ପିଡ୍ ରହିଛି, ତାହାକୁ କେହି କିଣି ପାରିବେ ନାହିଁ। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍‌ରେ ସେ ଘଣ୍ଟାପ୍ରତି ୧୫୬.୭ କିଲୋମିଟର ବେଗରେ ବଲ ପକାଇଥିଲେ। ଏହା ପୂର୍ବରୁ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ଘଣ୍ଟାପ୍ରତି ୧୫୫.୮ କିଲୋମିଟର ବେଗରେ ବଲ ପକାଇ ଚହଳ ସୃଷ୍ଟି କରିଥିଲେ। ଏଭଳି ଜଣେ ଖେଳାଳିଙ୍କୁ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଭାରତରେ ଫାଷ୍ଟ ବୋଲର ସୃଷ୍ଟି ହେବାରେ ଆଇପିଏଲ୍‌ର ଯଥେଷ୍ଟ ଭୂମିକା ରହିଛି ଓ ଏମାନେ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଭଲ ପ୍ରଦର୍ଶନ କରୁଛନ୍ତି।

ଏହି ଖେଳାଳିଙ୍କ ସମ୍ପର୍କରେ ରାବାଡା କହନ୍ତି, ମୟଙ୍କଙ୍କ ନିକଟରେ ଏଭଳି କିଛି ଗୁଣ ରହିଛି, ଯାହାକୁ ଟଙ୍କା ଦେଇ କିଣି ହେବ ନାହିଁ। ତାହା ହେଉଛି ତାଙ୍କର ବଲ ପକାଇବାର ବେଗ। ଏହି ବେଗ ବା ସ୍ପିଡ୍ ବଳରେ ବ୍ୟାଟ୍‌ସମ୍ୟାନ୍‌ଙ୍କୁ ବାରମ୍ବାର ପରାସ୍ତ କରିବାରେ ସକ୍ଷମ ହେଉଛନ୍ତି। ଏବେ ଏହା ହେଉଛି ତାଙ୍କର ଶକ୍ତି। ସେ ଯେଭଳି ଭାବେ ବଲକୁ ନିୟନ୍ତ୍ରଣରେ ରଖୁଛନ୍ତି, ସେଥିରୁ ସେ ଜଣେ ପରିପକ୍ୱ ଖେଳାଳିଭାବେ ଖେଳୁଛନ୍ତି। ତାଙ୍କର ଯୋଜନା ସ୍ପଷ୍ଟ। ବ୍ୟାଟ୍ସମ୍ୟାନ୍‌ଙ୍କୁ ତାଙ୍କ ସ୍ପିଡ୍ ଜରିଆରେ ବିଟ୍ କରିବାର ଲକ୍ଷ୍ୟ ରଖୁଛନ୍ତି। ତାଙ୍କ ନିକଟରେ ଯଥେଷ୍ଟ ପେସ ରହିଛି ଓ ଏବେ ବୟସ ମଧ୍ୟ ତାଙ୍କ ସପକ୍ଷରେ ରହିଛି। ଏଭଳି ଭାବେ ଯଦି ସେ ତାଙ୍କ ବୋଲିଂକୁ ନିୟନ୍ତ୍ରଣରେ ରଖିପାରିବେ, ତେବେ ନିଶ୍ଚିତଭାବେ ସଫଳ ହେବେ ବୋଲି ରାବାଡା କହିଛନ୍ତି। ଜାତୀୟ ଦଳରେ ସ୍ଥାନ ପାଇବା ନେଇ ମୋର କିଛି ମତ ନାହିଁ। ଏହା ମୋର କାମ ନୁହେଁ, ତେବେ ମୟଙ୍କ ଜଣେ ପ୍ରତିଭାବାନ ଖେଳାଳି ଓ ତାଙ୍କ ପ୍ରଦର୍ଶନରେ ସ୍ଥିରତା ବଜାୟ ରହିଲେ ନିଶ୍ଚିତ ସଫଳ ହେବେ ବୋଲି ରାବାଡା କହିଛନ୍ତି।

## ବିଦ୍ୟାରାଣୀଙ୍କୁ କାଂସ୍ୟ ପଦକ



**ନୂଆଦିଲ୍ଲୀ, ୩।୪ (ଏଜେନ୍ସି):** ଥାଇଲାଣ୍ଡର ଫୁକେଟ୍‌ଠାରେ ଚାଲିଥିବା ଆଇଡବ୍ଲ୍ୟୁଏଫ୍ ବିଶ୍ୱକପ୍‌ରେ ଭାରତୀୟ ଭାରୋତ୍ତୋଳିକା ବିଦ୍ୟାରାଣୀ ଦେବୀ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୫୫ କିଗ୍ରା ଓଜନବର୍ଗରେ ସେ ଏହି ସଫଳତା ପାଇଛନ୍ତି। ଏଥିରେ ବିଦ୍ୟାରାଣୀ ମୋଟ୍ ଉପରେ ୧୯୬ କିଗ୍ରା ଭାର ଉଠାଇ ୩ୟ ସ୍ଥାନରେ ରହିଥିଲେ। ଏଥିରେ ସେ ସ୍ନାଚରେ ୮୩ କିଗ୍ରା ଓ କ୍ଲିନ ଆଣ୍ଡ ଜର୍କରେ ୧୧୩ କିଗ୍ରା ଭାର ଉଠାଇଥିଲେ। ଏହି ଓଜନବର୍ଗରେ କୋରିଆର କାଙ୍ଗ ହ୍ୟୁନ ଗ୍ୟୋଙ୍ଗ (୨୩୪ କିଗ୍ରା) ଓ ରୋମାନିଆର ମିହାଇଲ କାମ୍ବେଇ (୨୦୧ କିଗ୍ରା) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଥିଲେ।

## ଭାରତ-ବାଂଲା ମହିଳା ଟି-୨୦ ସିରିଜ ୨୮ରୁ

**ଢ଼ାକା, ୩।୪(ଏଜେନ୍ସି):** ବାଂଲାଦେଶ ସହ ଭାରତୀୟ ମହିଳା କ୍ରିକେଟ ଦଳ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ। ଏହି ମ୍ୟାଚ୍ ଗୁଡିକ ବାଂଲାଦେଶରେ ଏପ୍ରିଲ ୨୮ରୁ ମେ ୯ ତାରିଖ ମଧ୍ୟରେ ଖେଳାଯିବ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍ ଏପ୍ରିଲ ୨୮ରେ ଦିନ ମ୍ୟାଚ୍ ଭାବେ ଖେଳାଯିବ। ଦ୍ୱିତୀୟ ମ୍ୟାଚ୍ ଏପ୍ରିଲ ୩୦ରେ ଦିବାରାତ୍ର, ତୃତୀୟ ଓ ଚତୁର୍ଥ ମ୍ୟାଚ୍ ଦିନରେ ଯଥାକ୍ରମେ ମେ ୨ ଓ ୬ରେ, ପଞ୍ଚମ ତଥା ଶେଷ ମ୍ୟାଚ ମେ ୧୦ରେ ଦିବାରାତ୍ର ମ୍ୟାଚ୍ ଭାବେ ଖେଳାଯିବ। ସମସ୍ତ ମ୍ୟାଚ୍ ଗୁଡ଼ିକ ସିଲହଟରେ ଖେଳାଯିବ ବୋଲି ଜଣାଯାଇଛି।

## ପରବର୍ତ୍ତୀ ମ୍ୟାଚ୍‌ରେ ଖେଳିପାରନ୍ତି ସୂର୍ଯ୍ୟକୁମାର

**ମୁମ୍ବଇ, ୩।୪ (ଏଜେନ୍ସି):** ପାଞ୍ଚଥରର ଟାଇଟଲ୍ ବିଜେତା ମୁମ୍ବାଇ ଇଣ୍ଡିଆନ୍ସର ଚଳିତ ଆଇପିଏଲ୍‌ରେ ଅଭିଯାନ ନୈରାଶ୍ୟଜନକ ରହିଛି। ନୂଆ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଇଣ୍ଡିଆନ୍ସ ଏହାର ପ୍ରଥମ ୩ଟି ମ୍ୟାଚରେ ହାରି ପରାଜୟରେ ହ୍ୟାଟ୍ରିକ କରିଛି। ମୁମ୍ବାଇ ଯଦି ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକରେ ଭଲ ପ୍ରଦର୍ଶନ ନ କରେ ତେବେ ପ୍ଲେ-ଅଫ୍ ଖେଳିବା ଆଶା ମଉଳିଯିବ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଦଳ ପାଇଁ ଏକ ବଡ଼ ଖୁସି ଖବର ଆସିଛି। ଦଳର ତାରକା ବ୍ୟାଟର୍ ସୂର୍ଯ୍ୟକୁମାର ଯାଦବ ସମ୍ପୂର୍ଣ୍ଣ ଫିଟ୍ ଘୋଷିତ ହୋଇଛନ୍ତି। ଖୁବ୍ ଶୀଘ୍ର ସୂର୍ଯ୍ୟକୁମାର ଆଇପିଏଲ୍‌ରେ ଖେଳିବେ ବୋଲି ଜଣାପଡ଼ିଛି। ମୁମ୍ବାଇ ଏହାର ପରବର୍ତ୍ତୀ ମ୍ୟାଚରେ ରବିବାର ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ। ଏହି ମ୍ୟାଚରେ ସେ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ଆଘାତଜନିତ ସମସ୍ୟା ଲାଗି ସୂର୍ଯ୍ୟ ତିନିମାସରୁ ଊର୍ଦ୍ଧ୍ୱ ସମୟ ହେବ ପ୍ରତିଦ୍ୱନ୍ଦ୍ୱୀତାମୂଳକ କ୍ରିକେଟ୍‌ରୁ ଦୂରେଇ ରହିଛନ୍ତି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି ଯେ, ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମୀ (ଏନ୍‌ସିଏ) ବୁଧବାର ସୂର୍ଯ୍ୟଙ୍କୁ ଫିଟ୍ ଘୋଷିତ କରିଛି। ଏଥିଲାଗି ତାଙ୍କୁ ୩ଟି ଫିଟ୍‌ନେସ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏକାଡେମୀରେ ସେ କିଛି ଅଭ୍ୟାସ ମ୍ୟାଚ୍ ମଧ୍ୟ ଖେଳିଥିଲେ।

### କଳାହାଣ୍ଡି କପ୍ ଆନ୍ତଃଜିଲ୍ଲା କ୍ରିକେଟ

# ଜଗତସିଂହପୁର, ନୂଆପଡ଼ା, ଦେବଗଡ଼ ବିଜୟୀ

**କଟକ,୩।୪(ସମିସ)**

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚଳିତ କଳାହାଣ୍ଡି କପ୍‌ର ତୃତୀୟ ପର୍ଯ୍ୟାୟରେ ସିଲଭର-ଏ ଓ ବି ଗ୍ରୁପ ମ୍ୟାଚ୍ କଟକରେ ଜାରି ରହିଛି। ବୁଧବାର ୬ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ନୂଆପଡ଼ା, ଗଜପତି, ମାଲକାନଗିରି, ଜଗତ୍‌ସିଂହପୁର, ଦେଓଗଡ଼ ଓ ସମ୍ବଲପୁର-ବି ବିଜୟ ହାସଲ କରିଛି।

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଜଗତସିଂହପୁର ଦୁଇ ୱିକେଟରେ ରାୟଗଡ଼ାକୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାୟଗଡ଼ା ୮ ୱିକେଟ ବିନିମୟରେ ୨୬୨ ରନ ସଂଗ୍ରହ କରିଥିଲା। ଆଶିଷ ବ୍ରାଲିକା ୬୦ ବଲରୁ ୮୭ ରନ୍‌ର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିଭଳି କୁନାଲ ବର୍ମା ଉପଯୋଗୀ ୪୫ ରନ କରିଥିଲେ। ପ୍ରତିପକ୍ଷ ଜଗତସିଂହପୁରର ପ୍ରଭାସ ମଲ୍ଲିକ ଓ ସ୍ମୃତି ରଞ୍ଜନ ଖଟୁଆ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଜବାବରେ ୪୪ତମ ଓଭରରେ ୮ ୱିକେଟ ହରାଇ ଜଗତସିଂପୁର ବିଜୟ ଲାଭ କରିଥିଲା। ଅଭିଜିତ ଚୌଧୁରୀ ସର୍ବାଧିକ ୭୧ ରନ କରିଥିଲେ। ରାୟଗଡା ପକ୍ଷରୁ ଉମା ସାହୁ ୩ଟି ଏବଂ ଏମ ରାକେଶ ଦୁଇଟି ୱିକେଟ ଦଖଲ କରିଥିଲେ। ସନସାଇନ ଗ୍ରାଉଣ୍ଡରେ ନୂଆପଡା ୩ ୱିକେଟରେ ଗଞ୍ଜାମକୁ ହରାଇ ଦେଇଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଗଞ୍ଜାମ ସୋମନାଥ ପ୍ରଧାନଙ୍କ ୭୩ ରନ ବଳରେ ୧୯୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ନୂଆପଡ଼ାର ନିଖିଳ ଚନ୍ଦ୍ରପର ୩ ଓ ପ୍ରୟାସ ସିଂ ୨ଟି ୱିକେଟ୍ ନେଇଥିଲେ। ୧୯୯ ରନର ଲକ୍ଷ୍ୟକୁ ନୂଆପଡ଼ା ୩୭.୪ ଓଭରରେ ୭ ୱିକେଟ୍ ହରାଇ ଜିତିନେଇଥିଲା। ମହମ୍ମଦ ନୁରମାନ ୪୯, ଅଭିରୂପ ଦାସ ୪୭ ରନ କରିଥିଲେ।

ସେହିଭଳି ରେଭେନ୍ସା ଗ୍ରାଉଣ୍ଡ-୧ରେ ମାଲକାନଗିରି ୬ ୱିକେଟରେ କନ୍ଧମାଳକୁ ପରାସ୍ତ କରିଛି। ଉମା ରାଓ (୪-୧-୬-୨) ଓ ଦୀନେଶ ହଲ୍‌ବା (୭-୧-୧୪-୨)ଙ୍କ ବୋଲିଂକୁ ସାମ୍ନା କରି ନପାରି କନ୍ଧମାଳ ୩୧.୩ ଓଭରରେ ମାତ୍ର ୯୨ ରନରେ ସୀମିତ ରହିଥିଲା। ଏହାକୁ ପିଛା କରି ମାଲକାନଗିରି ୪ ୱିକେଟ୍ ହରାଇ ସହଜରେ ବିଜୟୀ ହୋଇଥିଲା। ଦୀନେଶ ୭ ବଲରୁ ୨୬ ରନ କରିଥିଲେ। ଅପରପକ୍ଷରେ ରେଭେନ୍ସା ଗ୍ରାଉଣ୍ଡ-୨ରେ ଗଜପତି ୧୦୫ ରନରେ ନବରଙ୍ଗପୁରକୁ, ଡ୍ରିମସ ଗ୍ରାଉଣ୍ଡରେ ଦେବଗଡ ୧୨ ରନରେ କଳାହାଣ୍ଡିକୁ, ଏମଜିଏମ ଗ୍ରାଉଣ୍ଡରେ ସମ୍ବଲପୁର-ବି ୭ ୱିକେଟରେ ସୋନପୁରକୁ ପରାସ୍ତ କରିଛି। ଗଜପତିର ବିନାୟକ ସାହୁ (୫ ୱିକେଟ୍), ଦେବଗଡ଼ର ଲିପୁ ନାୟକ (୪ ୱିକେଟ୍) ଓ ସମ୍ବଲପୁରର ରାହୁଲ ବିଶ୍ୱକର୍ମା (୫ ୱିକେଟ୍) ପ୍ରଭାବୀ ପ୍ରଦର୍ଶନ କରିଥିଲେ।


ଅଭିଜିତ ଚୌଧୁରୀ


ବିନାୟକ ସାହୁ


ନିଖିଳ ଚନ୍ଦ୍ରପର


ରାହୁଲ ବିଶ୍ୱକର୍ମା

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA